# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୮/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, November 28/2023 | Page 18 | ₹ 7.00

୫୦ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 5 | ମୂଲ୍ୟ ₹୭/-



DSPL-419

ଆମ ଓଡ଼ିଶା ନବୀନ ଓଡ଼ିଶା

TRANSPARENCY TECHNOLOGY TEAMWORK TIME TRANSFORMATION

# ଆମ ବ୍ୟାଙ୍କ

## ପ୍ରତି ଗ୍ରାମ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ

ଆମ ବ୍ୟାଙ୍କ ଓଡ଼ିଶା ସରକାର

**CSP Plus Outlet**



୧୫ଗୋଟି ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ

୪,୩୦୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ ବିହୀନ ଗ୍ରାମ ପଞ୍ଚାୟତରେ CSP Plus ଶାଖା

ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଲୋକଙ୍କ ପାଇଁ ଡୋରଷ୍ଟେପ୍ ସେବା

ସହଯୋଗୀ ବ୍ୟାଙ୍କ

SBI | pnb | Union Bank of India | UCO BANK | BOI | बैंक ऑफ़ बड़ौदा Bank of Baroda

ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀ ନବୀନ ପଟ୍ଟନାୟକଙ୍କ

କରକମଳରେ ଆମ ବ୍ୟାଙ୍କ ଉଦ୍‌ଘାଟନ

**୨୮ ନଭେମ୍ବର ୨୦୨୩, ସମୟ ସନ୍ଧ୍ୟା ୫ ଘଟିକା**

କନଭେନସନ୍ ସେଣ୍ଟର୍, ଲୋକସେବା ଭବନ

ଓଡ଼ିଶା ସେକ୍ରେଟାରିଏଟ, ଭୁବନେଶ୍ୱର




OIPR-05001/13/0014/2324

Finance Department, Government of Odisha | www.finance.odisha.gov.in

## ବଲାଙ୍ଗୀରର ଅନନ୍ୟ ପୀଠ ଦଲ୍ ତେତେଲ୍

# ଯେଉଁଠି ମିଛ କହିବା ମନା

**ବଲାଙ୍ଗୀର ଜିଲାରେ ଏଭଳି ଏକ ସ୍ଥାନ ରହିଛି, ଯେଉଁଠି ମିଛ କହିବା ସମ୍ପୂର୍ଣ୍ଣ ମନା। ସେଇ ସ୍ଥାନରେ ମିଛ କହିଲେ ଅନେକ ବିପ୍ରାତ୍, ଅଘଟଣ ଘଟେ ବୋଲି ବିଶ୍ୱାସ ରହିଛି। ଏଣୁ କୌଣସି ବି ପରିସ୍ଥିତି ହେଉ ପଛେ ସେଇ ସ୍ଥାନରେ ଶତ ପ୍ରତିଶତ ସତ କହିବାର ବିଧି ରହିଛି। ଏଭଳି ଏକ ଅନନ୍ୟ ଏବଂ ସ୍ୱତନ୍ତ୍ର ପୀଠ ହେଉଛି ଦଲ୍ ତେତେଲ୍।**

– ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର

ବଲାଙ୍ଗୀର ସହରଠାରୁ ପ୍ରାୟ ୨୫ କିଲୋମିଟର ଦୂର ଦେଓଗାଁ ବ୍ଲକ୍ କୁଲତାପଡ଼ା ଗ୍ରାମପଞ୍ଚାୟତର ଖଇରଗୁଡ଼ାସ୍ଥିତ ପ୍ରସିଦ୍ଧ ଶୂଳିଆ ପୀଠ ବଡ଼ଖଳାଠାରୁ ୫ କିଲୋମିଟର ଦୂର ମୁଣ୍ଡପଲା ଗାଁରେ ରହିଛି ଆଦିବାସୀ ସମ୍ପ୍ରଦାୟଙ୍କ ଏଇ ନିଆରା ପୀଠ ଦଲ୍ ତେତେଲ। ମୁଣ୍ଡପଲା ଗାଁର ମୁଖ୍ୟରାସ୍ତା କଡ଼ରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିସରରେ ରହିଛି ଏକ ତେନ୍ତୁଳିଗଛ। ଏଇ ତେନ୍ତୁଳିଗଛ ଆଦିବାସୀ ସମ୍ପ୍ରଦାୟର ଧାର୍ମିକ, ସାମାଜିକ ଏବଂ ସାଂସ୍କୃତିକ ଜୀବନର ଏକ ମହତ୍ତ୍ୱର ଅଂଶବିଶେଷ। ଏହି ତେନ୍ତୁଳିଗଛ ତଳ ପରିସରକୁ କୁହାଯାଏ ଦଲ୍ ତେତେଲ୍। ଆଦିବାସୀଙ୍କ ପାଇଁ ଏହା ଏକ ପବିତ୍ର ସ୍ଥାନ। ଏଇ ଗଛତଳେ କେଉଁ ଆବହମାନ କାଳରୁ ଶୂଳିଆ ଅଞ୍ଚଳର କନ୍ଧ ଆଦିବାସୀ ସମ୍ପ୍ରଦାୟର ଝାଙ୍କର, ଦେହେରିଆମାନେ ଗୁରୁତ୍ୱପୂର୍ଣ୍ଣ ବୈଠକ କରନ୍ତି। ପ୍ରଥା ରହିଛି ଯେ, ପ୍ରତିବର୍ଷ ନୂଆଁଖାଇ (ଋଷି ପଞ୍ଚମୀ) ଏବଂ ପ୍ରସିଦ୍ଧ ଶୂଳିଆ ଯାତ୍ରା(ପୌଷମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର)ର ୧୦ ଦିନ ପୂର୍ବରୁ ଏହି ଦଲ୍ ତେତେଲ୍‌ଠାରେ ଶୂଳିଆ ଅଞ୍ଚଳଭାବେ ପରିଗଣିତ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କଳାହାଣ୍ଡି ଜିଲାର ୧୫ ଗ୍ରାମପଞ୍ଚାୟତ ଅଧୀନ ୬୫ ଖଣ୍ଡ ଗାଁର ଗ୍ରାମ ଦେବଦେବୀଙ୍କ ପୂଜକ ଝାଙ୍କର ଏବଂ ଦେହେରିଆଙ୍କ ବୈଠକ ବସିଥାଏ। ଏହି ବୈଠକରେ ନୂଆଁଖାଇ ଏବଂ ଶୂଳିଆ ଯାତ୍ରା ପରିଚାଳନା ବିଷୟରେ ଆଲୋଚନା ହୋଇଥାଏ। ଏହା ବ୍ୟତୀତ ପ୍ରତ୍ୟେକ ଗାଁ ତଥା ଅଞ୍ଚଳର ଝାଙ୍କର ଓ ଦେହେରିଆଙ୍କ ଧାର୍ମିକ ଏବଂ ସାମାଜିକ ନୀତିନିଷ୍ଠ, ସେମାନଙ୍କ ଶୁଦ୍ଧପୂତ ଜୀବନଯାପନ ଏବଂ ପ୍ରଥା ପରମ୍ପରା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥାଏ। ଆଦିବାସୀଙ୍କ ଧର୍ମଧାରା, ସାମାଜିକ ପରମ୍ପରାରେ କିଭଳି ତ୍ରୁଟିବିଚ୍ୟୁତି ନ ହେବ; ସମସ୍ତେ କିଭଳି ଏକ ଅନୁଶାସନ ଏବଂ ଶୃଙ୍ଖଳରେ ବାନ୍ଧିହୋଇ ନୀତିନିଷ୍ଠ ହେବେ ସେ ଦିଗରେ ଦଲ୍ ତେତେଲ୍‌ଠାରେ ବର୍ଷକୁ ଦୁଇଥର ବୈଠକ ବସେ। ଝାଙ୍କର ଓ ଦେହେରିଆମାନେ ନିଜ ଅଞ୍ଚଳର ବିଭିନ୍ନ ଘଟଣାବଳୀ, ପ୍ରଥା, ପରମ୍ପରା, ଧାର୍ମିକ ମହତ୍ତ୍ୱ ଏବଂ ସାମାଜିକ ସ୍ଥିତି ସମ୍ପର୍କରେ ସେଠାରେ ଆଲୋଚନା କରନ୍ତି। ଘଟଣାଗୁଡ଼ିକୁ ବିଶ୍ଳେଷଣ କରି ତା'ର ସମାଧାନ ପନ୍ଥା ଏବଂ ନିଷ୍ପତ୍ତିର ସାମାଜିକ ପ୍ରଭାବ ଆକଳନ କରନ୍ତି। ଏହି ଆଲୋଚନା ପର୍ଯ୍ୟାଲୋଚନା ଭିତରେ କେବଳ ଗୋଟିଏ ନିୟମ କାର୍ଯ୍ୟକାରୀ ହୁଏ, ତାହା ହେଲା କୌଣସି ପରିସ୍ଥିତିରେ କେହିବି ମିଛ କହିପାରିବେ ନାହିଁ। ପରିସ୍ଥିତି ଯାହା ହେଉ ପଛେ ଝାଙ୍କର, ଦେହେରିଆମାନଙ୍କୁ ସତ କହିବାକୁ ପଡ଼ିବ। ମିଛ ଦ୍ୱାରା ଧର୍ମ, ସମାଜ ଏବଂ ପୃଥିବୀ ପରିଚାଳନା ସମ୍ଭବ ନୁହେଁ। ମିଛ କହିବା ମାନେ ପ୍ରକୃତିର ନିୟମକୁ ଉଲ୍ଲଂଘନ କରିବା। ଆଦିବାସୀମାନେ ପ୍ରକୃତିର ଉପାସକ। ଅନ୍ୟ ଅର୍ଥରେ କହିଲେ, ସେମାନେ ସରଳ ଏବଂ ସତ୍ୟନିଷ୍ଠ ଜୀବନର ବାର୍ତ୍ତାବହ। ଏଣୁ ଦଲ୍ ତେତେଲ୍‌ଠାରେ କେବଳ ସତ ବ୍ୟତୀତ ମିଛ ବା ଛଳନାର କୌଣସି ସ୍ଥାନ ନାହିଁ।

ସାମାଜିକ ସହାବସ୍ଥାନର ସରଳ ନିୟମ ଭିତରେ ଆଦିବାସୀଙ୍କ ମୁଖ୍ୟ ଇଷ୍ଟଦେବ ଶୂଳିଆ ବୁଢ଼ା ଏଇ ଅଞ୍ଚଳର ଲକ୍ଷାଧିକ ଆଦିବାସୀ ଏବଂ ଅଣଆଦିବାସୀଙ୍କ ମୁଖ୍ୟ ଦେବତା ପାଲଟି ଯାଇଛନ୍ତି। ଶୂଳିଆ ପୀଠର ମୁଖ୍ୟ ପୂଜକ ବା ରାଜ ଦେହେରିଆ ସୋମନାଥ ଦେହେରିଆ ଏବଂ ମିଳିତ ଶୂଳିଆ ପୂଜା କମିଟି ଆବାହକ ମଧୁ ପ୍ରଧାନୀ କହିଛନ୍ତି, ପ୍ରତିବର୍ଷ ନୂଆଁଖାଇ ଏବଂ ପ୍ରସିଦ୍ଧ ଶୂଳିଆ ଯାତ୍ରାର ୧୦ ଦିନ ପୂର୍ବରୁ ଦଲ୍ ତେତେଲ୍‌ଠାରେ ଏହି ଅଞ୍ଚଳର ସମସ୍ତ ଗାଁର ଝାଙ୍କର, ଦେହେରିଆମାନେ ସାମୂହିକ ବୈଠକରେ ଯୋଗଦିଅନ୍ତି। ନିୟମ ଅନୁସାରେ, ସେଠାରେ ଆଲୋଚନା, ପର୍ଯ୍ୟାଲୋଚନା କରନ୍ତି। କିଭଳି ପ୍ରାକୃତିକ ନିୟମ, ଶୁଦ୍ଧପୂତ ଚେତନାରେ ନୂଆଁଖାଇ ଏବଂ ଶୂଳିଆ ଯାତ୍ରା ପାଳନ ହେବ ତାହା ସେଠି ବିଚାର ହୁଏ। ମିଛ ଓ ଛଳନାର ଊର୍ଦ୍ଧ୍ୱକୁ ଉଠି ବାସ୍ତବିକ ସରଳ, ନିଷ୍କପଟ ଏବଂ ପ୍ରକୃତି ଅନୁଯାୟୀ ଜୀବନ ଜିଇବାର ସଂକଳ୍ପ ନେବା ଏବଂ କୌଣସି ପରିସ୍ଥିତିରେ ମଧ୍ୟ ପ୍ରାକୃତିକ ନିୟମ ବା ଶୃଙ୍ଖଳ ନ ଭାଙ୍ଗିବା ବୋଲି ସଂକଳ୍ପ ନେବାର ଏକ ମହିମାମୟ ସ୍ଥାନ ହେଉଛି ଦଲ୍ ତେତେଲ୍। ବିଭିନ୍ନ କାରଣରୁ ଏହି ନିଆରା ସ୍ଥାନଟି ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଆବଶ୍ୟକ ଉନ୍ନତି କରାଯାଇନାହିଁ। ଏହି ସ୍ଥାନ ଏବଂ ଏଠାକାର ନିଆରା ନୀତିନିୟମ, ପ୍ରଥା ପରମ୍ପରା ଉପରେ ଅଧିକରୁ ଅଧିକ ଗବେଷଣା ହେବାର ଆବଶ୍ୟକତା ରହିଛି।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍‌ର ମୁଣ୍ଡପଲା ଗାଁରେ ଥିବା ନିଆରା ପୀଠ ଦଲ୍ ତେତେଲ୍।

## ମାଲିକାଣୀଙ୍କ ଘରୁ ସୁନା ଗହଣା ଚୋରି, ସହାୟକ ଗିରଫ

ଭୁବନେଶ୍ୱର,୨୭।୧୧ (ସୂର୍ଯ୍ୟକାନ୍ତ ବେହେରା)

ମାଲିକାଣୀଙ୍କ ଘରୁ ଟଙ୍କା ଓ ସୁନା ଗହଣା ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ସହାୟକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ବାଲେଶ୍ୱରର ଜଗନ୍ନାଥ ଦାଶ। ତାଙ୍କଠାରୁ ୪୩ ହଜାର ୫୦୦ ଟଙ୍କା ଓ ସୁନା ଗହଣା ଜବତ ହୋଇଛି।

ସୂଚନାନୁସାରେ, ଅଭିଯୋଗକାରିଣୀ ବୃଦ୍ଧା ଏହି ଥାନା ଅନ୍ତର୍ଗତ ହାଉସିଂ ବୋର୍ଡ କଲୋନୀରେ ତାଙ୍କ ଘରେ ଏକୁଟିଆ ରୁହନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତ ଜଗନ୍ନାଥ ଗତ ୭ ବର୍ଷ ହେବ ତାଙ୍କ ଘରେ ସହାୟକ ଭାବେ କାମ କରୁଥିଲେ। ଏବେ ବୃଦ୍ଧା ଜଣକ ତାଙ୍କ ଘରଟିକୁ ଆଶ୍ରମକୁ ଦାନ କରିଦେଇଥିବାରୁ ଅଭିଯୁକ୍ତ ଏହାକୁ କେନ୍ଦ୍ର କରି ସାଢେ ୪୩ ହଜାର ଟଙ୍କା ଓ କିଛି ସୁନା ଗହଣା ଚୋରି କରି ନେଇଯାଇଥିଲେ। ଏନେଇ ଘର ମାଲିକାଣୀ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


*With Best Compliments From:*

**VIMTAS SCHOOL OF PHARMACY, KORAPUT**

**WE ARE HIRING !**

AVAILABLE POSTS

- Principal • Asso. Professor • Professor
- Lecturer • Asst. Professor

Ph.D./M. Pharma with Teaching / Research Experience in Relevant Discipline as per PCI norms
Send your Resume to us
vimtaspharmacy@gmail.com
For More information Call us on the Given Number
+91 7978821493 & +91 9437215553

**GHADAI GROUP OF INSTITUTIONS, MALKANGIRI**
A LEADING EDUCATION INSTITUTION IN MALKANGIRI DISTRICT
COURSE OFFERED:
- 9th Class and 10th Class
- +2 Science • +3 Science (Hons.)
- B.Sc. Nursing • BCA and BBA
- sdaDMLT

ISO CERTIFIED COLLEGE

*If you want Carrier and Discuplive than Join with us*

OUR LAST THREE YEARS RESULT (+2 SCIENCE)

| 2021 Year Result | 2022 Year Result | 2023 Year Result |
|---|---|---|
| Number of 1st Division - 101<br>Number of 80% Above - 07<br>Percentage of Pass - 100%<br>Highest Mark - 517 (86.1%) | Number of 1st Division - 165<br>Number of 90% Above - 05<br>Number of 80% Above - 34<br>Percentage of Pass - 100%<br>Highest Mark - 54 (94%) | Number of 1st Division - 165<br>Number of 80% Above - 11<br>Percentage of Pass - 100%<br>Highest Mark - 524 (67%) |

OUR LAST TWO YEAR RESULT

| 2023 | 2022 |
|---|---|
| 1. Pragya Paramita Padhi - 88% (District Topper) (Chemistry Department)<br>2. Jyoshna Rani Gouda - 88% (9th Position in University, Mathematics Department) | 1. Reeba Haldar - 91% (Zoology Department)<br>2. Paresh Sarka - 73% (Chemisry Department) |

*With Best Compliments from:*

E-24 Hospital
........ Redefining Health Care
PATIENT SAFETY & QUALITY OF CARE NABH ACCREDITED
Your Health, Our Commitment.
Book Your Appointment Now!
100% Cashless Treatment (BSKY/CORPORATE INSURANCE)
9040021999
7064411185
e24hospital@gmail.com
Tulsi Bhawan, Dollamandap Sahi, Puri.




ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ମାଲକାନଗିରି ଜିଲ୍ଲା ମିଲର ସଂଘ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।

ମାଲକାନଗିରି ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନେ ଆମର ସର୍ବସ୍ୱ ।

ଆଗାମୀ ନୂତନ ବର୍ଷର ଶୁଭେଚ୍ଛା ସହ ଚାଷୀ ପରିବାରଙ୍କ ସୁଖ ସମୃଦ୍ଧି କାମନା କରୁଛୁ ।

**ମିଲର୍ସ ସଂଘ, ମାଲକାନଗିରି**
ଜିଲ୍ଲାର ସମସ୍ତ ସଦସ୍ୟବୃନ୍ଦ

ଧରିତ୍ରୀ DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୮/୨୦୨୩ | Bhubaneswar, Tuesday, November 28/2023 | ପୃଷ୍ଠା-୧



**ପୁଷ୍ପା-୨ ପାଇଁ ପାରିଶ୍ରମିକ ନେଉନାହାନ୍ତି ଅଲ୍ଲୁ**

ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଆଗାମୀ ଫିଲ୍ମ 'ପୁଷ୍ପା-୨: ଦି ରୁଲ୍' ପାଇଁ ସେ କୌଣସି ପାରିଶ୍ରମିକ ନେଉ ନ ଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

୧୪

୧୬

**ଗିଲ୍ ଗୁଜରାଟ ଟାଇଟନ୍ସ ଅଧିନାୟକ**

ଆଇପିଏଲ୍‌ର ୨୦୨୪ ସିଜନ ପାଇଁ ଗୁଜରାଟ ଟାଇଟନ୍ସ ଶୁବମନ ଗିଲ୍‌ଙ୍କୁ ଅଧିନାୟକ ଭାବେ ନିଯୁକ୍ତି ଦେଇଛି।



# ଆଜି ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ

**ପୁରୀ, ୨୭।୧୧(ଅଜିତ୍ ମହାନ୍ତି)**



ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା, ମରାମତି କରିବା ସହ ରତ୍ନ ଗଣତି ନେଇ ବାରମ୍ବାର ବିଭିନ୍ନ ଅନୁଷ୍ଠାନ ସହ ଗଜପତି ମହାରାଜା ଏବଂ ଅନ୍ୟ ସେବାୟତ ଦାବି କରିବା ପରେ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାହାର ରତ୍ନଭଣ୍ଡାର କାନ୍ଥର ଲେଜର ସ୍କାନିଂ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)କୁ ସ୍କାନିଂ ପାଇଁ ଅନୁମତି ମଧ୍ୟ ଦିଆଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଅର୍ଥାତ ୨୮ ତାରିଖରେ ଲେଜର ସ୍କାନିଂ କରାଯିବ। ତେବେ ବାହାରପଟୁ ଲେଜର୍ ସ୍କାନିଂ କରାଯାଇ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ମଙ୍ଗଳବାର ଏଏସ୍ଆଇ ସହ ଶ୍ରୀମନ୍ଦିର ବୈଷୟିକ ଟିମ୍ ରତ୍ନଭଣ୍ଡାର ବାହାରପଟୁ ଲେଜର୍ ସ୍କାନିଂ କାର୍ଯ୍ୟ କରିବେ।

ସୂଚନାଯୋଗ୍ୟ, ୨୦୧୮ ଏପ୍ରିଲ୍‌ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୭ଜଣିଆ ଟିମ୍ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଶ୍ରୀମନ୍ଦିର ଭିତରକୁ ଯାଇଥିବାବେଳେ ଚାବି ହଜିଥିବା କହି ଫେରିଆସିଥିଲେ। ରତ୍ନଭଣ୍ଡାର କାନ୍ଥରେ ବ୍ୟାପକ ଫାଟ ରହିବା ସହ କାନ୍ଥ ଓଦାଳିଆ ରହୁଥିବା ଯାଞ୍ଚ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ତେବେ ଏନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେବା ସହ ରତ୍ନଭଣ୍ଡାର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହୋଇଥିଲା। ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶର କିଛି ମାସ ପରେ ଗତ ୪ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁସାରେ, ନଭେମ୍ବର ୨୮ରେ ବାହାର ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବାକୁ ନିଷ୍ପତ୍ତି ହେବା ସହ ଏଏସ୍ଆଇକୁ ଏନ୍ଓସି ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଲେଜର ସ୍କାନିଂ କରାଯିବ ବୋଲି ଜଣାପଡ଼ିଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ☞ପୃଷ୍ଠା-୨

# ବିଜେଡିରେ ପାଣ୍ଡିଆନ୍

## 'ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବି'



ନବୀନ ନିବାସରେ ସୋମବାର '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେବା ଅବସରରେ।

**ଭୁବନେଶ୍ୱର, ୨୭।୧୧(ଅନିଲ ଦାସ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଧିବଦ୍ଧଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପୂର୍ବାହ୍ନରେ ନବୀନ ନିବାସଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପାଣ୍ଡିଆନ୍ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ଯୋଗଦେବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି। ବିଜେଡିରେ ତାଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁ ବର୍ଷ ଧରି ପାଣ୍ଡିଆନ୍ ଓଡ଼ିଶାବାସୀଙ୍କ ପାଇଁ କାର୍ଯ୍ୟକରି ସମ୍ମାନ ପାଇବା ସହ ଲୋକଙ୍କ ବିଶ୍ୱାସ ଜିତି ପାରିଛନ୍ତି। ଆଗାମୀ ଦିନରେ ଦଳର ସଦସ୍ୟ ଭାବେ ସେ ଲୋକମାନଙ୍କ ପାଇଁ ସେହିଭଳି କାର୍ଯ୍ୟ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ☞ପୃଷ୍ଠା-୨

# ଚତୁର୍ଥ ଶ୍ରେଣୀ ଛାତ୍ରକୁ କମ୍ପାସ୍‌ରେ ୧୦୮ ଥର ଭୁସିଲେ ସହପାଠୀ

**ଇନ୍ଦୋର, ୨୭।୧୧**

ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ ପିଲାକୁ ତାଙ୍କର ୩ ଜଣ ସହପାଠୀ ଜ୍ୟାମିତି କମ୍ପାସ୍‌ରେ ୧୦୮ ଥର ଆକ୍ରମଣ କରିଛନ୍ତି। ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଏହାକୁ ଅତି ଗୁରୁତର ସହ ନେଇ ପୋଲିସ୍‌କୁ ତଦନ୍ତ ରିପୋର୍ଟ ମାଗିଛି। ଏରୋଡ୍ରମ୍ ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ସ୍କୁଲରେ ଗତ ୨୪ ତାରିଖରେ ପିଲାମାନଙ୍କ ମଧ୍ୟରେ କୌଣସି କାରଣରୁ ମାର୍‌ପିଟ ହୋଇଥିଲା। ଏହା ଅତି ମର୍ମନ୍ତୁଦ ମାମଲା। ଏତେ କମ୍ ବୟସର ପିଲାମାନଙ୍କ ମଧ୍ୟରେ ଏଭଳି ହିଂସ୍ର ଆଚରଣର କାରଣ ଖୋଜି ବାହାର କରିବା ପାଇଁ ପୋଲିସର ତଦନ୍ତ ରିପୋର୍ଟ ମଗାଯାଇଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷା ପଲ୍ଲବୀ ପରୱାଲ କହିଛନ୍ତି। ସିଡବ୍ଲ୍ୟୁସି ଉକ୍ତ ପିଲା ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ କାଉନ୍‌ସେଲିଂ କରିବାକୁ ଯୋଜନା ରଖିଛି। ଉକ୍ତ ପିଲାମାନେ ହିଂସା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଯନ୍ତ୍ରଣାଦାୟକ ବଟିକା**

# ଡିସେମ୍ବରରେ ବାତ୍ୟା ଭୟ: ୩୦ ବେଳକୁ ସ୍ପଷ୍ଟ ହେବ

**ଭୁବନେଶ୍ୱର, ୨୭।୧୧(ଅନୀଲ ଦାସ)**

ଓଡ଼ିଶାକୁ ଡିସେମ୍ବରରେ ବାତ୍ୟା ବିପଦ ଆଶଙ୍କା ରହିଛି। ପାରାଦୀପଠାରୁ ପ୍ରାୟ ୨ ହଜାର କିଲୋମିଟର ଦୂର ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ଧୀରେ ଧୀରେ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଆସନ୍ତା ୨୯ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଅବପାତ(ଡିପ୍ରେସନ)ରେ ପରିଣତ ହେବ। ଏହା ପରେ ଅବପାତ ଉତ୍ତର ପୂର୍ବଦିଗକୁ ଗତି କରିବ। ଏହାର ୪୮ ଘଣ୍ଟା ପରେ ଅବପାତ ଆହୁରି ବଳଶାଳୀ ହୋଇ ସାମୁଦ୍ରିକ ଝଡ଼ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆସନ୍ତା ଡିସେମ୍ବର ୧ କିମ୍ବା ୨ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପ ସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ବାତ୍ୟାର ବେଗ ଓ ଗତିପଥ କେଉଁ ଆଡ଼କୁ ହେବ ତାହା ଆସନ୍ତା ୩୦ ତାରିଖ ସୁଦ୍ଧା ସ୍ପଷ୍ଟ ହେବ। ତେବେ କେତେକ ବେସରକାରୀ ପାଣିପାଗ ବିଜ୍ଞାନ ସଂସ୍ଥା ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ବାତ୍ୟା ଆସନ୍ତା ୫ କିମ୍ବା ୬ ତାରିଖ ବେଳକୁ ଆନ୍ଧ୍ର ଏବଂ ଓଡ଼ିଶା ଉପକୂଳ ଦେଇ ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡ଼କୁ ଯିବ। ବାତ୍ୟା ଓଡ଼ିଶା ଉପକୂଳ ଦେଇ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ନିର୍ବାଚନ ପ୍ରଚାର ବେଳେ ଭାଜପା ଉତ୍ତେଜକ ଭାଷା ପ୍ରୟୋଗ ସହ ଧର୍ମୀୟ କାର୍ଡ ଖେଳିବାକୁ ଉଦ୍ୟମ କରିଥିଲା। ଲୋକେ ଉକ୍ତ ଦଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ରାଜସ୍ଥାନରେ କଂଗ୍ରେସ ସ୍ପଷ୍ଟ ବହୁମତ ହାସଲ କରିବ।

– ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଇଛୁ ଯାହା ପରଲୋକଙ୍କୁ,**
**ଦେଇଛୁ ଯାହା ପରଲୋକକୁ।**

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଥୋଡ଼, ବଡ଼ି, ଖଡ଼ା;**
**ଖଡ଼ା, ବଡ଼ି ଥୋଡ଼;**
**ବଡ଼ି, ଖଡ଼ା ଥୋଡ଼।**

ଏକ ବିଷୟର ପୁନରାବୃତ୍ତି। ଥୋଡ଼ର ଅର୍ଥ କଦଳୀ ମଞ୍ଜା ହୋଇଥିବାବେଳେ ଗୋଟିଏ ପ୍ରକାର ତରକାରିକୁ ଏଠାରେ ଭିନ୍ନ ଭିନ୍ନ ପ୍ରକାରରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ କାମରେ ଅଗ୍ରଗତି ଘଟିପାରେ। ଦ୍ୱିଜା ନକ୍ଷତ୍ରର ଆର୍ଥିକ ସଙ୍କଟ ଲାଗି ରହିଲେ ମଧ୍ୟ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି ଚିନ୍ତାରେ ପାଖ ମାଡ଼ିବେ ନାହିଁ। ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବା ସମ୍ଭାବନା ରହିଛି।

**ବୃଷ** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟରେ ଉନ୍ନତି ଓ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ** ସ୍ୱାସ୍ଥ୍ୟ ସଚେତନତାର ଅଭାବଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ପଡ଼ୋଶୀମାନେ ବାକ୍‌ଚାତୁରୀ କଥା କହି କାର୍ଯ୍ୟ ହାସଲ କରିପାରନ୍ତି।

**କର୍କଟ** ଏକାଦଶସ୍ଥ ଉଚ୍ଚସ୍ଥାନ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ ଏବଂ ଯାହା ଆଶା କରୁଛନ୍ତି ପାଇବେ। ଅଶ୍ଳେଷା ନକ୍ଷତ୍ର ବ୍ୟବସାୟରେ ଲାଭବାନ୍ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ଆଜିର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅନ୍ୟମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରଶାସନିକ ସ୍ତରରେ ସହଯୋଗ ଅଭାବରୁ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଅଭାବ କାରଣରୁ ଓ ପରୋକ୍ଷ ଶତ୍ରୁତାରୁ ମନ ଅବସ୍ଥା ଠିକ୍ ରହି ନ ପାରେ।

**କନ୍ୟା** ଆଜି ହଠାତ୍ ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବେ ନାହିଁ। ଚିତ୍ରା ନକ୍ଷତ୍ରର ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ତଥାପି କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ସ୍ୱାତୀ ନକ୍ଷତ୍ରର ପଡ଼ୋଶୀମାନେ ସ୍ୱାର୍ଥସାଧାନ ମାନସରେ କଅଁଳିଆ କଥା କହିପାରନ୍ତି।

**ବିଛା** ଆଜି ଅନୁରାଧା ନକ୍ଷତ୍ର ସକାଶେ ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। କଳା, କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣା ଓଟରା ଲାଗିବ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଶତ୍ରୁଠାରୁ ଦୂରେଇ ରୁହନ୍ତୁ। ଉତ୍ତରାଷାଢ଼ା ନକ୍ଷତ୍ରର ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ।

**ମକର** ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, ପରିବହନରେ ଏବଂ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିବେ। ଶ୍ରବଣା ନକ୍ଷତ୍ର ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଆଜିର କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ହୋଇପାରୁଛି ଆପଣଙ୍କ ପାଇଁ ସେପରି ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ ବିବାଦରେ ନୀରବ ରହିବାକୁ ବାଧ୍ୟ ହେବେ। ଶତଭିଷା ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ଉତ୍ତରଭାଦ୍ରପଦ ନକ୍ଷତ୍ର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ସ୍ଥଗିତ କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କଟୁ କଥା କହିବାକୁ ପଛାଇବେ ନାହିଁ। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

ଆଜି ମାର୍ଗଶୀର କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ନଭେମ୍ବର ୨୮ ତାରିଖ। ରାଶି ନକ୍ଷତ୍ର-ଦିବା ଘ.୦୧।୩୨ ପର୍ଯ୍ୟନ୍ତ ରୋହିଣୀ/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୬ ମି. ଗତେ, ଘ.୦୬।୫୦ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୧୮ ଗତେ, ଘ.୦୩। ୪୦ ମଧ୍ୟେ ରାହୁକାଳ।

# 'ମହିଳା ସଂରକ୍ଷଣ ଆଇନକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯାଉ'

**ଅଗ୍ରଗାମୀ ମହିଳା ସମିତିର ସର୍ବଭାରତୀୟ ସମ୍ମିଳନୀ**

ଭୁବନେଶ୍ୱର,୨୭।୧୧(ଅନୁରାଧା ମହାରଣା)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ କାର୍ଯ୍ୟ କରୁଥିବା ସର୍ବଭାରତୀୟ ମହିଳା ସଂଗଠନ 'ଅଲ ଇଣ୍ଡିଆ ଅଗ୍ରଗାମୀ ମହିଳା ସମିତି'ର ସର୍ବଭାରତୀୟ ମହିଳା ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଉଦ୍‌ଘାଟିତ ହୋଇଯାଇଛି। ସମିତିର ଜାତୀୟ ସଭାନେତ୍ରୀ କମ୍ରେଡ଼ ପ୍ରତିମା ଖାତୁନ, ଉପସଭାନେତ୍ରୀ ତଥା ପଶ୍ଚିମବଙ୍ଗର ପୂର୍ବତନ ବିଧାୟିକା ଡଲି ରାଏ, ପୂର୍ଣ୍ଣିମା ବିଶ୍ୱାସ, ତାମିଲନାଡୁର ମହିଳା ନେତ୍ରୀ ଲକ୍ଷ୍ମୀ ମହାନନ୍ଦୀ, ଓଡ଼ିଶାର ଲକ୍ଷ୍ମୀ ଆଜାଦ, ଆସାମର ଅସୀମା ନନ୍ଦି, କେରଳର ଶ୍ରୀଜା ହରୀ, ଆନ୍ଧ୍ରପ୍ରଦେଶର ଡାକ୍ତର ପ୍ରଭାଲିକା ପ୍ରମୁଖଙ୍କୁ ନେଇ ଗଠିତ ସଭାନେତ୍ରୀ ମଣ୍ଡଳୀର ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଝାଡ଼ଖଣ୍ଡର ବରିଷ୍ଠ ଆଦିବାସୀ ମହିଳା ନେତ୍ରୀ ବିଟିଆ ମାଝୀ ଏବଂ ପଶ୍ଚିମବଙ୍ଗର ପୁଷ୍ପ ମହତୋ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଫରୱାର୍ଡ଼ ବ୍ଲକର ସର୍ବଭାରତୀୟ ଅଧ୍ୟକ୍ଷ ନରେନ ଚାଟାର୍ଜୀ ଏବଂ ସର୍ବଭାରତୀୟ ସାଧାରଣ ସମ୍ପାଦକ ଜି. ଦେବରାଜନ ଯୋଗଦେଇ ମହିଳାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅବିଳମ୍ବେ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ଓ ଅଲ ଇଣ୍ଡିଆ ପ୍ରଗତିଶୀଳ ମହିଳା ଆସୋସିଏଶନର ରାଜ୍ୟ ସମ୍ପାଦିକା ମନ୍ଦାକିନୀ ସେଠୀ, ବିଶିଷ୍ଟ ଆଇନଜୀବି ବିଭୁ ପ୍ରସାଦ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହିଳାଙ୍କ ବିଭିନ୍ନ ସମସ୍ୟାର ମୁକାବିଲା ପାଇଁ ଆଇନଗତ ଦିଗ ସଂକ୍ରାନ୍ତରେ ଆଲୋଚନା କରିବା ସହ ମହିଳାଙ୍କ ଐକ୍ୟବଦ୍ଧତା ହିଁ ସମସ୍ତ ସମସ୍ୟାର ସମାଧାନ ପାଇଁ ରାସ୍ତା ଖୋଲିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଦେଶର ୧୬ଟି ରାଜ୍ୟରୁ ଶତାଧିକ ମହିଳା ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଆସନ୍ତା ନଭେମ୍ବର ୨୮ ପର୍ଯ୍ୟନ୍ତ ଚାଲିବ।

# କାର୍ତ୍ତିକ ପୂର୍ଣ୍ଣିମା ଡେରାବେଶ ମନମୋହିଲା

**ବଡ଼କୋଦଣ୍ଡାରେ ବଞ୍ଚିରହିଛି ଲୋକକଳା**

ଭଞ୍ଜନଗର,୨୭।୧୧(ବାବୁଲା ପ୍ରଧାନ)


ରାସ୍ତାରେ ରଖାଯାଇଥିବା ବିଭିନ୍ନ ପ୍ରତିକୃତି।

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ବଡକୋଦଣ୍ଡାରେ ସୋମବାର କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରସିଦ୍ଧ ଡେରାବେଶ ଅନୁଷ୍ଠିତ ହୋଇଯାଇଛି। ରବିବାର ରାତିରୁ ଗ୍ରାମ ବଡ଼ଦାଣ୍ଡ ଦୁଇ ପାର୍ଶ୍ୱରେ ଥିବା ଜଗନ୍ନାଥ ମନ୍ଦିର ଓ ଗୋପୀନାଥ ମନ୍ଦିର ତରଫରୁ କଳାକାର ଓ କାରିଗରମାନେ ଆଖଡ଼ା ଘରୁ ବାଉଁଶ, ବେତ, କାଠ, କାଗଜ ଆଦିରେ ନିର୍ମିତ ପ୍ରତିକୃତିଗୁଡ଼ିକୁ ବାହାରକୁ ବାହାର କରି ରାସ୍ତାରେ ଡେରିଥିଲେ। ସୋମବାର ଭୋରରୁ ଆଖପାଖ ଗ୍ରାମ ସହିତ ଜିଲା ଓ ଜିଲା ବାହାରୁ, ଏପରିକି ରାଜ୍ୟ ବାହାରର ବହୁ ଲୋକ ଏହି କଳା, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ଗ୍ରାମକୁ ବୁଲି ଆସି ଠାକୁର ଦର୍ଶନ ସହ ଡେରାବେଶ ବୁଲି ଦେଖିଥିଲେ। ହାତୀ, ଘୋଡା, ବାଘ, ସିଂହ, ନବଗୁଞ୍ଜର, କଳଘୋଡା, ବୃଷଭ, ରାମ, ଲକ୍ଷ୍ମଣ, ହନୁମାନ, ରାବଣ, ଇନ୍ଦ୍ରଜିତ, ମେଘନାଦ, ରାଜା, ରାଣୀ, ମୟୂର ପ୍ରତିକୃତି ସହ ବଡ ବଡ଼ କଣ୍ଢେଇଗୁଡ଼ିକ ଶଗଡ଼ିରେ ରଖି ଓ ଖୁଣ୍ଟରେ ବାନ୍ଧି ସାଧାରଣଙ୍କ ନିମିତ୍ତ ପ୍ରଦର୍ଶନ କରାଯାଇଥିଲା। ବହୁ ପୁରାତନ କାଳରୁ କାର୍ତ୍ତିକ ପୂର୍ଣ୍ଣିମାରେ ଗ୍ରାମବାସୀ ସେମାନଙ୍କର ଏଭଳି କଳା ନୈପୁଣ୍ୟ ପ୍ରଦର୍ଶନ କରି ଆସୁଛନ୍ତି। କରୋନା କଟକଣା ସମୟରେ ଡେରାବେଶ ହୋଇପାରୁ ନ ଥିଲା। କେବଳ ବିଧି ରକ୍ଷା ପାଇଁ ୨/୩ଟି ପ୍ରତିକୃତି ଡେରା ଯାଉଥିଲା। ଚଳିତବର୍ଷ ପ୍ରାୟ ସମସ୍ତ ବେଶ ପଟୁଆର ବାହାର କରାଯାଇଥିଲା । ହଜାର ହଜାର ଲୋକ ଏହାକୁ ବୁଲି ଦେଖିଥିଲେ। କରୋନା ସମୟରେ ପ୍ରତିକୃତିଗୁଡ଼ିକୁ ବାହାରକୁ କଢ଼ା ନ ଯିବା ଏବଂ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ନିମନ୍ତେ କୌଣସି ପାଣ୍ଠି ନ ଥିବାରୁ ସେସବୁ ନଷ୍ଟ ହେବାକୁ ବସିଛି। ଗ୍ରାମର ବି. ଲକ୍ଷ୍ମୀନାରାୟଣ ପାତ୍ର, ଅଶୋକ ସାହୁ, ଅଜୟ ବିଷୋୟୀ, ବଳରାମ ବେହେରା, ତ୍ରିନାଥ ବେହେରା, ପାଣ ବାଡତ୍ୟା, ଭିକାରୀ ବାଡତ୍ୟା ପ୍ରମୁଖଙ୍କ ସମେତ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଏପରି ଲୋକକଳା ବଞ୍ଚାଇ ରଖିବାକୁ ସରକାରୀ ସ୍ତରରୁ କିଛି ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବଡକୋଦଣ୍ଡା ଗ୍ରାମ ସୂତା କଣ୍ଢେଇ ନାଚର ଅନୁଡ଼ିଶାଳ। ଏଠାକାର କାରିଗର ଓ କଳାକାରଙ୍କ ପ୍ରଚେଷ୍ଟାରେ ଡେରାବେଶ ଲୋକକଳା ବଞ୍ଚି ରହିଛି। ରାଜ୍ୟ ସଂସ୍କୃତିବିଭାଗ ଏଥିପ୍ରତି ଦୃଷ୍ଟିଦେଲେ ବଡ଼କୋଦଣ୍ଡା ଐତିହ୍ୟ ଗ୍ରାମର ମାନ୍ୟତା ଲାଭକରନ୍ତା ବୋଲି ବିଭିନ୍ନ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଛନ୍ତି।

# ଏଟିଏମ୍ କାଟି ଅଖାରେ ପୂରାଇ ନେଇଗଲେ ୨୦ ଲକ୍ଷ

ବାହାନଗା, ୨୭।୧୧(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବଜାର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବଡଧରଣର ଲୁଟ୍ ହୋଇଛି। ବଜାରଠାରୁ ଶହେ ମିଟର ଦୂର ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କାଟି ଦୁର୍ବୃତ୍ତମାନେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଖାରେ ପୂରାଇ ନେଇଯାଇଛନ୍ତି। ସେହି ଏଟିଏମ୍ କାଉଣ୍ଟରରେ କେହି ରାତ୍ରି ଜଗୁଆଳୀ ରହୁ ନ ଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଛନ୍ତି।

ପ୍ରଥମେ ୨ଜଣ ଯୁବକ ମୁହଁରେ ଗାମୁଛା ଗୁଡାଇ ଏଟିଏମ୍ କାଉଣ୍ଟର ଭିତରକୁ ପଶିଥିଲେ। ଏହାପରେ ଶଟରକୁ ଭିତରପଟୁ ପକାଇ ଦେଇଥିଲେ। ଗ୍ୟାସ କଟରରେ ମେଶିନ୍‌କୁ କାଟିବା ପରେ ଏଥିରୁ ଟଙ୍କା କାଢି ଅଖାରେ ଭର୍ତ୍ତି କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ଟଙ୍କା ଅଖାକୁ ଧରି ଶଟର ପକାଇ ଚାଲିଯାଇଥିବା ସିସି କ୍ୟାମେରାରେ ଦେଖିବାକୁ ମିଳିଛି। ତେବେ ଏଟିଏମ୍ ଭିତରେ ୨୪ରୁ ୨୬ଲକ୍ଷ ଟଙ୍କା ରବିବାର ଭର୍ତ୍ତି ହୋଇଥିବା ସ୍ଥାନୀୟ ଦୋକାନୀମାନେ କହିଥିଲେ। ତେବେ ରାତି ୧୨ଟା ପର୍ଯ୍ୟନ୍ତ ଏଟିଏମ୍ ଠିକ୍ ଥିବା ପାଖ ଦୋକାନୀ ଘରକୁ ଯିବା ସମୟରେ ଦେଖିଥିଲେ। ସୋମବାର ସକାଳେ ଦୋକାନୀମାନେ ଦୋକାନକୁ ଆସିବା ପରେ ଏଟିଏମ୍ ମେଶିନ କଟାଯାଇ ତଳେ ପଡିଥିବା ଦେଖିଥିଲେ। ଦୋକାନୀମାନେ ସଙ୍ଗେ ସଙ୍ଗେ ଘର ମାଲିକଙ୍କୁ ଖବରଦେଇଥିଲେ। ଘରମାଲିକ ଘଟଣାସ୍ଥଳରେ ପହଞ୍ଚି ସୋର ଥାନା ଓ ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଏହାର ତଦନ୍ତ କରି ଫେରିଯାଇଛନ୍ତି। ତେବେ ଲୁଟ୍ କରିଥିବା ଦୁର୍ବୃତ୍ତମାନଙ୍କର କୌଣସି ପତ୍ତା ମିଳିପାରିନାହିଁ। ଏନେଇ ଏଟିଏମରେ ଟଙ୍କା ଭର୍ତ୍ତି କରୁଥିବା ଏଜେନ୍ସି ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।


ଏଟିଏମ୍ କାଉଣ୍ଟରରେ ଲୁଟ୍ ବେଳର ସିସିଟିଭି ଦୃଶ୍ୟ

ପ୍ରଥମ ପୃଷ୍ଠାରୁ...

## ଆଜି ରତ୍ନଭଣ୍ଡାର...

ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ଲେଜର ସ୍କାନିଂ ପାଇଁ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ମଙ୍ଗଳବାରଠାରୁ ଏଏସ୍‌ଆଇ ଯେକୌଣସି ସମୟରେ ଲେଜର ସ୍କାନିଂ କରିପାରିବେ। ଅତ୍ୟାଧୁନିକ ଲେଜର ସ୍କାନିଂ ମେଶିନ ଆସିଥିବାରୁ ମୁଖ୍ୟ ମନ୍ଦିର ସହ ଅନ୍ୟାନ୍ୟ ପାର୍ଶ୍ୱ ମନ୍ଦିରର ମଧ୍ୟ ସ୍କାନିଂ କରାଯିବ। ଲେଜର ସ୍କାନିଂ ପରେ ବୈଷୟିକ କମିଟିକୁ ରିପୋର୍ଟ ଦିଆଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ରତ୍ନଭଣ୍ଡାରର ବାହାରୁ ଲେଜର ସ୍କାନିଂ କରାଯିବ। ସେହିପରି ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ପାଇଁ ଭାରା ବନ୍ଧା ସରିଥିବା ବେଳେ ଖୁବଶୀଘ୍ର ଏହା ଆରମ୍ଭ ହେବ। ପ୍ରଥମେ ରତ୍ନଭଣ୍ଡାର ବାହାର ପଟ କାନ୍ଥର ଲେଜର ସ୍କାନିଂ କରାଯିବ। କେଉଁ ସ୍ଥାନରେ ଫାଟ ଅଛି ଏବଂ କ'ଣ ସବୁ ସମସ୍ୟା ରହିଛି ତାହା ସ୍କାନିଂ ପରେ ହିଁ ଜଣାପଡ଼ିବ। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି।

## ଡିସେମ୍ବରରେ ବାତ୍ୟା...

ଗତି କରିବା ବେଳେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଜିଲା ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ବାତ୍ୟାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୫୦ କି.ମି. ହେବ ବୋଲି ପୂର୍ବାନୁମାନ କରାଯାଉଛି। ସମ୍ଭାବ୍ୟ ବାତ୍ୟା ଚାଷୀଙ୍କ ମନରେ ଛନକା ପୂରାଇ ଲାଣି। ଚଳିତ ବର୍ଷ ଡେରିରେ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଛି। ଉପକୂଳ ଜିଲାଗୁଡ଼ିକରେ କେତେକ ବ୍ଲକରେ ପାଚିଲା ଧାନ ବିଲରେ ପଡି ରହିଛି। ବର୍ଷାଭାବ ଯୋଗୁ ଧାନ ଚାଷ ହୋଇ ପାରି ନ ଥିବା ଅଞ୍ଚଳରେ ବିରି, ମୁଗ ଭଳି ରବି ଜାତୀୟ ଫସଲ ଉପରେ ଚାଷୀ ଭରସା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ଭୟ ଚାଷୀଙ୍କୁ ଚିନ୍ତାରେ ପକାଇଛି।

ଓଡ଼ିଶା ଉପକୂଳକୁ ସାଧାରଣତଃ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସରେ ବାତ୍ୟାର ଭୟ ଥାଏ। ବାତ୍ୟା ଯଦି ଓଡ଼ିଶା ଉପକୂଳ ଅତିକ୍ରମ କରିବ ଡିସେମ୍ବରରେ ରାଜ୍ୟ ପାଇଁ ଏହା ପ୍ରଥମ ଘଟଣା ହେବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକମାସ ଶେଷ ହୋଇଥିଲେ ମଧ୍ୟ ଶୀତର ପ୍ରକୋପ ବୃଦ୍ଧି ପାଉନାହିଁ। ନଭେମ୍ବର ମାସରେ ସର୍ବନିମ୍ନ ତାପମାତ୍ରା କେତେକ ସ୍ଥାନରେ ୧୦ ଡିଗ୍ରୀକୁ ଖସି ଆସୁଥିବା ବେଳେ ଚଳିତବର୍ଷ ୧୩ରୁ ୧୫ ଡିଗ୍ରୀ ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧୨.୨, ରାଉରକେଲା ୧୩.୮, ଫୁଲବାଣୀ ୧୪, ଅନୁଗୋଳ ୧୪, ସୁନ୍ଦରଗଡ ୧୪, ଦାରିଙ୍ଗିବାଡି ୧୪, ଝାରସୁଗୁଡା ୧୪.୨ ଏବଂ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୫.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ବିଜେଡିରେ ପାଣ୍ଡିଆନ୍...

ବିଜେଡିରେ ଯୋଗଦେବା ପରେ ପାଣ୍ଡିଆନ୍ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଦଳୀୟ ନେତୃମଣ୍ଡଳୀଙ୍କ ସହଯୋଗରେ ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗୀକୃତ, ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବେ। ଏହି ଅବସରରେ ନବୀନ ନିବାସରେ ଉପସ୍ଥିତ ଦଳର ବହୁ ବରିଷ୍ଠ ନେତା ତାଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିରେ ସାମିଲ ହେବା ପରେ ପାଣ୍ଡିଆନ୍ ନବୀନ ନିବାସରୁ ଶଙ୍ଖ ଭବନକୁ ଯାଇଥିଲେ। ସେଠାରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସେ ଗଞ୍ଜାମର ତାରାତାରିଣୀ ମନ୍ଦିର ଯାଇ ମା'ଙ୍କ ଆଶୀର୍ବାଦ ନେଇଛନ୍ତି। ପାଣ୍ଡିଆନ୍ ବିଜେଡିରେ ଯୋଗଦେବା ପୂର୍ବରୁ ସକାଳୁ ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୩ ଅକ୍ଟୋବର ୨୩ ତାରିଖରେ ପାଣ୍ଡିଆନ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଅକ୍ଟୋବର ୨୪ରେ ତାଙ୍କୁ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଥିଲେ। ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ପାଣ୍ଡିଆନ କଳାହାଣ୍ଡି ଜିଲା ଧର୍ମଗଡ଼ ଉପ-ଜିଲାପାଳ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୫ରେ ଦେଶର ସର୍ବକନିଷ୍ଠ ଅଫିସର ଭାବେ ରାଜ୍ୟର ସର୍ବବୃହତ୍ ଜିଲା ମୟୂରଭଞ୍ଜର ଜିଲାପାଳ ହୋଇଥିଲେ। ୨ ବର୍ଷର କାର୍ଯ୍ୟକାଳରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ସେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ସମୟରେ ଭିନ୍ନକ୍ଷମଙ୍କ ପୁନର୍ବାସ ଯୋଜନାରେ ରାଷ୍ଟ୍ରପତିଙ୍କଠାରୁ ସେ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ଭିନ୍ନକ୍ଷମ ସଶକ୍ତୀକରଣ କ୍ଷେତ୍ରରେ ସେ ଆରମ୍ଭ କରିଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସାରା ଦେଶ ପାଇଁ ମଡେଲ ହୋଇଛି। ୨୦୦୭ରେ ସେ ଗଞ୍ଜାମ ଜିଲାପାଳ ଭାବେ ଯୋଗଦେଇଥିଲେ। ୨୦୧୧ରେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇଥିଲେ।

## ଚତୁର୍ଥ ଶ୍ରେଣୀ ଛାତ୍ରକୁ...

ଦୃଶ୍ୟ ଥିବା ଭିଡିଓ ଗେମ୍ ଦ୍ୱାରା ପ୍ରଭାବିତ ହୋଇଥିଲେ କି ନାହିଁ ତାହାର ମଧ୍ୟ ତଦନ୍ତ କରାଯିବ। ଆକ୍ରମଣ ସମୟର ସିସିଟିଭି ଫୁଟେଜ୍ ଦେବାକୁ ସ୍କୁଲ୍ ପରିଚାଳନା କର୍ତ୍ତୃପକ୍ଷ ମନା କରିଦେଇଥିବା ଆହତ ଛାତ୍ରଙ୍କ ବାପା କହିଛନ୍ତି। ଆକ୍ରମଣକୁ ନେଇ ଏରୋଡ୍ରମ୍ ଥାନାରେ ଏତଲା ଦାଏର ହୋଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ‘ଭାରତ ଏବେ ସମୁଦ୍ରଯାନ ମିଶନ ଆରମ୍ଭ କରିଛି’

## ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଲେ ରାଷ୍ଟ୍ରପତି

ପାରାଦୀପ,୨୭।୧୧
(ଶରତ ରାଉତ)

ଭାରତ ଏବେ ବିକାଶ ପଥରେ ଆଗେଇ ଚାଲିଛି। ମହାକାଶକୁ ଯାଇପାରିଛି। ସେହିପରି ସମୁଦ୍ର ଭିତରେ ଥିବା ଜୀବଜଗତ ଓ ଗଭୀରତାକୁ ଆବିଷ୍କାର କରିବା ପାଇଁ ସମୁଦ୍ରଯାନ ମିଶନ ଆରମ୍ଭ କରିଛି। ୬ ହଜାର ମିଟର ସମୁଦ୍ର ଗର୍ଭରେ ଏହି ମିଶନ ଆରମ୍ଭ ହୋଇଛି ବୋଲି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ପାରାଦୀପ ବନ୍ଦର ୱେଟବେସିନଠାରେ ଆୟୋଜିତ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ରପତି ମୁର୍ମୁ ଏହା କହିଥିଲେ। ସେ ଜୟ ଜଗନ୍ନାଥ କହି ବକ୍ତବ୍ୟ ଆରମ୍ଭ କରିବା ସହ କାର୍ତ୍ତିକ ପୂର୍ଣ୍ଣିମା ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସେ ସାଧବାଣୀ ସାଧବପୁଅ କିପରି ବୋଇତ ଯୋଗେ ସୁଦୂର ବାଲି, ସୁମାତ୍ରା ଯାତ୍ରା କରି ବେପାର କରୁଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନଦୀ ପୋଖରୀ ସମୁଦ୍ରରେ ପ୍ରତୀକାତ୍ମକ ଡଙ୍ଗା ଭସାଇଥାନ୍ତି। ମୁଁ ମଧ୍ୟ ଅନେକ ଥର ଏପରି ଡଙ୍ଗା ଭସାଇଛି। ଓଡ଼ିଶାରେ ବାର ମାସରେ ତେରପର୍ବ ପାଳନ ହୁଏ। ସେଥିରେ କିଛି ଧାର୍ମିକ ଓ କିଛି କୃଷିଭିତ୍ତିକ ପର୍ବ ରହିଛି। କିନ୍ତୁ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଭିତ୍ତିକ ପର୍ବ ବାଲିଯାତ୍ରା ସମ୍ପୂର୍ଣ୍ଣ ନିଆରା ବୋଲି କହିଥିଲେ। ଓଡ଼ିଆ କବି ଉପେନ୍ଦ୍ର ଭଞ୍ଜଙ୍କଠାରୁ କାହ୍ନୁ ମହାନ୍ତିଙ୍କ ପର୍ଯ୍ୟନ୍ତ ବିଭିନ୍ନ ସାହିତ୍ୟ ଉପରେ କହିଥିଲେ। ପାରାଦୀପ ବନ୍ଦର ଏପରି ମହାନ୍ ନୌବାଣିଜ୍ୟ ପରମ୍ପରାକୁ ସମ୍ମାନ ଜଣାଇ ଯେପରି ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଛନ୍ତି ତାହା ପ୍ରଶଂସନୀୟ। ଦେଶ ସ୍ୱାଧୀନତା ପରେ ଆରମ୍ଭ ହୋଇଥିବା ଏହି ବନ୍ଦର ସଫଳତା ହାସଲ କରିଛି। କାର୍ଗୋ କାରବାର ଦ୍ୱିଗୁଣିତ ହୋଇଛି। ପାରାଦୀପ ବନ୍ଦରକୁ ଚଳିତବର୍ଷ ସାଗରଶ୍ରେଷ୍ଠ ସମ୍ମାନ, ବେଷ୍ଟ ପୋର୍ଟ ଏକ୍ସଲେନ୍ସି ଆୱାର୍ଡ ମିଳିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ। ଏଥିସହ ଅଧିକ ପଣ୍ୟ କାରବାର ପାଇଁ ମଲ୍ଟି ମୋଡାଲ କରିଡର, ଭେସେଲ ଟ୍ରାଫିକ ମ୍ୟାନେଜମେଣ୍ଟ ଏବଂ ଭିତ୍ତିଭୂମିର ଶିଳାନ୍ୟାସ କରିଥିଲେ। ଜଳ ପରିଚାଳନା ପାଇଁ ହୋଇଥିବା ଏସ୍‌ଟିପି (ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ଉଦ୍‌ଘାଟନ କରିଥିଲେ। ବିଶ୍ୱର ୯୫ ପ୍ରତିଶତ ଅର୍ଥନୀତି ଓ ୬୫ ପ୍ରତିଶତ ପଣ୍ୟ ଏବେ ଜଳପଥରେ କାରବାର ହେଉଛି। ଭାରତର ବନ୍ଦରଗୁଡିକ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଯଥା ସାଗରମାଳା ଉନ୍ନତୀକରଣ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ପୋର୍ଟ ସେକ୍ଟର ପାଇଁ ସୁଦୂର ପ୍ରସାରି ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ମନ୍ତ୍ରୀ ଶ୍ରୀପଦ ୟେଶୋ ନାୟକ, ବିଶ୍ୱେଶ୍ୱର ଟୁଡୁ, ଶାନ୍ତନୁ ଠାକୁର, ରାଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ, ଅତନୁ ସବ୍ୟସାଚୀ ନାୟକ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସ୍ୱାଗତ ଭାଷଣ ଦେଇଥିଲେ।

ରାଷ୍ଟ୍ରପତି ସ୍ୱତନ୍ତ୍ର ବାୟୁସେନା ହେଲିକପ୍ଟର ଯୋଗେ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ସକାଳ ୧୦ଟାରେ ପହଞ୍ଚି ଥିଲେ। ସେଠାରୁ ଗାଡି ଯୋଗେ ବନ୍ଦର ନିଷିଦ୍ଧାଞ୍ଚଳ ଭିତରକୁ ଯାଇଥିଲେ। ରାଷ୍ଟ୍ରପତିଙ୍କ କାରକେଡ୍ ରାସ୍ତାର ଦୁଇ ପାର୍ଶ୍ୱରେ ସ୍କୁଲ ଛାତ୍ରୀଛାତ୍ର ଓ ସାଧାରଣ ଜନତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଯିବାବେଳେ ଗାଡିରୁ ଓହ୍ଲାଇ ରାସ୍ତାରେ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଚାଲି ଚାଲି ପିଲାଙ୍କ ସହ ମିଶିଥିଲେ। ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପରେ ନେହେରୁ ବଙ୍ଗଳା ଜବାହର ଅତିଥି ଭବନରେ ମଧ୍ୟାହ୍ନ ଭୋଜନ କରିଥିଲେ। ସେଠାରେ କେତେକ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ୪ଟା ବେଳେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ବିମାନବନ୍ଦର ଓ ସନ୍ଧ୍ୟାରେ ଦିଲ୍ଲୀ ଫେରିଯାଇଛନ୍ତି।


ବନ୍ଦର ଦିବସ, ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଓ ରାଜ୍ୟପାଳ ରଘୁବର ଦାସ।

# ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି


ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଦେଉଛନ୍ତି।

ଭୁବନେଶ୍ୱର, ୨୭।୧୧
(ଅସମାପିକା ସାହୁ)

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦିଲ୍ଲୀ ଫେରିଯାଇଛନ୍ତି। ପାରାଦୀପରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ସ୍ଥାନୀୟ ନେହରୁ ଗୋପବନ୍ଧୁ ଷ୍ଟାଡିୟମରୁ ଅପରାହ୍ନ ୩ଟା ୪୫ରେ ଭୁବନେଶ୍ୱର ଆସି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବିଦାୟ ଜଣାଇଥିଲେ। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚି ରାତିରେ ରାଜଭବନରେ ବିଶ୍ରାମ ନେଇଥିଲେ। ସୋମବାର ସକାଳ ୮ଟା ୩୦ରୁ ରାଜଭବନରୁ ବାହାରି ୮ଟା ୪୦ରେ ସ୍ୱତନ୍ତ୍ର ବିମାନରେ ପାରାଦୀପ ଯାଇଥିଲେ।

# ୨.୭୦ ଲକ୍ଷ ଟଙ୍କା ସହ ଥାନାଧିକାରୀଙ୍କୁ ଧରିଲା ଭିଜିଲାନ୍ସ

## ଅଫିସ ଚାମ୍ବର, ସରକାରୀ କ୍ୱାର୍ଟର୍ସରୁ ମିଳିଲା ଆଉ ୪.୮୦ ଲକ୍ଷ

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/
ବୈପାରିଗୁଡ଼ା, ୨୭।୧୧ (କଳ୍ପତରୁ ମହାନ୍ତି)

- ବୈପାରୀଗୁଡ଼ାରୁ ବସ୍ ଯୋଗେ କଟକ ଆସୁଥିଲେ
- ଆଜି ଗିରଫ ହୋଇପାରନ୍ତି

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ଶତପଥୀ ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୈପାରୀଗୁଡ଼ାରୁ ଏକ ବସ୍ ଯୋଗେ ସେ କଟକ ଆସୁଥିବାବେଳେ ୨ ଲକ୍ଷ ୭୦ ହଜାର ଟଙ୍କା ସହ ଜୟପୁର ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରେ ଥିବା ଏହି ଟଙ୍କା ସଂକ୍ରାନ୍ତରେ ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଟିମ୍ ତାହାକୁ ଜବତ କରିଛି। ପରେ ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ୍ ଓ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରିଥିଲା। ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଏବଂ ବୈପାରୀଗୁଡ଼ାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ମଧ୍ୟ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଜବତ ହୋଇଥିବା ମୋଟ ୭ ଲକ୍ଷ ୫୦ ହଜାର ଟଙ୍କାକୁ ନେଇ ଖୋଳତାଡ଼ ଚାଲିଛି। ଏଥିସହ ସୁଶାନ୍ତଙ୍କୁ ଅଟକ ରଖାଯାଇ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ସୁଶାନ୍ତ କିଛିଦିନ ହେଲା ବିଭିନ୍ନ ଲୋକଙ୍କଠାରୁ ଏସବୁ ଟଙ୍କା ଗ୍ରହଣ କରିଥିଲେ। ଏନେଇ ଭିଜିଲାନ୍ସ ଟିମ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ତାଙ୍କୁ ଟଙ୍କା ସହ କାବୁ କରିବାକୁ ଯୋଜନା କରିଥିଲା। ତେବେ ସୁଶାନ୍ତ ବଡ଼ ପରିମାଣର ଟଙ୍କା ନେଇ କେନ୍ଦ୍ରାପଡ଼ା ଜିଲାସ୍ଥିତ ନିଜ ଘରକୁ ବସ୍‌ରେ ଯାଉଥିବା ଜୟପୁର ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲା। ଏହାପରେ ଭିଜିଲାନ୍ସର ଅଧିକାରୀମାନେ ଜୟପୁର ଟାଙ୍ଗୁଆ ନିକଟରେ କଟକ ଯାଉଥିବା ଉକ୍ତ ବସ୍‌ରେ ଚଢ଼ାଉ କରି ସୁଶାନ୍ତଙ୍କୁ ଟଙ୍କା ସହ କାବୁ କରିଥିଲେ। ତେବେ ଏସବୁ ଟଙ୍କା କେଉଁ ଜରିଆରେ ତାଙ୍କ ପାଖକୁ ଆସିଲା ତାହା ସନ୍ଦେହଘେରରେ ରହିଛି। ଏପରିକି ସୁଶାନ୍ତ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦିଗରେ ମଧ୍ୟ ଭିଜିଲାନ୍ସ ଖୋଳତାଡ଼ କରୁଛି। ମଙ୍ଗଳବାର ଏନେଇ ମାମଲା ରୁଜୁ କରାଯାଇ ସୁଶାନ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।


ସୁଶାନ୍ତ ଶତପଥୀ

# ଭିଜିଲାନ୍ସ ଜାଲରେ ଚକ୍ଷୁ ବିଶେଷଜ୍ଞ

**ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଲାଞ୍ଚ**

ସୋନପୁର,୨୭।୧୧(ମୃତ୍ୟୁଞ୍ଜୟ ଶତପଥୀ)

ବୃଦ୍ଧଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଲାଞ୍ଚ ନେବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ସଞ୍ଜିବ୍ କୁମାର କରଙ୍କୁ ସୋମବାର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏଥିସହ ବଲାଙ୍ଗୀର ସହର ସୁଦପଡାସ୍ଥିତ ପୈତୃକ ଘର, ସୁବର୍ଣ୍ଣପୁର ସହର ରାମଜୀନଗରରେ ଥିବା ସରକାରୀ ବାସଭବନ, କଳାପଥରସ୍ଥ କ୍ଲିନିକ୍ ଓ ଚକ୍ଷୁ ବିଭାଗ କାର୍ଯ୍ୟାଳୟରେ ଏକକାଳୀନ ଚଢାଉ କରାଯାଇଛି। ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗର ୪ଟି ଟିମ୍ ଏହି ଚଢାଉରେ ସାମିଲ ହୋଇଥିଲେ। ଏହାସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ ୩୦/୨୩) ରୁଜୁ କରି ଅଭିଯୁକ୍ତ ଡା. କରଙ୍କୁ ବଲାଙ୍ଗୀରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରା ଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।












ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। ... ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ



# ଯନ୍ତ୍ରଣାଦାୟକ ବଟିକା

ଥଣ୍ଡା, କାଶ, ଜ୍ୱର, ମୁଣ୍ଡବିନ୍ଧା ଆଦି ଲକ୍ଷଣ ପ୍ରକାଶ ପାଇଲେ ନିକଟରେ ଥିବା ଔଷଧ ଦୋକାନରୁ ଅଧିକାଂଶ ଭାରତୀୟ ଆଣ୍ଟିବାୟୋଟିକ୍ସ ଆଣି ଚଟାପଟ୍ ସେବନ କରିଦିଅନ୍ତି। ବହୁ ଜାଗାରେ ପାନଦୋକାନରେ ମଧ ଏଗୁଡ଼ିକ ଉପଲବ୍ଧ ହେଉଥିବାରୁ ରୋଗୀ ତତ୍କ୍ଷଣାତ୍ ଉପଶମ ପାଇବା ପାଇଁ ବିନା ଡାକ୍ତରୀ ପରାମର୍ଶରେ ଏସବୁ କିଣିଥାଆନ୍ତି। ଏହାର ନକାରାତ୍ମକ ପ୍ରଭାବ ବିଷୟରେ ବହୁ ଲୋକ ଜାଣିପାରୁ ନ ଥିବାରୁ ଅନେକ ସମୟରେ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଇନ୍‌ଫେକ୍‌ସନ୍ସର ଶିକାର ହେଉଛନ୍ତି। ଅର୍ଥାତ୍ ମଣିଷ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ଏସବୁ ଔଷଧ ବଢ଼ାଇବା ପରିବର୍ତ୍ତେ ଦୁର୍ବଳ କରିଦେଉଛି। ସ୍ଥଳବିଶେଷରେ ଲୋକଙ୍କ ଜୀବନ ଯାଉଛି। ନିକଟରେ ବ୍ରିଟେନ୍‌ର ସ୍ୱାସ୍ଥ୍ୟ ନିରାପତ୍ତା ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଏଥିରେ କୁହାଯାଇଛି ଯେ, ୨୦୨୨ରେ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଇନ୍‌ଫେକ୍‌ସନ୍ସରେ ୫୮,୨୨୪ ଲୋକଙ୍କ ପ୍ରାଣ ଯାଇଥିଲା, ଯାହାକି ୨୦୨୧ ତୁଳନାରେ ୪ ପ୍ରତିଶତ ଅଧିକ। ଭାରତରେ ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି ଯେ, ପ୍ରତିବର୍ଷ ଦେଶରେ ଏହି କାରଣରୁ ୬୦ ହଜାରରୁ ଅଧିକ ନବଜାତ ଶିଶୁ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହି ତଥ୍ୟକୁ ଦେଖିଲେ ଦେଶର ଅନ୍ୟାନ୍ୟ ବର୍ଗଙ୍କ ସ୍ଥିତି କେତେ ଗମ୍ଭୀର ହୋଇଥିବ, ତାହା ଅନୁମେୟ। ୨୭ ନଭେମ୍ବର ୨୦୨୩ରେ ରାଜସ୍ଥାନର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଚିନ୍ତା ପ୍ରକଟ କରି ସ୍କୁଲସ୍ତରରୁ ସଚେତନତା ସୃଷ୍ଟି କରିବା ଲାଗି ଲକ୍ଷ୍ୟ ରଖିଛି। ବେଆଇନ ଭାବେ ବ୍ୟବହୃତ ଆଣ୍ଟିବାୟୋଟିକ୍ସକୁ ପ୍ରତିହତ ସକାଶେ ଭିଡିଓ, ଚିତ୍ରାଙ୍କନ ପ୍ରତିଯୋଗିତା, ପୋଷ୍ଟର ପ୍ରସ୍ତୁତ ସହ ଏ ସମ୍ବନ୍ଧରେ ବକ୍ତୃତାମାଳା ଆୟୋଜନ କରିବା ଲାଗି ଯୋଜନା କରିଥିବା ସରକାରୀ ଭାବେ କୁହାଯାଇଛି। ଏହା ନିଶ୍ଚିତ ଭାବେ ଅନ୍ୟ ପ୍ରାନ୍ତରର ସରକାରଙ୍କୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଲାଗି ବାଧ କରିବା କଥା।

**ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଇନ୍‌ଫେକ୍‌ସନ୍ସକୁ ଏବେ ନୀରବ ମହାମାରୀ (ସାଇଲେଣ୍ଟ ପାଣ୍ଡେମିକ୍) ଆଖ୍ୟା ଦିଆଗଲାଣି। କେବଳ ଏତିକି ନୁହେଁ, ଆଣ୍ଟିବାୟୋଟିକ୍ ବଟିକାକୁ ସେବନ କରାଯିବା ପରେ ମିଳୁଥିବା ଯନ୍ତ୍ରଣାକୁ ଦେଖି ବିଶେଷଜ୍ଞମାନେ ତାହାକୁ 'ପିଲ୍ ପେନ୍' କହିଲେଣି। ରୋଗ ଉପଶମ କରିବ କ'ଣ ସେଗୁଡ଼ିକ ଯନ୍ତ୍ରଣାଦାୟକ ହୋଇଯାଉଛି।**

ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଇନ୍‌ଫେକ୍‌ସନ୍ସକୁ ଏବେ ନୀରବ ମହାମାରୀ (ସାଇଲେଣ୍ଟ ପାଣ୍ଡେମିକ୍) ଆଖ୍ୟା ଦିଆଗଲାଣି। କେବଳ ଏତିକି ନୁହେଁ, ଆଣ୍ଟିବାୟୋଟିକ୍ ବଟିକାକୁ ସେବନ କରାଯିବା ପରେ ମିଳୁଥିବା ଯନ୍ତ୍ରଣାକୁ ଦେଖି ବିଶେଷଜ୍ଞମାନେ ତାହାକୁ 'ପିଲ୍ ପେନ୍' କହିଲେଣି। ରୋଗ ଉପଶମ କରିବ କ'ଣ ସେଗୁଡ଼ିକ ଯନ୍ତ୍ରଣାଦାୟକ ହୋଇଯାଉଛି। ଦେଖାଯାଉଛି, ଯକ୍ଷ୍ମା, ଏଚ୍‌ଆଇଭି ଓ ମ୍ୟାଲେରିଆ ଭଳି ରୋଗରେ ଆଣ୍ଟିବାୟୋଟିକ୍ସର ବହୁଳ ବ୍ୟବହାର ଭାରତ ପାଇଁ ଅଭିଶାପ ପାଲଟିଛି। ଉଦାହରଣ ସ୍ୱରୂପ, କେବଳ ଯକ୍ଷ୍ମା କ୍ଷେତ୍ରରେ ଭାରତ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ସଂକ୍ରମଣରେ ପ୍ରତିବର୍ଷ ୯୯ ହଜାର ରୋଗୀଙ୍କୁ ଯୋଡୁଛି। ପାଶ୍ଚାତ୍ୟ ରାଷ୍ଟ୍ରରେ ନିଷିଦ୍ଧ ହୋଇଥିବା ଅନେକ ଆଣ୍ଟିବାୟୋଟିକ୍ସ ଭାରତରେ ପ୍ରସ୍ତୁତ କରାଯିବା ସହିତ ବହୁଳ ବିକ୍ରି ହେଉଛି। ଭାରତୀୟ ଔଷଧ ବଜାର ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୨୦୨୦ରେ ମାର୍କେଟରେ ଉପଲବ୍ଧ ଆଣ୍ଟିବାୟୋଟିକ୍ସ ମଧ୍ୟରୁ ୭୦.୪ ପ୍ରତିଶତ ବେଆଇନ ବା ନିଷିଦ୍ଧ ବର୍ଗର। ଏହା ପଛରେ ଔଷଧ ନିର୍ମାତାଙ୍କ ଲାଭଖୋର ମନୋଭାବ ଦାୟୀ ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଔଷଧ ପ୍ରମାଣନ ଦେଉଥିବା ସଂସ୍ଥାର କର୍ତ୍ତୃପକ୍ଷ ମଧ ଲୋକଙ୍କ ହିତକୁ ଅଣଦେଖା କରି କମ୍ପାନୀଗୁଡ଼ିକ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି। ଏଭଳି ଜୋର୍ ଦେଇ କହିବାର ତାତ୍ପର୍ଯ୍ୟ ଅତି ସ୍ପଷ୍ଟ। ଯଦି ଔଷଧ ନିୟାମକ ସଂସ୍ଥା କୌଣସି ଆଣ୍ଟିବାୟୋଟିକ୍ସକୁ ନିଷିଦ୍ଧ କରିଛି, ତାହା ପୁନଶ୍ଚ ବଜାରରେ ଉପଲବ୍ଧ ହେବା ଅସଙ୍ଗତିକୁ ସୂଚିତ କରୁଛି। ଡାକ୍ତରମାନେ ମଧ ଆଣ୍ଟିବାୟୋଟିକ୍ସ ଲେଖିଲା ବେଳେ ଏହି ଦିଗ ପ୍ରତି ଯତ୍ନବାନ ହେବା ଜରୁରୀ। ଏଥିସହିତ ବ୍ୟାପକ ସଚେତନତା ସୃଷ୍ଟି କରାଗଲେ ହୁଏତ ଆଣ୍ଟିବାୟୋଟିକ୍ସଜନିତ ସଂକ୍ରମଣକୁ ରୋକାଯାଇପାରନ୍ତା।

# କ୍ଷେତ୍ରବାଦ୍ ସଂକୀର୍ଣ୍ଣତା ବିକାଶର ପରିପନ୍ଥୀ



ଷ୍ଟାଲିନ୍ ମିଶ୍ର

ଓଡ଼ିଶାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଛି, ଯାହା ଉତ୍ଥାପନ କଲେ ନେତାମାନଙ୍କ ପ୍ରତି ଲୋକଙ୍କ ଆସ୍ଥା, ବିଶ୍ୱାସ ଫେରିପାରିବା ସହିତ ରାଜ୍ୟର ମଧ ହିତ ସାଧନ ହୋଇପାରନ୍ତା। କିନ୍ତୁ ଆମେ ସେସବୁ ପ୍ରସଙ୍ଗ ନିଜ ବ୍ୟକ୍ତିଗତ ଲାଭ କିମ୍ବା ନୈତିକତା ଅଭାବରୁ ଉଠାଉନାହୁଁ । ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା ତଥା କାହା ବିରୋଧରେ ବ୍ୟକ୍ତିଗତ ଟିପ୍ପଣୀ ଦେବାକୁ ଆମେ ପରାକ୍ରମର ପରିଚୟ ବୋଲି ବିବେଚନା କରିଚାଲିଛୁ, ଯାହାଦ୍ୱାରା ଆମର କ୍ଷତି ସାଧନ ହେବା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରୁ ଧ୍ୟାନ ହଟିଚାଲିଛି। କିଛି କଳାକାରଙ୍କ ବ୍ୟକ୍ତିଗତ ଝଗଡ଼ାର ଆଢୁଆଳରେ ରାଜ୍ୟ ବିଭାଜନ ପରି ଏକ ଅନାବଶ୍ୟକ ପ୍ରସଙ୍ଗ ବର୍ତ୍ତମାନ ଓଡ଼ିଶାର ରାଜନୈତିକ ବାତାବରଣକୁ ଉଷ୍ମ ତଥା ଓଡ଼ିଶାର ଜନସାଧାରଣଙ୍କ ହୃଦୟରେ ବିଭେଦର ବିଷମଞ୍ଜି ବୁଣିଚାଲିଛି।

ପ୍ରଥମ କଥା ହେଲା, ଏପରି ବିଭ୍ରାନ୍ତିକର କ୍ଷେତ୍ରବାଦ୍‌କୁ ପ୍ରଚଣ୍ଡ ବିରୋଧ କରାଯିବା ଉଚିତ। କ୍ଷେତ୍ରବାଦ୍ ଆଧାରରେ କୌଣସି ସ୍ଥାନ କିମ୍ବା ବ୍ୟକ୍ତିବିଶେଷ ପ୍ରତି ଆକ୍ଷେପ କରିବା କିମ୍ବା ବୈମାତୃକ ମନୋଭାବ ପୋଷଣ କରିବା କେବଳ ଅନ୍ୟାୟ ନୁହେଁ, ଏହା ଅପରାଧ ମଧ। ଓଡ଼ିଶା ପାଇଁ ଏହାର ଉପକୂଳ ଓଡ଼ିଶା ଯେତେ ଗୁରୁତ୍ୱପୂର୍ଣ୍ଣ ପଶ୍ଚିମ ଓଡ଼ିଶା ମଧ ସେତିକି ମହତ୍ତ୍ୱପୂର୍ଣ୍ଣ। ଆମକୁ ଭବାନୀପାଟଣାର ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦ ଯେତିକି ଆବଶ୍ୟକ ଯାଜପୁରର ମା' ବିରଜାଙ୍କ ଆଶୀର୍ବାଦ ସେତିକି ମହତ୍ତ୍ୱପୂର୍ଣ୍ଣ। କୋରାପୁଟର ଗୁପ୍ତେଶ୍ୱର ମହାଦେବ ଓ ଢେଙ୍କାନାଳର ପ୍ରଭୁ ଚନ୍ଦ୍ରଶେଖର ଉଭୟ ଆରାଧ୍ୟ। ଜଗନ୍ନାଥ ଦେଶ ଭାବେ ପରିଚିତ ଓଡ଼ିଶାର ଜନସାଧାରଣଙ୍କୁ ଭାଗ ଭାଗ କରି କିଛି ଲୋକଙ୍କୁ ତାଙ୍କ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କଠାରୁ ଦୂରେଇ ରଖିବା କିମ୍ବା ମହୋଦଧି, କୋଣାର୍କ, ଲିଙ୍ଗରାଜ, ଖଣ୍ଡଗିରି, ଉଦୟଗିରି ପରି କୀର୍ତ୍ତିରାଜିଠାରୁ ବଞ୍ଚିତ କରିବା ଓଡ଼ିଆଙ୍କ ଅଧିକାରକୁ କ୍ଷୁଣ୍ଣ କରିବା ପାଇଁ ହୀନ ପ୍ରୟାସ ମାତ୍ର। ଦେଶ ବିଭାଜନ ପରେ ଯେପରି ଆମେ ଭାରତୀୟ ହିନ୍ଦୁ କୁଶ ପର୍ବତ, ସିନ୍ଧୁନଦୀ, ମା' ଢାକେଶ୍ୱରୀ ମନ୍ଦିର ଉପରୁ ନିଜ ଅଧିକାର ହରାଇଲୁ, ଓଡ଼ିଶା ବିଭାଜନ ପରେ ଏପରି ଅନେକ ମହତ୍ତ୍ୱପୂର୍ଣ୍ଣ ଜିନିଷ ଉଭୟ ପକ୍ଷ ପାଇଁ ପର ହୋଇଯିବନାହିଁ କି? କବିବର ରାଧାନାଥ ଓ ସ୍ୱଭାବକବି ଗଙ୍ଗାଧରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା କ'ଣ ନିହାତି ଆବଶ୍ୟକ? ଓଡ଼ିଶା ରାଜ୍ୟ, ଓଡ଼ିଆ ଭାଷା ତଥା ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ଅବଦାନ ଅନେକ। ଆମକୁ ଆମ ଇତିହାସ ଆଉଥରେ ପଢ଼ିବା ଉଚିତ୍। ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ପୂର୍ବପୁରୁଷମାନଙ୍କ ସମସ୍ତ ତ୍ୟାଗ, ବଳିଦାନ ରାଜ୍ୟ ବିଭାଜନ ହେଲେ ବ୍ୟର୍ଥ ଯିବନାହିଁ କି?




କଳା, ସଂସ୍କୃତି ତଥା କଳାକାର ହୃଦୟ ଯୋଡ଼ିବା ପାଇଁ କାର୍ଯ୍ୟ କରିଥା'ନ୍ତି। କିନ୍ତୁ ଯିଏ ରାଜ୍ୟ କିମ୍ବା ଦେଶ ବିଭାଜନ ଲାଗି ଷଡ଼ଯନ୍ତ୍ର କରନ୍ତି, ଜନତାଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ପ୍ରେରଣା ଦିଅନ୍ତି ସେମାନେ କଦାପି କଳାକାର ନୁହନ୍ତି । ଯାଜପୁର ଖଣିଖାଦାନରେ ଭରପୂର। ଏସିଆର ବୃହତ୍ତମ ଇସ୍ପାତ୍ ନଗରୀ, କୋଟି କୋଟି ରାଜସ୍ୱ ଦେଉଥିବା ଜିଲା। ତଥାପି ଏହି ଜିଲାରେ ଗୋଟେ ବି ସରକାରୀ ବା ବେସରକାରୀ ଇଞ୍ଜିନିୟରିଂ କଲେଜ ନାହିଁ କି ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ନାହିଁ। ନଗଡ଼ା ପରି ସ୍ଥାନ ଯାଜପୁରରେ ଅବସ୍ଥିତ। ଅଧିକାଂଶ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ। ଜିଲା ମୁଖ୍ୟାଳୟକୁ ରେଳ ସଂଯୋଗ ହୋଇନାହିଁ, ଏତେ ଶିକ୍ଷାନୁଷ୍ଠାନ ଥିଲେ ମଧ ବିମାନବନ୍ଦର ନାହିଁ। ସ୍ୱାସ୍ଥ୍ୟ, ଶିକ୍ଷା ସେବା ପାଇଁ ଆମେ କଟକ, ଭୁବନେଶ୍ୱର ଉପରେ ନିର୍ଭରଶୀଳ। ବାହାର ଚାକଚକ୍ୟ, କିନ୍ତୁ ଭିତର ଫମ୍ପା ସଦୃଶ।

କୌଣସି ସ୍ଥାନ କେତେ ସମୃଦ୍ଧ ତାହା ତାହାର ଭୌଗୋଳିକ ଅବସ୍ଥିତି, ଉପଲବ୍ଧ ପ୍ରାକୃତିକ ସମ୍ପଦ, ଜଳବାୟୁ ତଥା ପରିବେଶ ଉପରେ ନିର୍ଭରକରେ। ଠିକ୍ ସେପରି ଉକ୍ତ ସ୍ଥାନର ବିକାଶ ସେଇ ଅଞ୍ଚଳର ଉନ୍ନତ ମସ୍ତିଷ୍କ, ଲୋକପ୍ରତିନିଧିଙ୍କ ଯୋଗ୍ୟତା, ଇଚ୍ଛାଶକ୍ତି ତଥା ପ୍ରଗତିଶୀଳ ଦୃଷ୍ଟିକୋଣ ଉପରେ ନିର୍ଭର କରେ। ଯଦି ବିକାଶ ହୋଇନି ତା'ହେଲେ ସେ ଅଞ୍ଚଳର ଲୋକପ୍ରତିନିଧିଙ୍କ ଉଦାସୀନତା ଦାୟୀ ଏବଂ ଯଦି ବିକାଶ ହୋଇଛି ତା'ହେଲେ ସେ ଅଞ୍ଚଳର ଲୋକପ୍ରତିନିଧିଙ୍କ ପାଇଁ ସମ୍ଭବ ହୋଇଥାଏ। କିନ୍ତୁ ବିକାଶ ପାଇଁ ବିଭାଜନ ଜରୁରୀ ଦାବି କରିବା ମୂର୍ଖତା। ଯେଉଁ ନେତାମାନେ ଏପରି ବିଭାଜନ ପାଇଁ ଉସ୍‌କାଉଛନ୍ତି ସେମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ପିଢ଼ି ପରେ ପିଢ଼ି ଦୀର୍ଘଦିନ ରହି କ୍ଷମତା ତଥା ସରକାରୀ ସୁବିଧା ସୁଯୋଗ ଉପଭୋଗ କରି ମଧ ସେ ସ୍ଥାନର ବିକାଶ କରିବାକୁ କେବେ ଚେଷ୍ଟା କରିନାହାନ୍ତି କିମ୍ବା ତାଙ୍କ ପାଖରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି। ସେମାନଙ୍କୁ ବିଶ୍ୱାସ କରିବା କିମ୍ବା ତାଙ୍କ କଥାରେ ଅରାଜକତା ସୃଷ୍ଟି କରିବା ନିର୍ବୋଧତା। ଅବହେଳା ପାଇଁ ସେମାନଙ୍କୁ ପ୍ରଥମେ ଉତ୍ତରଦାୟୀ କରନ୍ତୁ କିମ୍ବା କ'ଣ କରିଛନ୍ତି ବୋଲି ପ୍ରଶ୍ନ କରନ୍ତୁ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରାଜନୈତିକ ବହିଷ୍କାର କରି ନୂତନ ଶିକ୍ଷିତ ଯୁବପିଢ଼ିଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରିବାକୁ ପଦକ୍ଷେପ ନିଅନ୍ତୁ। ଯେଉଁ ନେତାମାନେ ଦୀର୍ଘବର୍ଷ କ୍ଷମତାରେ ରହି ମଧ ନିଜ ଅଞ୍ଚଳର ବିକାଶ ପ୍ରତି ଅବହେଳା କରି ଆସିଛନ୍ତି, ନୂତନ ରାଜ୍ୟ ସୃଷ୍ଟିହେଲେ ମଧ ସେମାନଙ୍କ ଚରିତ୍ରରେ କୌଣସି ପରିବର୍ତ୍ତନ ହେବନାହିଁ। ବରଂ ନୂତନ ରାଜ୍ୟର ନୂତନ ରାଜଧାନୀ, ନୂତନ ସରକାରଙ୍କ ଦପ୍ତର, ନୂତନ ରାଜଭବନ, ନୂତନ ସଚିବାଳୟ ତଥା ଅନ୍ୟାନ୍ୟ ଆବଶ୍ୟକ ସରକାରୀ ଭିତ୍ତିଭୂମି ନିର୍ମାଣ ପାଇଁ ଯେଉଁ ଅନାବଶ୍ୟକ ବ୍ୟୟବରାଦ ହେବ, ତାହାର ବୋଝ ଏହି ନିରୀହ ଜନତା ଉଠାଇବାକୁ ବାଧ୍ୟହେବେ।

ପାକିସ୍ତାନ ସୃଷ୍ଟି ପାଇଁ ପଞ୍ଜାବ, ବେଲୁଚ୍ କିମ୍ବା ସିନ୍ଧର ମୁସ୍‌ଲିମ୍ କେବେ ଦାବି କରି ନ ଥିଲେ। ଦାବି ଓ ସହଯୋଗ କରିଥିଲେ ଉତ୍ତର ଭାରତର ଧନୀକ ଶ୍ରେଣୀର ମୁସ୍‌ଲିମ୍ ତଥା ନବାବ ଜାଗିର୍‌ଦାରମାନେ। କିନ୍ତୁ ଦେଶ ବିଭାଜନ ପରେ ଦାବି କରିଥିବା ଅଧିକାଂଶ ଲୋକ ଭାରତରେ ରହିଲେ। ବିଭାଜନ ବିଭୀଷିକା ପଞ୍ଜାବ, ସିନ୍ଧ, ବଙ୍ଗଳାର ନିରୀହ ଜନତା ଭୋଗକଲେ ତଥା ଆଜି ଏକ ଗରିବ ଅନୁନ୍ନତ ଦେଶର ଦୟନୀୟ ନାଗରିକ ହୋଇ ରହିବାକୁ ବାଧ୍ୟହେଲେ। ବିଭାଜନ ବିଭୀଷିକା ଆଣେ ବିକାଶ ନୁହେଁ। ଆଜି ବି ଯେଉଁମାନେ ଓଡ଼ିଶା ବିଭାଜନ ପାଇଁ ବିଷମଞ୍ଜି ବୁଣିଚାଲିଛନ୍ତି ସେମାନଙ୍କ ପୂର୍ବପୁରୁଷ ଏହି ଉପକୂଳ ଅଞ୍ଚଳରୁ ଯାଇ ପଶ୍ଚିମ ଓଡ଼ିଶାର ନିରୀହ ଜନତାଙ୍କୁ ଶୋଷଣକରି ଧନୀ ହୋଇଛନ୍ତି। ତାଙ୍କ କଥାରେ ଯେଉଁମାନେ ଉନ୍ମାଦ ସୃଷ୍ଟି କରୁଛନ୍ତି ସେମାନେ ଥରେ ସେହି ନେତାମାନଙ୍କ ଇତିହାସ, ଭୂଗୋଳ ପରଖି ଦେଖନ୍ତୁ। ସେମାନେ ଯଦି ନିଜ ପଦବୀ, କ୍ଷମତା ଓ ବୁଦ୍ଧିକୁ କେବଳ ନିଜ ସିନ୍ଦୁକ ଭରିବା ତଥା ଅଂଶବାଦ୍ ରାଜନୀତିକୁ ସୁଦୃଢ଼ କରିବା ପାଇଁ ପ୍ରୟୋଗ କରି ନ ଥାନ୍ତେ ତା'ହେଲେ ଆଜି ସେହି ସ୍ଥାନ ନିଶ୍ଚୟ ବିକାଶର ସ୍ୱାଦ ଚାଖିପାରିଥା'ନ୍ତା। ରାଜ୍ୟର ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ପୁନଃ ମିଶ୍ରଣ ପାଇଁ ଆନ୍ଦୋଳନ ନ କରି ଖାଲି ଯାହା ବଞ୍ଚିଛି ତାକୁ ଖଣ୍ଡ ଖଣ୍ଡ କରିବା ପାଇଁ ଷଡ଼ଯନ୍ତ୍ର କରିବାରେ ଆମ ନେତାଗିରି ସୀମିତ ରଖିବା ଦୁର୍ଭାଗ୍ୟପୂର୍ଣ୍ଣ। ବିଭାଜନ ଯଦି ବିକାଶ ଆଣେ ତେବେ ପାକିସ୍ତାନ, ବାଂଲାଦେଶ ବିକଶିତ ରାଷ୍ଟ୍ର ହୋଇ ପାରିଥା'ନ୍ତେ। କ୍ଷେତ୍ରବାଦ୍ ସଂକୀର୍ଣ୍ଣତା ବିକାଶର ପରିପନ୍ଥୀ। ରାଜନୈତିକ ଷଡ଼ଯନ୍ତ୍ରର ଶିକାର ନ ହୋଇ ଏବଂ ହୀନମନ୍ୟତା ପରିତ୍ୟାଗ କରି ଆସନ୍ତୁ ସମସ୍ତେ ଏକ୍ ହୋଇ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ପ୍ରତିଜ୍ଞାବଦ୍ଧ ହେବା।

**ମୋ: ୯୩୪୩୯୩୫୩୪୧**

# ଆରୋ ପ୍ୟୁରିଫାଇର ନା ସାଧାରଣ ଫିଲ୍ଟର



ଡ. ନରେନ୍ଦ୍ର କୁମାର ସେଠୀ

ଯଦିଓ ପୃଥିବୀରେ ଜଳ ଯଥେଷ୍ଟ ମାତ୍ରାରେ ଅଛି, ସେଥିରୁ ମାତ୍ର ୩% ମଧୁର ଜଳ ଓ ତାହା ମଧ୍ୟରୁ ଦୁଇ ତୃତୀୟାଂଶ ଗ୍ଲେସିୟରରେ ବରଫ ଆକାରରେ ଅଛି। ଯାହା ଫଳରେ ବିଶ୍ୱର ଶହେ ଦଶ କୋଟିରୁ ଅଧିକ ଲୋକ ଜଳ ସଙ୍କଟରେ ଅଛନ୍ତି। ଜାତିସଙ୍ଘର ଏକ ଅନୁମାନ ଅନୁସାରେ ଆଗାମୀ ପଚାଶରୁ ଶହେ ବର୍ଷ ଭିତରେ ବିଶ୍ୱରେ ଜଳଯୁଦ୍ଧ ହେବା ନିଶ୍ଚିତ। ପାଣି ବିଶ୍ୱରେ ମିଳୁଥିବା ସବୁଠୁ ମୂଲ୍ୟବାନ ପ୍ରାକୃତିକ ସମ୍ପଦ । ପୃଥିବୀର ସବୁ ଜୀବଜଗତ ପାଇଁ ଜଳର ଆବଶ୍ୟକତା ଅଛି ଓ ସେଥିପାଇଁ କୁହାଯାଏ ଜଳ ହିଁ ଜୀବନ। ତେବେ ଶିଳ୍ପ ବିପ୍ଳବ ଓ ବିକାଶ ସାଙ୍ଗକୁ ଆମେ ପ୍ରକୃତି ପ୍ରଦତ୍ତ ଶୁଦ୍ଧ ଜଳକୁ ଧୀରେ ଧୀରେ ଦୂଷିତ କରି ଚାଲିଛୁ। ଯୋଉ ଜଳ ଦିନେ ନିର୍ମଳ କାଚ କେନ୍ଦୁ ପରି ଥିଲା, ତାହା ଅନେକ ଜାଗାରେ ପିଇବା ଅନୁପଯୋଗୀ ହୋଇପଡ଼ିଛି ଓ ଅନେକ ରୋଗ ଦୂଷିତ ଜଳ ପାନ ଯୋଗୁଁ ହେଉଛି। ତେଣୁ କଥାରେ ଅଛି ପାଣି ପିଇବ ଛାଣି। ଏହାର ଅର୍ଥ କଦାପି ନୁହେଁ ଯେ ପାଣିକୁ ଲବଣ ଓ ଜୀବନଶୂନ୍ୟ କରି ପିଇବା। ପ୍ରାଚୀନ ଭାରତୀୟ ବୈଦିକ ଶାସ୍ତ୍ରରେ ମଧ ଶୁଦ୍ଧଜଳର ବର୍ଣ୍ଣନା ଅଛି। ପିଇବା ପାଣି କେମିତି ହେବା ଦରକାର; ତାହା ଋଗ୍ ବେଦର ଏକ ଶ୍ଳୋକରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଏହି ଶ୍ଳୋକ ଅନୁଯାୟୀ ପିଇବା ପାଣି ଶୀତଳ, ସ୍ୱଚ୍ଛ, ଦରକାରୀ ଖଣିଜଯୁକ୍ତ, ନିର୍ମଳ ଓ ଅମ୍ଳ ସନ୍ତୁଳିତ ହୋଇଥିବା ଦରକାର।

ଦୁଇ ଦଶନ୍ଧି ପୂର୍ବରୁ ମଣିଷ ଯେ ଦିନେ ବୋତଲ ବନ୍ଦ ପାଣି କିଣି ପିଇବ ଏକଥା କଳ୍ପନା ବାହାରେ ଥିଲା। ବଢୁଥିବା ଜଳ ପ୍ରଦୂଷଣ ଓ ଲୋକମାନଙ୍କ ମଧ୍ୟରେ ବଢ଼ିଥିବା ଜାଗରୁକତା ଏଥିପାଇଁ ଦାୟୀ। ଗାଁ ଗହଳିରେ ଆଉ ଲୋକମାନେ ନଳକୂଅ ପାଣିକୁ ସିଧା ନପିଇ ଆରୋ ଫିଲ୍ଟର କରି ପିଇଲେଣି। ଫିଲ୍ଟର ବିକୁଥିବା ବ୍ୟକ୍ତି ଜଣକ ଘରକୁ ଆସି ଜଣେ ସାଧରଣ ଲୋକକୁ ଅତି ସହଜରେ ପ୍ରଭାବିତ କରିନେଉଛି। ହାତରେ କଲମ ପରି ଧରିଥିବା ଏକ ଉପକରଣ ସାହାଯ୍ୟରେ ସେ ଆମ ଘର ପାଣିର ଦ୍ରବିଭୂତ କଠିନ ପଦାର୍ଥ (ଟିଡିଏସ୍)ମାପି ବୁଝାଇ କହେ- ଆମ ପାଣି ଖରାପ। ଯୋଉ କୂଅରୁ ଆମ ବାପ ଅଜା ଅମଳରୁ ଆମେ ପାଣି ପିଉଥିଲେ ଓ ଆମ ଦେହ ଭଲ ଥିଲା ଅଚାନକ ଆମେ ତା' କଥାରେ ବିଶ୍ୱାସ କରି ଫିଲ୍ଟର କିଣି ପାଣି ପିଉ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କହିବା ଅନୁଯାୟୀ ପାଣି ଯଦି ଟିଡିଏସ୍ ମାତ୍ରା ୫୦ ମିଲିଗ୍ରାମ ପ୍ରତି ଲିଟରରୁ କମ୍ ଅଛି, ତା'ହାଲେ ସେ ପାଣି ସ୍ୱାଦହୀନ ଓ ପିଇବା ପାଇଁ ଅଯୋଗ୍ୟ। କାରଣ ସେଥିରେ କୌଣସି ଲବଣ ନଥାଏ। ଏହି ପାଣି ପିଇବା ଦ୍ୱାରା ଶରୀରରୁ ଓଲଟା ଜରୁରୀ ଖଣିଜ କ୍ଷୟ ହୋଇ ବାହାରିଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଅତିକମ୍‌ରେ ପିଇବା ପାଣିରେ ଟିଡିଏସ୍ ର ମାତ୍ରା ୧୦୦ ମିଲିଗ୍ରାମ ପ୍ରତି ଲିଟର ହେବା ଦରକାର। ଏହି ରିପୋର୍ଟ ଅନୁସାରେ ପିଇବା ପାଣିରେ ୨୦୦ରୁ ୩୦୦ ଭିତରେ ହେବା ଜରୁରୀ । ତାହାଲେ ଆମେ ଘରେ ଘରେ ଫିଲ୍ଟର ଲଗେଇ କ'ଣ ଭୁଲ୍ କରୁଛେ? ଏ ପ୍ରଶ୍ନର ଉତ୍ତର ସିଧା ହଁ କି ନାଁରେ ଦେଇ ହେବନି। ଆରୋ ଫିଲ୍ଟର ପାଣିରୁ ଟିଡିଏସ୍‌ର ମାତ୍ରା କମ୍ କରିବା ସଙ୍ଗେ ସଙ୍ଗେ ଅତି ଦରକାରୀ ଖଣିଜ ଯଥା କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଆଇରନ୍ ଇତ୍ୟାଦି ବାହାର କରିଦିଏ। ଆରୋ ପ୍ରକ୍ରିୟା ପାଣିକୁ ସଫା କରିବା ପାଇଁ ଏକ ସର୍ବୋତ୍ତମ ଉପାୟ ଏଥିରେ ଦ୍ୱିମତ ନାହିଁ। କିନ୍ତୁ ପାଣିରୁ ସମ୍ପୂର୍ଣ୍ଣ ଖଣିଜ ବାହାର କରିଦେଇ ଏହାକୁ ପିଇବା ଅନୁପଯୋଗୀ କରିଦେଇଥାଏ। ଏହା ପାଣିକୁ ଏମିତି ଭାବରେ ଖଣିଜମୁକ୍ତ କରିଦିଏ ଯେ, ପାଣିର ସ୍ୱାଦ ପରିବର୍ତ୍ତନ ହେଇଯାଏ ଓ ସେଥିପାଇଁ ସଫା ପାଣିକୁ ପିଇବା ପୂର୍ବରୁ ଲାଇମ୍ ଦେଇ ଆସିବାକୁ ଦିଆଯାଇଥାଏ। ଲାଇମ୍ ଦେଇ ପାଣି ପ୍ରବାହିତ ହେଲେ ସେଥିରେ କ୍ୟାଲ୍‌ସିୟମ ଓ ମ୍ୟାଗ୍ନେସିୟମ ପ୍ରଭୃତି ଲବଣ ପୁଣି ପାଣିରେ କିଛି ମାତ୍ରାରେ ମିଶିଥାଏ। ଆରୋ ଫିଲ୍ଟର ପାଣିର ପିଏଚ୍ କମ୍ ଥିବାରୁ ଏହା ଅମ୍ଳଯୁକ୍ତ ହେଇଥାଏ। ମାତ୍ର ଆମ ଶରୀରର ପିଏଚ ସନ୍ତୁଳିତ ହେଇଥିବାରୁ ଏହା ଶରୀର ଭିତରେ ଅସୁବିଧା ସୃଷ୍ଟି କରିବାର ସମ୍ଭାବନାଥାଏ। କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଇତ୍ୟାଦି ଲବଣ ପାଣିରେ ଦରକାରୀ ମାତ୍ରାରେ ନଥିଲେ ଏହା ହୃଦ୍‌ରୋଗ, ଗର୍ଭ ଧାରଣରେ ଜଟିଳତା ଓ ଛୋଟ ପିଲାମାନଙ୍କର ହାଡ଼ଜନିତ ରୋଗ ହେବାର ସମ୍ଭାବନା ଥାଏ ବୋଲି ଅନେକ ଗବେଷଣାରେ ଜଣାପଡ଼ିଛି।



ଏଠାରେ ସୂଚନାଯୋଗ୍ୟ, ଆରୋ ପାଣିର ହାନିକାରକ ପ୍ରଭାବ ଶୀର୍ଷକ ଏକ ରିପୋର୍ଟ ବୋତଲ ବନ୍ଦ ଶୁଦ୍ଧ ଜଳ ବିକ୍ରି କରୁଥିବା ବିଖ୍ୟାତ ବିସ୍‌ଲେରି କମ୍ପାନୀର ୱେବ୍‌ସାଇଟରେ ଉପଲବ୍ଧ। ଏହି ରିପୋର୍ଟ ଅନୁଯାୟୀ କମ୍ ଖଣିଜ ପଦାର୍ଥ ଓ ସ୍ୱଳ୍ପ ଦ୍ରବିଭୂତ କଠିନ ପଦାର୍ଥ (ଟିଡିଏସ୍) ଯୁକ୍ତ ଜଳ ଆମ ଶରୀରର ଲବଣ ସନ୍ତୁଳନତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହା ଫଳରେ ଶରୀର ଭିତରେ ଖଣିଜ ଲବଣର ସନ୍ତୁଳନ ବିଗିଡ଼ି ଯାଇ ପରିସ୍ରା ବାଟ ଦେଇ ଖଣିଜ କ୍ଷୟ କରେ; ଯାହା ହରମୋନ କ୍ଷରଣ, କିଡ୍‌ନୀ କ୍ଷମତା ଏବଂ ହାଡ଼ର ଖଣିଜ ସାନ୍ଦ୍ରତା ଉପରେ କ୍ଷତିକାରକ ପ୍ରଭାବ ପକାଇଥାଏ। ଯଦି ପାଣିରେ କ୍ଷତିକାରକ ଖଣିଜ ଯେମିତି ଆର୍‌ସେନିକ, କ୍ରୋମିୟମ ଓ ଫ୍ଲୋରାଇଡ୍ ଓ ଅନ୍ୟ ଭାରି ଧାତୁ ଥାଏ, ସେ ସମୟରେ ଆରୋ ଫିଲ୍ଟର ଉପଯୋଗୀ ହେଇଥାଏ। ଯଦି ଏସବୁ ସମସ୍ୟା ନ ଥାଏ, ତାହାଲେ ଆରୋ ବଦଳରେ ସାଧରଣ ଫିଲ୍ଟର ବ୍ୟବହାର କରିବା ଉଚିତ।

ସାଧାରଣତଃ ଟ୍ୟୁବ୍‌ୱେଲ ବା ନଳକୂଅର ପାଣି ଶୁଦ୍ଧ ଓ କୀଟାଣୁମୁକ୍ତ ଭାବେ ବିବେଚନା କରାଯାଇଥାଏ। ଯଦି ଆରୋ ଫିଲ୍ଟର କିଣିବା ନିହାତି ଜରୁରୀ ବୋଲି ଭାବୁଛନ୍ତି, ତାହାଲେ ସେଥିରେ ଲବଣ ମିଶ୍ରଣ କରିବା, ଦ୍ରବିଭୂତ କଠିନ ପଦାର୍ଥ ନିୟନ୍ତ୍ରକ ସୁବିଧା ଥିବା ନିଶ୍ଚିତ ଦେଖିନେବେ। ତେବେ ଆମେ କୋଉ ଫିଲ୍ଟର କିଣିବା ଏହା ପୂର୍ବରୁ ଆମ ଘରେ ଉପଲବ୍ଧ ପାଣି ବିଷୟରେ ଆମର ସମ୍ୟକ୍ ଧାରଣା ରହିବା ଉଚିତ। ଆମେ ଜାଣିରଖିବା ଉଚିତ ଆମ ପାଣିରେ ଦ୍ରବିଭୂତ କଠିନ ପଦାର୍ଥର ମାତ୍ରା (ଟିଡିଏସ୍), ଲବଣତା ଓ କଠୋରତା କେତେ ଅଛି। ଦ୍ରବିଭୂତ କଠିନ ପଦାର୍ଥ ସବୁ ଜଳରେ ଥିବା କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ସୋଡିୟମ ଓ ପୋଟାସିୟମ ଭଳି ଅତି ଆବଶ୍ୟକ ଖଣିଜ ଲବଣ ଏବଂ ସଲ୍‌ଫେଟ, ନାଇଟ୍ରେଟ୍ ଓ କାର୍ବୋନେଟ ଇତ୍ୟାଦି ଯୋଗୁ ହୋଇଥାଏ। ତେଣୁ ଆମେ ଏପରି ଫିଲ୍ଟର କିଣିବା ଅନୁଚିତ, ଯାହା ଦ୍ରବିଭୂତ କଠିନ ପଦାର୍ଥର ମାତ୍ରାକୁ ବେଶି କମେଇଦେଇ ପାଣିକୁ ପିଇବା ଅନୁପଯୋଗୀ କରିଦେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ଏହାର ମାତ୍ରା ପିଇବା ପାଣିରେ ୩୦୦ ପର୍ଯ୍ୟନ୍ତ ଥିଲେ କିଛି ଚିନ୍ତା କରିବାର ଆବଶ୍ୟକତା ନାହିଁ। ତେଣୁ ପାଣିରେ ଦ୍ରବିଭୂତ କଠିନ ପଦାର୍ଥର ମାତ୍ରା ୩୦୦ ତଳକୁ ଥିଲେ ଆମେ ସାଧାରଣ ଫିଲ୍ଟର ବ୍ୟବହାର କରିପାରିବା।

**ଯାଦୁଗୁଡ଼ା, ପୂର୍ବ ସିଂହଭୂମି**
**ଝାଡଖଣ୍ଡ, ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ଭାରତ ଏବେ ସୁଦ୍ଧା ଶତ ପ୍ରତିଶତ ସାକ୍ଷରତା ହାସଲ କରିପାରିନାହିଁ। କିନ୍ତୁ ମଧ୍ୟପ୍ରଦେଶର ମାଣ୍ଡଲା ଜିଲାର ଜିଲାପାଳ ହର୍ଷିକା ସିଂଙ୍କ ଉଦ୍ୟମରେ ସେହି ଜିଲା ୧୦୦ ପ୍ରତିଶତ ସାକ୍ଷର ହୋଇ ଏକ ଉଦାହରଣ ସୃଷ୍ଟି କରିଛି। ହର୍ଷିକା ଏଥିପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଟିମ୍ ଗଢ଼ି କାର୍ଯ୍ୟକ୍ରମକୁ ଆଗକୁ ନେବା ଲାଗି ୨୫,୦୦୦ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଶିକ୍ଷିତ ଝିଅମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମହିଳାମାନଙ୍କୁ ପଢ଼ାଇବା ଦାୟିତ୍ୱ ଦେଇଥିଲେ। ଏହା ବ୍ୟତୀତ 'ଜ୍ଞାନଧନ' କାର୍ଯ୍ୟକ୍ରମରେ ବହି, ସିଲଟ ଓ ଅନ୍ୟ ପାଠ୍ୟ ଉପକରଣ ଯୋଗାଇଦେଇଥିଲେ। ପରେ ସେ ପ୍ରତିଟି ପଞ୍ଚାୟତରେ 'ମହିଳା ଜ୍ଞାନାଳୟ' ଖୋଲି ସେଠାରେ ମହିଳାମାନଙ୍କୁ ପଢ଼ାଇ ଶତ ପ୍ରତିଶତ ସାକ୍ଷର କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୮

- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିହାରର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏବଂ ଡଃ ଜଗନ୍ନାଥ ମିଶ୍ରଙ୍କୁ ବେଉର ଆଦର୍ଶ କେନ୍ଦ୍ରୀୟ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି।
- ବିଶିଷ୍ଟ ପ୍ରଶାସକ ଏବଂ କୂଟନୀତିଜ୍ଞ ପି.ଏନ୍. ହକସରଙ୍କ ୮୫ ବର୍ଷ ବୟସରେ ପରଲୋକ।
- ଟେନିସ ଇତିହାସରେ କ୍ରମାଗତ ୬ଥର ପାଇଁ ବିଶ୍ୱ ର୍‍ୟାଙ୍କିଙ୍ଗର ୧ନଂ ସ୍ଥାନରେ ରହି ପିଟ୍ ସାମ୍ପ୍ରାସଙ୍କ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା।

## ଚିରନ୍ତନୀ

କୁଟିର ଦୁଆରେ ପରଦିନ ପରଭାତେ
ସେହି ପାହାଡ଼କୁ ଚାହିଁ ପୁଣି ମନ ମାତେ।
ଲଙ୍ଘିଲା କେତେ ଜୀବନେ ଏସନ ଗିରି
ଶତ ସଙ୍କଟ ଅନ୍ତର ଗଲା ଚିରି!
ଗତ ସନ୍ଧ୍ୟାର ସ୍ପନ୍ଦନ ପୁଣି ଲୋଡେ!
ଲଭିଥିଲା ଯାହା ପାହାଡ଼ ଉଠାଣି ମୋଡ଼େ!
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | 6 | | | | | | | 2 |
| | | | 5 | 7 | | | 4 | |
| | | 4 | | | 6 | 3 | | |
| | | | | 2 | 1 | | | |
| | | | | 6 | | 9 | | 5 |
| 3 | | 2 | 7 | | | | | |
| | | | | 5 | 8 | | 6 | |
| | 9 | | 4 | | 7 | | | 8 |
| 1 | | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 9 | 6 | 5 | 3 | 4 | 7 | 8 |
| 7 | 6 | 4 | 1 | 2 | 8 | 3 | 5 | 9 |
| 5 | 3 | 8 | 9 | 4 | 7 | 2 | 6 | 1 |
| 3 | 8 | 1 | 7 | 6 | 2 | 9 | 4 | 5 |
| 4 | 5 | 7 | 3 | 8 | 9 | 6 | 1 | 2 |
| 6 | 9 | 2 | 5 | 1 | 4 | 8 | 3 | 7 |
| 2 | 1 | 5 | 4 | 9 | 6 | 7 | 8 | 3 |
| 8 | 4 | 3 | 2 | 7 | 5 | 1 | 9 | 6 |
| 9 | 7 | 6 | 8 | 3 | 1 | 5 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୋପ୍-ୱେ ମୂଲ୍ୟ ହ୍ରାସ କରାଯାଉ

ମହାଶୟ,

ରାଜ୍ୟର ବାରଙ୍ଗଠାରେ ପ୍ରତିଷ୍ଠା କରାଯାଇଥିବା ଏକମାତ୍ର 'ପ୍ରାଣୀ ଉଦ୍ୟାନ ନନ୍ଦନକାନନ'ରେ ପର୍ଯ୍ୟଟକମାନଙ୍କ ନିମନ୍ତେ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ ମଧ୍ୟରେ ସ୍ୱୟଂଚାଳିତ 'ରୋପ୍-ୱେ' ବ୍ୟବସ୍ଥା ଅଛି। ରୋପ୍-ୱେର ଠିକ୍ ପରିଚାଳନା, ରକ୍ଷଣାବେକ୍ଷଣରେ ସରକାର ଯତ୍ନବାନ୍ ହେବା ଜରୁରୀ। ପର୍ଯ୍ୟଟକମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେବା ପାଇଁ ରୋପ୍-ୱେ ନିର୍ମାଣରେ ଯେତେ ଆଧୁନିକ ଜ୍ଞାନକୌଶଳରେ ବିପଦମୁକ୍ତ କରାଯାଇଥିଲେ ମଧ ସମୟ ସମୟରେ ରୋପ-ୱେରେ ବସିଥିବା ପର୍ଯ୍ୟଟକଙ୍କ କ୍ୟାବିନ ଆକାଶରେ ଘଣ୍ଟା ଘଣ୍ଟା ଧରି ଅଟକି ଯାଇଥାଏ ଏବଂ ସେମାନଙ୍କୁ ହେଲିକପ୍ଟରରେ ଉଦ୍ଧାର କରାଯିବାର ଦୃଷ୍ଟାନ୍ତ ରହିଛି। ଆକସ୍ମିକ ଦୁର୍ଘଟଣାରୁ ବର୍ତ୍ତିବା ନିମନ୍ତେ 'ରୋପ୍-ୱେର କେବୁଲ' ଏବଂ 'କ୍ୟାବିନ୍' ସବୁକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିବା ପୂର୍ବରୁ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ୧୨୦, ୧୪୦ ଓ ୧୭୦ ଟଙ୍କାର 'ରୋପ୍-ୱେ ଟିକେଟ ମୂଲ୍ୟ' ସବୁଶ୍ରେଣୀର ଲୋକଙ୍କ ପାଇଁ ଅତ୍ୟଧିକ । ଏଣୁ ଟିକେଟ ମୂଲ୍ୟହ୍ରାସ କରାଯାଉ।

**-ଅଶୋକ କୁମାର ଆଢ୍ୟ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛାର ସୁଅ

ଭୁବନେଶ୍ୱର,୨୭।୧୧
(ଅନିଲ ଦାସ)



କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର ବିକାଶ ପାଇଁ ନିଜକୁ ଉତ୍ସର୍ଗ କରିଆସିଛନ୍ତି। ଦୀର୍ଘ ୨୩ ବର୍ଷ ଧରି ରାଜ୍ୟବାସୀଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି। ବିଭିନ୍ନ ପ୍ରକାର ସମାଲୋଚନାକୁ ଖାତିର ନ କରି ନୂଆ ଓଡ଼ିଶା ଗଠନ ପାଇଁ ସେ କାର୍ଯ୍ୟ କରି ଚାଲିଛନ୍ତି। ଓଡ଼ିଶାର ଗାଁ ଗଣ୍ଡାରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇଛନ୍ତି। ପ୍ରଶାସନିକ କ୍ଷେତ୍ରକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ସକାଶେ ୫-ଟି (ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟାଇମ୍ ଓ ଟ୍ରାନ୍ସଫର୍‌ମେଶନ) ଭଳି ଅଭିନବ ପ୍ରୟାସ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ରଖିଥିବା ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ନେବା ପାଇଁ ନିୟମିତ ସମୀକ୍ଷା କରିଆସୁଛନ୍ତି। କାର୍ତ୍ତିକ ପାଣ୍ଡିଆନ୍ ସରକାରୀ ସ୍କୁଲରେ ଶିକ୍ଷା ଗ୍ରହଣ କରିଛନ୍ତି। ସ୍କୁଲଗୁଡ଼ିକର ଦୁରବସ୍ଥାକୁ ହୃଦୟଙ୍ଗମ କରି ରାଜ୍ୟରେ ପିଲାମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରିବ, ସେ ନେଇ ପାଣ୍ଡିଆନ୍ ହାଇସ୍କୁଲଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ କରି ଅଭିଭାବକ ଓ ଛାତ୍ରୀଛାତ୍ରଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ସ୍କୁଲ ରୂପାନ୍ତରୀକରଣ ଯୋଗୁ ରାଜ୍ୟର ଅନେକ ଲକ୍ଷ ଛାତ୍ରୀଛାତ୍ର ଗୁଣାତ୍ମକ ଓ ଉତ୍ତମ ମାନର ଶିକ୍ଷା ପାଇପାରିଛନ୍ତି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଆସିଥିବା ରୂପାନ୍ତରୀକରଣ ଓ ରାଜ୍ୟରେ ନୂତନ ହସ୍ପିଟାଲ ସ୍ଥାପନ କ୍ଷେତ୍ରରେ ପାଣ୍ଡିଆନ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲାସ୍ତରରେ ଲୋକମାନଙ୍କର ଅଭିଯୋଗ ଶୁଣାଣି କରି, ସେମାନଙ୍କ ଦୁଆରକୁ ଯାଇ ସେମାନଙ୍କର ଅଭିଯୋଗ ସଂଗ୍ରହ କରିବା ଓ ତାହାର ସମାଧାନ କ୍ଷେତ୍ରରେ ପାଣ୍ଡିଆନ୍‌ଙ୍କର ଉଦ୍ୟମ ସରକାରଙ୍କର ଜନସାଧାରଣଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ରାଜ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କର ଅତୁଳନୀୟ ଭୂମିକା ରହିଛି। ବିଜେଡିରେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଯୋଗଦାନ ପରେ ସୋସିଆଲ୍ ମିଡିଆରେ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟିବାରେ ଲାଗିଛି। ବିଜେଡିରେ ଯୋଗଦେବା ପରେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତା, ବିଧାୟକ ଏବଂ ମନ୍ତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେବା ପରେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ରାଜ୍ୟ ସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜେଡିର ବରିଷ୍ଠ ବିଧାୟକମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଶଙ୍ଖ ଭବନରେ ସୋମବାର ଆୟୋଜିତ ରକ୍ତଦାନ ଶିବିରରେ କାର୍ତ୍ତିକ ପାଣ୍ଡିଆନ୍ ଏବଂ ବିଜେଡି ନେତୃମଣ୍ଡଳୀ।





୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସୋମବାର ସକାଳେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୀକ୍ଷା କରୁଛନ୍ତି (ବାମ)। ଗଞ୍ଜାମ ତାରାତାରିଣୀ ମନ୍ଦିରରେ ପାଣ୍ଡିଆନଙ୍କ ପୂଜାର୍ଚ୍ଚନା।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ପାଣ୍ଡିଆନ୍

## ଭକ୍ତଙ୍କ ସହଜ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୭।୧୧(ସୁନିତ୍ ମିଶ୍ର)

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ସୋମବାର ସକାଳେ ପୁରୀ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ସମ୍ପର୍କରେ ଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଉପସ୍ଥାପନା ରଖାଯାଇଥିଲା। ଭିଡ଼ ପରିଚାଳନାକୁ ଦକ୍ଷ କରିବା, ଭକ୍ତମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥାକୁ ସହଜ କରିବା ଉପରେ ଏହି ଅବସରରେ ପାଣ୍ଡିଆନ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ପରିକ୍ରମା ପ୍ରକଳ୍ପ ଠିକ୍ ସମୟରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବା ସହ କେତେକ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠର ପୁନରୁଦ୍ଧାର କାମ ତ୍ୱରାନ୍ୱିତ କରିବା ପାଇଁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମଠ ପୁନର୍ନିର୍ମାଣ ପାଇଁ ଅଧିକ ସଂଖ୍ୟକ ଦକ୍ଷ କାରିଗର ନିଯୁକ୍ତି ସହ ସେବାୟତମାନଙ୍କ ସୁବିଧା ପାଇଁ ୨ ଚକିଆ ଗାଡ଼ିର ପାର୍କିଂ ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିକ୍ରମା ପ୍ରକଳ୍ପର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗରେ ହୋଇଥିବା ଲ୍ୟାଣ୍ଡସ୍କାପିଂ କାମ ପ୍ରଦର୍ଶନ କରି ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ ମେଘନାଦ ପାଚେରି ନିକଟରେ ସବୁ ଇଲେକ୍ଟ୍ରିକାଲ କାମକୁ ଶୀଘ୍ର ସାରିବା ଏବଂ ସେଠାରେ ଥିବା ବିଭିନ୍ନ ପୋଲ୍, ତାର ଓ ଅନ୍ୟାନ୍ୟ ସେବା ବ୍ୟବସ୍ଥାକୁ ଶୀଘ୍ର ସ୍ଥାନାନ୍ତର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମେଘନାଦ ପାଚେରି ନିକଟରେ ଥିବା ଐତିହ୍ୟସମ୍ପନ୍ନ ଛୋଟ ଛୋଟ ମନ୍ଦିର ଓ ନିର୍ମାଣକୁ ସୁରକ୍ଷିତ ରଖିବା ପାଇଁ ସେ କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଯାତ୍ରୀମାନେ ଯେପରି ସ୍ୱଚ୍ଛନ୍ଦରେ ମନ୍ଦିରରେ ପହଞ୍ଚିପାରିବେ ସେନେଇ ମନ୍ଦିର ସଂଯୁକ୍ତ ରାସ୍ତାକୁ ଅବରୋଧ ମୁକ୍ତ ରଖିବାକୁ ବଡ଼ଦାଣ୍ଡ ଓ ଓଭରହେଡ୍ ଟ୍ୟାଙ୍କ ନିକଟରେ ଥିବା ଅନାବଶ୍ୟକ ନିର୍ମାଣକୁ ଦୂର କରିବା ଲାଗି ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ପରିମଳ ବ୍ୟବସ୍ଥାର ଉନ୍ନତି କାମ ଠିକ୍ ସମୟରେ ସରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୁରୀ ଜିଲାପାଳ, ଆଇଜି, ଏସ୍‌ପି ଓବିସିସି ଏମ୍‌ଡି ଏବଂ ବିଭିନ୍ନ ଏକ୍‌ଜିକ୍ୟୁଟିଂ ଏଜେନ୍ସିର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେବା ପରେ ତାରାତାରିଣୀଙ୍କୁ ଦର୍ଶନ କଲେ

ପୁରୁଷୋତ୍ତମପୁର,୨୭।୧୧
(ସୀମାଞ୍ଚଳ ମିଶ୍ର)

୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ସୋମବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏହା ପରେ ସେ ପ୍ରଥମକରି ଗଞ୍ଜାମ ଜିଲାର ଆରାଧ୍ୟ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠକୁ ସାଢ଼େ ୨ଟାରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ପୂଜାର୍ଚ୍ଚନା ସାରିବା ପରେ ସେଠାରୁ ୩ଟା ୧୫ରେ ଭୁବନେଶ୍ୱରକୁ ଫେରିଥିଲେ।

ପାଣ୍ଡିଆନ୍‌ଙ୍କୁ ସ୍ୱାଗତ କରିବା ଲାଗି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଆରତୀ ଦେବୀ, ନିର୍ମଳ ଚନ୍ଦ୍ର ସାହୁ, ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ଅଶୋକ କୁମାର ମହାଙ୍କୁଡ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଅଜୟ ମହାରଣା, ଜିଲା ବିଜେଡି ଉପ ସଭାପତି ଦିଲୀପ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ପାଣ୍ଡିଆନ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ। ଏପରି କି ପାଣ୍ଡିଆନ୍ ନେତା ଓ କର୍ମୀଙ୍କ ଗହଣରେ କିଛି ସମୟ ବସି ଭାବର ଆଦାନପ୍ରଦାନ କରିଥିଲେ। ଏହି ଗସ୍ତ ବେଳେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ଜଗମୋହନ ମିନାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।









# ବିଶ୍ୱସ୍ତରୀୟ ହେବ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୭।୧୧
(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ପ୍ରଗତିଶୀଳ ଶିକ୍ଷା ନୀତି ସହିତ ଉତ୍କର୍ଷର ସମର୍ପଣ ଭାବ ହିଁ ଜ୍ଞାନର ବିକାଶ ଏବଂ ଶୈକ୍ଷିକ ପରିବର୍ତ୍ତନ ଧାରା ଜାରି ରଖିବାରେ ସହାୟକ ହେବ। ଯାହା ଭବିଷ୍ୟତର ଦୃଷ୍ଟିଭଙ୍ଗୀକୁ ସୁନିଶ୍ଚିତ କରିବ। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ୮୧ ବର୍ଷରେ ପାଦ ଥାପି ଥିବାବେଳେ ଆଗାମୀ ୧୯ ବର୍ଷରେ ଅଧିକ ସଫଳତା ପାଇବ ଓ ପରିବର୍ତ୍ତନ ଧାରାରେ ସାମିଲ ହେବ। ଏହାସହ ୧୦୦ ବର୍ଷ ପୂରଣ ଲାଗି ନିରନ୍ତର ପ୍ରତିବଦ୍ଧତା ଜାରି ରଖି ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବ। ଏହି ପ୍ରତିବଦ୍ଧତା ପରବର୍ତ୍ତୀ ପିଢ଼ିର ଗବେଷଣା ଏବଂ ନବସୃଜନକୁ ଆକାର ଦେବା ସାଙ୍ଗକୁ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ପୂରଣ କରିବାରେ ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶିକ୍ଷା, ଗବେଷଣା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହିଛି। ବିଶ୍ୱବିଦ୍ୟାଳୟ ସର୍ବଦା ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେଉଛି ଏବଂ ଭବିଷ୍ୟତର ନେତୃତ୍ୱ ନେଉଥିବା ବିଦ୍ୟାର୍ଥୀ ସୃଷ୍ଟି କରୁଛି ବୋଲି କୁଳପତି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ବିଜ୍ଞାନ ଓ ଗବେଷଣା ଆମର ଅଗ୍ରଣୀ ନବସୃଜନ। ଏହା ମାନବ ଏବଂ ସମାଜ ମଧ୍ୟରେ ଅନେକ ପ୍ରକାରର ଆନ୍ତଃବିଷୟକ ସହଯୋଗକୁ ପ୍ରୋତ୍ସାହିତ କରିପାରିବ। ଯେଉଁ ଶିକ୍ଷା ଉଭୟ ବିଜ୍ଞାନ ଏବଂ ମାନବତାକୁ ଦିଗ୍‌ଦର୍ଶନ ଦେଇଥାଏ, ତାହା ହେଉଛି ଉତ୍ତମ ଏବଂ ସର୍ବାଙ୍ଗୀନ ଶିକ୍ଷା। ଆଜି ଗବେଷଣା ଏବଂ ନବସୃଜନ ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଗବେଷକଙ୍କୁ ପ୍ରୋତ୍ସାହିତ କରିବା ସହ ଜ୍ଞାନର ସୀମାକୁ ଆଗକୁ ବଢ଼ାଇବ। ନୂତନ ଶିକ୍ଷା ନୀତି ବିଶ୍ୱବିଦ୍ୟାଳୟ ନୈତିକ ମାନସିକତା ସୃଷ୍ଟି ସହ ବିଜ୍ଞାନର ଉନ୍ନତି ଓ ମଣିଷର ଅଧ୍ୟୟନ ଉପରେ ଗୁରୁତ୍ୱ ଦେଉଥିବାରୁ ବିଶ୍ୱବିଦ୍ୟାଳୟ ଏ ଦିଗରେ କାର୍ଯ୍ୟ କରିବ ବୋଲି କୁଳପତି ପ୍ରକାଶ କରିଛନ୍ତି।


ପ୍ରତିଷ୍ଠା ଉତ୍ସବରେ ସ୍ୱର୍ଣ୍ଣ ପଦକ ପାଇଥିବା ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ୮୧ ତମ ପ୍ରତିଷ୍ଠା ଦିବସ ସମାରୋହ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟକ୍ତି ଓ ଅନୁଷ୍ଠାନର ପୁନଃ ଆବିଷ୍କାର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡିପ୍‌ଫେକ, ଶିକ୍ଷାଦାନରେ ନୂତନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର, ସର୍ଜନଶୀଳ ଜ୍ଞାନର ବିକାଶ ଆଦି ଉପରେ ବକ୍ତବ୍ୟ ରଖିଥିଲେ। ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୁଳସଚିବ ଡ. କାହ୍ନୁଚରଣ ଧୀର ବିବରଣୀ ପାଠ କରିଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ମିତାଲି ଚିନାରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଶ୍ୱବିଦ୍ୟାଳୟର ଅଧ୍ୟୟନରତ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ସଂକ୍ଷେପରେ

### ମାଇମ୍ୟାଡ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସଙ୍ଗୀତ, କଳା ଓ ନୃତ୍ୟ ଏକାଡେମୀ ମାଇମ୍ୟାଡ୍‌ର ବାର୍ଷିକ ଉତ୍ସବ ରବିବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଅଭିନେତା ଲିଙ୍କନ ଚୌଧୁରୀ ଉପସ୍ଥିତ ଥିଲେ। ଏକାଡେମୀର ନିର୍ଦ୍ଦେଶକ ସୁଚିସ୍ମିତା ନନ୍ଦା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏକାଡେମୀର ଛାତ୍ରମାନେ ବିଭିନ୍ନ ମ୍ୟୁଜିକାଲ ସୋ, ଗୀତ, ଓଡ଼ିଶୀ ନୃତ୍ୟ ଏବଂ ଗୋଷ୍ଠୀ ନୃତ୍ୟ ପରିବେଷଣ କରିଥିଲେ। ଉପସ୍ଥାପକ ଶୁଭୋଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି କଣ୍ଠଶିଳ୍ପୀ ସଞ୍ଚିତା ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଷ୍ଟିଂ ନିର୍ଦ୍ଦେଶକ ଦୀପକ ଜେନା, ଯୁବ ନିର୍ଦ୍ଦେଶକ ସିଦ୍ଧାର୍ଥ ଗୌତମ, ଲେଖକ ସୁମିତ ପଣ୍ଡା, ଅଭିନେତା ଅଖିଳ ଚନ୍ଦ୍ର ରଣା ଉପସ୍ଥିତ ଥିଲେ। ପ୍ରଦିପ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏକାଡେମୀର ପ୍ରତିଷ୍ଠାତା ଜୀବନ ଜ୍ୟୋତି ମହାକୁଡ଼ ଧନ୍ୟବାଦ ଜଣାଇଥିଲେ।

### ଭାବବିହ୍ୱଳ ପରିବେଶରେ ବାହୁଡ଼ିଲେ ହବିଷିଆଳି

ପୁରୀ,୨୭।୧୧(ଅଜିତ୍ ମହାନ୍ତି)

ଏକ ମାସ ଧରି ଚାଲିଥିବା କାର୍ତ୍ତିକ ବ୍ରତ ସୋମବାର କାର୍ତ୍ତିକ ପୂର୍ଣ୍ଣିମାରେ ଶେଷ ହୋଇଛି। ଅନେକ ହବିଷିଆଳି ପୁରୀ ଆସି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ରାଜ୍ୟ ସରକାର କରିଥିବା ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳିମାନେ ଆସି ରହି ହବିଷ କରିଥିଲେ। ବ୍ରତର ଶେଷ ଦିନରେ ଶିବିରଗୁଡ଼ିକରେ ଭାବ ବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା। ଦୀର୍ଘ ଏକମାସ ଧରି ଏକାଠି ରହି ଆସୁଥିବା ହବିଷିଆଳିଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ଗଢ଼ିଉଠିଥିଲା। ଫଳରେ ପରସ୍ପରଠାରୁ ବିଦାୟ ନେବା ସମୟରେ ସମସ୍ତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ବଞ୍ଚିଥିଲେ ପୁଣି ଆରବର୍ଷକୁ ଦେଖା ହେବାର ଆଶା ନେଇ ହବିଷିଆଳିମାନେ ବିଦାୟ ନେଇଥିଲେ। ଜଣେ ହବିଷିଆଳି କହିଛନ୍ତି, ଦୀର୍ଘ ଏକମାସ ଧରି ଏକାଠି ହୋଇ ରହିଥିଲୁ।

# ପିଆଜ ପାଇଁ ଲୋକଙ୍କ ଭିଡ଼

ବାଲିଅନ୍ତା,୨୭।୧୧(ନୀଳମାଧବ ସାହୁ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ରିହାତି ଦରରେ ମିଳୁଥିବା ପିଆଜ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ସୋମବାର ହଂସପାଳ ଛକ ନିକଟରେ ମିଳୁଥିବା ଏହି ରିହାତି ପିଆଜ କିଣିବାକୁ ଲୋକଙ୍କ ଗହଳି ଲାଗିଥିଲା।

ଏହି ପିଆଜ କିଲୋ ପିଛା ୨୫ଟଙ୍କାରେ ମିଳୁଥିବାରୁ କିଣିବାକୁ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସୁକତା ଦେଖାଦେଇଥିଲା। ଏକ ସମବାୟ ସଂସ୍ଥା ମାଧ୍ୟମରେ ଅଟୋରେ ପିଆଜ ବିକ୍ରି ପାଇଁ ଆସିଥିଲା। ଜଣ ପିଛା ୨ କିଲୋ ପିଆଜ ଦେବାର ବ୍ୟବସ୍ଥା ଥିଲା। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବିକ୍ରି ହେଉଥିବାରୁ ଅଧିକାଂଶ ଗାଡ଼ିଚାଳକ ଏହି ପିଆଜ କିଣିଥିଲେ। ଲୋକଙ୍କ ଭିଡ଼ ଦେଖି ପିଆଜ ବିକ୍ରି ପାଇଁ ଆସିଥିବା ୨ଜଣ ଯୁବକଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ମାତ୍ର ଅଧ ଘଣ୍ଟା ମଧ୍ୟରେ ସବୁ ପିଆଜ ବିକ୍ରି ହୋଇଯାଇଥିଲା। ଛାଡରେ ଏହି ରିହାତି ପିଆଜ ବ୍ୟବହାର ହେବ ବୋଲି ଲୋକେ ଚର୍ଚ୍ଚା କରୁଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'କାନ୍‌ଭାସ୍‌ରେ ଭିତରକନିକା'

ଭୁବନେଶ୍ୱର,୨୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାକୁ ନେଇ ଏକ ଚିତ୍ରକଳା ପ୍ରଦର୍ଶନୀ 'କାନ୍‌ଭାସ୍‌ରେ ଭିତରକନିକା' ସୋମବାର ସୂଚନା ଭବନ ଫଟୋ ଗ୍ୟାଲେରିରେ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କେନ୍ଦ୍ରାପଡ଼ା ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନର ଆବାହକ ଚୌଧୁରୀ ଅମିତାଭ ଦାସ ଭିତରକନିକାର ପର୍ଯ୍ୟଟନର ପ୍ରଚାର, ପ୍ରସାର ପାଇଁ ଏପରି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି କହିଥିଲେ। କେନ୍ଦ୍ରାପଡ଼ା ଜିଲା ଭିତରର ଓ ବାହାରର କିଛି ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀଙ୍କୁ ନେଇ ଗତ ୧୮ ଓ ୧୯ ତାରିଖରେ ଭିତରକନିକାରେ ଏକ ଦୁଇଦିନିଆ ଚିତ୍ରକଳା ଶିବିର ଆୟୋଜନ କରାଯାଇଥିଲା। ଚିତ୍ରଶିଳ୍ପୀମାନେ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିକଟରୁ ଦେଖି ତାହାକୁ କାନ୍‌ଭାସ୍‌ରେ ପ୍ରତିଫଳିତ କରିଥିଲେ। ସେହି ଚିତ୍ରକଳାଗୁଡ଼ିକୁ ଏଠାରେ ପ୍ରଦର୍ଶିତ କରାଯାଇଛି। ଭିତରକନିକାର ପକ୍ଷୀ, ପ୍ରାକୃତିକ ସୌନ୍ଦର୍ଯ୍ୟ, କୁମ୍ଭୀର, ହେନ୍ତାଳ ବଣ ଆଦି ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଛି। ଫାଉଣ୍ଡେଶନ୍‌ର ଟ୍ରଷ୍ଟି ସାଲୁଟ ସାହୁ, ବିଶ୍ୱରଞ୍ଜନ ଦାଶ, ପ୍ରଶାନ୍ତ ସାମନ୍ତରାୟ, ଅଂଶୁମାନ ପଟ୍ଟନାୟକ ଓ ଶିତିକଣ୍ଠ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଚିତ୍ରକଳା ପ୍ରଦର୍ଶନୀ 'କାନ୍‌ଭାସ୍‌ରେ ଭିତରକନିକା'କୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ୧୦ ନମ୍ବର ଡ୍ରେନ୍ ଜଳ ପରିଚାଳନା କାର୍ଯ୍ୟ ଦେଖିଲେ ଉନ୍ନୟନ କମିଶନର


ନିକୋ ପାର୍କସ୍ଥିତ ପ୍ରକଳ୍ପରେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ।

ଭୁବନେଶ୍ୱର,୨୭।୧୧(ଅନୁରାଧା ମହାରଣା)

ମୁକ୍ତା ଯୋଜନା ଅଧୀନରେ ମହିଳା ଏସ୍‌ଏଚ୍‌ଜିଙ୍କ ଜରିଆରେ ଡ୍ରେନ୍-୧୦ର ଜଳକୁ ପ୍ରାକୃତିକ ଉପାୟରେ ବିଶୋଧନ କରାଯାଇ ନିକୋ ପାର୍କ ଜଳାଶୟକୁ ଛଡାଯାଉଛି। ଏହି ପରିପ୍ରେକ୍ଷୀରେ ନିକୋ ପାର୍କ ନିକଟରେ ହୋଇଥିବା ଏବଂ ହେବାକୁ ଥିବା ରୂପାନ୍ତରୀକରଣ କାର୍ଯ୍ୟକୁ ଉନ୍ନୟନ କମିଶନର ଅନୁ ଗର୍ଗ ସୋମବାର ବୁଲି ଦେଖିଛନ୍ତି। ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଓ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ନିକୋ ପାର୍କ ମଧ୍ୟରେ ଜଳ ପରିଚାଳନାକୁ ନେଇ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ରୂପାନ୍ତରୀକରଣ ପୂର୍ବରୁ ଓ ପରେ କେଉଁ ସବୁ ପରିବର୍ତ୍ତନ ହୋଇଛି ସେ ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟର ଏକ ଚିତ୍ର ଉପସ୍ଥାପନା କରିଥିଲେ। ବିଦ୍ୟୁତ୍ ମାର୍ଗ ଓ ସଚିବାଳୟ ମାର୍ଗ ମଧ୍ୟରେ ନିକୋ ପାର୍କଠାରେ ୯୦୦ ମିଟର ଲମ୍ବର ଷ୍ଟର୍ମ ୱାଟର ଡ୍ରେନ୍‌ର ଉଭୟପାର୍ଶ୍ୱ ନିର୍ମାଣ କରାଯାଇଛି। ୨୫ ଏକର ଜମି ଉପରେ ଏହି ପାର୍କ ପ୍ରତିଷ୍ଠା ହୋଇଛି। ଏଥିମଧ୍ୟରୁ ୮ଏକର ଜମିରେ ନୌକା ଚାଳନା ପାଇଁ କୃତ୍ରିମ ହ୍ରଦ ନିର୍ମାଣ କରାଯିବ । ପୂର୍ବରୁ ଥିବା ଦୂଷିତ ଜଳ ନିଷ୍କାସନ କରାଯିବା ସହ ଅନାବନା ଗଛ ଓ ଦଳ ପରିଷ୍କାର ଏବଂ ପଙ୍କୋଦ୍ଧାର କାର୍ଯ୍ୟ କରାଯାଇଛି। ଜମି ଜବରଦଖଲ ହଟାଇ ଦିଆଯାଇଛି ଏବଂ ପ୍ରାଚୀର ନିର୍ମାଣ କରାଯାଇଛି। ଏସବୁ କାର୍ଯ୍ୟକୁ ବିଏମ୍‌ସି, ମିଶନ ଶକ୍ତି-ସ୍ୱୟଂ ସହାୟକ ଗୋଷ୍ଠୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରମୁଖଙ୍କ ମିଳିତ ସହଯୋଗରେ କରାଯାଉଥିବା କମିଶନର କହିଥିଲେ। ଏହି ଅବସରରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁକ୍ତାର ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ଏସ୍‌ଏଚ୍‌ଜିର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ବିଜୟ ନାୟକଙ୍କ 'ତୁମେ ଯେଉଁଠି ଥାଅ' ଲୋକାର୍ପିତ

ଭୁବନେଶ୍ୱର,୨୭।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

କାର୍ତ୍ତିକପୂର୍ଣ୍ଣିମା ଅବସରରେ 'ଟାଇମ୍‌ପାସ୍' ପକ୍ଷରୁ ସୋମବାର ରାଜ୍ୟ ସଂଗ୍ରହାଳୟ ସଭାକକ୍ଷରେ ଆୟୋଜିତ ପୁସ୍ତକପର୍ବରେ ବିଶିଷ୍ଟ କଥାକାର ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍‌ସଚିବ ବିଜୟ ନାୟକଙ୍କ ନୂତନ ଗଳ୍ପ ପୁସ୍ତକ 'ତୁମେ ଯେଉଁଠି ଥାଅ' ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲେଖିକା ଡ. ପ୍ରତିଭା ରାୟ ପୁସ୍ତକକୁ ଅନାବରଣ କରିବା ସହିତ ସମକାଳୀନ ଓ ଗଳ୍ପଲେଖନର ଧାରାରେ ଗାଳ୍ପିକ ବିଜୟ ନାୟକଙ୍କ ସ୍ୱତନ୍ତ୍ରତା ବିଷୟରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ସଂଘମିତ୍ରା ମିଶ୍ର ଲୋକାର୍ପିତ ପୁସ୍ତକଟି ଭାବ, ବିଭବ ଓ ଭାଷା ଦୃଷ୍ଟିରୁ ଆମ ସମୟର ପ୍ରତିନିଧିତ୍ୱ କରିଛି ବୋଲି କହିଥିଲେ। ବିଶିଷ୍ଟ ଲେଖକ ଗୋସ୍ୱାମୀ ଗୋଲାମ ଦେବତା ସମ୍ମାନିତ ଅତିଥି ଏବଂ କବି ଅଭୟ ନାୟକ ସମୀକ୍ଷକ ଭାବେ ଯୋଗଦେଇ ପୁସ୍ତକଟି ସମ୍ପର୍କରେ ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଲେଖକ ନାୟକ ତାଙ୍କ ଗଳ୍ପଲେଖନର ଅଭିଜ୍ଞତା ଓ କୃତଜ୍ଞତା ପ୍ରକାଶ କରିଥିଲେ। ଟାଇମ୍‌ପାସ୍‌ର ପ୍ରକାଶକ ତଥା ଲେଖକ ସରୋଜ ବଳ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଫିଚରଲେଖକ ଅମିତାଭ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ଅରୁଣ କୁମାର ଦାସ, ଅବିନାଶ ସାହୁ ଏବଂ ସମାସ ବଳ।


ରାଜ୍ୟ ସଂଗ୍ରହାଳୟ ସଭାକକ୍ଷରେ ଅତିଥିମାନେ ବିଜୟ ନାୟକଙ୍କ ଗଳ୍ପ ପୁସ୍ତକ 'ତୁମେ ଯେଉଁଠି ଥାଅ'ର ଲୋକାର୍ପଣ କରୁଛନ୍ତି।

# ଅଭିମନ୍ୟୁ ଧଳଙ୍କୁ 'ନରସିଂହ ନନ୍ଦ ସ୍ମୃତି ସମ୍ମାନ'




ଭୁବନେଶ୍ୱର,୨୭।୧୧
(ଅନୁରାଧା ମହାରଣା)

ବିଶିଷ୍ଟ ସାହିତ୍ୟିକ, ସଂଗଠକ ଓ ସଂକୀର୍ତ୍ତନ ପ୍ରଚାରକ ନରସିଂହ ନନ୍ଦଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ, ସ୍ମୃତିସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନରସିଂହ ନନ୍ଦ ସ୍ମୃତି ପ୍ରତିଷ୍ଠାନ ଓ ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜାତୀୟତାର ବିକାଶରେ ଜଗନ୍ନାଥ ସଂସ୍କୃତି ବିଷୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଅଲେଖ ଚନ୍ଦ୍ର ପଢିଆରୀ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଫେସର ସୁରେନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁ ଡ. ଚିତ୍ତରଞ୍ଜନ ପାଣି, ବରିଷ୍ଠ ସାହିତ୍ୟିକା ଡ. ପ୍ରେମଲତା ଦେବୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପବିତ୍ରାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ।

ଏହି ଅବସରରେ ଯୁବ ସାହିତ୍ୟିକ ତଥା ସ୍ତମ୍ଭକାର ଅଭିମନ୍ୟୁ ଧଳଙ୍କୁ ଦ୍ୱାଦଶ 'ନରସିଂହ ନନ୍ଦ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚନ୍ଦ୍ରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଗୋଧୂଳି ସାହିତ୍ୟ ଅନୁଷ୍ଠାନ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜେଶ୍ୱରୀ ସିଂହ ସଭାପତିତ୍ୱ କରିଥିବାବେଳେ କାନନବାଳା ପଟ୍ଟନାୟକ ସମୀକ୍ଷା କରିଥିଲେ। ତରୁଣବାଳା ମହାପାତ୍ର ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିମଳା ସିଂ ସଂଯୋଜନା କରିଥିଲେ।

ପ୍ରତିଷ୍ଠାନର ସଭ୍ୟ ନିଶୀଥ ରଞ୍ଜନ ନନ୍ଦ, ନିମାଇଁ ଚରଣ ନନ୍ଦ, ନତ୍ୟ ରଞ୍ଜନ ନନ୍ଦ, ନିର୍ମାଲ୍ୟ ରଞ୍ଜନ ନନ୍ଦ, ନିହାର ରଞ୍ଜନ ନନ୍ଦ, ନୈବେଦ୍ୟ ନନ୍ଦ, ନିହାରୀକା ନନ୍ଦ ଏବଂ ଲିଙ୍ଗରାଜ ଦାଶ ପରିଚାଳନା କରିଥିଲେ।

# 'ମାଣିକ ଯୋଡ଼ି'ରେ ଜମିଦାରୀ ଆଭିଜାତ୍ୟ

ଭୁବନେଶ୍ୱର,୨୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ୱେତପଦ୍ମାର ଦଶମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଜାତୀୟ ନାଟ୍ୟ ମେଳା ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ମଧ୍ୟପ୍ରଦେଶ ଭୋପାଳସ୍ଥିତ ସଂସ୍କାର ଭାରତୀର ସଂଯୋଜକ ନିରଞ୍ଜନ ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ଓଡ଼ିଶା ଖାଦ୍ୟ ଯୋଗାଣ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଏବଂ ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିତ୍ୱ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ, ନାଟ୍ୟକାର ତଥା ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ରଥ, ନାଟ୍ୟକାର ପଞ୍ଚାନନ ଦାଶ ଏବଂ ନାଟ୍ୟ ସମୀକ୍ଷକ କୋଣାର୍କର ସଞ୍ଜୟ କୁମାର ବରାଳଙ୍କୁ 'ଶ୍ୱେତପଦ୍ମା ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ନାଟକ ମାଣିକ ଯୋଡ଼ି ମଞ୍ଚସ୍ଥ ହୋଇଥିଲା। ଦୁଇ ଜମିଦାର ବଂଶର ସୀମାରେ ଗରିବ ଚାଷୀ ଗୋବିନ୍ଦର ଥିବା ପାଟଜମି ଉପରେ ନିଜର ସ୍ୱତ୍ୱ ସାବ୍ୟସ୍ତ କରିବା ପାଇଁ ବାଗପଦା ଜମିଦାର ବରଦା ପ୍ରସନ୍ନ ପଟ୍ଟନାୟକ ଏବଂ ମାଣିକ ଯୋଡ଼ି ଜମିଦାର ବଂଶର ମୁଖିଆ ସିଦ୍ଧାର୍ଥ ରାୟଙ୍କ ମଧ୍ୟରେ ଉପୁଜିଥିବା ବିବାଦ ତୀବ୍ରତର ହୋଇଛି। ବାଗପଦା ଜମିଦାର ବରଦା ନିଜର ଝିଆରୀ ଶୈଳକୁ ମାଣିକ ଯୋଡ଼ି ବଂଶର ମୁଖିଆ ସିଦ୍ଧାର୍ଥଙ୍କ ମଝିଆ ଭାଇ ପାର୍ଥ ରାୟ ସହିତ ବିବାହ ଦେଲା ପରେ ମଧ ଉଭୟ ବଂଶ ମଧ୍ୟରେ ଶତ୍ରୁତା ଥମିବାର ନାଁ ନେଇ ନାହିଁ। ବରଂ ପ୍ରତିଶୋଧ ପରାୟଣ ହୋଇ ନିଜ ପୁତୁରା ବିକ୍ରମର ଜନ୍ମଦିନକୁ ଝିଆରୀ ଶୈଳକୁ ଆଣି ଆଉ ଶାଶୁଘରକୁ ପଠାଇ ନାହାନ୍ତି ବରଦା। ଏପରିକି ମାଣିକ ଯୋଡ଼ି ଜମିଦାର ବଂଶ ସହିତ ବନ୍ଧୁତ୍ୱର ସମ୍ପର୍କକୁ ଛିନ୍ନ କରିବା ପାଇଁ ନିଷ୍ପତ୍ତି ନେବା ସହ ବୋହୂକୁ ନେବା ପାଇଁ ଆସିଥିବା ମାଣିକ ଯୋଡ଼ି ବଂଶର ମୁଖିଆ ସିଦ୍ଧାର୍ଥ ଓ ତାଙ୍କ ସାନ ଭାଇ ରବି ରାୟଙ୍କୁ ଅପମାନିତ କରି ଫେରେଇ ଦେଇଛନ୍ତି। ଘଟଣାକ୍ରମେ ବାଗପଦା ଜମିଦାର ବଂଶର ବଡ଼ ଜ୍ୱାଇଁ ନରୋତ୍ତମ ଏବଂ ବରଦାଙ୍କ ସାନ ଭାଇ ସାରଦା ମାଣିକ ଯୋଡ଼ି ଜମିଦାର ବଂଶର ରବିଙ୍କ ସହିତ ଯୋଗସୂତ୍ର ରକ୍ଷା କରି ଦୁଇ ବଂଶ ମଧ୍ୟରେ ଥିବା ବିବାଦର ଅନ୍ତ ଘଟେଇବା ପାଇଁ ସମସ୍ତ ପ୍ରୟାସ କରିଛନ୍ତି। ଶେଷରେ ଦୀର୍ଘ ଦଶନ୍ଧି ଧରି ଦୁଇ ବଂଶ ମଧ୍ୟରେ ପାଟଜମିର ସ୍ୱତ୍ୱ ପାଇଁ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ସ୍ୱାଧୀନତା ପରବର୍ତ୍ତୀ ସମୟର ଗ୍ରାମ୍ୟ ସଂସ୍କୃତି ଭିତରେ ଜମିଦାର ବଂଶର ଆଭିଜାତ୍ୟପୂର୍ଣ୍ଣ ଭାଷା, ସଂସ୍କୃତି, ପରମ୍ପରା ଏବଂ ବେଶ ପୋଷାକର ଛାପ ଏହି ନାଟକରେ ଦେଖିବାକୁ ମିଳିଥିଲା। ଭଞ୍ଜ କିଶୋର ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏହି ନାଟକକୁ ନାଟ୍ୟକାର ପ୍ରଦୀପ ବିଶ୍ୱାଳ ନିର୍ଦ୍ଦେଶନା ଦେଇଛନ୍ତି। ଅଭିନୟରେ ବିରଞ୍ଚି ଦାଶ, ସନ୍ତୋଷ ପଟ୍ଟନାୟକ, ପ୍ରଦୀପ ପାଇକରାୟ, ପ୍ରଶାନ୍ତ ବିଶ୍ୱାଳ, କରୁଣାକର ସାମଲ, ଲମ୍ବୋଦର, ରଶ୍ମି ରଞ୍ଜନ, ଦେବେନ୍ଦ୍ର, ବୃନ୍ଦାବନ, ବନ୍ଦନା, ଅନନ୍ୟା, ଅଙ୍କିତା ଏବଂ ଶିଶୁ କଳାକାର ଶୁଭମ୍, ସୋନମ ରହିଥିଲେ।

## ଜାତୀୟ ନାଟ୍ୟ ମେଳା ଆରମ୍ଭ

■ ୪ବ୍ୟକ୍ତିତ୍ୱଙ୍କୁ ଶ୍ୱେତପଦ୍ମା ସମ୍ମାନ


ଶ୍ୱେତପଦ୍ମା ନାଟଘର ପକ୍ଷରୁ ପରିବେଷିତ ନାଟକ 'ମାଣିକ ଯୋଡ଼ି'ର ଏକ ଦୃଶ୍ୟ।

# ଆରମ୍ଭରୁ ଲୋକାରଣ୍ୟ

ଐତିହାସିକ କଟକ ବାଲିଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ସ୍ମାରକୀ ବହନ କରୁଥିବା ଏହି ବାଲିଯାତ୍ରାର ପ୍ରଥମ ଦିନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଚଳିତବର୍ଷ ୧୪ଶହରୁ ଅଧିକ ଷ୍ଟଲ ହୋଇଥିବାବେଳେ ଓର୍ମାସ ୪ଶହରୁ ଅଧିକ ଷ୍ଟଲ ଖୋଲିଛି। ଭଳିକି ଭଳି ଜିନିଷ ସାଙ୍ଗକୁ ଖାଦ୍ୟପେୟ ଷ୍ଟଲ ରହିଛି। କଟକ-ଇନ-କଟକ ପ୍ୟାଭିଲିୟନରେ ଗାଁ ସଂସ୍କୃତି, ପରମ୍ପରା ଆଦିକୁ ସ୍ଥାନ ଦିଆଯାଇଛି।

୩୦ ଫୁଟ ଉଚ୍ଚର ବାଲୁକା କଳା ସହ ଏଲଇଡି ଲାଇଟ୍‌ର ମଜା ଉଠାଉଛନ୍ତି ଦର୍ଶକ।

–ସୁପ୍ରିୟା ପ୍ରିୟଦର୍ଶିନୀ , କଟକ




## ପଣସ ପତ୍ରରେ ସ୍ୱାଗତ

ବାଲିଯାତ୍ରା କେବଳ କଟକବାସୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ରାଜ୍ୟବାସୀଙ୍କ ପାଇଁ ବେଶ୍ ଆନନ୍ଦ ନେଇ ଆସିଥାଏ। ବାଲିଯାତ୍ରାକୁ ସ୍ୱାଗତ କରିବା ପାଇଁ କଟକର ଜଣେ ଯୁବକ ପ୍ରସ୍ତୁତ କରିଛନ୍ତି ନିଆରା କଳାକୃତି। ପଣସପତ୍ରକୁ ବ୍ୟବହାର କରି ସୂର୍ଯ୍ୟକାନ୍ତ ନାୟକ ପ୍ରସ୍ତୁତ କରିଛନ୍ତି ବୋଇତ ଏବଂ ସେଥିରେ ଲେଖିଛନ୍ତି ଆମ ବାଲିଯାତ୍ରା। ସୂର୍ଯ୍ୟକାନ୍ତ ଚିତ୍ରକଳା ପ୍ରତି ବେଶ୍ ଆଗ୍ରହୀ ଥିବାରୁ ସେ ପ୍ରତ୍ୟେକ ପୂଜାପର୍ବ, ଯାନିଯାତ୍ରା ସମୟରେ ନିଆରା କଳାକୃତି ପ୍ରସ୍ତୁତ କରିଥାନ୍ତି। ଏବେ ବାଲିଯାତ୍ରା ପାଇଁ ସେ ପଣସ ପତ୍ର ବ୍ୟବହାର କରି ନିଜର ନିଆରା କଳାକୃତି ପ୍ରଦର୍ଶନ କରିଛନ୍ତି।



ବାଲିଯାତ୍ରା ତଳପଡ଼ିଆ ପରିସରରେ କଟକ ଆର୍ଟିଷ୍ଟ ଅଗ୍ରାନାଇଜେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ।

## ସୂତାର ହାଙ୍ଗିଙ୍ଗ୍ ଲାଇଟ୍

ଓର୍ମାସ ପରିସରରେ ଘରକରଣାଠାରୁ ଆରମ୍ଭ କରି ଘରସଜା ସାମଗ୍ରୀ ବିକ୍ରି ହେଉଛି। ସେଥିମଧ୍ୟରୁ ଲୋକଙ୍କୁ ଆକର୍ଷିତ କରୁଛି ନାଲି, ନୀଳ, ସବୁଜ ଆଦି ରଙ୍ଗବେରଙ୍ଗ ସୂତାର ହାଙ୍ଗିଙ୍ଗ୍ ଲାଇଟ୍। ମୋଟା ସୂତାକୁ ରଙ୍ଗ ଅଠାରେ ବୁଡ଼ାଇ ଏହାକୁ ଗୋଲ ଆକୃତି ଦିଆଯାଇଛି। ଏହାର ଗୋଟିଏ ପାର୍ଶ୍ୱରେ ଲାଇଟ୍ ହୋଲଡର ଲଗାଇ ପ୍ରସ୍ତୁତ କରାଯାଇଛି ହାଙ୍ଗିଙ୍ଗ ଲାଇଟ୍, ଯାହାର ମୁଖ୍ୟ ୨୦୦ ଟଙ୍କା ରହିଛି। ସେହିପରି ସୂତାକୁ ବ୍ୟବହାର କରି ତିଆରି ହୋଇଥିବା ବେଡ ଲ୍ୟାମ୍ପ ମଧ୍ୟ ବିକ୍ରି ହେଉଛି। ଏହାର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ କରି ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।



## ଦୋଳି, ଡ୍ରାଗନ୍ ଟ୍ରେନ୍‌ରେ ବସି ମଜା ନେଲେ

ଲୋକେ ବାଲିଯାତ୍ରା ବୁଲିବା ସହ ବିଭିନ୍ନ ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ। କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ସାଙ୍ଗକୁ ନାନା ରକମର ଆଇସ୍କ୍ରିମ, ଚାଟ୍, ଗୁପ୍‌ଚୁପ୍, ଠୁଙ୍କାପୁରି ଓ ଫାଷ୍ଟଫୁଡ୍ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିଲା। ଫୁଡ୍ କୋର୍ଟ ଭିତରେ ଲୋକେ ଅତ୍ୟନ୍ତ ଆଗ୍ରହର ସହ ନାନା ରକମର ଓଡ଼ିଆ ଖାଦ୍ୟ ପରିବାର ତଥା ସାଙ୍ଗସାଥୀଙ୍କ ସହ ଖାଇଥିଲେ। ମହାନଦୀ କୂଳରେ ପିଲାମାନେ ଘୋଡ଼ା ଏବଂ ଓଟ ପିଠିରେ ବସି ବୁଲିବା ସହ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି ଓ ଡ୍ରାଗନ୍ ଟ୍ରେନ୍‌ରେ ବସି ମଜା ନେଇଥିଲେ। ଏଥର ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ପାଲଟିଛି ଫିସ୍ ଆକ୍ୱାରିୟମ ଟନେ ଟନେଲ। ସୋମବାର ଏହା ଖୋଲି ପାରି ନ ଥିବାରୁ ଅନେକ ଲୋକ ନିରାଶ ହୋଇ ଫେରିଥିଲେ।

## ଛଡ଼ା ଫୁଲରୁ ଧୂପକାଠି



ଚଳିତ ବର୍ଷ ବାଲିଯାତ୍ରାରେ ଅନେକ କିଛି ନୂତନ ସାମଗ୍ରୀ ଆସିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଫୁଲର ଧୂପକାଠି। ମନ୍ଦିରରେ ଠାକୁରଙ୍କ ପାଖରେ ଲାଗୁଥିବା ଫୁଲକୁ ସଂଗ୍ରହ କରି ପ୍ରସ୍ତୁତ କରାଯାଇଛି ସୁଗନ୍ଧିତ ଧୂପକାଠି, ଯାହାର ମୂଲ୍ୟ ୫୦ ଟଙ୍କା ରହିଛି। କଟକ ଜିଲା ନିଶ୍ଚିନ୍ତକୋଇଲିରୁ ଜଣେ ବ୍ୟବସାୟୀ ଏହି ଧୂପକାଠି ଆଣି ବିକ୍ରି କରୁଛନ୍ତି।

## କାଠଘଣାର ତେଲ



ବାଲିଯାତ୍ରାରେ ମିଳୁଛି କାଠଘଣା ତେଲ। ଅଧିକ ଯୁଗରେ ଅନେକ ପାରମ୍ପରିକ ପଦ୍ଧତି ହଜିଗଲା। ଏହାର ପ୍ରଭାବ ଖାଦ୍ୟ ସାମଗ୍ରୀରେ ମଧ୍ୟ ପଡ଼ିଛି। ଅଧିକ ଉତ୍ପାଦନ ଓ ଲାଭ କରିବା ପାଇଁ ନୂତନ ଧରଣର ମେଶିନ ବ୍ୟବହାର କରାଯାଉଛି, ଯାହା ଦ୍ୱାରା ଖାଦ୍ୟ ସାମଗ୍ରୀଗୁଡ଼ିକରେ ପୋଷଣ ତତ୍ତ୍ୱ ହ୍ରାସ ପାଉଛି। ଏଥିପାଇଁ ଅନୁଗୋଳର ଜଣେ ଯୁବକ ନେଇ ଆସିଛନ୍ତି ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବ କାଠଘଣା ତେଲ। ଏହି ପଦ୍ଧତିରେ ୧ଲିଟର ତେଲ ବାହାର କରିବା ପାଇଁ ୩ ଘଣ୍ଟା ଲାଗିଥାଏ। ଏହି ତେଲ ବିଭିନ୍ନ ପ୍ରକାର ରହିଛି।

ବାଲିଯାତ୍ରା ତଳପଡ଼ିଆ କଟକ ଆଣ୍ଡ କଟକ ପରିସରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା କଳିଙ୍ଗ ନୌବାଣିଜ୍ୟ ଇତିହାସକୁ ନେଇ ପ୍ରସ୍ତୁତ ବାଲୁକା କୃତୀ।




## ପାର୍କିଂସ୍ଥଳ ପର୍ଯ୍ୟନ୍ତ ୩୦ ବସ୍

ଚଳିତ କଟକ ବାଲିଯାତ୍ରାରେ ମେଳାରେ କଟକ ଇନ୍ କଟକ ଏନ୍‌କ୍ଲେଭରେ ଗ୍ରାମୀଣ କଟକର ବିଭିନ୍ନ ଝଲକ ପ୍ରଦର୍ଶିତ ହୋଇଛି। ଯାନ ପାର୍କିଂ ସ୍ଥାନଠାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଯାତ୍ରୀଙ୍କ ଯିବା ଆସିବା ପାଇଁ ସ୍ୱତନ୍ତ୍ର ଇ-ରିକ୍ସା ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ବାଲିଯାତ୍ରା ପଡ଼ିଆରୁ ପାର୍କିଂସ୍ଥଳ ପର୍ଯ୍ୟନ୍ତ ଯାତାୟାତ ଲାଗି ୩୦ଟି ବସ୍ ବ୍ୟବସ୍ଥା ମଧ୍ୟ ହୋଇଛି। ବାଲିଯାତ୍ରାରେ ଲୋକଙ୍କ ଗମନାଗମନ ସୁଗମ ପାଇଁ ୪ଟି ପ୍ରବେଶ ଓ ପ୍ରସ୍ଥାନ ପଥ ରହିଛି। ଏଥିସହ ପଡ଼ିଆ ମଧ୍ୟରେ ୨୫୦ଟି ଅସ୍ଥାୟୀ ଟଏଲେଟ୍‌ର ମଧ୍ୟ ବ୍ୟବସ୍ଥା ହୋଇଛି। ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ ଅଣ୍ଡର୍ ୱାଟର ଟନେଲ୍ ଆକ୍ୱାରିୟମର ବି ବ୍ୟବସ୍ଥା ରହିଛି।

## ପ୍ରାକୃତିକ ସାବୁନର ପସରା

ହଳଦୀ, ଘିକୁଆଁରି, ନିମ୍ବପତ୍ର ଆଦି ସାମଗ୍ରୀ ବ୍ୟବହାର କରି ପ୍ରସ୍ତୁତ ହୋଇଛି ସାବୁନ। ବର୍ତ୍ତମାନ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ ହେଲେଣି। ସେହିପରି ଶରୀରର ଚର୍ମକୁ ମଧ୍ୟ ସୁନ୍ଦର ଦେଖେଇବା ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ବଜାରରୁ ଅନେକ ସାମଗ୍ରୀ ଆଣି ବ୍ୟବହାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀର ଏକ ମହିଳା ଗୋଷ୍ଠୀ ଏହି ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ କରିଥିବା ସାବୁନ ନେଇ ବାଲିଯାତ୍ରା ଆସିଛନ୍ତି। ୩୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି। ମହୁ, ହଳଦୀ, ଗ୍ଲିସେରିନ, ନିମ୍ବ, ଲେମ୍ବୁରେ ତିଆରି ଅନେକ ପ୍ରକାର ସାବୁନ ଏଠାରେ ମିଳୁଛି।





**ଲାଇଭ୍ ସ୍ମୋକ ଚିତ୍ରକଳା:** କଟକ ଇନ୍ କଟକ ପରିସରରେ କଟକ ମହାନଗର ନିଗମ ସହାୟତାରେ ଖୋଲା ହୋଇଛି ଚିତ୍ରକଳା ପ୍ରଦର୍ଶନୀ। ଏଠାରେ ଚିତ୍ରଶିଳ୍ପୀଙ୍କ ବିଭିନ୍ନ ପ୍ରକାର ଚିତ୍ର ଲାଗିଛି। ତେବେ ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରୁଛି ଦୀପକ ବିଶ୍ୱାଳଙ୍କ ସ୍ମୋକ୍ ଆର୍ଟ। ସେ ଚିତ୍ରକଳା ପ୍ରଦର୍ଶନୀ ସମ୍ମୁଖ ଡିବିରିରୁ ବାହାରୁଥିବା କଳାଧୂଆଁକୁ ବ୍ୟବହାର କରି ଚିତ୍ର କରୁଛନ୍ତି, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି।

## ଗଣକବି ବୈଷ୍ଣବପାଣି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ

**କଟକ,୨୭।୧୧(ଶିଳ୍ପା ପ୍ରିୟଦର୍ଶିନୀ):**'ଦୀପମ୍ ଜ୍ୟୋତି ପରଂବ୍ରହ୍ମ ଦୀପମ ଜ୍ୟୋତି ଜନାର୍ଦ୍ଦନ'ରୁ ଆରମ୍ଭ ହେଲା ଚଳିତବର୍ଷ ବାଲିଯାତ୍ରା-୨୦୨୩। ଗୋପୀନାଥ ବେହେରା ଫାଉଣ୍ଡେଶନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ସମେତ 'ଉତ୍କଳ ଆମର ସୁନେଲି ଅକ୍ଷର ଭାରତର ଇତିହାସ' ପରିବେଷଣ କରିଥିଲେ। ପରେ ସୁର ମନ୍ଦିର କଟକ ପକ୍ଷରୁ 'ଆମେ ଓଡ଼ିଆ' ନୃତ୍ୟ ପରିବେଷଣ କରାଯାଇଛି। 'ଯୋଡ଼ି ଶଙ୍ଖ' ନରେନ୍ଦ୍ରପୁର ଲୋକନୃତ୍ୟ ଗଞ୍ଜାମ ପକ୍ଷରୁ ପରିବେଷଣ କରାଯାଇଛି। ପୁରୀ ପକ୍ଷରୁ 'ମାଲଖମ୍ବ', ଗଞ୍ଜାମ ପକ୍ଷରୁ ବାଲୁଙ୍କେଶ୍ୱର ଘଣ୍ଟ ମୃଦଙ୍ଗ ପରିବେଷଣ କରାଯାଇଛି। ଦକ୍ଷିଣସାହି ଛଉ ନୃତ୍ୟ ମନ୍ଦିର ମୟୂରଭଞ୍ଜ ପକ୍ଷରୁ ପରିବେଷଣ କରାଯାଇଛି। ଦୀକ୍ଷା ତିୱାରୀ ଓ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

### ଆମେ ଓଡ଼ିଆ ନୃତ୍ୟ ନାଟିକାରେ ଓଡ଼ିଆ କଳା ସଂସ୍କୃତି

ସୁର ମନ୍ଦିର ପକ୍ଷରୁ ଗୁରୁ ଡ. ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ ୯ ଜଣ ନୃତ୍ୟଶିଳ୍ପୀ 'ଆମେ ଓଡ଼ିଆ' ଓଡ଼ିଶୀ ନୃତ୍ୟ ପରିବେଷଣ କରିଛନ୍ତି। କଟକର ବୋଇତ ବନ୍ଦାଣ ସମେତ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଏହି ନୃତ୍ୟ ପରିବେଷଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏହି ନୃତ୍ୟ ଦର୍ଶକଙ୍କୁ ମୋହିତ କରିଛି। ଚଳିତବର୍ଷ ଶିଳ୍ପୀମାନେ ନିଆରା ପ୍ରୟାସ କରିଥିବା ନେଇ ଅନୁଷ୍ଠାନର ଗୁରୁ ଡ. ଜ୍ୟୋତ୍ସ୍ନାରାଣୀ ସାହୁ କହିଛନ୍ତି।



ବାଲିଯାତ୍ରା ତଳପଡ଼ିଆରେ ଗ୍ରାମୀଣ ପରିବେଶ ମଧ୍ୟରେ ଥିବା ଉନ୍ନତ କିସମର ଛେଳିକୁ ଲୋକେ ଦେଖୁଛନ୍ତି।



ବାଲିଯାତ୍ରା ତଳପଡ଼ିଆରେ ଖୋଲିଥିବା ପଲ୍ଲିଶ୍ରୀ ମେଳା ଷ୍ଟଲକୁ ମହିଳାମାନେ ବୁଲି ଦେଖୁଛନ୍ତି।

**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**ଟାଙ୍ଗୀ,୨୭।୧୧(ରଘୁନାଥ ସାହୁ):** ସଡ଼କ ଦୁର୍ଘଟଣାରେ ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ରଥ(୨୬)ଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ବାଲୁଗାଁରୁ ବୋଇତ ବନ୍ଦାଣ ଉତ୍ସବ ଦେଖି ସୂର୍ଯ୍ୟ ସ୍କୁଟିରେ ସାଙ୍ଗ ଦୀପକ ରଞ୍ଜନ ଦାସଙ୍କ ସହ ଟାଙ୍ଗୀ ଫେରୁଥିବା ବେଳେ କଇଥପଲା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୂର୍ଯ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ସୂର୍ଯ୍ୟଙ୍କ ବାପା ମୁନା ରଥଙ୍କର ଗତ ୩ ବର୍ଷ ପୂର୍ବେ ପରଲୋକ ହୋଇଥିଲା।

## ଦେଶମାତୃକାର ସେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ

**ବାଲୁଗାଁ,୨୭।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ପକ୍ଷରୁ ସୋମବାର ଏନ୍‌ସିସି ଦିବସ ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଫିସର ଡ. ଅକ୍ଷୟ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଦିବସରେ ଅଧ୍ୟକ୍ଷା ଦାଶ ପତାକା ଉତ୍ତୋଳନ କରିବା ପରେ କ୍ୟାଡେଟ୍‌ମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଦେଶମାତୃକାର ସେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହାପରେ କ୍ୟାଡେଟ୍‌ମାନେ ବାଲୁଗାଁ ମହାବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ଚିଲିକା କୂଳଠାରେ ପୁନିତ୍ ସାଗର ଅଭିଯାନର ଅଂଶସ୍ୱରୂପ ପ୍ଲାଷ୍ଟିକ୍‌ମୁକ୍ତ ଚିଲିକା, ବେଟି ବଚାଓ ବେଟି ପଢ଼ାଓ, ସ୍ୱଚ୍ଛ ଭାରତ ସୁନ୍ଦର ଭାରତ, ପକ୍ଷୀ ସୁରକ୍ଷା ଚିଲିକା ରକ୍ଷା ଆଦି ଶୀର୍ଷକ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇଥିଲେ। ଏଥିସହ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରି ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଡ. କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରିନା ରାଉତ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟାପୀଠରେ ଏନ୍‌ସିସି ଦିବସ

**ଟାଙ୍ଗୀ,୨୭।୧୧(ରଘୁନାଥ ସାହୁ)**

ବଳରାମ ଦେବ ବିଦ୍ୟାପୀଠରେ ଜାତୀୟ ସମର ଶିକ୍ଷାର୍ଥୀ(ଏନ୍‌ସିସି)ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ପୁରାତନ ଛାତ୍ର ସଂସଦର ଉପସଭାପତି ଡା. ମଧୁସୂଦନ ସେନାପତି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ଯୋଗଦେଇ ଦେଶମାତୃକାର ସେବା କରିବା ଓ ସମାଜରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଭୂମିକା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏନ୍‌ସିସି ଅଫିସର ସୁଶୀଲ କୁମାର ମୋଦିଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ।



ନିରାକାରପୁର: ସାଧବ ପୁଅ ନୌବାଣିଜ୍ୟ ପାଇଁ ମନ୍ଦାକିନୀ ନଦୀରେ ବୋଇତରେ ଯାତ୍ରା କରୁଛନ୍ତି।



ବାଲୁଗାଁ: ନୌବାଣିଜ୍ୟ ପାଇଁ ଚିଲିକା କୂଳରୁ ସାଧବ ପୁଅଙ୍କ ପାରମ୍ପରିକ ନୌଯାତ୍ରା।

# ନୌବାଣିଜ୍ୟ ଐତିହ୍ୟକୁ ମନେପକାଇଲେ



ମଞ୍ଚରେ ଉପସ୍ଥିତ ସାଧବ ପୁଅବୋହୂ ଏବଂ ଅନ୍ୟମାନେ।

**ନିରାକାରପୁର/ବାଲୁଗାଁ,୨୭।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ/ସଂଗ୍ରାମ ପାଇକରାୟ)**

ରାମେଶ୍ୱର ଛକ ନିକଟ ମନ୍ଦାକିନୀ ନଦୀରେ ଦ୍ୱିତୀୟ ବର୍ଷ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ମନ୍ଦାକିନୀ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ଓଡ଼ିଶାର ଐତିହ୍ୟ ପରମ୍ପରାକୁ ମନେପକାଇ ସାଧବବୋହୂମାନେ ରୀତିନୀତି ଅନୁଯାୟୀ ବନ୍ଦାପନା କରି ବାଣିଜ୍ୟ କରିବା ପାଇଁ ସାଧବପୁଅଙ୍କୁ ବିଦାୟ ଦେଇଥିଲେ। ପରେ ଉକ୍ତ ନଦୀକୂଳରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଓଡ଼ିଶା ବୀରପାଇକ ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବିଜୁ ଜନତା ଦଳର ଖୋର୍ଦ୍ଧା ଜିଲା ଉପସଭାପତି ବିପିନ ଜୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ଶିକ୍ଷାବିତ୍ ରମାକାନ୍ତ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାଲୁଗାଁ ଚିଲିକା ତଟରେ ଅନୁଷ୍ଠିତ ବୋଇତ ବନ୍ଦାଣ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଭୋର୍ ୫ଟାରେ ବୋଇତ ବନ୍ଦାଣ ଉପଲକ୍ଷେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୁଷ ଓ ମହିଳା ସଦସ୍ୟ ତଥାକଥିତ ସାଧବ ପୁଅବୋହୂ ବେଶ ହୋଇ ଉତ୍ସବସ୍ଥଳ ମଞ୍ଚରେ ଉପସ୍ଥିତ ହୋଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସାଧବବୋହୂଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ବାଲୁଗାଁ ଚିଲିକାତଟ ଜଳରାଶିରେ ଅପେକ୍ଷାରତ ସୁସଜ୍ଜିତ ବୋଇତରେ ସାଧବପୁଅ ବେଶଧାରୀ ବିରାଜମାନ ହୋଇଥିଲେ। ଉପସ୍ଥିତ ମହିଳାଙ୍କ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସାଧବବୋହୂଙ୍କଠାରୁ ବିଦାୟ ନେଇ ବୋଇତ କାଳିଜାଈ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ପାରମ୍ପରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ। ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ସନ୍ଧ୍ୟାରେ ଉଦ୍‌ଯାପନୀ ସଭା ହୋଇଥିଲା। ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ସମେତ ସମସ୍ତ ସଦସ୍ୟ ଏବଂ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

## 'ଐତିହ୍ୟର ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ'



କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଏବଂ ଅନ୍ୟମାନେ।

**ନିରାକାରପୁର,୨୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ବଡ଼ବଜାରଠାରେ 'ଝଲକ୍' ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ର ରାଉତରାୟ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଜେଡିର ରାଜ୍ୟ ମହିଳା ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଓଡ଼ିଶାର ପ୍ରାଚୀନ ଗୌରବମୟ ଐତିହ୍ୟର ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ ଯୋଗଦେଇ ଅଞ୍ଚଳର ଐତିହ୍ୟ, ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଝଲକ୍‌ର ସମ୍ପାଦକ ଆର୍ତ୍ତତ୍ରାଣ ରାଉତରାୟ, ରାଜେଶ ସାହୁଙ୍କ ସମେତ ଝଲକ୍ ପରିବାରର କର୍ମକର୍ତ୍ତା ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାମକୃଷ୍ଣ ସେବାଶ୍ରମର ବାର୍ଷିକୋତ୍ସବ





ଉତ୍ସବରେ ଅପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବୋଲଗଡ଼,୨୭।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଚିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମର ୪୫ତମ ବାର୍ଷିକୋତ୍ସବ ଆଶ୍ରମ ପରିଚାଳନା କମିଟିର ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରବଚକ ଭାବେ ସ୍ୱାମୀ ଭାଗବତାନନ୍ଦ ମହାରାଜ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଡା. ନବକିଶୋର ମହାପାତ୍ର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଲକ୍ଷ୍ମୀଧର ଖଟେଇ ଯୋଗଦେଇ ଆଲୋଚନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଦିଲୀପ କୁମାର ପଣ୍ଡା ବେଦପାଠ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା, ମନୋଜ କୁମାର ଗୁମାନ୍‌ସିଂହ ଓ ନାରାୟଣ ସାହୁ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ରାଜକିଶୋର ଛୁଆଳସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଶ୍ରମ ସଦସ୍ୟ ପ୍ରଭାତ ମିଶ୍ରଙ୍କ ସୌଜନ୍ୟରୁ ପ୍ରଦତ୍ତ ଛାତ୍ରବୃତ୍ତିକୁ ଲକ୍ଷ୍ମୀପ୍ରିୟା ସାମନ୍ତରାୟ ୧୦ ଗରିବ ମେଧାବୀଙ୍କୁ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, ସଦସ୍ୟ ବିମ୍ବାଧର ସାହୁ, ନାରାୟଣ ସାହୁ, କାହ୍ନୁଚରଣ ପଣ୍ଡା, ବାବାଜୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଳିଯୁଗେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମିଳନ



**ବାଲୁଗାଁ,୨୭।୧୧(ସଂଗ୍ରାମ ପାଇକରାୟ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଚିଲିକା ସଂଲଗ୍ନ ଐତିହାସିକ ଦ୍ୱୀପ ପାହାଡ଼ର ପାଦଦେଶରେ ଅବସ୍ଥାପିତ କଳିଯୁଗେଶ୍ୱର ଦେବଙ୍କ ପୀଠରେ ପଞ୍ଚଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଅଷ୍ଟଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମହୋତ୍ସବ ଚଳିତ ବର୍ଷ ୪୧ତମ ବର୍ଷରେ ପଦାର୍ପଣ କରିଛି। ଗତ ୨୨ ତାରିଖରେ ଅଙ୍କୁରାରୋପଣ କରାଯାଇ ୨୩ ତାରିଖରୁ ଯଜ୍ଞାରମ୍ଭ ହୋଇଥିଲା। ୫ ଦିନ ଧରି ଯଜ୍ଞକାର୍ଯ୍ୟ ଚାଲିଥିବା ବେଳେ ସୋମବାର ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହେବା ସହ ଅଷ୍ଟଶମ୍ଭୁଙ୍କ ମେଳଣ ହୋଇଥିଲା। ସ୍ଥାନାଧିପତି କଳିଯୁଗେଶ୍ୱର ଦେବଙ୍କ ଆମନ୍ତ୍ରଣକ୍ରମେ ଜଳେଶ୍ୱର ଦେବ (ଖଣ୍ଡୁଆଳକୋଟ), ସୋମନାଥ ଦେବ (ରାହାଣବେଲି), ବାଲୁଙ୍କେଶ୍ୱର ଦେବ (ବ୍ରାହ୍ମଣ କୁଶଡ଼ିହ), ବାଙ୍କନିଧି ଦେବ (ଗବପଦର), ଗତିଶ୍ୱର ଦେବ (ମଙ୍ଗରାଜପୁର), ଗଛବାଲୁଙ୍କେଶ୍ୱର ଦେବ (ହାତୀମୁଣ୍ଡା), ସୋମନାଥ ଦେବ (ଏକଡ଼ାଲିଆ) ଏବଂ ମା' କାଳିଜାଈ ଏହି ମେଳଣ ଉତ୍ସବରେ ଯୋଗଦେଇଥିଲେ। ହରିବୋଲ, ହୁଳହୁଳି ଓ ଘଣ୍ଟ କାହାଳୀ ଧ୍ୱନିରେ ଉତ୍ସବସ୍ଥଳ ପ୍ରକମ୍ପିତ ହୋଇଥିଲା। ମେଳଣ ପରେ ପରେ ସମସ୍ତ ଠାକୁର ନିଜ ଆସ୍ଥାନ ଗ୍ରାମକୁ ବିଜେ କରିଥିଲେ। ଯଜ୍ଞ ପରିଚାଳନା କମିଟି ଏହି ଉତ୍ସବକୁ ସୁଚାରୁଭାବେ ସମ୍ପାଦନ କରିଥିବା ବେଳେ ଯଜ୍ଞ ପୂର୍ଣ୍ଣାହୁତି ଏବଂ ମେଳଣ ଦର୍ଶନ ନିମନ୍ତେ ଆଖପାଖ ଗ୍ରାମାଞ୍ଚଳ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା।

## ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ

**ଜଟଣୀ,୨୭।୧୧(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଜୀବ କରଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ଜନପ୍ରିୟ ସାର୍ବଭୌମତ୍ୱ ଏବଂ ଭାରତୀୟ ସମ୍ବିଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ କର ଭାରତୀୟ ସମ୍ବିଧାନର ଗୁରୁତ୍ୱ ଏବଂ ମୂଲ୍ୟବୋଧକୁ ନେଇ ମତବ୍ୟକ୍ତ ରଖିଥିଲେ। ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ ଏବଂ ଅଧ୍ୟାପକ ଦୀପସୁନ୍ଦର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ଶେଷ ବର୍ଷର ସେମିନାର ସମ୍ପାଦକ ବାସୁଦେବ ବାରିକ, ପ୍ରିୟଦର୍ଶିନୀ ସାହାଣୀ, ଡି.ରାମ୍ୟା, ସତ୍ୟସନ୍ଧାନ ପରିଡା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡି. ରାମ୍ୟାକ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

## 'ତୋର ଦୋଷ ନା ମୋର ଦୋଷ' ନାଟକ ମଞ୍ଚସ୍ଥ



ବିଧାୟକ ରାଜେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ଟାଙ୍ଗୀ,୨୭।୧୧(ରଘୁନାଥ ସାହୁ)**

ମଙ୍ଗଳାଯୋଡ଼ି ବୋଇତ ବନ୍ଦାଣ କମିଟି ଆନୁକୂଲ୍ୟରେ ଚିଲିକାକୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସାମାଜିକ ନାଟକ 'ତୋର ଦୋଷ ନା ମୋର ଦୋଷ' ମଞ୍ଚସ୍ଥ ହୋଇଯାଇଛି। ବୋଇତ ବନ୍ଦାଣ ଅବସରରେ ମଧ ରାମ ନାଟକ ମଞ୍ଚସ୍ଥ ହୋଇଥିଲା। ବିଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ଅଞ୍ଚଳର ଯୁବକମାନେ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିବା ସହ ବୋଇତ ବନ୍ଦାଣର ଅତୀତ ସ୍ମୃତି, ପ୍ରାଚୀନ ସଂସ୍କୃତି ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ମଙ୍ଗଳାଯୋଡ଼ି ସରପଞ୍ଚ ବିକାଶ ସାମନ୍ତରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ସୁନ୍ଦରପୁରର ବିଜୟ କୁମାର ପ୍ରଧାନ, ଟାଙ୍ଗୀର ଅଶୋକ କୁମାର ମହାପାତ୍ର, ଖବରଦାତା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାଷ୍ଟ୍ର ସେବାରେ ବ୍ରତୀ କବି, ଲେଖକ ଓ ସାହିତ୍ୟିକ

**ବେଗୁନିଆ,୨୭।୧୧(ହରପ୍ରସନ୍ନ ପଣ୍ଡା)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବେଗୁନିଆ ବ୍ଲକର ପ୍ରମୁଖ ସାହିତ୍ୟ ସଂସଦ ପକ୍ଷରୁ ସାମ୍ବତ୍ସରିକ ଉତ୍ସବ ପାଳିତ ହୋଇଯାଇଛି। କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ବିଭିନ୍ନ ଜିଲାର ୧୧୦ ଜଣ କବି, କବୟିତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ, ସୁସାହିତ୍ୟିକ ଏବଂ କଳାକାର ଯୋଗଦେଇ ଭାଇଚାରା ସୃଷ୍ଟି କରିବା ସହ କ୍ଷୁଦ୍ର କବିତା ପାଠ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକା ଡ. ଆରତୀ କର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଡ. ଲକ୍ଷ୍ମଣ ସାହୁ ଓ ସାମାଜିକ କର୍ମୀ ମାନସ ରଞ୍ଜନ ଦାଶ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ଦେଉରି ଭଜନ ପରିବେଷଣ କରିଥିବା ବେଳେ ସଂସଦର ସଭାପତି ରାଜକିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଆଜି ଦେଶ ବିଦେଶରେ ପରିଚିତ ହୋଇପାରିଛି। କବି, ସାହିତ୍ୟିକ ଓ ଲେଖକମାନେ ସର୍ବଦା ରାଷ୍ଟ୍ରର ସେବାରେ ବ୍ରତୀ ହୁଅନ୍ତି, ଯାହାଙ୍କ ଅବଦାନରୁ ଓଡ଼ିଆ ଭାଷା ସାରା ଭାରତରେ ଖ୍ୟାତି ଅର୍ଜନ କରିଛି ବୋଲି ବକ୍ତା ସାହୁ କହିଥିଲେ। ଏହି ଅବସରରେ ଗାଳ୍ପିକ ବିଭୁ ହୋତାଙ୍କ 'ଅନ୍ଧାରର ଆଁ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆଦର୍ଶ ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର, ପଟ୍ଟଚିତ୍ର ଶିଳ୍ପୀ ସ୍ନିଗ୍ଧା ସନ୍ଧ୍ୟାରାଣୀ ଦାଶ, ଗାଳ୍ପିକ ବିଭୁ ହୋତା, ସମାଜସେବୀ ତନୁଜା ପାଟ୍ଟଶାଣୀ, ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବିତର୍କରେ ପ୍ରଥମ ସ୍ଥାନ ଲାଭ କରିଥିବା ଛାତ୍ରୀ ଅନ୍ୱେଷା ତ୍ରିପାଠୀ ଏବଂ କୁଇଜ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଅଖିଳେଶ ମହାପାତ୍ର ଏବଂ ଅଧ୍ୟାପିକା ରଶ୍ମି କର କବିତା ଆସରକୁ ସଂଯୋଜନା କରିଥିଲେ। ଦିଲୀପ କୁମାର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଓ ଗୁରୁମା', ଗୁରୁଜୀମାନେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୧।୨୦୨୩

| | |
|---|---|
| ୭,୨୬,୫୬୨ ଟଙ୍କା | |
| ସୁନା | ୦୧.୫୭୦ ଗ୍ରାମ୍ |
| ରୁପା | ୧୫୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିର କାର୍ତ୍ତିକ ସଂଖ୍ୟା ଉନ୍ମୋଚିତ

ପୁରୀ,୨୭।୧୧(ଅଜିତ ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିର ପତ୍ରିକା (କାର୍ତ୍ତିକ ସଂଖ୍ୟା-୨୦୨୩) ପ୍ରକାଶ ପାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ଚତୁର୍ଦ୍ଧାବିଗ୍ରହଙ୍କଠାରେ ଲାଗିହେବାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି ଓ ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ସିଂହଦ୍ୱାରଠାରେ ଶ୍ରୀମନ୍ଦିର କାର୍ତ୍ତିକ ସଂଖ୍ୟା ଉନ୍ମୋଚନ କରାଯାଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଲେଖିକା ଲେଖକ, ଗବେଷକ, ପ୍ରାବନ୍ଧିକ ଏବଂ କବିମାନଙ୍କର ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଲେଖା ଏଥିରେ ପ୍ରକାଶ ପାଇଛି। ଉକ୍ତ ପତ୍ରିକା ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ବିକ୍ରୟ ଆରମ୍ଭ ହୋଇଛି। ଉକ୍ତ ପତ୍ରିକାର ମୂଲ୍ୟ ୧୦ ଟଙ୍କା ରହିଛି।

### ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ, ୨୭।୧୧(ଅଜିତ ମହାନ୍ତି):

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନ ଦିବସରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ମୁଖପାତ୍ର ଲେଲିନ୍ ମହାନ୍ତି, ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଶ୍ୱପ୍ରତାପ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ ବିଜେଡି ରାଜ୍ୟ ମୁଖପାତ୍ର ମହାନ୍ତି ଆହ୍ୱାନ ଦେଇଥିଲେ। ଶିବିରରେ ବ୍ରହ୍ମଗିରି ବ୍ଲକ ୨୯ ନଂ ଜୋନର ୮ଟି ଏବଂ ପୁରୀ ସଦର ବ୍ଲକର ୨ଟି ପଞ୍ଚାୟତର ସମସ୍ତ ୱାର୍ଡ କମିଟି ଓ ବୁଥ୍ କମିଟିର ସଦସ୍ୟା ସଦସ୍ୟ ତାଲିମ୍ ନେଇଥିଲେ। ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ସମେତ ଜିଲା ବିଜେଡି ଉପସଭାପତି ସୁର ପ୍ରସାଦ ମହାନ୍ତି, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ୟ ବୋଇତ ବନ୍ଦାଣ ଉତ୍ସବ

ନିମାପଡ଼ା,୨୭।୧୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାର ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ୨ୟ ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହଶହ ଶ୍ରଦ୍ଧାଳୁ ମଣ୍ଡପ ପଡ଼ିଆରେ କୃତ୍ରିମ ଜଳାଶୟରେ ଡଙ୍ଗା ଭସାଇ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରାକୃତିକ ଜଳ ଉତ୍ସକୁ ପ୍ରଦୂଷିତ ନ କରି କୃତ୍ରିମ ଜଳାଶୟରେ ଡଙ୍ଗା ଭସାଇବା ଟ୍ରଷ୍ଟର ମୂଳ ଲକ୍ଷ୍ୟ ବୋଲି ଟ୍ରଷ୍ଟ ସଭାପତି ଗଙ୍ଗାଧର ଓଝା, ସମ୍ପାଦକ ମନୋଜ ନାୟକ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପଦେଷ୍ଟା ଭରତ ଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଉତ୍ସବ ସ୍ଥଳରେ ବୋଇତ ବନ୍ଦାଣ ପୂଜାର୍ଚ୍ଚନା ସଭା, ସାଂସ୍କୃତିକ ଧମାକା, ଭଜନ ସମାରୋହ, ବିଶାଳ ସମ୍ବର୍ଦ୍ଧନା ସମାରୋହ, ସାହିତ୍ୟ ସଭା, ଆଲୋଚନା ଚକ୍ର, କବିତା ପାଠୋତ୍ସବ, ଝୋଟି, ମୁରୁଜ, ହୁଳହୁଳି, ଶଙ୍ଖ ବାଦନ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଫେଇ କର୍ମଚାରୀ, ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ସଫଳ ସେବିକାଙ୍କ ସମେତ ୫ଜଣ କୃତୀ ବ୍ୟକ୍ତିତ୍ୱଙ୍କୁ ଟ୍ରଷ୍ଟ ପକ୍ଷରୁ 'ସଙ୍ଗୀତ ସେବା ରତ୍ନ ସମ୍ମାନ', ନିମାପଡ଼ାରେ ଅର୍ଥନୈତିକ ବିକାଶ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୭ଜଣ ବିଶିଷ୍ଟ କୃତୀ ବ୍ୟକ୍ତିଙ୍କୁ 'ନିମାପଡ଼ା ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଶିଷ୍ଟ କବି, ସାହିତ୍ୟିକ, ଲେଖକ, ଗାଳ୍ପିକ, କଳାକାର, ନୃତ୍ୟ,



ଉତ୍ସବର ୩ୟ ଅଧିବେଶନରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିବୃନ୍ଦ।

## ୬୦ କୃତୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

ସଙ୍ଗୀତ ଗୁରୁଙ୍କ ସମେତ ପ୍ରାୟ ୬୦ ଜଣ କୃତୀ ପ୍ରତିଭାଙ୍କୁ ଉତ୍ତରୀୟ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ୩ୟ ତଥା ଶେଷ ଅଧିବେଶନରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ, ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ସଭାପତି ଗଙ୍ଗାଧର ଓଝା ପ୍ରମୁଖ ଯୋଗଦେଇ ଭୂରିୟସୀ ପ୍ରଶଂସା କରିଥିଲେ। କବି, କଳାକାର ସଙ୍ଗମର ଉଦଦେଷ୍ଟା ନିରଞ୍ଜନ ପଳତା ମଞ୍ଚ ପରିଚାଳନା, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜିତ ସଙ୍ଗୀତ ଧମାକା ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ୨୪ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହରେ ଅତିଥିମାନେ ଶିଶୁକଳିକା ଉନ୍ମୋଚନ କରୁଛନ୍ତି ।

# ଶୁନାବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ



ସାକ୍ଷୀଗୋପାଳ,୨୭।୧୧ (ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

କାର୍ତ୍ତିକ ବ୍ରତ ତଥା ପଞ୍ଚକର ଅନ୍ତିମ ଦିବସ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ଶ୍ରୀସାକ୍ଷୀଗୋପାଳ ସୁନାବେଶରେ ଦର୍ଶନ ଦେଇଛନ୍ତି। ଭୋରରୁ ଲମ୍ବାଧାଡିରେ ଭକ୍ତମାନେ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ହରିନାମ କୀର୍ତ୍ତନ ପରିବେଷଣ ସାଙ୍ଗକୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ପଞ୍ଚତୀର୍ଥ ଜଳ ସିଞ୍ଚନ କରି ଅଷ୍ଟଶମ୍ଭୁଙ୍କୁ ଦର୍ଶନ କରିବା ପାଇଁ ନିକଟତମ ମନ୍ଦିରକୁ ଯାଇଥିଲେ। ଚନ୍ଦନ ପୋଖରୀ, ରତ୍ନଚିରା ନଦୀ, ଗ୍ରାମ ପୁଷ୍କରିଣୀରେ କଦଳୀ ବାସୁଙ୍ଗା ଓ ସୋଲ ଡଙ୍ଗାରେ ଗୁଆ, ପାନ, ଅରୁଆ ଚାଉଳ,ଦୂବ, ବରକୋଳି ପତ୍ର, ଧୂପ ଦୀପ ସହ ହରିବୋଲ ହୁଳହୁଳି ଦେଇ ପାରମ୍ପରିକ ରୀତିରେ ଡଙ୍ଗା ଭସାଇଥିଲେ। ଡଙ୍ଗା ଭସେଇବା ବେଳେ 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର' ଗୁଞ୍ଜରିତ ହେଉଥିବା ଦେଖିବାକୁ ମିଳିଥିଲା। ତେବେ

## ହଜିଗଲା ପଞ୍ଚତୀର୍ଥ ପରମ୍ପରା

ପଞ୍ଚତୀର୍ଥରୁ ରତ୍ନଚିରା, ଚନ୍ଦନପୋଖରୀ, ଶ୍ୟାମକୁଣ୍ଡର ପବିତ୍ର ଜଳ ମଥାରେ ସିଞ୍ଚନ କରିଥିବା ବେଳେ ବିଲୁପ୍ତ ନିମ୍ନଗଙ୍ଗା ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଚେରି ଘେରରେ ରହିଥିବା ରାଧାକୁଣ୍ଡ ପାଖକୁ ଯାଇ ନ ପାରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ପଞ୍ଚତୀର୍ଥ ବନ୍ଦାପନା ଓ ପବିତ୍ର ଜଳସିଞ୍ଚନ ପରମ୍ପରା ବକୁଳବନ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ହଜିଗଲା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ୨୪ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ

ପୁରୀ,୨୭।୧୧(ଅଜିତ୍ ମହାନ୍ତି)

ମୁକ୍ତାକାଶ ରଙ୍ଗମଞ୍ଚରେ ୨୪ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନାମ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ସୁରେନ୍ଦ୍ର ନାଥ ଦାଶ, ବିଜୟଲକ୍ଷ୍ମୀ ଦାଶ, ଭଗବାନ ସୁଆର, ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ। କଟକ, ଭୁବନେଶ୍ୱର, ନିମାପଡ଼ା, ବଡ଼ମ୍ବା, ଯୋବ୍ରା, ନରସିଂହପୁର, ସାକ୍ଷୀଗୋପାଳ, ପୁରୀ ଆଦି ସ୍ଥାନରୁ ଦେବସ୍ମିତା ଖୁଣ୍ଟିଆ, ଓମ୍ ପ୍ରକାଶ ସାହୁ, ଶ୍ରେୟାଂଶ ସାହୁ, ବିଜୟ ଗୋଚ୍ଛିକାର, ଆୟୁଷ ଜେନା, ପ୍ରୀତୀଶ ପରିଡ଼ା, ରୁଦ୍ରାଶୁଣୀ ଖୁଣ୍ଟିଆ, ଅଂଶୁମାନ ରାଉତ, ସୁଶ୍ରୀ ପ୍ରଲିପ୍ତା ମିଶ୍ର, ପ୍ରଜ୍ଞା ପାରମିତା ମିଶ୍ର ଆଦି ୩୦ରୁ ଅଧିକ ଶିଳ୍ପୀ ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ମୁଖ୍ୟ ପୃଷ୍ଠପୋଷକ ପୂର୍ବତନ ବିଧାୟକ ସ୍ୱର୍ଗତ ମହେଶ୍ୱର ମହାନ୍ତି ଏବଂ ପ୍ରାଧ୍ୟାପିକା ଆଶାଲତା ମିଶ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱମ୍ଭର ସାହୁ ଅତିଥି ପରିଚୟ ଓ ନରେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

ପୁରୀ, ୨୭।୧୧(ଅଜିତ୍ ମହାନ୍ତି)

ବଳଗଣ୍ଡିସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖରେ ଆୟୋଜିତ ଅଷ୍ଟମ ପଞ୍ଚକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶେଷ ଦିନରେ ହରି ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣମୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱରୀ ବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧାକର ଭୋଳ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜଗନ୍ନାଥ ଦାସମହାପାତ୍ର, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ଶାସ୍ତ୍ରୀ, ବିଶ୍ୱନାଥ ଜଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟିର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କମିଟି ସମ୍ପାଦକ ମଧୁସୂଦନ ମିଶ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ। ଦୟାନିଧି ସଙ୍ଗୀତ ସୁଧାର ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରବକ୍ତା ପଣ୍ଡିତ ବିପିନ ବିହାରୀ ମିଶ୍ର ହରିକଥା ଶୁଣାଇଥିଲେ। ଖବରଦାତା ବିଜୟ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଶଙ୍କର୍ଷଣ ଦାସ, ସମାଜସେବୀ ସୁଧାକର ଭୋଳ, ଶରତ ଚନ୍ଦ୍ର ରାଉତରାୟ ଓ ପ୍ରବକ୍ତା ପଣ୍ଡିତ ବିପିନ ବିହାରୀ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୀଳଚକ୍ର ସୋସିଆଲ କଲଚରାଲ ଏକାଡେମୀର ପକ୍ଷରୁ ପରିବେଷିତ ମାହାରୀ, ସମ୍ବଲପୁରୀ ଓ ଭଜନ ଦର୍ଶକଙ୍କୁ ବିମୋହିତ କରିଥିଲା। ମନିଷା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶ୍ରୀଦେବୀ ପଢିଆରୀ, କାବ୍ୟାଞ୍ଜଳି ସାହୁ, କ୍ରିଷ୍ଣାଞ୍ଜଳି ସାହୁ, ପ୍ରିୟାଂଶୀ ପରିଡା, ଶୁଭଶ୍ରୀ ବେହେରା, ରାଜନନ୍ଦନୀ ସାହୁ, ସୁଶ୍ରୀ ସୁଲଗ୍ନା ମହାନ୍ତି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଭରତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିପ୍ରକାଶ ଜେନା, ତ୍ରିଲୋଚନ ରଥ, ବିଜୟକୃଷ୍ଣ ଦାସ, ରଘୁନାଥ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ସାକ୍ଷୀଗୋପାଳ, ୨୭।୧୧(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):

ସତ୍ୟବାଦୀ ବ୍ଲକର ଅଠେଇସ ଗ୍ରାମରେ ଥିବା ପୁରାତନ ଜଗନ୍ନାଥ ମନ୍ଦିର ପରିସରରେ ପାଞ୍ଚଦିନ ବ୍ୟାପୀ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସୋମବାର ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ମହାଯଜ୍ଞ ଆୟୋଜନ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ଠାକୁରମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ପ୍ରତିଦିନ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶାଳପୂଜା ସହିତ ଯଜ୍ଞ ଆହୁତି, ନାମଯଜ୍ଞ ଓ ଅର୍ଣ୍ଣଯଜ୍ଞ ଅନୁଷ୍ଠିତ ହେଉଥିବାବେଳେ ରାତ୍ରିରେ ହରି କଥାମୃତ ଶ୍ରବଣ ନିମନ୍ତେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ମନ୍ଦିରରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ପୁରୀ ଶ୍ରୀମନ୍ଦିର ପରି ଅବଢା ପ୍ରସ୍ତୁତ କରି ନୈବେଦ୍ୟ ଅର୍ପଣ କରାଯାଏ।



କାର୍ତ୍ତିକ ପୂର୍ଣ୍ଣମୀରେ ସୋମବାର ହବିଷିଆଳିମାନେ ପୁରୀ ସମୁଦ୍ରରେ ଡଙ୍ଗା ଭସାଉଛନ୍ତି ।

# ଭାବବିହ୍ୱଳ ପରିବେଶରେ ବାହୁଡ଼ିଲେ ହବିଷିଆଳି

ପୁରୀ,୨୭।୧୧(ଅଜିତ୍ ମହାନ୍ତି)

ଏକ ମାସ ଧରି ଚାଲିଥିବା କାର୍ତ୍ତିକ ବ୍ରତ ସୋମବାର କାର୍ତ୍ତିକ ପୂର୍ଣ୍ଣିମାରେ ଶେଷ ହୋଇଛି। ଅନେକ ହବିଷିଆଳି ପୁରୀ ଆସି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ରାଜ୍ୟ ସରକାର କରିଥିବା ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳିମାନେ ଆସି ରହି ହବିଷ କରିଥିଲେ। ବ୍ରତର ଶେଷ ଦିନରେ ଶିବିରଗୁଡ଼ିକରେ ଭାବ ବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା। ଦୀର୍ଘ ଏକମାସ ଧରି ଏକାଠି ରହି ଆସୁଥିବା ହବିଷିଆଳିଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ଗଢ଼ିଉଠିଥିଲା। ଫଳରେ ପରସ୍ପରଠାରୁ ବିଦାୟ ନେବା ସମୟରେ ସମସ୍ତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ବଞ୍ଚିଥିଲେ ପୁଣି ଆରବର୍ଷକୁ ଦେଖା ହେବାର ଆଶା ନେଇ ହବିଷିଆଳିମାନେ ବିଦାୟ ନେଇଥିଲେ। ଜଣେ ହବିଷିଆଳି କହିଛନ୍ତି, ଦୀର୍ଘ ଏକମାସ ଧରି ଏକାଠି ହୋଇ ରହିଥିଲୁ। ସକାଳୁ ଉଠି ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଇ ଚଉଁରା ପୂଜା କରୁଥିଲୁ। ପ୍ରଶାସନ ପକ୍ଷରୁ କରାଯାଇଥିବା ଗାଡ଼ିରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରୁଥିଲୁ। କାର୍ତ୍ତିକ ମାସ ସରିଗଲା ପରେ ସମସ୍ତେ ନିଜ ନିଜ ଘରକୁ ବାହୁଡ଼ିଯାଉଛୁ। ତେବେ ଏଠାରେ କାଟିଥିବା ସମୟ ସବୁଦିନ ପାଇଁ ମନେରହିବ। ଦୁଃଖ ଲାଗୁଛି କାଲିଠାରୁ ଆଉ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିପାରିବୁନି କି ସାଙ୍ଗସାଥିଙ୍କୁ ଦେଖିବାକୁ ପାଇବୁନି। ଯଦି ମହାପ୍ରଭୁଙ୍କ କୃପା ହୁଏ ତେବେ ଆସନ୍ତା ବର୍ଷ ପୁଣି ଆସିବୁ। ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଭଲ ଥିଲା। ସେହିପରି ଅନେକ ଶ୍ରଦ୍ଧାଳୁ ତାଙ୍କ ଘର ଲୋକଙ୍କ ପାଇଁ ପୁରୀରୁ ବିଭିନ୍ନ ଜିନିଷ କିଣି ସାଙ୍ଗରେ ନେଇଥିଲେ। ଅନେକ ହବିଷିଆଳିଙ୍କୁ ନେବା ପାଇଁ ତାଙ୍କ ପରିବାର ଲୋକ ଆସିଥିବାବେଳେ ଅନ୍ୟମାନେ ଗାଡି ଯୋଗେ ନିଜ ଘରକୁ ଫେରିଯାଇଥିଲେ।

# ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ମାନବ ଶୃଙ୍ଖଳ

ପୁରୀ, ୨୭।୧୧(ଅଜିତ୍ ମହାନ୍ତି)

ଶେଷ ହୋଇଛି ଧର୍ମମାସ କାର୍ତ୍ତିକ। ସୋମବାର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଏହି ରାଜାଧିରାଜ ବେଶ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଭକ୍ତମୟ ପରିବେଶ ସୃଷ୍ଟି ହୋଇଥିଲା। ଭୋରୁ ଭୋରୁ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବାଧାଡି ଲାଗିଥିଲା। ତେବେ ସଅଳ ନୀତିକାନ୍ତି ଏବଂ ପୋଲିସ ପ୍ରଶାସନର ପୂର୍ଣ୍ଣ ସହଯୋଗ ଫଳରେ ଭକ୍ତମାନେ ଖୁସିରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ। ପ୍ରାୟ ୨ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ରାଜାଧିରାଜ ବେଶ ଦେଖି କୃତାର୍ଥ ହୋଇଛନ୍ତି। ବିଶେଷକରି ପୋଲିସ ପକ୍ଷରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା, ତାହାକୁ ଭକ୍ତମାନେ ପ୍ରସଂଶା କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ପୋଲିସ ପକ୍ଷରୁ ମାନବ ଶୃଙ୍ଖଳ କରାଯାଇ ଭକ୍ତଙ୍କୁ ଦର୍ଶନ କରିବାକୁ ଛଡ଼ାଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଠେଲାପେଲାରୁ ମୁକ୍ତି ପାଇ ଶୃଙ୍ଖଳିତ ଭାବେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏହି ମାନବ ଶୃଙ୍ଖଳ ବ୍ୟବସ୍ଥାକୁ ପ୍ରତିଦିନ ବଜାୟ ରଖିବା ଲାଗି ଅନେକ ଭକ୍ତଙ୍କ ଫିଡ୍‌ବ୍ୟାକ ଆସିଥିବା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପୋଲିସ ଓ ଯୁବଶକ୍ତି ୭୫୦ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ରହଣିସ୍ଥଳରୁ ଗାଡ଼ିରେ ଆଣି ମହାପ୍ରଭୁଙ୍କ ଦର୍ଶନ କରାଇ ପୁଣି ତାଙ୍କୁ ସୁରକ୍ଷିତ ଭାବେ ଛାଡିଥିଲେ। ଶୃଙ୍ଖଳିତ ଭାବେ ଦର୍ଶନ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ସେବାୟତ, ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ, ଲାଇନ ବିଭାଗ, ପୁରୀବାସୀ ଏବଂ ଜଗନ୍ନାଥପ୍ରେମୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।



# ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ





ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଅସ୍ତରଙ୍ଗ,୨୭।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):

ପୀରଜାହାଁନିଆ ବେଳାଭୂମିରେ ସୋମବାର ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ମହୋତ୍ସବ କମିଟି ସଭାପତି ତଥା କ୍ରୀଡ଼ା ଓ ଯୁବ ବ୍ୟାପାର, ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଓଡ଼ିଶୀ ନୃତ୍ୟ ସହ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଜ୍ଞା ହୋତା ଓ ବିଷ୍ଣୁମୋହନ କବି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ବୈଜୟନ୍ତୀ ବେହେରା,

## ଝୁମାଇଲା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍

ସାଇକ୍ରିଷ୍ଟା ବାରିକ, ସୁଜାତା ଦେଇ, ରୂପାଲି ମଲ୍ଲିକ, ଅର୍ଚ୍ଚନା ଦାସ, ଆସ୍ମିନ ଜେନା ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ପ୍ରଥମ ଥର ଏହି ଉତ୍ସବ ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଉତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ନାୟକ, କୋଷାଧ୍ୟକ୍ଷ ରତ୍ନରାଜ ରାଉତ, ମୁଖ୍ୟ ଉପଦେଷ୍ଟା ସ୍ୱପ୍ନେଶ୍ୱର ସାହୁ, ମୁଖ୍ୟ ସଂଯୋଜକ ଶୋଭାକର ବେହେରା ଏବଂ ସମସ୍ତ କାର୍ଯ୍ୟକାରୀ କମିଟି ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଓଡ଼ିଶା ପୋଲିସରେ ଅବ୍ୟବସ୍ଥା

# ଖୋଲୁନି 'ସହାୟତା' ଆପ୍, ସିୟୁଜିକୁ ଯାଉନି କଲ୍

ଭୁବନେଶ୍ୱର,୨୭।୧୧
(ସତ୍ୟଜିତ୍ ରାଉତ)







ନାଗରିକଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ବିଭିନ୍ନ ସରଳ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବା ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଉଛି। ବିଶେଷକରି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଯୋଜନା ପରେ ଯୋଜନା ହାତକୁ ନିଆଯାଉଛି। ଏହାକୁ ନେଇ କିଛି ଦିନ ପର୍ଯ୍ୟନ୍ତ ପୋଲିସ ଅଧିକାରୀମାନେ ତତ୍ପରତା ଦେଖାଇବା ସହ ବାହା ବାଃ ନେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଅଧିକାଂଶ ଯୋଜନା ଗୁରୁତ୍ୱହୀନ ହୋଇପଡୁଛି, ଯେଉଁଥିପାଇଁ ଏବେ ବହୁ ଯୋଜନା ଓ ଆପ୍ ଲୋକଙ୍କ ସେବାରେ ଆସୁନି। କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଂ ନେଟ୍‌ୱର୍କ ଆଣ୍ଡ ସିଷ୍ଟମ(ସିସିଟିଏନ୍‌ଏସ୍) ପ୍ରୋଜେକ୍ଟ ଅଧୀନରେ ଓଡ଼ିଶା ପୋଲିସ ପକ୍ଷରୁ ଏକ ମୋବାଇଲ ଆପ୍ଲିକେଶନ୍ 'ସହାୟତା' ରହିଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସ୍‌ସିଆର୍‌ବି) ପକ୍ଷରୁ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇ ୨୦୧୮ ମାର୍ଚ୍ଚ ୧୪ରୁ ଲୋକଙ୍କ ସେବାର ଲଗାଯାଇଛି। ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ଲୋକେ ଏହାକୁ ଡାଉନ୍‌ଲୋଡ୍ କରି ଘରେ ବସି ୧୮ଟି ସୁବିଧା ପାଇବାର ବ୍ୟବସ୍ଥା ରହିଛି। ହେଲେ ଏହି ଆପ୍ ଏବେ କାମ କରୁ ନ ଥିବା ଅଭିଯୋଗ ହୋଇଛି। ପୋଲିସ ବିଭାଗରେ ଏଭଳି ଅବ୍ୟବସ୍ଥାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପୋଲିସ ଷ୍ଟେଶନକୁ ନ ଯାଇ ଅଭିଯୋଗକାରୀ 'ସହାୟତା' ଆପ୍ ଜରିଆରେ ନିଜ ଏତଲା ଦେଇ ଏଫ୍‌ଆଇଆର୍ (ଫାର୍ଷ୍ଟ ଇନ୍‌ଫରମେଶନ୍ ରିପୋର୍ଟ)ର କପି ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। ସେହିଭଳି କ୍ୟାରେକ୍ଟର ସାର୍ଟିଫିକେଟ୍, ପଟ୍ଟା ଭେରିଫିକେଶନ୍, ଇଭେଣ୍ଟ ପାଇଁ ଆବେଦନ, ଏମ୍ପ୍ଲଇ ଯାଞ୍ଚ ଆଦି ଆବେଦନ କରିହେବ। ଏଥିସହ ପ୍ରଶେସନ୍, ବିକ୍ଷୋଭ ଓ ଧାରଣା ପାଇଁ ଆବେଦନ, ହଜିଯାଇଥିବା ଜିନିଷ ସଂକ୍ରାନ୍ତରେ ଅଭିଯୋଗ ପଞ୍ଜୀକରଣ, ନିଖୋଜ ଲୋକଙ୍କ ସମ୍ବନ୍ଧରେ ଏହି ଆପ୍ ଜରିଆରେ ରିପୋର୍ଟ ମଧ୍ୟ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଆପ୍ ଚାଲୁ ନ ଥିବାରୁ ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ଲୋକେ ନାନା ରିଭ୍ୟୁ/ମନ୍ତବ୍ୟ ଦେଇଛନ୍ତି। ଏହି ଆପ୍‌କୁ ଖୋଲିବା ପରେ ତାହାକୁ ଅପ୍‌ଡେଟ୍ କରିବାକୁ ଲେଖା ଆସୁଛି। ହେଲେ ଅପ୍‌ଡେଟ୍ କରିବା ପରେ ମଧ୍ୟ ସମାନ ସମସ୍ୟା ଦେଖାଉଛି। ଏନେଇ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି, ଏହା ଆଇଟି ସିଷ୍ଟମ୍ ହୋଇଥିବା ବେଳେ କେତେବେଳେ କେମିତି ଏଥିରେ ଅସୁବିଧା ହେଉଛି। ଏଥିପାଇଁ ହେଲ୍ପ ଡେସ୍କ ନମ୍ବର ରହିଛି ବୋଲି ସେ କହିଛନ୍ତି।

ସେହିଭଳି ରାଜ୍ୟର ଅଧିକାଂଶ ଥାନା ଅଧିକାରୀ ଓ ଏସ୍‌ଡିପିଓଙ୍କ ସିୟୁଜି (କ୍ଲୋଜ୍‌ଡ ୟୁଜର୍ ଗ୍ରୁପ୍) ନମ୍ବରକୁ ମଧ୍ୟ କଲ୍ ଯାଉନାହିଁ। ଅଧିକାରୀ ବଦଳିଲେ ମଧ୍ୟ ସମାନ ନମ୍ବରରେ ଲୋକେ ଯୋଗାଯୋଗ କରିବାର ବ୍ୟବସ୍ଥା ରହିଛି। ଏସବୁ ନମ୍ବର ଅକାମୀ ହୋଇଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସିୟୁଜି ନମ୍ବରକୁ କଲ୍ କଲେ ସୁଇଚ୍ ଅଫ୍ ଥିବା କହୁଛି। ସେହିଭଳି ଥାନାଗୁଡ଼ିକର ଅଧିକାଂଶ ଲ୍ୟାଣ୍ଡଲାଇନ୍ ନମ୍ବରକୁ ମଧ୍ୟ କଲ୍ ଯାଉ ନ ଥିବା ଜଣାପଡିଛି। ଏନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, ଯୋଜନା ଉପରେ ଯୋଜନା ଚାଲିଛି। ହେଲେ ଏସବୁ ଯୋଜନାର କିଛି ସୁଫଳ ମିଳିପାରୁନାହିଁ। କିଛି ସାଧାରଣ ଲୋକ ଏବଂ ମୁଁ ମଧ୍ୟ ସହାୟତା ଆପ୍ ଜରିଆରେ ସୁବିଧା ପାଇବାକୁ ଯାଇ ବିଫଳ ହୋଇଛୁ। ଯେଉଁ ଯୋଜନା ପୋଲିସ କରୁଛି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ବୋଲି ସେ କହିଛନ୍ତି।

# ଡଙ୍ଗା ଭସାଇବା ବେଳେ ଭାସିଗଲେ

ତାଲଚେର,୨୭।୧୧
(ମନୋଜ ନନ୍ଦ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡଙ୍ଗା ଭସାଇବା ବେଳେ ରବିବାର କେନାଲରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଲଚେରସ୍ଥିତ ସମଲ ରାଇଟ୍ କେନାଲରେ ଘଟିଛି ଏହି ଅଘଟଣ। ମୃତ ଯୁବକ ହେଲେ ପାଲଲହଡ଼ା ବ୍ଲକ ଚଷାଗୁରୁଜାଙ୍ଗର ଆଶିଷ କୁମାର ସାହୁ (୨୨)। ସୂଚନା ଅନୁସାରେ, ଆଶିଷ ପିଲାବେଳୁ ମାମୁ ଘର କଙ୍କିଳି ଗାଁରେ ରହି ଆସୁଥିଲେ। ସେ ଏକ ଘରୋଇ ଗାଡ଼ି ଫାଇନାନ୍ସ କମ୍ପାନୀରେ ଚାକିରି କରିଥିଲେ। ସକାଳେ ସେ ମାମୁଘର ଗାଁର ଯୁବକମାନଙ୍କ ସହ ଡଙ୍ଗା ଭସାଇବାକୁ କେନାଲକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲି ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ପାଣିରୁ ଉଦ୍ଧାର କରି


ଆଶିଷ କୁମାର ସାହୁ

ମଣ୍ଡାପାଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତାଲଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଡଙ୍ଗା ଆଣିବାକୁ ଯାଇ ପୋଖରୀରେ ବୁଡ଼ିଗଲେ ନାବାଳିକା

ବାସୁଦେବପୁର,୨୭।୧୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମୁଆଁ ପଞ୍ଚାୟତରେ କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ଅପରାହ୍ଣରେ ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ଭସାଯାଇଥିବା ଡଙ୍ଗା ଆଣିବାକୁ ଯାଇ ଜଣେ ନାବାଳିକା ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ୫ ନଂ. ୱାର୍ଡର ରତ୍ନାକର ମହାଲିକଙ୍କ ଝିଅ ଝାନ୍ସୀରାଣୀ(୧୧)। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଶେଷରେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଖରୀରୁ ଉଦ୍ଧାର ପରେ ଚିକିତ୍ସା ପାଇଁ ଝାନ୍ସୀରାଣୀଙ୍କୁ ବାଲେଶ୍ୱର ଜିଲା ସୋର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.TP235147, ତା.20.11.2023ରିଖ
ସାମଗ୍ରୀଗୁଡ଼ିକର ବିବରଣୀ: ପୂର୍ବ ତଟ ରେଳପଥରେ TWSEJ ର ସମ୍ପ୍ରସାରିତ ଟ୍ରାଏଲର ପରିଚାଳନା ନିମନ୍ତେ RDSO ଡ୍ରଇଂ ନଂ.T-8838 ଅନୁଯାୟୀ 60 କି.ଗ୍ରା. (UIC) ରେଲ୍ ନିମନ୍ତେ ଥିକ୍ ୱେବ୍ ସ୍ୱିଚ୍ ଏକ୍ସପାନସନ୍ ଜଏଣ୍ଟପାଇଁ ପ୍ରିଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପର, (ମାତ୍ରା : 550 ଗୋଟି ।
ବନ୍ଦ ହେବା ତାରିଖ ଓ ସମୟ: ତା.11.12.2023 ରିଖ 1430 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଉପ ମୁଖ୍ୟ ଯନ୍ତ୍ରୀ/TP/ ଭୁବନେଶ୍ୱର
PR-810/O/23-24

# ରାସ୍ତାକଡ଼ ଅଫିସ ବାରଣ୍ଡାରୁ ୨ ମହିଳାଙ୍କ ମୃତଦେହ ଜବତ

ନବରଙ୍ଗପୁର,୨୭।୧୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବସ୍‌ଷ୍ଟାଣ୍ଡରୁ ମହିଳା ମହାବିଦ୍ୟାଳୟ ଯିବା ରାସ୍ତାରେ ଥିବା ଏକ ଅଫିସ ବାରଣ୍ଡାରୁ ସୋମବାର ୨ଜଣ ମହିଳାଙ୍କ ମୃତଦେହ ମିଳିଛି। ମୃତକ ହେଲେ ନବରଙ୍ଗପୁର ବ୍ଲକ କୁସୁମୀ ଗାଁର ସ୍ୱର୍ଗତ ଚୈତନ୍ୟ ଜାନୀଙ୍କ ସ୍ତ୍ରୀ ମୁଣ୍ଡରି (୫୦)। ଅନ୍ୟ ଜଣକ ପରିଚୟ ମିଳିନି। ସେମାନଙ୍କ ମୃତ୍ୟୁ କିପରି ହେଲା ସେ ନେଇ ପୋଲିସ କୌଣସି ସନ୍ଧାନ ପାଇନାହିଁ। ମୃତଦେହ ପାଖରୁ କିଛି କପଡ଼ା ଏବଂ ଖାଦ୍ୟ ପଦାର୍ଥ ମିଳିଛି। ଉଭୟେ ନବରଙ୍ଗପୁରରେ ଭିକ୍ଷାବୃତ୍ତି କରୁଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସୋମବାର ଅଫିସ ବାରଣ୍ଡାରେ ୨ଜଣ ମହିଳା ଶୋଇଥିବା ଲୋକେ ଦେଖିଥିଲେ। କିନ୍ତୁ ସେମାନେ ଦୀର୍ଘ ସମୟ ଧରି ନ ଉଠିବାରୁ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ମୃତକଙ୍କ ପରିଚୟ ଖୋଜିଥିଲା। ସେମାନଙ୍କ ମଧ୍ୟରୁ ମୁଣ୍ଡରିଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣଙ୍କର କୌଣସି ସୂଚନା ମିଳିନି ମୁଣ୍ଡରିଙ୍କ ଏକମାତ୍ର ଝିଅଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ମା' ଙ୍କ ମୃତ୍ୟୁ ଖବର ପାଇ ଝିଅ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ସେ ସତ୍କାର କରିବାକୁ ଅକ୍ଷମତା ପ୍ରକାଶ କରିବା ପରେ ପ୍ରଶାସନ ପକ୍ଷରୁ ତାଙ୍କ ମୃତଦେହ ସତ୍କାର କରାଯାଇଛି। ଅନ୍ୟ ମହିଳାଙ୍କ ମୃତଦେହକୁ ୭୨ଘଣ୍ଟା ରଖାଯାଇ ତାଙ୍କ ପରିଚୟ ଖୋଜାଯିବ। ଏହା ମଧ୍ୟରେ ତାଙ୍କ ପରିଚୟ ନ ମିଳିଲେ କିମ୍ବା ମୃତଦେହର କୌଣସି ଦାବିଦାର ନ ଆସିଲେ ପ୍ରଶାସନ ପକ୍ଷରୁ ସତ୍କାର କରାଯିବ ବୋଲି ସୂଚନା ମିଳିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

# ଏଲ୍‌ଆଇସି ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର,୨୭।୧୧
(ଅନୁରାଧା ମହାରଣା)

ଜୀବନ ବୀମା ନିଗମ (ଏଲ୍‌ଆଇସି) ଇଣ୍ଡିଆ ପକ୍ଷରୁ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଏଲଆଇସି ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି କର୍ପୋରେଶନର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଭର୍ଚୁଆଲରେ ନିଗମର ସମସ୍ତ କାର୍ଯ୍ୟାଳୟର କର୍ମଚାରୀମାନେ ଭାଗ ନେଇଥିଲେ। ଏଲ୍‌ଆଇସିରେ ସ୍ୱାଧୀନତା, ଗଣତନ୍ତ୍ରର ଆତ୍ମା ଏବଂ ମୂଲ୍ୟବୋଧ ପାଳନ କରିବା ନେଇ କର୍ମଚାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

# ଶ୍ରୀମନ୍ଦିରରେ ପ୍ଲାଷ୍ଟିକ, ପଲିଥିନ ନିଷେଧ ପାଇଁ ମୁଖ୍ୟ ପ୍ରଶାସକଙ୍କୁ ପ୍ରଶଂସା

ପୁରୀ, ୨୭।୧୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ପ୍ରେରଣା ଓ ବଳିଷ୍ଠ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ଦ୍ରବ୍ୟ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତି ତଥା ପଦକ୍ଷେପକୁ ୱାଶିଂଟନ ଡିସିସ୍ଥିତ ଆର୍ଥ ଡେ ସଙ୍ଗଠନ ସ୍ୱାଗତ କରିଛି। ଏନେଇ ଆସନ୍ତା ଡିସେମ୍ବରରେ ଅନୁଷ୍ଠାନର ସଦସ୍ୟ ପୁରୀ ଆସି ମୁଖ୍ୟ ପ୍ରଶାସକଙ୍କୁ ପ୍ରସଂଶା ପତ୍ର ପ୍ରଦାନ କରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶ୍ରୀମନ୍ଦିରରେ ପ୍ଲାଷ୍ଟିକ ଏବଂ ପଲିଥିନ ବର୍ଜ୍ୟବସ୍ତୁ ନିଷେଧ ପଦକ୍ଷେପ ଦେଶର ବିଭିନ୍ନ ସ୍ଥାନରେ ଥିବା ମନ୍ଦିରଗୁଡ଼ିକ ପାଇଁ ଏକ ଆଦର୍ଶ ଓ ଅନୁକରଣୀୟ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ଗର୍ଭବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୭।୧୧
(ସୂର୍ଯ୍ୟକାନ୍ତ ବେହେରା)

କାର୍ତ୍ତିକ ପୂର୍ଣ୍ଣମୀରେ ସୋମବାର ରାଜଧାନୀରେ ଅଭାବନୀୟ ଘଟଣା ଘଟିଛି। ଜଣେ ୮ ମାସର ଗର୍ଭବତୀ ଥିବା ମହିଳା ନିଜ ଚୁନି ସାହାଯ୍ୟରେ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଗଲ୍ଫ କ୍ଲବ୍ କଲୋନୀରେ ଏଭଳି ଦୁଃଖଦ ଘଟଣା ଘଟିଥିବାବେଳେ ମୃତା ମହିଳା ହେଲେ ଯାଜପୁର କୁଆଖାଇ ଅଞ୍ଚଳର ମିତାରାଣୀ ରାଉତ। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା (ନଂ. ୧୦୦/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁସାରେ, ମୃତା ମିତାରାଣୀ ଉକ୍ତ କଲୋନୀରେ ୪ ବର୍ଷ ହେବ ସ୍ୱାମୀ ସନ୍ତୋଷ ରାଉତ, ଝିଅ ଓ ଶାଶୁଙ୍କ ସହ ରହୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ହୋଇଥିବା ସୋମବାର ଭୋର୍‌ରେ ସେ ନିଜ ଶାଶୂ ଓ ୩ ବର୍ଷର ଝିଅକୁ ମନ୍ଦିର ପଠାଇଥିଲେ। ଏହାପରେ ସନ୍ତୋଷ କାମକୁ ପଳାଇଥିଲେ। ପାଖ ପଡୋଶୀ ମିତାଙ୍କ ପାଖକୁ କୌଣସି କାମରେ ଆସିଥିବାବେଳେ ସେ ଘର କବାଟ ଖୋଲି ନ ଥିଲେ। ଝରକା ପଟେ ମିତା ଘରେ ଲାଗିଥିବା ଲୁହା ରଡରେ ଝୁଲି ରହିଥିବା ଦେଖିବା ପରେ ତାଙ୍କ ସ୍ୱାମୀ ସନ୍ତୋଷ ଓ ପୋଲିସକୁ ଖବର ଦେଇଥିଲେ।

# ଅନିଲଙ୍କୁ ଜାତୀୟ ଗୋପାଳ ରତ୍ନ ପୁରସ୍କାର

ଛେଣ୍ଡିପଦା,୨୭।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦାର ଗୋମଇଁଷାଦି ବିକାଶ କେନ୍ଦ୍ର ଅଧିକାରୀ ଅନିଲ କୁମାର ପ୍ରଧାନଙ୍କୁ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ଜାତୀୟ ଗୋପାଳ ରତ୍ନ ପୁରସ୍କାର ୨୦୨୩ ରବିବାର ପ୍ରଦାନ କରାଯାଇଛି। ଛେଣ୍ଡିପଦା ବ୍ଲକ ବାଗଡିଆରେ କାର୍ଯ୍ୟରତ ଗୋମଇଁଷାଦି ବିକାଶ କେନ୍ଦ୍ର ଅଧିକାରୀ ଅନିଲ ଶ୍ରେଷ୍ଠ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ ୨ୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇପାରିଛନ୍ତି। ଆସାମ ଗୁଆହାଟୀସ୍ଥିତ ଭେଟେରେନାରି କଲେଜ ଗ୍ରାଉଣ୍ଡଠାରେ ଜାତୀୟ ଦୁଗ୍ଧ ଦିବସରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଯୋଗଦେଇ ଅନିଲଙ୍କୁ ଜାତୀୟ ଗୋପାଳ ରତ୍ନ ପୁରସ୍କାର ୨୦୨୩ରେ ସମ୍ମାନିତ କରିଥିଲେ। ଏହି ଖବର ଜଣାପଡ଼ିବା ପରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନିଲଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଏହି କୃତିତ୍ୱ ଗୋପାଳନ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ପାଇଁ ପ୍ରେରଣା ବୋଲି ଟୁଇଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନେକ ବ୍ୟକ୍ତି ଅନିଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ଦୁଗ୍ଧ ଦିବସରେ ଆସାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅନିଲଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଜିଲ୍ଲା ପରିଷଦ, କଟକ**
**ZILLA PARISHAD, CUTTACK**
(MGNREGS Section)
P.O.: Chandinichowk, Cuttack - 753002, e-mail: ori-dcuttack@nic.in
Letter No. 4587/Z.P. Dt.: 14.11.2023

**Expression of Interest for Cuttack District Ombudsperson under MGNREGS**

No. CAD-2945: In pursuance of Letter No. 134/PR Dated 03.01.2023 of Government in Panchayati Raj & Drinking Water Department, Odisha, Bhubaneswar, expression of interest are invited from willing persons to be engaged as Ombudsperson in Cuttack District for redressal of grievances and disposal of complaints relating to implementation of the MGNREG Act and MGNREGS for a tenure of 2 years extendable not more than twice by one year each based on a performance appraisal process or till the incumbent attains the age of 68 (Sixty eight) years whichever is earlier. The persons fulfilling the following criteria may apply for selection of Ombudsperson for Cuttack District under MGNREGS and to be selected through a Selection Committee at State level.
1. A person of eminent standing and impeccable integrity with at least 10 years of experience in Public Administration, Law, Academics, Social work or Management. Experience in working with people or community organization shall be a mandatory qualification.
2. Should not be member of a political party or a banned organization.
3. Must be a person of physically active and capable of conducting field tours, inspection and visit to remote rural location in the district.
4. He should not be more than 66 years of age at the time of appointment.

**Remuneration:** The ombudsperson shall be allowed to get compensation of Rs.2,250/- per sitting with maximum upper limit of Rs.45,000/- (Rupees forty five thousand) only per month.
**Removal:** On unsatisfactory performance the ombudsperson may be removed by the State Govt. on the recommendations of the selection committee.
The willing persons fulfilling the above criteria may submit their written expression of interest in the prescribed format along with copy of the requied documents to the CDO-cum-EO, ZP, Cuttack on or before 28.12.2023 through Speed Post/Registered Post. The applications received after due date shall not be considered.
The committee reserves the right to accept or reject any application for expression of interest without assigning any reason thereof.
Sd./- Collector-cum-CEO, ZP, Cuttack
OIPR-19227/11/0003/2324

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସା/ପୋ: ସହୀଦ ନଗର, ମହର୍ଷି କଲେଜ ରୋଡ୍, ଭୁବନେଶ୍ୱର-୭୫୧୦୦୭
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିଗୁଡିକ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଲକ୍ଷ୍ମୀ ବାଡ଼ତିଆ, ୨) ଶ୍ରୀ ସନଥ କୁମାର ବାଡ଼ତ୍ୟା, ଉଭୟଙ୍କ ଠିକଣା- ସା: ଆନନ୍ଦ ମାର୍ଗ ସ୍କୁଲ ନିକଟ, ବାଏପାସ୍ ରୋଡ୍, ହରଡାଖଣ୍ଡି, ବ୍ରହ୍ମପୁର-୭୬୦୦୦୬ | ଶ୍ରୀମତୀ ଲକ୍ଷ୍ମୀ ବାଡ଼ତିଆ, ସ୍ୱାମୀ: ଶ୍ରୀ ଅନାମ ବାଡ଼ତିଆଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୪୩/୨୦୦୩, ପ୍ଲଟ୍ ନଂ.: ୯୫୮/୪୪୫୨, ପରିମିତ କ୍ଷେତ୍ର: ଏକର୦.୦୦୬ଡିସିମିଲି, ପ୍ଲଟ୍ ନଂ.: ୯୫୭/୪୪୫୩, ପରିମିତ କ୍ଷେତ୍ର: ଏକର୦.୦୧୪ଡିସିମିଲି, ୨ଟି ପ୍ଲଟ୍ (ଆରଓଆର ଅନୁଯାୟୀ)ର **ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୨୦ଡିସିମିଲି,** ଏହାର ଚରିପାର୍ଶ୍ୱରେ- ପୂର୍ବ: ଲକ୍ଷ୍ମୀ ବାଡ଼ତ୍ୟାଙ୍କ ଗୃହ, ପଶ୍ଚିମ: ଅନାମ ବାଡ଼ତ୍ୟାଙ୍କ ଗୃହ, ଉତ୍ତର: ୩୦ ଫୁଟ ଚଉଡା ରାସ୍ତା, ଦକ୍ଷିଣ: ଲେନ୍ | ୧୧.୦୯.୨୦୨୩ | ୨୨.୧୧.୨୦୨୩ | ୧୧.୦୯.୨୦୨୩ ସୁଦ୍ଧା ଟ.୨୫,୭୦,୬୬୭/- + ୧୨.୦୯.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୪.୧୧.୨୦୨୩
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ବାରିପଦା
ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲାଲ ବଜାର, ଏମ୍‌କେସି ସ୍କୁଲ ସମ୍ମୁଖ, ପିନ୍-୭୫୭୦୦୧
**ଡିମାଣ୍ଡ ନୋଟିସ୍**

**ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**
**ଋଣଗ୍ରହୀତା: ରାମେଶ୍ୱର ଡିଷ୍ଟ୍ରିବ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ତରୁଣ କୁମାର ପଣ୍ଡା, ମୃତକ ଗ୍ୟାରେଣ୍ଟିଦାତା ପ୍ରାଣକୃଷ୍ଣ ପଣ୍ଡା**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୋର ଶାଖାରୁ ଋଣ ନେଇଥିଲେ। ଆପଣ, ନିମ୍ନଦର୍ଶିତ ବ୍ୟକ୍ତିମାନେ ମୃତକ ଗ୍ୟାରେଣ୍ଟିଦାତାଙ୍କ ଆଇନଗତ ଉତ୍ତରାଧିକାରୀ ଅଟନ୍ତି । ମୂଳ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଋଣ ଆକାଉଣ୍ଟଟି ଅଚଳନ୍ତି ସମ୍ପତ୍ତି **(NPA)** ଶ୍ରେଣୀଭୁକ୍ତ ହୋଇଛି । ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା । ତେଣୁ ତାହାକୁ ଆପଣମାନଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି ।
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ସମ୍ପତ୍ତି, ବକେୟା ଋଣ ପରିମାଣ, ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଉଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ସୋରୋ ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ସରଫେଶୀ ନିୟମାନୁଯାୟୀ ନୋଟିସ୍‌ର ତାରିଖ | ସରଫେଶୀ ନିୟମାନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ରାମେଶ୍ୱର ଡିଷ୍ଟ୍ରିବ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ତରୁଣ କୁମାର ପଣ୍ଡା / ଗ୍ୟାରେଣ୍ଟିଦାତା: ପ୍ରାଣକୃଷ୍ଣ ପଣ୍ଡା (ମୃତକ), ୰ ପ୍ରାଣକୃଷ୍ଣ ପଣ୍ଡାଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କମଳା ପଣ୍ଡା, ସ୍ୱାମୀ: ୰ ପ୍ରାଣକୃଷ୍ଣ ପଣ୍ଡା, ୨) ଶ୍ରୀ ଅରୁଣ କୁମାର ପଣ୍ଡା, ୩) ଶ୍ରୀ ବରୁଣ କୁମାର ପଣ୍ଡା, ୪) ଶ୍ରୀ ତରୁଣ କୁମାର ପଣ୍ଡା, ୫) ଶ୍ରୀ ଦାରୁଣ କୁମାର ପଣ୍ଡା, (୨ ରୁ ୫)ଙ୍କ ପିତା: ୰ ପ୍ରାଣକୃଷ୍ଣ ପଣ୍ଡା, ଠିକଣା- ସା: ମଧୁସୂଦନପୁର, ପୋ: ବନବିଷ୍ଣୁପୁର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ୧୬.୧୧.୨୦୨୩ | ଟ.୧୧,୮୮,୨୫୫/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ଷ୍ଟକ୍, ୨) ୰ ପ୍ରାଣକୃଷ୍ଣ ପଣ୍ଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ବାଲେଶ୍ୱର ୟୁନିଟ୍-୦୮, ତହସିଲ: ସୋରୋ, ଖାତା ନଂ.: ୧୬୨, ପ୍ଲଟ୍ ନଂ.: ୨୦୭/୫୬୭, କିସମ: ଘରବାରୀ-୨, କ୍ଷେତ୍ର: ଏକର ୦.୧୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା ଏବଂ ଦକ୍ଷିଣ: ଖାଲି ଜମି |

ଆପଣ ଏବଂ ମୃତକ ଗ୍ୟାରେଣ୍ଟିଦାତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ ସମ୍ପୂର୍ଣ୍ଣ ଭାବେ ପୈଠ କରନ୍ତୁ, ଅନ୍ୟଥା ନିମ୍ନସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ ।
ଆପଣଙ୍କୁ, ଜଣାଇଦିଆଯାଉଛି କି କଥିତ ଆଇନର ଧାରା ୧୩(୨) ଅନୁଯାୟୀ ଆପଣ ଏହି ସମୟ ମଧ୍ୟରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ ଆମର ବିନା ସହମତିରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ ।
ସ୍ଥାନ : ବାରିପଦା
ତାରିଖ : ୨୮.୧୧.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
ଆସେଟ୍ ରିକଭରି ଶାଖା, ଡି-୨୬/୨୮, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - ubin0554723@unionbankofindia.bank
**ବିକ୍ରୟ ନୋଟିସ**
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ, ଆଇପି ଏକ୍ସଟେନ୍ସନ, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଟାୟର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱା- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱା- ଶ୍ରୀ ଦୀପକ ଭରଦ୍ୱାଜ, ବି-୨/୭୩୧, ଏକତା ଗାର୍ଡେନ, ଆଇପି ଏକ୍ସଟେନ୍ସନ, ନୂଆଦିଲ୍ଲୀ-୯୨ । ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ- ବିଜୁ ପଟ୍ଟନାୟକ ଛକ, ଥାନା- ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା-୭୫୩୦୦୮ । ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ, ବାସିନ୍ଦା- ସି-୬, ସେକ୍ଟର-୨୭, ନଏଡା-୨୦୧୩୦୧ । | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍‌ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ବାସ୍ତବିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ₹୩,୫୦,୦୦,୦୦୦/- / ₹୩୫,୦୦,୦୦୦/- / ₹୩,୫୦,୦୦୦/- | ୧୫।୧୨।୨୦୨୩ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
– ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୁଖ୍ୟ ପ୍ରବନ୍ଧକ, ମୋବାଇଲ ନଂ.- ୮୯୫୦୮୬୦୯୨୨
ତାରିଖ: ୨୪।୧୧।୨୦୨୩, ସ୍ଥାନ: ନୂଆଦିଲ୍ଲୀ
ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସତ୍ୟ-ମିଥ୍ୟା ବାଟକୁ ବାଛିବା ନିଷ୍ପତ୍ତି ଆମର



ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାରଙ୍ଗ,୨୭।୧୧(ଲିଙ୍ଗରାଜ ରାଉତ)

ଓଡ଼ିଆ ଭାଷା, ଓଡ଼ିଆ ଜାତି ଏବଂ କଳିଙ୍ଗର ଇତିହାସ ଯେଉଁମାନେ ପଢ଼ିଛନ୍ତି ସେମାନେ ଜାଣିଛନ୍ତି ଏହି ମାଟି ଭାରତବର୍ଷର ଏକ ଅଙ୍ଗ ନ ଥିଲା। ସେହିଭଳି ଏଇ ମାଟିକୁ ସିଧାସଳଖ କୌଣସି ମୁସଲ୍‌ମାନ କିମ୍ବା ବ୍ରିଟିଶ ଶାସକ ଶାସନ କରିନାହାନ୍ତି। ସେଥିପାଇଁ ଆମର ପ୍ରକୃତରେ ସ୍ୱାଧୀନତା ସଂଗ୍ରାମ ହୋଇନାହିଁ। ଆମର ଯାହା ହୋଇଛି ଗାଁ ଗଣ୍ଡାରେ ହୋଇଛି। ସାଧାରଣରେ ଯାହା ତାହା ପ୍ରଜା ଆନ୍ଦୋଳନ। ବ୍ରିଟିଶ ବିରୋଧରେ ଆମେ ଲଢ଼ିନୁ ବୋଲି ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ସତ୍ୟଯୁଗ ଆସିବ, କଳିଯୁଗ ଚାଲିଛି ବହୁତ କଥା ଶୁଣିବାକୁ ମିଳୁଛି। କିନ୍ତୁ ତିନିଯୁଗ ଆମ ସହ ଏକ ସଙ୍ଗେ ଚାଲିଛି। ଯଦି ଆମେ ସତ୍ୟ ବାଟରେ ଯିବା ସତ୍ୟଯୁଗରେ ବଞ୍ଚିବା, ଯଦି ଆମେ ଘୃଣା କିମ୍ବା ମିଥ୍ୟା ବାଟରେ ଯିବା ତେବେ କଳିଯୁଗରେ ବଞ୍ଚିବା। କେଉଁ ବାଟକୁ ବାଛିବା ଏ ନିଷ୍ପତ୍ତି ଆମର। ମହୋତ୍ସବ ପାଳନ ଏକ ମହାନ ଚିନ୍ତାଧାରା। ଏ ମାଟି, ଦେଶ ଏବଂ ନିଜ ପାଇଁ ମୁଁ ଯଦି ପରିବର୍ତ୍ତନ ହୋଇପାରିଲି, ତେବେ ଅନ୍ୟମାନଙ୍କଠାରେ ଆମେ ପରିବର୍ତ୍ତନ ଦେଖିପାରିବା ବୋଲି ତଥାଗତ କହିଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଆମର ୪ଟି ମାସ ଧର୍ମ ମାସ। ଅନ୍ୟ କୌଣସି ରାଜ୍ୟରେ ଏଭଳି ପରମ୍ପରା ନାହିଁ। ଏହାକୁ ନିଷ୍ଠାପର ଭାବରେ ପାଳନ କରିବା କେବଳ ଓଡ଼ିଶାରେ ରହିଛି। ବୀର ମାଟି ପାଇକ ମାଟି ସୁଦୂର ଅତୀତକୁ ମନେପକେଇବାବେଳେ ପୁରୁଣା ସ୍ମୃତି ମନେ ପଡ଼େ। ଏହାକୁ ରୋମନ୍ଥନ କଲେ ଶେଷରେ ବିଷ ଓ ଅମୃତ ବାହାରିଥାଏ। ସାମ୍ପ୍ରତିକ ସମୟରେ ବିଷର କାରଣ ବୁଝିବା ଦରକାର। ପ୍ରାଚୀନଦୀର ମହତ୍ତ୍ୱ ନୌବାଣିଜ୍ୟର ପରମ୍ପରା ସହ ଆରମ୍ଭ ହୋଇଥିଲା। ଚୁଡ଼ଙ୍ଗଗଡ଼ ଚୂଡ଼ାଗଙ୍ଗଦେବଙ୍କ ରାଜଧାନୀ ସାରଙ୍ଗଗଡ଼ ଥିଲା। ଯାହାକି ଏବେ ଚୁଡ଼ଙ୍ଗଗଡ଼ର ନାମ ନେଇଛି ବୋଲି ସାମଲ କହିଥିଲେ। ସେହିପରି ସମ୍ମାନିତଅତିଥି ଭାବେ ଭାରତ ପୂର୍ବାଞ୍ଚଳ ଜନଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ଯୋଗଦେଇ ସନାତନ ଧର୍ମ ଓ ହିନ୍ଦୁ ଧର୍ମର ଦେଶ ପାଇଁ ଆମେ ଗର୍ବ ଅନୁଭବ କରୁଛେ, ଏବେ ସମୟ ଆସିଛି ଏହାକୁ ରକ୍ଷା କରିବାର। ଇତିହାସକୁ ମନେ ପକାଇଲେ କେବଳ ହେବନାହିଁ, ସମସ୍ତେ କିଛି କିଛି କାମ କରିବା ପାଇଁ ଆଗେଇ ଆସିବା ଜରୁରୀ ବୋଲି ଭୂୟାଁ କହିଥିଲେ। ମହୋତ୍ସବ କମିଟି ସମ୍ପାଦକ ଦୀପକ ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଓ ପରିଚୟ ପ୍ରଦାନ କରିଥିବାବେଳେ ବସନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କୃଷ୍ଣଚନ୍ଦ୍ର ମଲ୍ଲିକ, ଅମରେନ୍ଦ୍ର ମହାପାତ୍ର, ଉପସଭାପତି କୃଷ୍ଣଚନ୍ଦ୍ର ନାୟକ, ସନ୍ତୋଷ ଷଡ଼ଙ୍ଗୀ, ସାଂସ୍କୃତିକ ସମ୍ପାଦକ ସୌମ୍ୟ ରଞ୍ଜନ ନାୟକ, ସଂଗଠକ ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଉପସ୍ଥିତ ରହିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଦ୍ୱିତୀୟଦିନରେ ପ୍ରବଳ ଜନସମାଗମ ହୋଇଥିଲା। ଆଧୁନିକଗୀତ, ଡ୍ୟାନ୍ସ, ପାଇକଆଖଡ଼ା ଓ ଦେଶାତ୍ମବୋଧକ ଗୀତରେ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରୀଙ୍କୁ ବେଶ୍ ମୋହିତ କରିଥିଲା। ସମାଜସେବାକ୍ଷେତ୍ରରେ କିଛି ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ସତପଥୀ ସାମ୍ମାନିତ କରିଥିଲେ। ସକାଳେ ମହୋତ୍ସବ କମିଟି ପକ୍ଷରୁ ପୁରୀ ମେନ୍‌କେନାଲରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ଦିଲୀପ ତିର୍କୀ: ବିୟୋଣ୍ଡ ଦି ସ୍ପୋର୍ଟ' ଫଟୋ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟମଣି ସ୍ମୃତି ସ୍ମାରକୀ ସମ୍ମାନ, ସୂଚନା ଭବନ, ଅପରାହ୍ନ ୪ଟା।
- ରୋଭର ରେଞ୍ଜର ଫେଷ୍ଟ, ଷ୍ଟେଟ୍ ହେଡ୍‌କ୍ୱାର୍ଟର, ଅପରାହ୍ନ ୪ଟା।
- ବାଲିଯାତ୍ରା ମହୋତ୍ସବ, ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ, କୁଆଖାଇ ନଦୀପଠା, ସନ୍ଧ୍ୟା ୭ଟା।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ,୨୭।୧୧(ଅଜିତ ମହାନ୍ତି)



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ଶ୍ରୀମନ୍ଦିର ରତ୍ନସିଂହାସନରେ ତିନି ଠାକୁରଙ୍କ ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀବିଗ୍ରହମାନଙ୍କୁ ରାଜବେଶରେ ସୁସଜ୍ଜିତ କରିଥିଲେ। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ତ୍ରିଶାଖା, ଅଳକା, ତଡ଼ଗି, ଶ୍ରୀମୁଖ ପଦ୍ମ, ଘାଗଡ଼ା ମାଳି, କଦମ୍ବ ମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ଆଡକାନି, ବାଘନଖି ମାଳି ଓ ସେବତୀ ମାଳି ଆଦି ରତ୍ନଅଳଙ୍କାର ଧାରଣ କରିଥିଲେ। ସକାଳ ୭ଟା ୩୦ରେ ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ସମ୍ପନ୍ନ ହୋଇଥିଲା। ଏହି ବେଶରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ବାଲଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି ଭକ୍ତମାନେ କୃତାର୍ଥ ଲଭିଥିଲେ। ସେହିପରି ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ସୁନାବେଶ କରାଯାଇଥିଲା। ସୁନେଲି ରଙ୍ଗର ସୋଲ, ଜରି,ଜମ୍ବୁରା ଆଦି ସାମଗ୍ରୀରେ ଏହି ବେଶ ପ୍ରସ୍ତୁତ ହୋଇଥିବା ବେଳେ ଚିତା ସୁନାରେ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଲଗାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ସମୁଦ୍ରରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

କୃଷ୍ଣପ୍ରସାଦ,୨୭।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ): ସମୁଦ୍ରରେ ବୁଡ଼ିଯିବାରୁ ସୋମବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ସିତୁ ପଲେଇ। ସେ ସିଆଣ୍ଡି ପଞ୍ଚାୟତ ସାନସୀମା ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। ସକାଳେ ସିତୁ ସମୁଦ୍ରରେ ଗାଧୋଉଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଉପସ୍ଥିତ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ସିତୁଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟ୍ରେନ୍‌ରୁ ଖସି ହବିଷିଆଳିଙ୍କ ମୃତ୍ୟୁ

ବାଲୁଗାଁ,୨୭।୧୧
(ସଂଗ୍ରାମ ପାଇକରାୟ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ବାଲୁଗାଁ ରେଳଷ୍ଟେଶନରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରେନ୍‌ରୁ ଖସିପଡ଼ିବାରୁ ଜଣେ ହବିଷିଆଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ କୁମ୍ଭୀରପଡ଼ା ଗ୍ରାମର ଝଲୀ ମାନସିଂହ(୬୫)। ସୂଚନା ମୁତାବକ, ଝଲୀ ଏବଂ ତାଙ୍କର ଜଣେ ସମ୍ପର୍କୀୟା ମହିଳା କାର୍ତ୍ତିକ ବ୍ରତ ରଖି ତିନିଦିନ ପୂର୍ବେ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇଥିଲେ। ସୋମବାର ଭୋରୁ ଉଭୟେ ପୁରୀରୁ ଏକ ଟ୍ରେନ୍‌ରେ ଖୋର୍ଦ୍ଧାରୋଡ୍ ଆସିବା ପରେ ସେଠାରୁ ହାୱଡା-ଚେନ୍ନାଇ ମେଲ୍ ଏକ୍ସପ୍ରେସ୍‌ରେ ବାଲୁଗାଁ ଆସିଥିଲେ। ତେବେ ବାଲୁଗାଁରେ ରହଣି ପାଇଁ ଟ୍ରେନ୍‌ଟି ମନ୍ଥର ଗତିରେ ଆସୁଥିବା ବେଳେ ଫାଟକ ନିକଟରେ ଛିଡ଼ା ହୋଇଥିବା ଝଲୀ ଅସାବଧାନତାରୁ ଟ୍ରେନ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ ରେଳ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ରେଲ୍‌ୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୫/୨୩) ରୁଜୁକରି ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଖାଲ



@ଅରୋଜ୍ୟୋତି



@ ନୀଳମାଧବ



@ ସରୋଜ



@ ନିରୁପମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବାଲିଯାତ୍ରା ଓଡ଼ିଶା ଅର୍ଥନୈତିକ ସମୃଦ୍ଧିରେ ସହାୟକ ହେବ

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

କଟକ,୨୭।୧୧(କାର୍ତ୍ତିକ ସାହୁ)

କଟକ ବାଲିଯାତ୍ରା ହେଉଛି ଓଡ଼ିଶାର ଐତିହ୍ୟ, ପରମ୍ପରା, ଗର୍ବ ଓ ଗୌରବର ପ୍ରତୀକ। ଅତୀତରେ ଯେତିକି ଧୁମଧାମରେ ବାଲିଯାତ୍ରା ହେଉଥିଲା, ଏବେ ଆହୁରି ଅଧିକ ହେଉଛି। ଓଡ଼ିଶାର ବାଣିଜ୍ୟ, କଳା, ସଂସ୍କୃତିର ସୁରକ୍ଷା ସହ ଅର୍ଥନୈତିକସମୃଦ୍ଧିରେ କଟକ ଐତିହାସିକ ବାଲିଯାତ୍ରା ସହାୟକ ହେବ ବୋଲି ଉଦ୍‌ଘାଟନ ଉତ୍ସବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମତବ୍ୟକ୍ତ କରିଛନ୍ତି।

ବାଲିଯାତ୍ରା ତଳପଡ଼ିଆର ବୈଷ୍ଣବ ପାଣି ମଞ୍ଚରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ଆରୁଖ ଯୋଗଦେଇ କହିଲେ, କଟକ ଐତିହାସିକ ସହର। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି କଟକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠାରେ ଭାଇଚାରା ରହିଛି। ଅତୀତରେ ବୀର ସାଧବପୁଅମାନେ ଜାଭା, ସୁମାତ୍ରାକୁ ବାଣିଜ୍ୟ ପାଇଁ ଯାଉଥିଲେ। ସେମାନେ ଆମର ଉତ୍ପାଦିତ ଦ୍ରବ୍ୟକୁ ନେଇ ସେଠି ବିକ୍ରି କରି ସେଠାକାର ଉତ୍ପାଦିତ ଦ୍ରବ୍ୟକୁ ଆଣି ଏଠାରେ ବିକ୍ରି କରୁଥିଲେ। ଏହାଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଘଟୁଥିଲା। ଦିନ ଥିଲା ଆମେ ବାହାର ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲୁ। ମାତ୍ର ଓଡ଼ିଶାରେ ଏକ ସ୍ଥିର ସରକାର ଥିବାରୁ ବହୁ ଦେଶର ବଡ଼ବଡ଼ କମ୍ପାନୀ ଆମ ରାଜ୍ୟକୁ ବାଣିଜ୍ୟ କରିବାକୁ ଆସୁଛନ୍ତି।

ମୁଖ୍ୟବକ୍ତା ଏମ୍‌ପି ଭର୍ତ୍ତୃହରି ମହତାବ କହିଲେ, ବାଲିଯାତ୍ରାରେ ଆମ ଅଞ୍ଚଳର ପଣ୍ୟ କେତେ ପରିମାଣରେ ବିକ୍ରି ହେଉଛି। ବାହାର ଲୋକ କେତେ ପଣ୍ୟଦ୍ରବ୍ୟ ବାଲିଯାତ୍ରାରୁ କିଣି ସେମାନଙ୍କ ଅଞ୍ଚଳରେ ନେଇ ବିକ୍ରି କରୁଛନ୍ତି ତାହା ଉପରେ ନିର୍ଭର କରୁଛି ବାଲିଯାତ୍ରାର ମାନ୍ୟତା। ବାଲିଯାତ୍ରା ବେଳେ କେତେ ଅଧିକ ଲୋକ ଆସୁଛନ୍ତି। ଜିଲାପାଳ ଏ ସମସ୍ତ ହିସାବ ରଖନ୍ତୁ। କଳିଙ୍ଗ ନୌବାଣିଜ୍ୟ ସମ୍ପର୍କରେ ପୁରାଣରେ ଉଲ୍ଲେଖ ଅଛି ଯାହା ପ୍ରାମାଣିକ ତଥ୍ୟଭିତ୍ତିକ। ବାଲିଯାତ୍ରାକୁ ଭାରତୀୟ ସମାଜରେ ଉପସ୍ଥାପନ କରିବାର ଠିକ୍ ଭାବେ ଚେଷ୍ଟା ହୋଇନାହିଁ ବୋଲି ମହତାବ ମତବ୍ୟକ୍ତ କରିଥିଲେ।

କଟକ ମହାନଗର ନିଗମ ମେୟର ସୁବାସ ସିଂ କହିଲେ, ବର୍ଷକୁ ବର୍ଷ ବାଲିଯାତ୍ରାର କଳେବର ଓ ପରିସୀମା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ମାନ୍ୟତା ମିଳିଲେ ଏହା ଜାତୀୟ ଉତ୍ସବରେ ପରିଣତ ହେବ। କେନ୍ଦ୍ର ସରକାର ଏହାକୁ ନିଶ୍ଚୟ ଗ୍ରହଣ କରିବେ। ବିଧାୟକ ମହମ୍ମଦ ମୋକିମ କହିଲେ, ବାଲିଯାତ୍ରାକୁ ଏସିଆ ମହାଦେଶର ବୃହତ୍ ମେଳା ଭାବେ ବିବେଚନା କରାଯାଉ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ, ବିଧାୟକ ଚନ୍ଦ୍ର ସାରଥୀ ବେହେରା, ବିଧାୟକ ପ୍ରଶାନ୍ତ କୁମାର ବେହେରା, ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ଆରଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ନିଖିଲ ପବନ କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହାପୁନମ୍ ତାପସ କୁମାର, କଟକ ଡିସିପି ପିନାକ ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହି ଅବସରରେ ବାଲିଯାତ୍ରା କଟକ ମହୋତ୍ସବ-୨୦୨୩ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିସହ ବାଲିଯାତ୍ରା ସ୍ମରଣିକାର ସମ୍ପାଦନା ମଣ୍ଡଳୀ ସଦସ୍ୟ ସୁରେନ୍ଦ୍ର ସାମନ୍ତରାୟ, ଶୁଭେନ୍ଦ୍ର କୁମାର ଭୂୟାଁ, ବିଶ୍ୱେଶ୍ୱର ମହାନ୍ତି, ଡ. ସୁନାମଣି ରାଉତ, ଗୟାଧର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ୍‌ର ସମ୍ପାଦକ ଆଶୀର୍ବାଦ ବେହେରା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ପ୍ରଦୀପ କୁମାର ସିହ୍ନା, ନିରଞ୍ଜନ ସାହୁ ଓ ନରେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲାପାଳ ନରହରି ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିଙ୍କ ସହ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।



# ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୨୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ୨୦୨୩ ସୋମବାର କୁଆଖାଇ ନଦୀପଠାସ୍ଥିତ ବାଲିଯାତ୍ରା ପଡ଼ିଆଠାରେ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଯୋଗଦେଇଥିଲେ। ଐତିହ୍ୟ ଓ କଳା, ସଂସ୍କୃତିର ପର୍ବ ହେଉଛି ବାଲିଯାତ୍ରା। ଭୁବନେଶ୍ୱରରେ ହେଉଥିବା ଏହି ବାଲିଯାତ୍ରା ଦର୍ଶକଙ୍କ ମଧ୍ୟରେ ଅନେକ ଉତ୍ସାହ ଆଣି ଦେଇଛି। ସେଥିପାଇଁ ପ୍ରତିବର୍ଷ ଏଠାରେ ଅଧିକ ମାତ୍ରାରେ ଭିଡ଼ ଦେଖିବାକୁ ମିଳିଛି। ଚଳିତବର୍ଷ ମଧ୍ୟ ଲୋକମାନେ ଆସି ଏହି ବାଲିଯାତ୍ରାକୁ ସଫଳ ରୂପାୟନ ଦେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲା ଓଡ଼ିଶାର ପାରମ୍ପରିକ ଓ ଲୋକକଳା ନୃତ୍ୟ। ନୃତ୍ୟଶିଳ୍ପୀମାନେ ମଞ୍ଚରେ ଓଡ଼ିଶାର କଳା, ସଂସ୍କୃତିକୁ ନୃତ୍ୟ ମାଧ୍ୟମରେ ଭେଟି ଦେଇଥିଲେ। ସେହିପରି ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କ କଣ୍ଠରୁ ସୁନ୍ଦର ସୁନ୍ଦର ସଙ୍ଗୀତ ସନ୍ଧ୍ୟାକୁ ଭକ୍ତିମୟ କରିଥିଲା। ସକାଳେ ବିଧାୟକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ବୋଇତ ବନ୍ଦାଣ କରିଥିଲେ। ଚଳିତବର୍ଷ ବାଲିଯାତ୍ରାରେ ୯୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡୁଥିବାବେଳେ ବଲିଉଡ୍ ଓ ଓଲିଉଡର କଳାକାରମାନେ ମନୋରଞ୍ଜନର ଯୋଶ୍ ଭରିବେ। ପ୍ରତ୍ୟେକ ବର୍ଷ ବଢୁଥିବା ଜନଗହଳି ଓ ଯାତାୟାତ ନିୟନ୍ତ୍ରଣ ପାଇଁ ଏକ ଭିଡ଼ମୁକ୍ତ ବାଲିଯାତ୍ରା କରିବା ପାଇଁ ପାର୍କିଂ ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଆସୁଥିବା ଲୋକମାନେ ସୁବିଧାରେ ଗାଡ଼ି ପାର୍କିଂ କରିବା ସହିତ ବାଲିଯାତ୍ରା ଦେଖିବାକୁ ଯାଇପାରୁଛନ୍ତି। ୩୦୦ସ୍ୱେଚ୍ଛାସେବୀ, ୧୦୦ ପୋଲିସ ମିତ୍ର ଚଳିତ ବର୍ଷ ନିୟୋଜିତ କରାଯାଇଛି। ଦୋଳି ସହ ପିଲାମାନଙ୍କ ପାଇଁ ବିଭିନ୍ନ ଖେଳ, ମୀନା ବଜାର, ସୁସ୍ୱାଦୁ ଖାଦ୍ୟର ଷ୍ଟଲ ମଧ୍ୟ ପଡ଼ିଛି। ଡିସେମ୍ବର ୫ ପର୍ଯ୍ୟନ୍ତ ଏହି ବାଲିଯାତ୍ରା ଚାଲିବ।


କାପୋକ ପକ୍ଷରୁ ଆୟୋଜିତ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଘାଟନ ପରେ **ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଓ ଅନ୍ୟ ଅତିଥିମାନେ ବୋଇତରେ ବସିଛନ୍ତି।**


ଟଙ୍କପାଣି ରୋଡ୍‌ରେ ଥିବା ମେଘେଶ୍ୱର ମନ୍ଦିର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

# ବୋଇତ ବନ୍ଦାଣ ଉତ୍ସବରେ ନୌବାଣିଜ୍ୟର ସ୍ମୃତି

ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ)/
ବାଲକାଟୀ,୨୭।୧୧(ମନୋଜ ମଣ୍ଡଳ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଦୟାନଦୀର ଲିଙ୍ଗିପୁର-ନାଥପୁର ଘାଟ ଦୟାବ୍ରିଜ୍‌ଠାରେ ଦ୍ୱାଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା ଯୋଗଦେଇ ଉତ୍କଳୀୟଙ୍କ ନୌବାଣିଜ୍ୟକୁ

### ଅଜୟ ସ୍ୱାଇଁଙ୍କୁ 'ଦୟାନଦୀ ସମ୍ମାନ'

ମନେ ପକାଇଥିଲେ। ଏହି ଅବସରରେ ବିଶିଷ୍ଟ କବି ତଥା ସାହିତ୍ୟିକ ଅଜୟ ସ୍ୱାଇଁଙ୍କୁ 'ଦୟାନଦୀ ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ପ୍ରଦୀପ ସେବା ଟ୍ରଷ୍ଟର ଶବବାହିକା ମଧୁସ୍ମିତା ପୃଷ୍ଟି, ଜାଗମରା ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ରାଜସେବକ ରଘୁନାଥ ମହାନ୍ତି, ପ୍ରସ୍ତରଶିଳ୍ପୀ ରାକେଶ କୁମାର ମହାରଣା, ସାମାଜିକ କର୍ମୀ ପାର୍ଥସାରଥି ନାୟକ, ରାଜେଶ କୁମାର ମହାନ୍ତିଙ୍କ ସମେତ ଏକାମ୍ର ସାଂସ୍କୃତିକ ପ୍ରକାଶନୀ, ଦଶଭାଇ ମହାସଂଘକୁ 'କାପୋକ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ସହ ସଦସକ୍ୟମାନଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମଳୟ ମହାପାତ୍ର, ଦେବୀ ପ୍ରସାଦ ନନ୍ଦ, କାପୋକ ଉପ ସଭାପତି ରବୀନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତଥା କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର ପାତ୍ର, ସଦାଶିବ ଜେନା, ବାମଦେବ ଗଜେନ୍ଦ୍ର, ପଙ୍କଜ ବେହେରା, ରମେଶ ଗୋଛାୟତ, ଅଶୋକ ହରି, ସାର୍ଥକ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୋଇତବନ୍ଦାଣ ପାଇଁ ଭୋର୍ ୪ଟାରୁ ଦୟାନଦୀ କୂଳ ଉତ୍ସବମୁଖର ହୋଇ ଉଠିଥିଲା। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, ଅସୀମା ପଣ୍ଡା, ଭାଗ୍ୟଶ୍ରୀ ମହାନ୍ତି, ଆଲୋକ କୁଣ୍ଡୁଙ୍କ ଭଜନ ପରିବେଷଣ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ସମସ୍ତ ଅତିଥି ସାଧବ ପୁଅ, ବୋହୂଙ୍କୁ ବନ୍ଦାପନା କରିଥିଲେ। ବାଦ୍ୟର ତାଳେ ତାଳେ ଦୟାନଦୀରେ କାଠ ବୋଇତରେ ନୌବାଣିଜ୍ୟ ଯାତ୍ରା ଆରମ୍ଭ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମାଗଣାରେ ପ୍ରଦାନ କରାଯାଇଥିବା କଦଳୀ ବାସୁଙ୍ଗା ଡଙ୍ଗାକୁ ଶ୍ରଦ୍ଧାଳୁ ନଦୀରେ ଭସାଇଥିଲେ।

# ସମ୍ବର୍ଦ୍ଧିତ ହେଲେ ତୈଳିକ ପ୍ରତିଭା




ବାଲିପାଟଣା,୨୭।୧୧(ଅଭିମନ୍ୟୁ ନାୟକ)

ପ୍ରାଚୀମୂଳକ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ତୈଳିକ ବୈଶ୍ୟ ସମାଜର ୪୩ତମ ବୋଇତ ବନ୍ଦାଣ ଉତ୍ସବ ବବନମାଳିପୁର ଦେୱାନପାଟଣାସ୍ଥିତ ମା'ଦୁଲାଦେଇ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଭାରତୀୟ ପ୍ରଶାସନିକ ଆଧିକାରୀ ରାମ ଚନ୍ଦ୍ର ସାହୁ, ପ୍ରଫେସର ତିଳତମା ସେନାପତି ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରମେଶ ଚନ୍ଦ୍ର ସାହୁ, ଦେବାଶିଷ ସାହୁ, ରଞ୍ଜନ ସାହୁ, ସସ୍ମିତା ସାହୁ, ସରୋଜ କୁମାର ସାହୁ, ଗୁରୁକୀଙ୍କର ଜେଠୀ, ରଶ୍ମି ରଞ୍ଜନ ସାହୁ, ରମେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ସାହୁ, ଶଙ୍କର ପୃଷ୍ଟି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ତୈଳିକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରମ୍ପରା ଅନୁସାରେ କୁଶଭଦ୍ରା ନଦୀରେ ଭୋରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ସାଧବପୁଅବୋହୂ ଯୋଗଦେଇଥିଲେ।

# ସଂଭାବନା ପାଳିଲା ଓଡ଼ିଆ ସମୃଦ୍ଧି ଦିବସ

ଭୁବନେଶ୍ୱର,୨୭।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ନବମ ବର୍ଷ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରେ ସୋମବାର ଓଡ଼ିଆ ସମୃଦ୍ଧି ଦିବସ ପାଳନ ଓ ବୋଇତ ବନ୍ଦାଣ ଉତ୍ସବ ଏକାମ୍ର ହାଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ-କିଶୋରଙ୍କୁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ପରିଚିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା ବୋଇତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା। ଏହାସହ କଣ୍ଠଶିଳ୍ପୀ ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା ପ୍ରମୁଖ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସହ ଜଡିତ ସଙ୍ଗୀତଗୁଡ଼ିକ ପରିବେଷଣ କରିଥିଲେ। ଉତ୍ସବରେ ଉଦ୍‌ଘାଟକ ଭାବେ ସାହିତ୍ୟିକ ଦାଶ ବେନ୍‌ହୁର, ପ୍ରମୁଖ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଡ. ସନ୍ତୋଷ କୁମାର ତ୍ରିପାଠୀ, ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଓଡ଼ିଆଣୀ ସମିତିର ସମ୍ପାଦିକା ରେଖା ସାହୁ ମଞ୍ଚାସୀନ ଥିଲେ। ସମିତିର ସଭାନେତ୍ରୀ ସୌଦାମିନୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୃଷ୍ଠଭୂମି ସମ୍ପର୍କରେ ସମ୍ପାଦକ ଦେବ ପ୍ରସାଦ ପରିଜା ସୂଚନା ଦେଇଥିବାବେଳେ ଟ୍ରଷ୍ଟି ସ୍ମୃତି ମହାନ୍ତି ପରିଚାଳନା କରିଥିଲେ। ଆୟୋଜିତ ଓଡ଼ିଆ ସଙ୍ଗୀତ, ନୃତ୍ୟ ଓ କବିତା ଅବୃତ୍ତିରେ ମୀନାକ୍ଷୀ ପଟ୍ଟନାୟକ, ଜୟଶ୍ରୀ ମିଶ୍ର, ରଶ୍ମିତା ରଥ, ବୈଜୟନ୍ତୀ ଦାସ, ଜ୍ୟୋତ୍ସ୍ନାରାଣୀ ସେନାପତି, ସନ୍ଧ୍ୟାରାଣୀ ରଥ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଶ୍ୱେତପଦ୍ମା ମିଶ୍ର, ସୁପ୍ରିୟା ମହାନ୍ତି, ପଦ୍ମାଳୟା ଶତପଥୀ, ସୁଜାତା ପାତ୍ର, ମମତା ଦାସ, କାଦମ୍ବିନୀ ପାଲ, ମଧୁସ୍ମିତା ଦାସ, ସଂଯୁକ୍ତା ସ୍ୱାଇଁ, ପ୍ରଣତି ପାଇକରାୟ, ମାମି ବେହେରା, ମୀନା ପାଣିଗ୍ରାହୀ, ଅସ୍ମିତା ପାଣିଗ୍ରାହୀ, ପାର୍ବତୀ ମହାନ୍ତି, ଦୀପିକା ରାଓ, ତୁଳସୀ ମହାନ୍ତି, ବିଜୟଲକ୍ଷ୍ମୀ ସା, ବେବିରାଣୀ ସାହୁ, ବିଜୟଲକ୍ଷ୍ମୀ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ବିଚାରକ ଭାବେ ଉପସ୍ଥିତ ଥିଲେ ସୁଶାନ୍ତ ରଞ୍ଜନ ଚଇନି, ଡ. ସୁଜାତା ମହାନ୍ତି , ଗଜେନ୍ଦ୍ର କୁମାର ପାଢୀ ଓ ଡ.ସନ୍ତୋଷ କୁମାର ତ୍ରିପାଠୀ।

# କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ



ବାଲିଅନ୍ତା,୨୭।୧୧(ନୀଳମାଧବ ସାହୁ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ନିକଟ କୁଶଭଦ୍ରା ନଦୀକୂଳରେ ୫ମ ବାର୍ଷିକ କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସମ୍ପର୍କ ଏହି ଉତ୍ସବ ଆୟୋଜିତ କରିଥିଲା। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗଦେଇ ବୋଇତକୁ ପୂଜା କରି ନଦୀରେ ଭସାଇଥିଲେ। ଉତ୍ସବରେ ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ, ଦିଲୀପ ନାଏକ, ପ୍ରଶାନ୍ତ ନାଏକ, ରାଜେନ୍ଦ୍ର ବେହେରା, ଦୀପକ ସାହୁଙ୍କ ସମେତ ବହୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପସ୍ଥିତ ଥିଲେ।

# ୫ ଜଣଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ

ପୁରୁଣା ଭୁବନେଶ୍ୱର,୨୭।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

### ବିନ୍ଦୁସାଗର ବୋଇତ ବନ୍ଦାଣ ଉତ୍ସବ

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ ଭଳି ଚଳିତବର୍ଷ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସୋମବାର ଭୋର୍‌ରୁ ଆୟୋଜିତ ୧୭ତମ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଷଦର ଅଧ୍ୟକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ନୌବାଣିଜ୍ୟରେ ଉତ୍କଳର ସାଧବ ପୁଅମାନଙ୍କର ଗରିମା ଉପରେ ମତ ରଖିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ତାନ୍‌ସେନ ସିଂ, ଚିକିତ୍ସକ ଡା. ଅଜୟ ମିଶ୍ର, ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ସାହିତ୍ୟିକ ରକ୍ଷକ ନାୟକ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତକାରିଣୀ ଶୁଭଶ୍ରୀ ପଟ୍ଟନାୟକଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରେ ଅତିଥିମାନେ ବିନ୍ଦୁସାଗରରେ ସ୍ୱତନ୍ତ୍ର ବୋଇତ ଭସାଣ କରିଥିଲେ। ଆରାଧନା ଭଜନ ସନ୍ଧ୍ୟା ପକ୍ଷରୁ କଣ୍ଠଶିଳ୍ପୀ ସୁବାସ ଦାସ, ସଚିନ୍ ରଥ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ମହାମାୟା ସ୍ୱାଇଁ, ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ ରାୟ, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ବେହେରା, ଡ. ସୁରେଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଦସ୍ୟ ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦିବ୍ୟରଞ୍ଜନ ବେହେରା, ହିମାଦ୍ରି ମହାପାତ୍ର, ଜିତେନ୍ଦ୍ର ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବିନ୍ଦୁସାଗରରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନେ।



କାର୍ତ୍ତିକ ପୂର୍ଣ୍ଣମୀ ସୋମବାର ସକାଳେ ଦୟାନଦୀ ଓ କୁଆଖାଇ ନଦୀରେ ଲୋକମାନେ ଡଙ୍ଗା ଭସାଇବାକୁ ଭିଡ଼ ଲଗାଇଛନ୍ତି।


କୁଆଖାଇ ନଦୀରେ ଲୋକେ ଭସାଉଥିବା ଡଙ୍ଗାରୁ ପିଲାମାନେ ପାଣିରେ ପଶି ଟଙ୍କା ସଂଗ୍ରହ କରୁଛନ୍ତି।

**ଆଜ୍‌ବେଷ୍ଟସ୍ ଭାଙ୍ଗି ମୋବାଇଲ ଦୋକାନରୁ ଚୋରି**

କଟକ ସଦର,(ସୁଶାନ୍ତ ଜେନା): କିଶନନଗର ଥାନା ଅଧୀନ କିଶୋର ନଗର ହାଟ ବଜାର ନିକଟ ଏକ ମୋବାଇଲ ଦୋକାନରୁ ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୭୧/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିବା ସମୟରେ ନିଜ ସହ ୮ଟି ଦାମୀ ଫୋନ, ଗୋଟେ ଲାପଟପ, ନଗଦ ୨୦ ହଜାର ଟଙ୍କା ସହ ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ମଧ ସେମାନେ ନେଇଯାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିଲା।

## ସଂକ୍ଷେପରେ

### ଶ୍ରଦ୍ଧାଳୁଙ୍କ ପାଇଁ ୩ ଆଶ୍ରୟସ୍ଥଳ ନିର୍ମାଣ କରିବେ ଉପଜିଲାପାଳ

**ଖୁଣ୍ଟୁଣୀ,୨୭।୧୧(ସଚ୍ଚିଦାନନ୍ଦ ପଣ୍ଡା)**

ପ୍ରସିଦ୍ଧ କାର୍ତ୍ତିକ ବ୍ରତ, ପଞ୍ଚକ ଓ ବଡ଼ଓଷା ପର୍ବ ଆଠଗଡ଼, କଟକ ଜିଲା ପ୍ରଶାସନ, ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥା, ରାଜ୍ୟ କୃଷିମନ୍ତ୍ରୀ ତଥା ରାଜ୍ୟବାସୀଙ୍କ ସହଯୋଗ ଏବଂ ଧବଳେଶ୍ୱରଙ୍କ କରୁଣାରୁ ଶୃଙ୍ଖଳିତ ଭାବେ ବିନା କୌଣସି ବାଧାରେ ଶେଷ ହୋଇଯାଇଛି। ଏନେଇ ଦେବୋତ୍ତର ମୁଖ୍ୟ ତଥା ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ ତରାଇ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଠଗଡ଼ରେ ଯୋଗ ଦେବା ଦିନଠାରୁ ବାବା ଧବଳେଶ୍ୱରଙ୍କ କାର୍ତ୍ତିକ ବ୍ରତ ପଞ୍ଚକ ଓ ବଡ଼ଓଷା କିଭଳି ନିର୍ବିଘ୍ନରେ ଉଦ୍‌ଯାପିତ ହେବ ସେଥିପାଇଁ ଧବଳେଶ୍ୱରଙ୍କ କୃପାଭିକ୍ଷା କରିଥିବା କହିଛନ୍ତି। ତାଙ୍କ ଅନୁଭୂତି ବିଷୟରେ ଉଲ୍ଲେଖ କରି ସେ ଏଠାରେ ଥିବା ପର୍ଯ୍ୟନ୍ତ ବାବାଙ୍କ ପୀଠକୁ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଯେଭଳି ଯାତ୍ରା ସମୟରେ ପୀଠ ମଧ୍ୟରେ ଥିବା ଗଛମୂଳ, ପାହାଚ ଓ କଂକ୍ରିଟ ରାସ୍ତା ଉପରେ ରାତିରେ ଦୟନୀୟ ଭାବେ ଆଶ୍ରୟ ନେଉଛନ୍ତି, ସେଥିପାଇଁ ୩ଟି ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଉଦ୍ୟମ କରିବେ। ଏ ବିଷୟରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହିତ ସେ ଆଲୋଚନା କରି ଅନୁରୋଧ କରିଥିବା କହିଛନ୍ତି।

### ତେନ୍ତୋଳ ବାଲିଯାତ୍ରା, ୨୫ ବିମାନ ଏକତ୍ରିତ

**ସାଲେପୁର,୨୭।୧୧(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକର ତେନ୍ତୋଳ ପଞ୍ଚାୟତରେ ଶାନ୍ତିଶୃଙ୍ଖଳାର ସହ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମଠ ମନ୍ଦିରରୁ ପ୍ରାୟ ୨୫ଗୋଟି ବିମାନ ବିଭିନ୍ନ ରାସ୍ତା ଦେଇ ଶୋଭାଯାତ୍ରାରେ ବାହାରି ଚିତ୍ରୋତ୍ପଳା ନଦୀପଠାରେ ଥିବା ନିମଗାଦିଠାରେ ଏକତ୍ରିତ ହୋଇଥିଲେ। ସେହିପରି ତେନ୍ତୋଳ, ପାଟପୁର, ଜଳହରି ସମେତ ବିଭିନ୍ନ ଗ୍ରାମରୁ କାର୍ତ୍ତିକେଶ୍ୱର ଦେବଙ୍କ ମେଢ଼ ଶୋଭାଯାତ୍ରାରେ ବାହାରି ନିମଗାଦି ନିକଟରେ ପହଞ୍ଚିବାପରେ ସେଠାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ସାଲେପୁର ପୋଲିସ ପ୍ରଶାସନ ପକ୍ଷରୁ ଏହି ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ମୁରୁଜ ପ୍ରତିଯୋଗିତା, ସମ୍ବର୍ଦ୍ଧନା ଉତ୍ସବ

**ମାହାଙ୍ଗା,୨୭।୧୧(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ସଦର ମହକୁମାର ଜଳେଶ୍ୱରପୁର ଅନନ୍ତେଶ୍ୱର ମହାଦେବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଓ ପଞ୍ଚୁକ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନନ୍ତେଶ୍ୱର ଯୁବ ପରିଷଦ ଆନୁକୁଲ୍ୟରେ ଆୟୋଜିତ ମୁରୁଜ ପ୍ରତିଯୋଗିତାରେ ମାହାଙ୍ଗାର ବହୁ ମହିଳା ଓ ଯୁବତୀ ସାମିଲ ହୋଇଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଦାଶଙ୍କ ତତ୍ତ୍ୱାବଧାନରେ ବିଷ୍ଣୁଚରଣ ପଣ୍ଡା,ଶିକ୍ଷକ ବିଜୟ କୁମାର ଦାଶ, ସାମାଜିକ କର୍ମୀ ଚୈତନ୍ୟ ଚରଣ ପାଣି ବିଚାରକ ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ସୁରେଶ ଚନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତାଭବେ ମନ୍ଦିରର ମୁଖ୍ୟ ପରିଚାଳକ ଶିକ୍ଷାବିତ୍ ଜୟଦେବ ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରଙ୍ଗାଧର ନାୟକ, ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ବିଷ୍ଣୁଚରଣ ରାଉତ, ଘନଶ୍ୟାମ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ କରିଥିବା ୫ ଜଣଙ୍କୁ ପୁଷ୍ପଗୁଚ୍ଛ ,ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୁହୁଣ୍ଡା ପଞ୍ଚାୟତର କଲ୍ୟାଣପୁର ମହାନ୍ତିସାହି, ହରିଗୋସ୍ୱାମୀ ସାଂସ୍କୃତିକ ସଂସଦ ପକ୍ଷରୁ ମୁରୁଜ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି,୨୭।୧୧(ଅଶୋକକୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଟକାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୃଷକ ନେତା ଷ୍ଟାଲିନ ରାଉତ(୬୨)ଙ୍କ ସୋମବାର ପରଲୋକ ଘଟିଛି। ଏନେଇ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ରାଉତ ଅବିଭକ୍ତ ରାମକୃଷ୍ଣପୁର ପଞ୍ଚାୟତର ପ୍ରଥମ ସମିତି ସଭ୍ୟ ଓ ପରେ ନଟକାଇ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ସକାଳେ ବଗିଚାରେ ମାଟି ହାଣୁଥିଲା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଯୋଗୀ ବେଶରେ ଦର୍ଶନ ଦେଲେ ଧବଳେଶ୍ୱର



ପାପନାଶନ ଯୋଗୀ ବେଶରେ ବାବା ଧବଳମଣୀ ଧବଳେଶ୍ୱର।



ମନ୍ଦିର ଆଗରେ ଓଡ଼ିଶା ତଥା ଭାରତବାସୀଙ୍କ ପାଇଁ ଦୀପଦାନ।

## ମନ୍ତ୍ରୀ ରଣେନ୍ଦ୍ର, ଧର୍ମେନ୍ଦ୍ର ବାବାଙ୍କ ପୂଜାର୍ଚ୍ଚନା କଲେ

**ଖୁଣ୍ଟୁଣୀ,୨୭।୧୧(ସଚ୍ଚିଦାନନ୍ଦ ପଣ୍ଡା)**

ମହା ପୁଣ୍ୟ ମାସ କାର୍ତ୍ତିକ ପୂର୍ଣ୍ଣିମାର ଅନ୍ତିମ ଦିନରେ ସୋମବାର ଧବଳେଶ୍ୱର ପୀଠରେ ବାବା ଧବଳେଶ୍ୱର ଭକ୍ତଙ୍କୁ ଯୋଗୀ ବେଶରେ ଦର୍ଶନ ଦେଇଛନ୍ତି। ଏଥିସହିତ ମାସାଧିକ କାଳ କରିଥିବା ବ୍ରତର ପରିସମାପ୍ତି ଘଟିଛି। ବର୍ଷ ଯାକ ଏହି ଶୈବପୀଠରେ ବିଭିନ୍ନ ପର୍ବପର୍ବାଣି ପାଳିତ ହେଉଥିଲେ ମଧ କାର୍ତ୍ତିକ ମାସରେ ହେଉଥିବା ବଡ଼ଓଷା ସବୁଠାରୁ ବଡ଼। ଭୋର ସାଢେ ୩ ଟାରେ ଧବଳେଶ୍ୱରଙ୍କ ନୀତି ପାଳିଆ ସେବକ (ଗୁଡୁ) ରାମଚନ୍ଦ୍ର ପତ୍ରୀ ଓ ପୂଜକ ସମାଜ ମନ୍ଦିର ଦ୍ୱାର ଖୋଲି ମଙ୍ଗଳ ଆଳତି ଓ ୧୦୮ ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଇଥିଲେ। ଏହାପରେ ଗନ୍ଧ, ଚନ୍ଦନ, ସୁବାସିତ ପୁଷ୍ପ ରାଜିରେ ସଜ୍ଜିତ କରିଥିଲେ। ପରେ ପରେ ଖେଚୁଡ଼ି, ବଲ୍ଲଭ ଓ ସଙ୍କୁଡ଼ି ଭୋଗ କରାଯାଇ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ଯୋଗୀ ବେଶରେ ବିରାଜମାନ କରାଇ ସାଢେ ୪ ଟାରେ ମନ୍ଦିର ମୁଖ୍ୟ ଦ୍ୱାର ଖୋଲାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ବ୍ୟାରିକେଡ ମଧ୍ୟରେ ଯାଇ ବାବାଙ୍କୁ ଦର୍ଶନ କରିବା ସହ ଭୋଗ ଲଗାଇଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ସହିତ ପୀଠରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଉପଜିଲାପାଳ ପ୍ରଶାନ୍ତ ତରାଇ, ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ସାଗର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୋର ସାଢେ ୫ଟାରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୀଠରେ ବାବାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ବାବାଙ୍କୁ ଦର୍ଶନ କରି ବାନା ବାନ୍ଧିଥିଲେ। ଧର୍ମେନ୍ଦ୍ରଙ୍କ ସହିତ ଆଠଗଡ଼ ଭାଜପା ଯୁବନେତା ଅଭୟ ବାରିକ, ମାହଙ୍ଗା ବିକାଶ ପରିଷଦ ସଭାପତି ଶାରଦା ପ୍ରଧାନ, ଆଠଗଡ଼ ଭାଜପା ପ୍ରଭାରୀ ଜ୍ଞାନ ରଞ୍ଜନ ସ୍ୱାଇଁ, ଯୁବନେତା ତପନ ଲେଙ୍କା ପ୍ରମୁଖ ଯୋଗଦେଇ ଧବଳେଶ୍ୱରଙ୍କ ମହିମା ବିଷୟରେ ପ୍ରଧାନଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରଧାନ ବିଭିନ୍ନ ଅଞ୍ଚଳକୁ ଦେଖି ଧବଳେଶ୍ୱରଙ୍କ ପୀଠର ଯେତିକି ଉନ୍ନତି ହେବା କଥା ସେଭଳି ଭାବେ କରାଯାଇନାହିଁ, ତାଙ୍କ ସାମର୍ଥ୍ୟ ଅନୁଯାୟୀ ଯେତିକି ସମ୍ଭବ ସେ ନିଶ୍ଚିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟୁଷରୁ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ମହାନଦୀରେ ଡଙ୍ଗା ଭସାଇଥିଲେ।

# ଆଶୀର୍ବାଦ ବେହେରା ପାଇଲେ ଜୀବନବ୍ୟାପୀ ସାଧନା ସମ୍ମାନ

## ମୋକିମ ଫାଉଣ୍ଡେଶନ ପକ୍ଷରୁ ମେଗା ସ୍ପୋର୍ଟସ କାର୍ନିଭାଲ

**କଟକ,୨୭।୧୧ (କାର୍ତ୍ତିକ ସାହୁ)**

ମୋକିମ ଫାଉଣ୍ଡେଶନ ପକ୍ଷରୁ ଇନ୍‌ଡୋର ଷ୍ଟାଡିୟମଠାରେ ୩ଦିନିଆ ମେଗା ସ୍ପୋର୍ଟସ କାର୍ନିଭାଲ-୨୦୨୩ ଶେଷ ହୋଇଯାଇଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଶୀର୍ବାଦ ବେହେରାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଟକ ସହରର ୧୬୨ରୁ ଉର୍ଦ୍ଧ୍ୱ ଭେଟରାନ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ବିଧାୟକ ମହମ୍ମଦ ମୋକିମ ଆଗାମୀ ଦିନରେ ଏହି ମେଗା ସ୍ପୋର୍ଟସ କାର୍ନିଭାଲରେ ଅଧିକ କ୍ରୀଡ଼ା ସାମିଲ ସହ ସୁନ୍ଦର କରି ରାଜ୍ୟସ୍ତରୀୟ କରାଯିବା ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ହାସ୍ୟ ଅଭିନେତା ବିମ୍ବେଶ ପାଣ୍ଡେଙ୍କ ସହ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି, କ୍ରୀଡ଼ାବତ୍ ଦୃତି ଚାନ୍ଦ, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସୁବାଶିଷ ଶର୍ମା, ଶୀତଲ ଓ ମେଘନା ମିଶ୍ର ପ୍ରମୁଖ ଅତିଥିମାନେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଏହି ଅବସରରେ ଗୋଆରେ ଅନୁଷ୍ଠିତ ନ୍ୟାଶନାଲ କ୍ରୀଡ଼ାରେ ପଦକ ଜିତିଥିବା ଛଅ ଜଣ ଖେଳାଳୀଙ୍କୁ ସମ୍ମାନିତ କରାଯାଇଥିଲା। ରୌପ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ୧୫ ହଜାର ଟଙ୍କା ଓ ବ୍ରୋଞ୍ଜ ଜିତିଥିବା ଖେଳାଳିଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ଟ୍ରଷ୍ଟି ମହମ୍ମଦ ଅଲିମ ଧନ୍ୟବାଦ ଦେଇଥିଲେ। ଫାଉଣ୍ଡେଶନର ସ୍ପୋର୍ଟସ ବିଭାଗର ମୁଖ୍ୟ ସୁଦୀପ୍ତା ନନ୍ଦ, ଟାଇକୋଣ୍ଡ ମୁଖ୍ୟ ଅମରେନ୍ଦ୍ର ପୃଷ୍ଟି, ଟେବୁଲ ଟେନିସ ମୁଖ୍ୟ ସମ୍ବିତ ଦାସ, ଯୋଗ ବିଭାଗର ମୁଖ୍ୟ ଦେବାଶିଷ ହଳଧର, ଚେସ୍ ମୁଖ୍ୟ ସୁଦୀପ ବେହେରା, ପ୍ରଶାନ୍ତ କୁମାର ଜେନା, ବିଶ୍ୱଜିତ୍ ରାୟ, ଭେଟରାନ ବିଭାଗର ମୁଖ୍ୟ ସୟଦ ଜବିଉଲ୍ଲା, ମହମ୍ମଦ ଗୁଲଫାମ ପ୍ରମୁଖ ସହଯୋଗ କରିଥିଲେ।



ଆଶୀର୍ବାଦ ବେହେରାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି।

# ୧୫ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ମୁଣ୍ଡନ



ଲୋଭୀ ଠାକୁରାଣୀଙ୍କ ପୀଠରେ ଶିଶୁଙ୍କ ମୁଣ୍ଡନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ।

## ଲୋଭୀ ଠାକୁରାଣୀଙ୍କ ପୀଠ

**ତିଗିରିଆ,୨୭।୧୧(ଜାଫର ଖାଁ)**

ତିଗିରିଆ ବ୍ଲକ ବିନ୍ଧାଣିମା ଗ୍ରାମସ୍ଥିତ ମା'ଲୋଭୀ ଠାକୁରାଣୀଙ୍କ ମୁଣ୍ଡନ ଯାତ୍ରା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଶିଶୁ ମୁଣ୍ଡନ କରିଥିବା ମନ୍ଦିର ପରିଚାଳନା କମିଟି ସୂତ୍ରରୁ ଜଣାପଡ଼ିଛି। ରବିବାର ବିଳମ୍ବିତ ରାତିରେ ଗ୍ରାମର ଜଣେ ବଣିଆ ସମ୍ପ୍ରଦାୟଙ୍କ ଘରୁ ଠାକୁରାଣୀଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ଅଣାଯାଇ ହାଟପଡ଼ିଆସ୍ଥିତ ମା ଲୋଭୀ ଠାକୁରାଣୀଙ୍କ ମନ୍ଦିରରେ ବିଜେ କରାଯାଇଥିଲା। ସୋମବାର ମୁଣ୍ଡନ ପର୍ବର ଭୋର ୪ ଟାରୁ ମା'ଙ୍କର ମନ୍ଦିର ସାହାଣମେଳା ହୋଇଥିଲା ।

ପରେ ହଜାର ହଜାର ଅପେକ୍ଷାରତ ଶ୍ରଦ୍ଧାଳୁ ଦେବୀଙ୍କ ଦର୍ଶନ କରିଥିଲେ। ପରମ୍ପରା ଅନୁସାରେ ଏଠାରେ ବର୍ଷସାରା ଦେବୀଙ୍କ ଦର୍ଶନ ସାଧାରଣଙ୍କ ପାଇଁ ବନ୍ଦ ରହୁଥିବା ବେଳେ କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନ ଦେବୀଙ୍କ ଦର୍ଶନ ଲାଗି ମନ୍ଦିର ଦ୍ୱାର ଉନ୍ମୁକ୍ତ ହୋଇଥାଏ । ସୋମବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ପୀଠ ପରିସରରେ ଭକ୍ତମାନେ ସେମାନଙ୍କ ନବଜାତ ଶିଶୁଙ୍କ ମୁଣ୍ଡନ କରାଇଥିଲେ। ଏହି ମୁଣ୍ଡନ ପର୍ବରେ ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାରଙ୍କ ପ୍ରତିନିଧି ବୃନ୍ଦାବନ ବେହେରା, ତିଗିରିଆ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ, ସବଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତିଗିରିଆ ଥାନା ପୋଲିସ ସମେତ ଅତିରିକ୍ତ ୧ ପ୍ଲାଟୁନ ଫୋର୍ସ ଠାକୁରାଣୀଙ୍କ ପୀଠ ଓ ରାଜପଥରେ ନିୟୋଜିତ କରାଯାଇଥିଲା। ଯାତ୍ରା ପରିଚାଳନା କରୁଥିବା ଗ୍ରାମର କାର୍ତ୍ତିକେଶର ପୂଜା ମହାସଂଘର ସଭାପତି ବିଭୂତି ଭୂଷଣ ବେହେରା, ଉପସଭାପତି ମନୋଜ ସାହୁ, ସମ୍ପାଦକ ଅଭିମନ୍ୟୁ ଜେନା, କୋଷାଧ୍ୟକ୍ଷ ମିଟୁ ରାଉତ, ମନ୍ଦିର ପରିଚାଳନା କମିଟି ସଭାପତି କବିଚନ୍ଦ୍ର କଅଁର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଗ୍ରାମ ପୁଷ୍କରିଣୀ ନିକଟରେ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଥିଲା ।

### ବୃଦ୍ଧେଶ୍ୱରଙ୍କ ବାଲିଯାତ୍ରା

**ତିଗିରିଆ,୨୭।୧୧(ଜାଫର ଖାଁ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ବ୍ଲକ ଅନ୍ତର୍ଗତ ହାଟମାଳସ୍ଥିତ ମହାନଦୀ ବାଲି ଶଯ୍ୟାରେ ବିଜେ ବୃଦ୍ଧେଶ୍ୱର ମହାଦେବଙ୍କ ପୁରାତନ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୋମବାର ମଧ୍ୟାହ୍ନରେ ଗ୍ରାମବାସୀ ନାମ ସଙ୍କୀର୍ତ୍ତନ କରି ଶୁଣ୍ଡିପାଳସ୍ଥିତ ଦଧିବାମନଙ୍କୁ ଗ୍ରାମକୁ ଆଣିଥିଲେ । ଏହାପରେ ହାଟମାଳ ଗ୍ରାମରେ ଥିବା ବୁଦ୍ଧେଶ୍ୱର ଏବଂ ରାଧାକୃଷ୍ଣଙ୍କ ସହ ଦଧିବାମନଙ୍କର ହରିହର ଭେଟ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଦଧିବାମନ ପୁନର୍ବାର ନିଜ ବିଜେସ୍ଥଳୀକୁ ଫେରିଯାଇଥିଲେ । ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ଲାଗି ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ ଏବଂ ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଅମଳ ଧାନ ଜଳିଗଲା

**ତିଗିରିଆ,୨୭।୧୧(ଜାଫର ଖାଁ )**

ତିଗିରିଆ ତହସିଲ ଅନ୍ତର୍ଗତ ଗଦାଧରପୁର ଗ୍ରାମରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨୧ ଗୁଣ୍ଠରୁ ଅମଳ ହୋଇଥିବା ଧାନ ଜଳି ଯାଇଛି। ଏଥିରେ ୩ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ହେଲେ ରବୀନ୍ଦ୍ର କୁମାର ସ୍ୱାଇଁ, ଚିନ୍ତାମଣି ପ୍ରଧାନ ଓ ଧର୍ମାନନ୍ଦ ସ୍ୱାଇଁ। ସେମାନେ ଯଥାକ୍ରମେ ୧୦ ଗୁଣ୍ଠ, ୫ ଗୁଣ୍ଠ ଓ ୬ ଗୁଣ୍ଠ ଜମିରୁ ଧାନ ଅମଳ କରି ଏଠାରେ ଗଦା କରି ରଖିଥିଲେ। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଖବରପାଇ ତିଗିରିଆ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ

**କଟକ,୨୭।୧୧ (କାର୍ତ୍ତିକ ସାହୁ)**

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ବୋଇତ ବନ୍ଦାଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବିଧାୟକ ଇଂ. ମହମ୍ମଦ ମୋକିମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ବିଚାରପତି ସଞ୍ଜୁ ପଣ୍ଡା ଯୋଗଦେଇ ସାଧବ ଓ ତୈଳିକମାନଙ୍କ ପରମ୍ପରା କାଳଜୟୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ କମ୍ପାନୀ ଅଧିନିୟମ ପ୍ରାଧିକରଣ ବିଚାର ବିଭାଗୀୟ ସଭ୍ୟ ପି. ମୋହନ ରାଜ, ଜିଲାପାଳ ନରହରି ସେଠୀ, ସିଏମ୍‌ସି ମେୟର ସୁବାସ ସିଂହ, ଭାଜପା ନେତା ପ୍ରମୋଦ କୁମାର ସାହୁ, କଳିଙ୍ଗ ବାଲି ସଙ୍ଗମ ଅଧ୍ୟକ୍ଷ ଡ. ବିଭୁପ୍ରସାଦ ସ୍ୱାଇଁ, ଉଦ୍ୟୋଗପତି ବିନାୟକ ପାଣିଗ୍ରାହୀ, ବିଶ୍ୱଜିତ ସୂର୍ଯ୍ୟବଂଶୀ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ସାହୁ ଓ ଅଭିମନ୍ୟୁ ସାହୁଙ୍କ ସମ୍ପାଦନାରେ ଅନୁଷ୍ଠାନର ମୁଖପତ୍ର କଳିଙ୍ଗ ସୌଦାଗର ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆଡ୍‌ଭୋକେଟ ମଳୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରବୋଧ କୁମାର ବଡ଼ପଣ୍ଡା, ସୁଶାନ୍ତ କୁମାର ସାହୁ, ସୁଧାଂଶୁ ସାହୁ, କ୍ଷୀରୋଦ କୁମାର ସାହୁ, ଉମାକାନ୍ତ ସାହୁ, ସଂଗ୍ରାମ କେଶରୀ ସାହୁ, ଜଗନ୍ନାଥ ସାହୁ, ସୌମ୍ୟରଞ୍ଜନ ସାହୁ, ଅନୁସୂୟା ସାହୁ, ନମିତା ସାହୁ, ମଧୁମିତା ମହାପାତ୍ର ଓ ରୀନା ସାହୁଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସଙ୍ଗଠନ ସମ୍ପାଦିକା ବିଦ୍ୟୁଲତା ସାହୁଙ୍କ ନେତୃତ୍ୱରେ ମହାନଦୀରେ ପାରମ୍ପରିକ ବୋଇତ ବନ୍ଦାଣ କରାଯାଇଥିଲା। ସଭାନେତ୍ରୀ ସୁପ୍ରଭା ସାହୁଙ୍କ ମାର୍ଗଦର୍ଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସଙ୍ଗଠନ ସଭାପତି ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ହରେକୃଷ୍ଣ ସାହୁ, ରାକେଶ ସାହୁ, ପ୍ରଶାନ୍ତ ସାହୁ, ଧିରେନ୍ଦ୍ର ସାହୁ, ମଧୁସ୍ମିତା ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ଯଦୁନନ୍ଦନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୋଇତ ବନ୍ଦାଣ ଉତ୍ସବରେ ସାଧବାଣୀମାନେ ସାଧବ ପୁଅଙ୍କୁ ବନ୍ଦାପନା କରୁଛନ୍ତି।

# ସହରାଞ୍ଚଳବାସୀ ଏବେ ଗ୍ରାମାଭିମୁଖୀ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୨୭।୧୧(ଅଶୋକ କୁମାର ମହାପାତ୍ର)**

ସହର ଲୋକେ ଗାଁରେ ସମସ୍ତ ସୁବିଧା ହାତ ପାଆନ୍ତାରେ ପାଉଥିବାରୁ ଏବେ ସହର ଛାଡି ଲୋକେ ଗ୍ରାମାଭିମୁଖୀ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏକ ସେତୁର ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରେ ଲୁଣାନଦୀର ବାମପାର୍ଶ୍ୱରେ ଥିବା ସାଧକ ନଗର ଠାରେ ଏକ ସ୍ୱର ପ୍ୟାକିଂର ଶିଳାନ୍ୟାସ କରାଯାଇଥିଲା। ସେହିପରି ନିଶ୍ଚିନ୍ତକୋଇଲି ନେମାଳ ତିଳକଣାଛକ ଠାରୁ କଟିକଟା-ଜୟପୁର କରାଣ୍ଡିଆ ବ୍ରାଞ୍ଚ କେନାଲ ବନ୍ଧ ଉପରେ ଏକ ନୂତନ ରାସ୍ତା, ଅସୁରେଶ୍ୱର ନିକଟ ଲୁଣାନଦୀ ଉପରେ ପୁବଂଶରେ ସୁଉଚ୍ଚ ସେତୁର ଶିଳାନ୍ୟାସ କରାଯାଇଥିଲା।

# ମହୋତ୍ସବ ବାଙ୍କୀର କଳା, ସାହିତ୍ୟକୁ ଋଦ୍ଧିମନ୍ତ କରିବ

## ରଗଡ଼ି କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ

**ବାଙ୍କୀ,୨୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ରଗଡ଼ି କାର୍ତ୍ତିକେଶ୍ୱର ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଉପଦେଷ୍ଟା ସୌଭାଗ୍ୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମହୋତ୍ସବ ବାଙ୍କୀର କଳା, ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବ। ଏହା ସ୍ଥାନୀୟ ଯୁବକ ଓ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବ। ଏହି ମହୋତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦିପନା ଆଣିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ରଗଡ଼ି ସେବା ସମବାୟ ସମିତି ସଭାପତି ଉଦ୍ଦିପ୍ତ କୁମାର ପଟ୍ଟନାୟକ, ବାଙ୍କୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, ବାଙ୍କୀ ଏନ୍‌ଏସି କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହୋତ୍ସବ ଉପସଭାପତି ତଥା ସମିତି ସଭ୍ୟ ଭାଗୀରଥି ପାଣି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ବିଜୟ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମହୋତ୍ସବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କାର୍ତ୍ତିକ ବ୍ରତ ପାଳିଲେ ଶ୍ରଦ୍ଧାଳୁ**

ବୋଲଗଡ଼,(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ସଦର ସମେତ ପୁରପଲ୍ଲୀରେ ଶ୍ରଦ୍ଧାଳୁମାନେ ରାସ ପୂର୍ଣ୍ଣିମାରେ କାର୍ତ୍ତିକ ବ୍ରତ ପାଳନ କରିଛନ୍ତି। କାର୍ତ୍ତିକ ମାସର ଅନ୍ତିମ ଦିବସକୁ କାର୍ତ୍ତିକ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ପୂର୍ଣ୍ଣିମାରେ ଶ୍ରଦ୍ଧାଳୁମାନେ ଭୋରୁ ଡଙ୍ଗା ଭସାଇବା ସହ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ବ୍ରଜମୋହନ ଦେବ, ତୃତୀୟା ଦେବ, କୁଞ୍ଜବିହାରୀ ଦେବ, ବାଲୁଙ୍କେଶ୍ୱର ଦେବ, ଗଡ଼ଦେବୀ ରାମଚଣ୍ଡୀ, ବାଟମଙ୍ଗଳା, ଲକ୍ଷ୍ମୀମନ୍ଦିର, ତାରେଶ୍ୱର ଦେବ, ସୋମନାଥ ଦେବ, ସିଂଘେଶ୍ୱର ଦେବ, ଅମୃତେଶ୍ୱର ଦେବ, ସ୍ୱପ୍ନେଶ୍ୱର ଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ସଂକ୍ଷେପରେ

### ଡଙ୍ଗା ଭସାଇ କାର୍ତ୍ତିକ ପୂର୍ଣ୍ଣମୀ ପାଳିଲେ

ଜଟଣୀ,୨୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ସୋମବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜଟଣୀ ପୌରାଞ୍ଚଳରେ ଥିବା ବିଭିନ୍ନ ପୋଖରୀ ଏବଂ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଭୋରୁ ପୋଖରୀରେ ବୁଡ଼ ପକାଇ ଡଙ୍ଗା ଭସାଇବା ପରେ ଠାକୁରଙ୍କ ଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ହାଟବଜାର ପୋଖରୀ କୂଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୋଖରୀ ଏବଂ ମନ୍ଦିର ପରିସରକୁ ରଙ୍ଗବେରଙ୍ଗ ଆଲୋକ ଏବଂ ଫୁଲରେ ସଜ୍ଜିତ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କୁସୁମାଟି, କୁଦିଆରୀ, ବାଛରା, ଦେଉଳବସ୍ତ, ବଡ଼ନୁଆଗାଁ, ଷଣ୍ଢପୁର ଆଦି ଅଞ୍ଚଳରେ ଥିବା ପୋଖରୀରେ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ।

### ଅସହାୟଙ୍କୁ ସହାୟତା

ଜଟଣୀ,୨୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ ଗ୍ରାମରେ ସୋମବାର କେତେଜଣ ଅସହାୟ ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ରାଜନେତା ତଥା ପାଣ୍ଡବ ଜେନା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସନ୍ତୋଷ ଜେନାଙ୍କ ସହଯୋଗରେ ୫୧ଜଣଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଜିତୁ ବେହେରା, କେଦାରନାଥ ମହାନ୍ତି, ଭ୍ରମର ପାତ୍ର, ବିଦ୍ୟାଧର ବେହେରା, ରଘୁନାଥ ବେହେରା, ବିମ୍ବାଧର ବେହେରା, ବାଉରିବନ୍ଧୁ ବେହେରା, ପବିତ୍ର ସାହୁ, ସନାତନ ଗଜେନ୍ଦ୍ର, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମ ଆଗକୁ ଜାରିରହିବ ବୋଲି ଜେନା କହିଛନ୍ତି।

### ଓଭରବ୍ରିଜ୍ ବଜାର ମଧ୍ୟରେ ନ ଯିବାକୁ ଦାବି

ନିରାକାରପୁର,୨୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର ରାମ ମନ୍ଦିର ପ୍ରାଙ୍ଗଣରେ ଥିବା ବୈଠକ କକ୍ଷରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବଜାରର କ୍ରିୟାନୁଷ୍ଠାନ କମିଟିର ଆବାହକ ବଳରାମ ରାଉତରାୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା କହିଛନ୍ତି ଯେ, ନିରାକାରପୁର ବଜାର ଦେଇ ଓଭରବ୍ରିଜ୍ ନିର୍ମାଣ କରାଗଲେ ଦୋକାନ ଗୃହ ଉଚ୍ଛେଦ ହେବା ସହିତ ନିରାକାରପୁର ୟୁପି ସ୍କୁଲ, ଅଞ୍ଚଳର କେତେକ ସ୍ଥାୟୀ ବାସଗୃହ, ଶ୍ରୀରାମ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଭଳି ଐତିହ୍ୟସ୍ଥଳ ସମ୍ପୂର୍ଣ୍ଣ ଭାଙ୍ଗିଯିବାର ସମ୍ଭାବନା ରହିଛି। ତେଣୁ ଏହି ଓଭରବ୍ରିଜ ବଜାର ମଧ୍ୟରେ ନ ଯାଇ ଅନ୍ୟତ୍ର ବାଟରେ ହେବା ପାଇଁ ଦାବି କରିଛନ୍ତି। ଏନେଇ କମିଟି ପକ୍ଷରୁ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା କୁହାଯାଇଛି।

# ଦୁଗ୍ଧଚାଷୀଙ୍କ ଆର୍ଥିକ ବିକାଶ ଘଟିଛି

ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)



ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ମଞ୍ଚାସୀନ ଅଧିକାରୀ ଏବଂ ଅନ୍ୟମାନେ।

ପୁରୀ ଦୁଗ୍ଧ ଉତ୍ପାଦନ ସଂଘ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ପ୍ରଥମଥର ଲାଗି ଜିଲାସ୍ତରୀୟ ଜାତୀୟ ଦୁଗ୍ଧ ଦିବସ ସ୍ଥାନୀୟ ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଦୁଗ୍ଧଚାଷୀ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡା. ଦେବୀଦତ୍ତ ମାଝୀ ସଭାପତିତ୍ୱ କରିଥିଲେ। ଦୁଗ୍ଧ ଉତ୍ପାଦନ ସଂଘ ମୁଖ୍ୟ ପରିଚାଳକ ହୃଷୀକେଶ ତ୍ରିପାଠୀ, ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ(ଏଡିଭିଓ) ଡା. ମୋନାଲିସା ଖଟୁଆ, ଡା. ଯଶୋବନ୍ତ ପ୍ରଧାନ, ପ୍ରାଣୀଚିକିତ୍ସା ଅଧିକାରୀ ଡା. ଚନ୍ଦ୍ରମଣି ସାହୁ, ଡା. ପ୍ରକାଶ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଦୁଗ୍ଧ ଉତ୍ପାଦନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏ କ୍ଷେତ୍ରରେ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସମବାୟ ସମିତିମାନଙ୍କୁ ସବ୍‌ସିଡିରେ ଋଣ ପ୍ରଦାନ କରୁଛନ୍ତି। ଗୋପାଳନ ଦିଗରେ ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବନ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। କିପରି ଚାଷୀଙ୍କ ଆୟ ବୃଦ୍ଧି ଘଟିବ ସେ ସମ୍ପର୍କରେ ମଧ୍ୟ କହିଥିଲେ। ଗୋପାଳନ କରୁଥିବା ଚାଷୀ ଗୋବର ପରୀକ୍ଷା କରି କୃମି ବଟିକା ପ୍ରଦାନ, ବଜବଜିଆ, ଫାଟୁଆ, ଥାଇଲେରିଆ ରୋଗର ପ୍ରତିଷେଧକ ଟିକା ନିୟମିତ ବ୍ୟବଧାନରେ ଦେବେ। ଟିକାକରଣ ରେକର୍ଡ ରଖିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ପ୍ରାଣୀ ଚିକିତ୍ସାଳୟର ଡେପୁଟି ଡାଇରେକ୍ଟର ଡା. ମାନସ କୁମାର ଚାନ୍ଦ, ବେଗୁନିଆ ପ୍ରାଣୀ ଅଧିକାରୀ ଡା. ବନ୍ଦିତା ବେହେରା, ଚିଲିକାର ଡା. ଦେବାଶିଷ ଦାସ, ବାଣପୁରର ଡା. ସନ୍ଦୀପ ପଟ୍ଟନାୟକ, ବୋଲଗଡ଼ର ଡା. ରାଜେଶ ସେଠୀ, ଟାଙ୍ଗୀର ଦୀପ୍ତିମୟୀ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀ ଦୁଗ୍ଧ ଉତ୍ପାଦନ ଏବଂ ଗୋପାଳନ ଦିଗରେ କିପରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେନେଇ ନିଜ ନିଜ ଅନୁଭୂତି କହିଥିଲେ। ଡା. ସମାପିକା ମହାପାତ୍ର ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

ପୁରୀ, ୨୭।୧୧(ଅଜିତ୍ ମହାନ୍ତି)

ବଳଗଣ୍ଡିସ୍ଥିତ ମାଉସୀମା'ଙ୍କ ମନ୍ଦିର ସମ୍ମୁଖରେ ଆୟୋଜିତ ଅଷ୍ଟମ ପଞ୍ଚକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶେଷ ଦିନରେ ହରି ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣମୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱରୀ ବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଧାକର ଭୋଳ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜଗନ୍ନାଥ ଦାସମହାପାତ୍ର, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ଶାସ୍ତ୍ରୀ, ବିଶ୍ୱନାଥ ଜଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟିର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କମିଟି ସମ୍ପାଦକ ମଧୁସୂଦନ ମିଶ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ। ଦୟାନିଧି ସଙ୍ଗୀତ ସୁଧାର ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରବକ୍ତା ପଣ୍ଡିତ ବିପିନ ବିହାରୀ ମିଶ୍ର ହରିକଥା ଶୁଣାଇଥିଲେ। ଖବରଦାତା ବିଜୟ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଶଙ୍କର୍ଷଣ ଦାସ, ସମାଜସେବୀ ସୁଧାକର ଭୋଳ, ଶରତ ଚନ୍ଦ୍ର ରାଉତରାୟ ଓ ପ୍ରବକ୍ତା ପଣ୍ଡିତ ବିପିନ ବିହାରୀ ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୀଳଚକ୍ର ସୋସିଆଲ କଲଚରାଲ ଏକାଡେମୀର ପକ୍ଷରୁ ପରିବେଷିତ ମାହାରୀ, ସମ୍ବଲପୁରୀ ଓ ଭଜନ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମନିଷା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶ୍ରୀଦେବୀ ପଡିଆରୀ, କାବ୍ୟାଞ୍ଜଳି ସାହୁ, କ୍ରିଷ୍ଣାଞ୍ଜଳି ସାହୁ, ପ୍ରିୟାଂଶୀ ପରିଡା, ଶୁଭଶ୍ରୀ ବେହେରା, ରାଜନନ୍ଦନୀ ସାହୁ, ସୁଶ୍ରୀ ସୁଲଗ୍ନା ମହାନ୍ତି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଭରତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିପ୍ରକାଶ ଜେନା, ତ୍ରିଲୋଚନ ରଥ, ବିଜୟକୃଷ୍ଣ ଦାସ, ରଘୁନାଥ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଗମ୍ଭାରୀମୁଣ୍ଡା: କଳସ ଶୋଭାଯାତ୍ରା ଅବସରରେ ବିଭିନ୍ନ ବେଶରେ ସଜ୍ଜିତ କୁନିକୁନି ପିଲାମାନେ।

## ହନୁମାନ ଚାଳିଶା ପାଠ, କଳସ ଶୋଭାଯାତ୍ରା

ଗମ୍ଭାରୀମୁଣ୍ଡା,୨୭।୧୧(ଦିଲୀପ ସ୍ୱାଇଁ)

ବାଣପୁର ବ୍ଲକ ସାନହନ୍ତୁଆଡ଼ ଅଞ୍ଚଳର ରଘୁନାଥ ଦେବଙ୍କ ମଠ ପ୍ରାଙ୍ଗଣରେ ଶ୍ରୀରାମ କଥା ଜ୍ଞାନଯଜ୍ଞ ମହୋତ୍ସବ ଏବଂ ହନୁମାନ ଚାଳିଶା ସାମୂହିକ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ସକାଳେ ସୂର୍ଯ୍ୟ ପୂଜା, ଗୋ ପୂଜା, ଶ୍ରୀରାମ ନାମ ସଂକୀର୍ତ୍ତନ ଓ ଅଖଣ୍ଡ ପରାୟଣ ସହ ସନ୍ଧ୍ୟାରେ ଶ୍ରୀରାମକଥା ପ୍ରବଚନ ଦିଆଯାଇଥିଲା। ସନ୍ଥ ମଙ୍ଗଳଦାସ ମହାରାଜ, ଅନ୍ତର୍ଯ୍ୟାମୀ ମହାରାଜ ଓ ପଣ୍ଡିତ ଗଟେଶ୍ୱର ମିଶ୍ର ଭକ୍ତ ଓ ଭଗବାନଙ୍କ କଥା ଏବଂ ଶ୍ରୀରାମଙ୍କ ଜୀବନୀ ଗାଥା ଉପରେ କହିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ୧୦୮ ଥର ସାମୂହିକ ହନୁମାନ ଚାଳିଶା ପଠନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ଯାଇ ସାନହନ୍ତୁଆଡ଼ ଗାଁ ପରିକ୍ରମା କରି ପରେ ମନ୍ଦିର ପୁଷ୍କରିଣୀରେ ୧୦୮କଳସ ବିସର୍ଜନ କରିଥିଲେ। ଯଶୋବନ୍ତ ସୁନ୍ଦରାୟ, ରିଙ୍କୁ ବିଶ୍ୱାଳ, କୈଳାସ ବାରିକ, ଅରୁପ ରାଉଳ, ଗୌରାଙ୍ଗ ବରାଳ, ପ୍ରଫୁଲ୍ଲ ନାୟକ, ମହେନ୍ଦ୍ର ପତି, ଚନ୍ଦ୍ରମଣି ଜେନା, ରାଜକିଶୋର ଦଳାଇ, ମୁନା ବରାଳ, ଆଶିଷ ପତି ପ୍ରମୁଖ ଯୋଗଦେଇଥିଲେ।

## ଦଧିବାମନ ଦେବଙ୍କ ପୀଠରେ ଯଜ୍ଞ

କୃଷ୍ଣପ୍ରସାଦ,୨୭।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଦଧିବାମନ ଦେବଙ୍କ ପୀଠରେ ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମାର୍ଫତ୍‌ଦାର ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଯଜ୍ଞକାର୍ଯ୍ୟ ହୋଇଥିଲା। ଗ୍ରାମର ବନବିହାରୀ ପଟ୍ଟନାୟକ, ବିକ୍ରମ ମହାପାତ୍ର, ସତୀଶ୍ ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଧୀରେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଦେଉଳ ପୋଖରୀରୁ ୫୧ କଳସରେ ପାଣି ଅଣାଯାଇ କଳସ ଶୋଭାଯାତ୍ରା ପହଞ୍ଚିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଆଧୁନିକ କାବ୍ୟକବିତାର ପୁରୋଧା ଥିଲେ ରାଧାନାଥ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜଟଣୀ,୨୭।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥିତ ସ୍ୱସ୍ତିଜ୍ୟୋତି ବିଦ୍ୟାଳୟ ପରିସରରେ ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ 'ଆଧୁନିକ ଓଡ଼ିଆ କାବ୍ୟଧାରର ମୁଖ୍ୟ ପୁରୋଧା କବିବର ରାଧାନାଥ ରାୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ରାଧାନାଥ ରାୟଙ୍କ କାବ୍ୟ କବିତା କିଭଳି ବର୍ତ୍ତମାନ ସମୟରେ ପାଶ୍ଚାତ୍ୟ କାବ୍ୟକୁ ଅନୁସରଣ କରି କବିତା ରଚନା କଲେ ମଧ୍ୟ ତାର ମୌଳିକତା ଓ ଓଡ଼ିଆ ପ୍ରୀତିକୁ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର, ରମାକାନ୍ତ ମିଶ୍ର, ଅନୁଷ୍ଠାନର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, ପଦ୍ମନାଭ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆୟୋଜିତ କବିତା ପାଠରେ ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିତା ନାୟକ, ଆଦିନାରାୟଣ ଖଣ୍ଡୁଆଳ ଏବଂ ବିପିନ ବେହେରା ସଂଯୋଜନା କରିଥିଲେ।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ଭୋରରୁ ଶ୍ରଦ୍ଧାଳୁମାନେ ପୋଖରୀ, ନଦୀରେ ଡଙ୍ଗା ଭସାଇଥିଲେ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ଧବଳେଶ୍ୱର ପୀଠରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡିରେ ଆସି ଠାକୁରଙ୍କୁ ଦର୍ଶନ ସହ ଫୁଲପୁଷ୍ପ, ବେଲପତ୍ର, ଜଳଲାଗି କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ଲାଗି ସ୍ୱତନ୍ତ୍ର ଦେବନୀତି ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସେହିପରି ମୁକୁନ୍ଦପ୍ରସାଦ ଅସୁରେଶ୍ୱର, ଇଚ୍ଛାଶ୍ୱର, ଜେମାଦେଇର ବାଲୁଙ୍କେଶ୍ୱର, ସାମନ୍ତରାପୁର ସ୍ୱପ୍ନେଶ୍ୱର, ଉପରସାହିର ଚଉରା ବାଲୁଙ୍କେଶ୍ୱର, ରାଧାବଲ୍ଲଭ ସାହିର ବରାଳ ବାଲୁଙ୍କେଶ୍ୱର, ଟିଏଲସିର ତାରକେଶ୍ୱର, ରେଞ୍ଜର ଅଫିସ ନିକଟ ଚନ୍ଦ୍ରଶେଖର, ଲୋକେଶ୍ୱର ସ୍ଥିତ ଶ୍ରୀଲୋକେଶ୍ୱର ସମେତ ବାଘମାରୀ ଅତ୍ରିର ଏକାଦଶରୁଦ୍ର ଶ୍ରୀହଟ୍ଟକେଶ୍ୱର, ଗୋଡାର ଗୋଡାଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର ଆଦି ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## 'ଉତ୍କଳ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ପାଇଁ ପ୍ରୟାସ ଚାଲିଛି'

ଭୁବନେଶ୍ୱର, ୨୭।୧୧(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ପ୍ରଗତିଶୀଳ ଶିକ୍ଷା ନୀତି ସହିତ ଉତ୍କର୍ଷର ସମର୍ପଣ ଭାବ ହିଁ ଜ୍ଞାନର ବିକାଶ ଏବଂ ଶୈକ୍ଷିକ ପରିବର୍ତ୍ତନ ଧାରା ଜାରି ରଖିବାରେ ସହାୟକ ହେବ। ଯାହା ଭବିଷ୍ୟତର ଦୃଷ୍ଟିଭଙ୍ଗୀକୁ ସୁନିଶ୍ଚିତ କରିବ। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ୮୧ ବର୍ଷରେ ପାଦ ଥାପି ଥିବାବେଳେ ଆଗାମୀ ୧୯ ବର୍ଷରେ ଅଧିକ ସଫଳତା ପାଇବ ଓ ପରିବର୍ତ୍ତନ ଧାରାରେ ସାମିଲ ହେବ। ଏହାସହ ୧୦୦ ବର୍ଷ ପୂରଣ ଲାଗି ନିରନ୍ତର ପ୍ରତିବଦ୍ଧତା ଜାରି ରଖି ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବ। ଏହି ପ୍ରତିବଦ୍ଧତା ପରବର୍ତ୍ତୀ ପିଢ଼ିର ଗବେଷଣା ଏବଂ ନବସୃଜନକୁ ଆକାର ଦେବା ସାଙ୍ଗକୁ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ପୂରଣ କରିବାରେ ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶିକ୍ଷା, ଗବେଷଣା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହିଛି। ବିଶ୍ୱବିଦ୍ୟାଳୟ ସର୍ବଦା ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେଉଛି ଏବଂ ଭବିଷ୍ୟତର ନେତୃତ୍ୱ ନେଉଥିବା ବିଦ୍ୟାର୍ଥୀ ସୃଷ୍ଟି କରୁଛି ବୋଲି କୁଳପତି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ବିଜ୍ଞାନ ଓ ଗବେଷଣା ଆମର ଅଗ୍ରଣୀ ନବସୃଜନ। ଏହା ମାନବ ଏବଂ ସମାଜ ମଧ୍ୟରେ ଅନେକ ପ୍ରକାରର ଆନ୍ତଃବିଷୟକ ସହଯୋଗକୁ ପ୍ରୋତ୍ସାହିତ କରିପାରିବ। ଯେଉଁ ଶିକ୍ଷା ଉଭୟ ବିଜ୍ଞାନ ଏବଂ ମାନବତାକୁ ଦିଗ୍‌ଦର୍ଶନ ଦେଇଥାଏ, ତାହା ହେଉଛି ଉତ୍ତମ ଏବଂ ସର୍ବାଙ୍ଗୀନ ଶିକ୍ଷା। ଆଜି ଗବେଷଣା ଏବଂ ନବସୃଜନ ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଗବେଷକଙ୍କୁ ପ୍ରୋତ୍ସାହିତ କରିବା ସହ ଜ୍ଞାନର ସୀମାକୁ ଆଗକୁ ବଢ଼ାଇବ। ନୂତନ ଶିକ୍ଷା ନୀତି ବିଶ୍ୱବିଦ୍ୟାଳୟ ନୈତିକ ମାନସିକତା ସୃଷ୍ଟି ସହ ବିଜ୍ଞାନର ଉନ୍ନତି ଓ ମଣିଷର ଅଧ୍ୟୟନ ଉପରେ ଗୁରୁତ୍ୱ ଦେଉଥିବାରୁ ବିଶ୍ୱବିଦ୍ୟାଳୟ ଏ ଦିଗରେ କାର୍ଯ୍ୟ କରିବ ବୋଲି କୁଳପତି ପ୍ରକାଶ କରିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟକ୍ତି ଓ ଅନୁଷ୍ଠାନର ପୁନଃ ଆବିଷ୍କାର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡିପ୍‌ଫେକ, ଶିକ୍ଷାଦାନରେ ନୂତନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର, ସର୍ଜନଶୀଳ ଜ୍ଞାନର ବିକାଶ ଆଦି ଉପରେ ବକ୍ତବ୍ୟ ରଖିଥିଲେ। ପିଜି କାଉନ୍‌ସିଲ ଅଧ୍ୟକ୍ଷ ନବନୀତା ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୁଳସଚିବ କାହ୍ନୁଚରଣ ଧୀର ବିବରଣୀ ପାଠ କରିଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ମିତାଲି ଚିନ୍ନାରା ଧନ୍ୟବାଦ ଦେଇଥିଲେ।



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

କୃଷ୍ଣପ୍ରସାଦ,୨୭।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଜହ୍ନିକୁଦା ଘାଟ ପେଣ୍ଠଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ଉପାସନା ମହାପାତ୍ର, ଶୁଭ୍ରାଂଶୁ ଶେଖର ବିଶ୍ୱାଳ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ୍ ପାତ୍ର ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ରଘୁନାଥ ବଡୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ପିରିଜିପୁର ସରପଞ୍ଚ ମଳୟ କୁମାର ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ନୂଆପଡ଼ା ସମିତିସଭ୍ୟା ମମତାମୟୀ ପ୍ରଧାନ ପ୍ରମୁଖ ଯୋଗଦେଇ ଅତୀତର ସାଧବପୁଅଙ୍କ ସ୍ମୃତି ମନେପକାଇଥିଲେ। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପାରିକୁଦ ଘାଟ ପେଣ୍ଠଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାପନା ପରେ ମା'କାଳିଜାଈଙ୍କ ଅଭିମୁଖେ ଯାତ୍ରା କରିଥିଲା। କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦେବାଶିଷ ପାତ୍ର, ବୋଇତ ବନ୍ଦାଣ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦଳେଇ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସିଆଣ୍ଡି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ନିରଞ୍ଜନ ବେହେରା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, କମଳେଶ୍ୱର ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ନୀଳକଣ୍ଠ ତ୍ରିପାଠୀ, ପ୍ରଶାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ସାଧବପୁଅଙ୍କ ସ୍ମୃତିକୁ ମନେପକାଇଥିଲେ। ଶିକ୍ଷାବିତ୍ ଦୁର୍ଯ୍ୟୋଧନ ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ କଳାକାର ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


କୃଷ୍ଣପ୍ରସାଦ ଜେଟି ନିକଟରେ ସାଧବ ପୁଅବୋହୂ ଏବଂ ଅନ୍ୟମାନେ।

## ଭାଇଚାରାର ବାର୍ତ୍ତା ବହନ କରେ ବୋଇତ ବନ୍ଦାଣ ଉତ୍ସବ

ବେଗୁନିଆ,୨୭।୧୧(ହରପ୍ରସନ୍ନ ପଣ୍ଡା)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବେଗୁନିଆର ଶ୍ୱେତପଦ୍ମା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସୋମବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଦର ମହକୁମାସ୍ଥିତ ଦାଶଗାଡ଼ିଆ ପୁଷ୍କରିଣୀ କୂଳରେ ଏହି ଉତ୍ସବ ପାଳନ କରାଯାଇଥିଲା। ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ ଭାବେ ବୋଇତ ବନ୍ଦାଣ ଉତ୍ସବ କୀର୍ତ୍ତି ଅର୍ଜନ କରିଛି। ଏହି ପର୍ବ ଭାଇଚାରାର ବାର୍ତ୍ତା ବହନ କରିଆସୁଛି ବୋଲି ପାଣିଗ୍ରାହୀ କହିଛନ୍ତି। ପଣ୍ଡିତ ଦୀନବନ୍ଧୁ ଦାଶ ସୁସଜ୍ଜିତ ନୌକାକୁ ପୂଜାର୍ଚ୍ଚନା କରିବା ପରେ ବିଶ୍ୱର କଲ୍ୟାଣ କାମନାପୂର୍ବକ ଭସାଇ ଦିଆଯାଇଥିଲା। କବି ପ୍ରସନ୍ନ ମଣ୍ଡଳ 'ଯାରେ ଭାସି ଭାସିଯା ନୌକା ମୋର ଭାସିଯା' ଗାନ କରିଥିବାବେଳେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। ଶିଳ୍ପୀ ପବିତ୍ର କୁମାର ପରିଡ଼ା କର୍ତ୍ତାଭାବେ ହୋମ ସମ୍ପାଦନ କରିଥିଲେ।


ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଏଥିରେ ସାଧବ ରାମଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସେନା କର୍ମଚାରୀ ବସନ୍ତ ହୋତା, ସୁଧାକର ସାମନ୍ତରାୟ, ଇଂ. ରାମମାନସ ପଣ୍ଡା, ସଂଘମିତ୍ରା ରଥ, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲ୍‌ଟାସିଂହ, ପ୍ରିୟବ୍ରତ ରଥ, ଅଶ୍ୱିନୀ ପଟ୍ଟନାୟକ, ବସନ୍ତ ସାହୁ, ଗାୟକ ବସନ୍ତ ଦାସ, ମାନସୀ ଦାସ, ବାସନ୍ତୀ ସାହୁ, ବାସନ୍ତୀ ପ୍ରଧାନ, ମମତା ପ୍ରଧାନ, ଗୋଲକ ବିହାରୀ ସାହୁ, ପ୍ରଦୀପ୍ତ କିଶୋର ତ୍ରିପାଠୀ, ଅଜମତ୍ ଖାନ୍, ଶରତ ଚନ୍ଦ୍ର ଚମ୍ପତି, ରାଜକିଶୋର ସାହୁ, ବାସୁଦେବ ମହାପାତ୍ର, ସ୍ମୃତି ପଟ୍ଟନାୟକ, ଭାଗୀରଥି ପରିଡ଼ା, ବନ୍ଦିତାରାଣୀ ଦାସ, ପୀତବାସ ମହାପାତ୍ର, ବିଜୟାନନ୍ଦ ମହାନ୍ତି, ବିଶ୍ୱନାଥ ସାହୁ, ସଙ୍ଗୀତା ଦାସ, ବିନୋଦିନୀ ରାୟ, ରଶ୍ମିତା ଗୁମାନ୍‌ସିଂହ, ସରୋଜିନୀ ସାହୁ, ବିଜୟ କୁମାର ପ୍ରଧାନ, ଶ୍ରୀକୁମାର ସାହୁ, କାଳନ୍ଦୀ ବାରିକ, ପ୍ରତାପ ବାରିକ, ଯୋଗୀନାଥ ମହାପାତ୍ରଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। ସମ୍ପାଦିକା ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବୋଇତ ବନ୍ଦାଣ ଉତ୍ସବ

କଣାସ,୨୭।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ପ୍ରତ୍ୟେକ ଗ୍ରାମର ଲୋକେ ସୋମବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରଭାତରୁ ନୂତନ ବସ୍ତ୍ର ପିନ୍ଧି ପାଖ ଗ୍ରାମପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ପାଳିଛନ୍ତି। କଦଳୀ ବାହୁଙ୍ଗାରେ ବୋଇତ କରି ସେଥିରେ ପାନ, ଗୁଆ, ଅରୁଆ ଚାଉଳ, ପଇସା, ଫୁଲ, ଚନ୍ଦନ ରଖି ଘିଅ ସଳିତା ଜାଳି ସଜାଇଥିଲେ। 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର' କହି ଡଙ୍ଗା ଭସାଇଥିଲେ। ପରେ ନିଜ ନିଜ ଗ୍ରାମରେ ଥିବା ଦେବାଳୟକୁ ଯାଇ ପୂଜାର୍ଚ୍ଚନା ଓ ଭୋଗରାଗ କରୁଥିଲେ। ପ୍ରତି ମନ୍ଦିରରେ ଦିନ ତମାମ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ସିରେଇ ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି।

### ବିଶ୍ୱଶାନ୍ତି ଗୀତାଯଜ୍ଞ, ଶରତ ରାସ ପାଠ

ନିମାପଡ଼ା,୨୭।୧୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍ଏସି ଅଧୀନ ପତିତପାବନ ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ପାରମ୍ପରିକ ପ୍ରଭୁ ଶ୍ରୀକୃଷ୍ଣଙ୍କ ଶରତକାଳୀନ ରାସଯାତ୍ରା ଗତ ୨୩ ତାରିଖରୁ ଆରମ୍ଭ ହୋଇ ସୋମବାର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପତିତପାବନ ଦେବଙ୍କ ମନ୍ଦିର ସମ୍ମୁଖ ସ୍ଥାୟୀ ଯଜ୍ଞକୁଣ୍ଡରେ ବିଶ୍ୱଶାନ୍ତି ଗୀତାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ୫ ଦିନ ଧରି ଭଜନ ସମାରୋହ, ଆଧ୍ୟାତ୍ମିକ ସଙ୍ଗୀତ, ନାମକୀର୍ତ୍ତନ ଆଦି ଆୟୋଜିତ ହୋଇଥିଲା। ଏହି ଯାତ୍ରା ଦେଖିବାକୁ ସେଠାରେ ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମଗ୍ର ବିଶ୍ୱ ଏବଂ ମାନବ ଜାତିର ମଙ୍ଗଳ ପାଇଁ ଏହି ବିଶ୍ୱଶାନ୍ତି ଗୀତାଯଜ୍ଞ ଆୟୋଜିତ ହୋଇଥିଲା। କର୍ତ୍ତା ଭାବେ ସୁଶାନ୍ତ ନାୟକ ଥିବାବେଳେ ପଣ୍ଡିତ ଲକ୍ଷ୍ମୀଧର ଆଚାର୍ଯ୍ୟ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଯାତ୍ରାର ଅନ୍ତିମ ଦିବସରେ ଠାକୁରଙ୍କ ପୂର୍ଣ୍ଣାହୁତି ବେଳେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ କୃପାଲାଭ କରିଥିଲେ। ଗ୍ରାମ ମଙ୍ଗଳ ସମିତି ସଭାପତି ବନରଞ୍ଜନ ସାହୁଙ୍କ ନେତୃତ୍ୱରେ ସତ୍ୟଜିତ୍ ଆଚାର୍ଯ୍ୟ, ସତ୍ୟପ୍ରିୟ ନାୟକ, ସୋମନାଥ ନାୟକ ଏବଂ ସଦାଶିବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସେବାୟତ ନବକିଶୋର ମହାପାତ୍ରଙ୍କ ପରଲୋକ

ସାକ୍ଷୀଗୋପାଳ,୨୭।୧୧
(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ସିଂହାରୀ ଓ ସୂପକାର ସେବାୟତ ନବକିଶୋର ମହାପାତ୍ର (୬୬)ଙ୍କର ସୋମବାର ପରଲୋକ ହୋଇଯାଇଛି। ରୋଗାକ୍ରାନ୍ତ ଯୋଗୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେକସାହିସ୍ଥିତ ତାଙ୍କ ବାସଭବନକୁ ମରଶରୀର ଅଣାଯିବା ପରେ ପରିବାର ଆତ୍ମୀୟମାନେ ଶେଷ ଦର୍ଶନ କରିଥିଲେ। ପରମ୍ପରା କ୍ରମେ ସାକ୍ଷୀଗୋପାଳଙ୍କ ରୋଷଶାଳାରୁ ଅଗ୍ନି ସଂଗ୍ରହ କରାଯାଇ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଦେବଦର୍ଶୀ ମହାପାତ୍ର ଓ କନିଷ୍ଠ ପୁତ୍ର ଶୁଭଦର୍ଶୀ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରରେ ଆତ୍ମୀୟ ସ୍ୱଜନ ଓ ସେବାୟତ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୀରଜାହାଁନିଆ ବାଲିଯାତ୍ରା ଆରମ୍ଭ

■ ସମୁଦ୍ର ସ୍ନାନ ସହ ବିଭିନ୍ନ ଖାଦ୍ୟର ମଜା ନେଲେ ପର୍ଯ୍ୟଟକ
■ ପୀରବାବାଙ୍କ ପୀଠରେ ପୂଜାର୍ଚ୍ଚନା କଲେ ହିନ୍ଦୁ- ମୁସଲମାନ

ଅସ୍ତରଙ୍ଗ, ୨୭।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ):




ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ସୋମବାର ହିନ୍ଦୁ-ମୁସଲମାନ ସଦ୍ଭାବନାର ଅନ୍ୟତମ ସ୍ମାରକୀ ପୀଠ ଅସ୍ତରଙ୍ଗ ବ୍ଲକ ଛୁରିଅନା ପଞ୍ଚାୟତର ପୀରଜାହାଁନିଆ ପୀଠରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି। କେଉଁ ଆବହମାନ କାଳରୁ ଚାଲିଆସିଥିବା ଏହି ପରମ୍ପରା ଅନୁଯାୟୀ, ସୋମବାର ପ୍ରତ୍ୟୁଷରେ ପୀରଜାହାଁନିଆଙ୍କ ପୀଠରେ ମୁସଲିମ ପୂଜକମାନେ ସ୍ୱତନ୍ତ୍ର ପୂଜା ନୀତି ସାରିବା ପରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ମୁସଲମାନ ଶ୍ରଦ୍ଧାଳୁମାନେ ପୀରଙ୍କ ନିକଟରେ ଚାଦର ଓ ଧୂପ ଲାଗିକରି ନମାଜ ପାଠ କରିଥିବା ବେଳେ ହିନ୍ଦୁମାନେ ପୀରବାବାଙ୍କ ନିକଟରେ ଖଇ, ନଡ଼ିଆ ଭୋଗ, ଦୀପ ଓ ପତାକା ଲାଗି କରିଥିଲେ।

ବିଶ୍ୱାସ ରହିଛି ଯେ, ଏହି ପବିତ୍ର ଦିନରେ ପୀରବାବାଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଉଭୟ ସମ୍ପ୍ରଦାୟର ଲୋକେ ଖୁବ୍ ଶ୍ରଦ୍ଧାର ସହ ଏହି ଦିନଟିକୁ ପାଳନ କରିଥାନ୍ତି। ଅନ୍ୟପଟେ ପୀରଜାହାଁନିଆ ବାଲିଯାତ୍ରାକୁ ଜାକଜମକରେ ପାଳନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ଚଳିତବର୍ଷ ଶତାଧିକ ଷ୍ଟଲ ଖୋଲିଥିବା ବେଳେ ମେଳାକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଉପଖଣ୍ଡ ଅଧିକାରୀ ପ୍ରମୋଦ ମଲ୍ଲିକ, ୩ ଥାନାଧିକାରୀ, ୫ ଏସ୍ଆଇ, ୧୦ ଏଏସ୍ଆଇ, ୧୨ କନଷ୍ଟେବଳ, ୩୦ଜଣ ହୋମଗାର୍ଡଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୀରଜାହାଁନିଆ ବାଲିଯାତ୍ରାରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ପର୍ଯ୍ୟଟକମାନେ ବାଲିଯାତ୍ରା ବୁଲିବା ସହ ସମୁଦ୍ର ସ୍ନାନ ଓ ବିଭିନ୍ନ ଖାଦ୍ୟର ମଜା ଉଠାଇଥିଲେ।



ଉତ୍ତରକାଶୀ ଟନେଲରେ ଫସି ରହିଥିବା ଶ୍ରମିକମାନଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା କରାଯାଉଛି ।


ପୁରୀର ବିଶ୍ୱଜିତ୍ ନାୟକଙ୍କ ଦ୍ୱାରା ଆଇସ୍‌କ୍ରିମ କାଠିରେ ପ୍ରସ୍ତୁତ ବୋଇତ ।

# ବୋଇତ ବନ୍ଦାଣ ଉତ୍ସବ


ଅତିଥିମାନେ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରୁଛନ୍ତି ।

ଅସ୍ତରଙ୍ଗ,୨୭।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ):

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପୀରଜାହାଁନିଆ ନିକଟସ୍ଥ ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ପରିବେଶବିତ୍ ଶୋଭାକର ବେହେରା, ଶିକ୍ଷାବିତ୍ ପ୍ରମୋଦ ନାୟକ, ଜିଲା ପରିଷଦ ସଦସ୍ୟା ସରସ୍ୱତୀ ସ୍ୱାଇଁ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, ସବ୍‌ଇନ୍ସପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ, ଏଏସ୍ଆଇ ପ୍ରଶାନ୍ତ ବିଶ୍ୱାଳ, କନଷ୍ଟେବଳ ସଞ୍ଜୟ ମହାନ୍ତିଙ୍କ ସହ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ଜଳାଶୟରେ ବୁଡ଼ ପକାଇବା ପରେ କଦଳୀ ପାଟୁକା ଓ ସୋଲରେ ନିର୍ମିତ ଡଙ୍ଗାରେ ପାନ, ଗୁଆ ରଖି ଦୀପ ଜାଳି ଭସାଇଥିଲେ।

# ଲକ୍ଷ୍ମୀନାରାୟଣ ମଠର ୩୦୦ତମ ବାର୍ଷିକୋତ୍ସବ

ଚାରିଛକ,୨୭।୧୧(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ଯୋଗେଶ୍ୱରପୁର ସାମିଲି ଖାଣିଜୀପୁର ଗ୍ରାମର ଲକ୍ଷ୍ମୀ ନାରାୟଣ ମଠରେ ସୋମବାର ୩୦୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ। ମନ୍ତ୍ରୀ ବେହେରା ମଠର ଉନ୍ନତି ପାଇଁ କିଛି ଆର୍ଥିକ ଅନୁଦାନ ଦେବା ପାଇଁ ଘୋଷଣା କରିବା ସହ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିଥିଲେ। ମନ୍ତ୍ରୀ ମଠର ମହନ୍ତ ବାବା ଦାଶରଥି ଦାସଙ୍କଠୁ ଆଶୀର୍ବାଦ ନେଇଥିଲେ। ମନ୍ତ୍ରୀଙ୍କ ସହିତ ପୂର୍ବତନ ୧୪ନଂ. ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଧୂମାଳ ପଞ୍ଚାୟତର ଯୁବ ବିଜେଡି ନେତା ଅଭିମନ୍ୟୁ ସିଂ, ସଭାପତି ଆଲୋକ ରାୟ, ପୂର୍ବତନ ବିଜେଡି ସଭାପତି ଟୁକୁନା ମହାନ୍ତି, ସାମାଜିକ କର୍ମୀ ପ୍ରମୋଦ ଦାସ, ଟୁଲୁ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ସାହୁ, କାଶୀନାଥ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଲାଲୁ ଭାଇନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ନାରାୟଣଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ।

# ବାବା ବଣିବକ୍ରେଶ୍ୱରଙ୍କ ମେଳଣ

## ପାରମ୍ପରିକ ବୋଦା ଲଢ଼େଇ ପ୍ରତିଯୋଗିତା

ଡେଲାଙ୍ଗ,୨୭।୧୧(ରଶ୍ମିରଞ୍ଜନ ପ୍ରଧାନ)

କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଡେଲାଙ୍ଗ ବ୍ଲକ କୁଆପଦା ଗ୍ରାମର ଆରାଧ୍ୟ ବାବା ବଣିବକ୍ରେଶ୍ୱରଙ୍କ ପୀଠରେ ମେଳଣ ଓ ପାରମ୍ପରିକ ବୋଦା(ମେଣ୍ଢା) ଲଢେଇ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟି ସଦସ୍ୟ ତଥା ସାମାଜିକ କର୍ମୀ ଲଲାଟ ପାଇକରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ରମେଶ ପାଟ୍ଟଶାଣୀ, ଗଙ୍ଗାଧର ନିଶଙ୍କ, ବୁଲୁ ବଳବନ୍ତରାୟ, ମୁନା ଜେନା, ସନ୍ତୋଷ ପାଟ୍ଟଶାଣୀ, ସର୍ବେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି ଐତିହାସିକ ମେଳଣର ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ। ପୀଠରେ ମୋଟରୀ, ବାତୋଳ, କୁମୁଣ୍ଡାଳ, ଘୋରଡିଆ, କୁଆପଦା, ଆଙ୍କୋଇ, ମୁନିନ୍ଦା ଆଦି ଗ୍ରାମରୁ ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ଆସି ନାମ ସଂକୀର୍ତ୍ତନ କରିଥିଲେ। ଗ୍ରାମର ଯୁବକଙ୍କ ଦ୍ୱାରା ପାଇକ ଆଖଡ଼ା ଓ ମାନସିକଧାରୀ ବୋଦା(ମେଣ୍ଢା) ଲଢ଼େଇ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପୁରୀ ଜିଲାର ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ବୋଦା ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବୋଦାଙ୍କୁ ପୁରସ୍କାର ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ପ୍ରଭାତରୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ପୁଷ୍କରିଣୀରେ ଶ୍ରଦ୍ଧାଳୁ ବୋଇତ ବନ୍ଦାଣ କରିବା ସହିତ ମହାଦେବଙ୍କ ଦର୍ଶନ କରି କୃପାଲାଭ କରିଥିଲେ। ଡେଲାଙ୍ଗ ଅଞ୍ଚଳର ବାବା କୁମାରେଶ୍ୱର, ନୀଳକଣ୍ଠେଶ୍ୱର, ବାଙ୍କେଶ୍ୱର, ବ୍ରହ୍ମେଶ୍ୱର, ବାଲିକପିଳେଶ୍ୱର, ଖେଳେଶ୍ୱର, ଗଡେଶ୍ୱର, ଚନ୍ଦ୍ରଶେଖର ଦେବ ଆଦି ଶୈବପୀଠରେ ପୂଜାର୍ଚ୍ଚନା ଓ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।


ପାରମ୍ପରିକ ବୋଦା ଲଢେଇ ପ୍ରତିଯୋଗିତା ଚାଲିଛି ।

# ଶ୍ରୀଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପିପିଲି,୨୭।୧୧:(ପ୍ରଭାତ କୁମାର ମହାପାତ୍ର)

ପିପିଲି ଅଞ୍ଚଳରେ ଶ୍ରୀଗଣେଶଙ୍କର ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶିଉଳା ନିକଟ ମାଟିଆପଡ଼ା ହାଇଟେକ ହେଭେନ ପରିସରରେ ଶ୍ରୀଗଣେଶଙ୍କର ଏକ ୪ଫୁଟର ପ୍ରସ୍ତର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଏହି ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ୪ଦିନ ଧରି ଚାଲିଥିଲା। ପ୍ରତିଦିନ ସନ୍ଧ୍ୟାରେ ଜପ, ଯଜ୍ଞ ଓ ସଂକୀର୍ତ୍ତନ ସହ ଶେଷ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ହାଇଟେକ ସଂସ୍ଥାର ନିର୍ଦ୍ଦେଶକ ମଧୁସୂଦନ ପାଣିଗ୍ରାହୀ ଓ ହାଇଟେକ ହେଭେନ ଅଧିବାସୀ କଲ୍ୟାଣ ସମିତିର ମିଳିତ ସହଯୋଗରେ ଉକ୍ତ ମନ୍ଦିର ପ୍ରତିଷ୍ଠା କରାଯାଇଛି। ବରିଷ୍ଠ ସଭ୍ୟ ବୃନ୍ଦାବନ ରାଉତ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁନ୍ଦରମୋହନ ମହନ୍ତ, ମନମୋହନ ପଟ୍ଟନାୟକ, ବିଭୁ ପ୍ରସନ୍ନ ପଟ୍ଟନାୟକ, ଭୁବନେଶ୍ୱର ମିଶ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ଧରଣୀଧର ସ୍ୱାଇଁ, ଅଶୋକ ଦାସ, ସୀମାଚଳ ଚୌଧୁରୀ ଓ ପ୍ରଦୋଷ ଖୁଣ୍ଟିଆ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ସୁଦାମ କୁମାର ପଣ୍ଡା ଓ ବେଣୁଧର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ମହିଳାଙ୍କୁ ଏମ୍‌ପି ପିନାକୀ ମିଶ୍ର ଓ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଚେକ୍ ପ୍ରଦାନ କରୁଛନ୍ତି ।

ପୁରୀ, ୨୭।୧୧(ଅଜିତ୍ ମହାନ୍ତି)

ପୁରୀ ସଦର ବ୍ଲକ୍ ଲେବଲ ଫେଡେରେଶନ ପକ୍ଷରୁ ମିଶନ ଶକ୍ତି ନୂତନ ଗୃହ ଉଦ୍‌ଘାଟନ ସହ ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଦର ବ୍ଲକ ଚେୟାରମ୍ୟାନ୍ ଦିବାକର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଦର ବ୍ଲକ୍‌ରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିମନ୍ତେ ୩କୋଟି ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମେତ ପ୍ରତ୍ୟେକ ଗୋଷ୍ଠୀର ଉନ୍ନତି ନିମନ୍ତେ ସ୍କୁଟି ପ୍ରଦାନ କରାଯାଇଥିଲା। ଏହି ଆର୍ଥିକ ସହାୟତା ମିଳିବା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ନିଜର ଉନ୍ନତି କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ୧୯ତମ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଡେଲାଙ୍ଗକୁ ୫ ପଦକ

ଡେଲାଙ୍ଗ,୨୭।୧୧(ରଶ୍ମିରଞ୍ଜନ ପ୍ରଧାନ)

୧୯ତମ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଡେଲାଙ୍ଗ ବ୍ଲକର ଖେଳାଳି ୫ ପଦକ ହାସଲ କରି ରାଜ୍ୟ ତଥା ପୁରୀ ପାଇଁ ଗୌରବ ଆଣିଛନ୍ତି। ବିଶାଖାପାଟଣାର ପୋର୍ଟ ଷ୍ଟାଡିୟମରେ ଗତ ୨୬ ତାରିଖରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା ଡେଲାଙ୍ଗ ବ୍ଲକର ୫ ଜଣ ଖେଳାଳି ଭାରତ ପକ୍ଷରୁ ଆୟୋଜିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀ ସୋନାଲିକା ବରାଳ, ଶୁଭଶ୍ରୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ରୋଜାଲିନ୍ ବିଶ୍ୱାଳ, ସ୍ୱପ୍ନା ବିଶ୍ୱାଳ ସିଲ୍‌ଭର ପଦକ ହାସଲ କରିଥିବା କ୍ରୀଡ଼ା ଶିକ୍ଷକ ନଟବର ସେଠୀ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବର କ୍ରୀଡ଼ାବିତ୍‌ଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ୍, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ୍, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ, ଦୀପ୍ତିଶ୍ରୀ ରାଉତରାୟ, ପ୍ରଜ୍ଞା ଛୋଟରାୟ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ହରିହର ସ୍ୱାଇଁ, ଡେଲାଙ୍ଗ ପ୍ରିମିୟର ଲିଗ୍‌ର କ୍ରୀଡ଼ାପ୍ରେମୀ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



କରାଟେ ଚାମ୍ପିୟନଶିପରେ ପଦକ ଜିଣିଥିବା ଖେଳାଳିମାନେ ।

# ନବମ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

ପିପିଲି,୨୭।୧୧(ଦୁର୍ଗାମାଧବ ମିଶ୍ର)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ସୋମବାର ସନ୍ଧ୍ୟାରେ ପିପିଲି ବ୍ଲକ ଅଧୀନ ରୂପଦେଇପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାହାମଙ୍ଗ ପାଟଣା ଗ୍ରାମର ଭାର୍ଗବୀ ୟୁଥ୍ କ୍ଲବ ପକ୍ଷରୁ ନବମ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ଧନେଶ୍ୱର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ନିମାପଡ଼ା ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସେକ୍ ବାବୁ, ରୂପଦେଇପୁର ସରପଞ୍ଚ ରୀନା ମିଶ୍ର, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ରିଜିଓନାଲ କଲେଜ ନିମାପଡ଼ା ଅଧ୍ୟକ୍ଷ ଶ୍ରୀକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ବୋଇତ ବନ୍ଦାଣକୁ ମନେପକାଇବାକୁ ଏହି ଉତ୍ସବର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ଅଞ୍ଚଳରେ ଶିକ୍ଷା, କଳା, ସଂସ୍କୃତିରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଓଡ଼ିଶୀ, ଛଉନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଉତ୍ସବରେ ସାଧବ ସାଧବାଣୀମାନେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: .......................................
ବୟସ: .......................................
ଜନ୍ମ ତାରିଖ: .......................................


ବିନାୟକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧବଳେଶ୍ୱର ପୀଠରେ ପୂଜାର୍ଚ୍ଚନା କଲେ ଧର୍ମେନ୍ଦ୍ର


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଧବଳେଶ୍ୱରଙ୍କ ଦର୍ଶନ ସାରି ଫେରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର, ୨୭।୧୧(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଧବଳେଶ୍ୱର ପୀଠରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, 'କାର୍ତ୍ତିକ ପୂର୍ଣ୍ଣିମା' ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ନିଦର୍ଶନ। ଏହି ଶୁଭ ଦିନରେ ବାବା ଧବଳେଶ୍ୱର ମନ୍ଦିରରେ ପ୍ରଥମ ଥର ପାଇଁ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି। ବାବା ଧବଳେଶ୍ୱର ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଆମ ଦେଶ ଭାରତ ଏବଂ ଆମ ରାଜ୍ୟ ଓଡ଼ିଶା ଉପରେ ବାବାଙ୍କର ଆଶୀର୍ବାଦ ସର୍ବଦା ରହିଥାଉ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଭୁଙ୍କ ପାଖରେ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଡିସେମ୍ବର ୨ରେ କଂଗ୍ରେସରେ ଯୋଗଦେବେ ଜୟରାମ

ନନ୍ଦପୁର, ୨୭।୧୧(ଶଙ୍କର ପୂଜାରୀ)


ଜୟରାମ ପାଙ୍ଗି

ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ଆସନ୍ତା ଡିସେମ୍ବର ୨ ତାରିଖରେ କଂଗ୍ରେସରେ ଯୋଗ ଦେବେ। କଂଗ୍ରେସ ପକ୍ଷରୁ ଡିସେମ୍ବର ୧ରେ ପୁରୀରୁ ତୁଳସୀ ଯାତ୍ରା ଆରମ୍ଭ ହେବ। ଅବିଭକ୍ତ କୋରାପୁଟ ଜିଲା ସମେତ କଂଗ୍ରେସର ଦଳୀୟ ବିଧାୟକ ଓ ପଦାଧିକାରୀଙ୍କ ସହ ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର ଉପସ୍ଥିତ ରହିବେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଏକ ମିଶ୍ରଣ ପର୍ବ ୨ ତାରିଖରେ ହେବ। ଏହି ମିଶ୍ରଣ ପର୍ବରେ ତାଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର ବହୁ ବ୍ୟକ୍ତିବିଶେଷ କଂଗ୍ରେସରେ ସାମିଲ ହେବେ ବୋଲି ପାଙ୍ଗି କହିଛନ୍ତି। ୩ ତାରିଖରେ ଆନ୍ଧ୍ର ସୀମାନ୍ତ ସୁଙ୍କିଠାରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ ପାଙ୍ଗିଙ୍କୁ ସ୍ୱାଗତ କରାଯିବ। ଏନେଇ କୁନ୍ଦୁଲି ଦଶହରା ପଡ଼ିଆରେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଜଣାପଡିଛି।

**ସରିଲା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

# ଶ୍ରେଷ୍ଠ ପାଭିଲିୟନ ଭାବେ ଓଡ଼ିଶା ମଣ୍ଡପକୁ ସ୍ୱର୍ଣ୍ଣ

- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
- ୧୪ଦିନରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବୁଲିଲେ
- ୭୦ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ

ଭୁବନେଶ୍ୱର, ୨୭।୧୧(ଅସମାପିକା ସାହୁ)



ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଙ୍ଗଠନ ଦ୍ୱାରା ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଚାଲିଥିବା ୪୨ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶା ମଣ୍ଡପକୁ ଶ୍ରେଷ୍ଠ ପାଭିଲିୟନ ଭାବେ ସ୍ୱର୍ଣ୍ଣ ପୁରସ୍କାରରେ ପୁରସ୍କୃତ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶା ପାଭିଲିୟନର ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଜତ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ମଥୁରା ପ୍ରସାଦଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାକୁ ଏହି ପୁରସ୍କାର ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ପାଭିଲିୟନର ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ବସୁଧୈବ କୁଟୁମ୍ବକମ୍, ୟୁନାଇଟେଡ୍ ବାଇ ଟ୍ରେଡ୍'। ପ୍ରାଚୀନ କଳିଙ୍ଗର ଗୌରବମୟ ନୌବାଣିଜ୍ୟ ପରମ୍ପରା ଏବଂ ଉତ୍କଳୀୟ କଳାକୃତିକୁ ପ୍ରଗତି ମଇଦାନର ୨ ନମ୍ବର ହଲ୍‌ରେ ପ୍ରଦର୍ଶିତ କରିଥିବା ଓଡ଼ିଶା ପାଭିଲିୟନ ପ୍ରଥମ ଦିନରୁ ହିଁ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ଓଡ଼ିଶା ମଣ୍ଡପରେ ରାଜ୍ୟ ସରକାରଙ୍କ ଓରମାସ, ମିଶନ ଶକ୍ତି, ହସ୍ତତନ୍ତ ଓ ବୟନ, ଓଡ଼ିଶା ମିଲେଟ୍ ମିଶନ, ଅଣୁ-କ୍ଷୁଦ୍ର-ମଧ୍ୟମ ଉଦ୍ୟୋଗ, ପର୍ଯ୍ୟଟନ, ଜନଜାତି ଉନ୍ନୟନ, ହସ୍ତଶିଳ୍ପ ଆଦି ୮ଟି ବିଭାଗ/ସହଯୋଗୀ ସଂସ୍ଥାଗୁଡିକର ୨୪ଟି ଷ୍ଟଲ୍ ସ୍ଥାନ ପାଇଥିଲା। ସୂଚନାଯୋଗ୍ୟ, ଗତ ୧୪ତାରିଖରେ ଓଡ଼ିଶାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିଥିଲେ। ମେଳାର ବିଭିନ୍ନ ଦିବସରେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ବହୁ ବରିଷ୍ଠ ପଦାଧିକାରୀ, ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନର ଉଚ୍ଚ ପଦାଧିକାରୀ ପ୍ରମୁଖ ଓଡ଼ିଶା ମଣ୍ଡପ ପରିଦର୍ଶନ କରି ନିର୍ମାଣ, ସାଜସଜ୍ଜା, କଳାକୃତିର ପରିସ୍ଫୁଟନ, ପରିଷ୍କାର ପରିଚ୍ଛନ୍ନତା, ଗ୍ରାହକ ଓ ତଥ୍ୟ ସଂଗ୍ରହକାରୀଙ୍କ ପ୍ରତି ଉତ୍କୃଷ୍ଟ ଆତିଥେୟତା ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ। ୧୪ ଦିନ ମଧ୍ୟରେ ଓଡ଼ିଶା ମଣ୍ଡପକୁ ୫ ଲକ୍ଷ ଲୋକ ଆସିଥିବା ବେଳେ ପାଖାପାଖି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିଲା। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ଆବାସିକ ଆୟୁକ୍ତ ରବିକାନ୍ତ, ଉପାୟୁକ୍ତ ସୁଧାଂଶୁ କୁମାର ମହାନ୍ତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଓଡ଼ିଶା ମଣ୍ଡପର ଡିଜାଇନ ପରିକଳ୍ପନା ଭୁବନେଶ୍ୱରର ଇମାଜେରି ସଂସ୍ଥା କରିଥିବାବେଳେ କଟକର ଭାରତୀ ଚିତ୍ରାଳୟ ଅତି ନିଖୁଣ ଭାବେ ଏହାର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିଲା।

# ବିଜେଡିର ଗୁଣଗାନ କଲେ ଭାଜପା ବିଧାୟକ

ଉଦଳା,୨୭।୧୧(ସନ୍ତୋଷ କୁମାର ବାଛିନୀ)




ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ଭାସ୍କର ମଢ଼େଇ ବିଜେଡିର ଗୁଣଗାନ କରି ଚର୍ଚ୍ଚାକୁ ଆସିଛନ୍ତି। ସୋମବାର ନୂଆସାହିସ୍ଥିତ କପ୍ତିପଦା କଲେଜଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏଥିରେ ବିଧାୟକ ମଢେଇଙ୍କ ବିଜେଡି ପ୍ରୀତି ଦେଖିବାକୁ ମିଳିଥିଲା। ଆୟୋଜିତ ସଭାରେ ସେ ନବୀନ ସରକାରଙ୍କୁ ପ୍ରଶଂସା କରିବା ସହିତ ଛାତ୍ରୀଛାତ୍ରମାନଙ୍କ ଗହଣରେ ଯୁବ ଓଡ଼ିଶା ନବୀନ ଓଡ଼ିଶାର ନାରା ଦେଇଥିଲେ। ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ପକ୍ଷରୁ ଉଦଳା ନିର୍ବାଚନମଣ୍ଡଳୀ ଅଧୀନ କପ୍ତିପଦା କଲେଜଠାରେ ଛାତ୍ରୀଛାତ୍ରଙ୍କ ନାମ ନୂତନ ଭୋଟର ତାଲିକାରେ ପଞ୍ଜୀକରଣ କରାଇବା କାର୍ଯ୍ୟକ୍ରମ ଚାଲିଥିଲା। ବିଜେଡି ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ କୁମାର ନାଏକ ଉପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଧାୟକ ମଢ଼େଇ ବିଜେଡିର ଗୁଣଗାନ କରିବା ପରେ ଆଗାମୀ ଦିନରେ ସେ ବିଜେଡିରେ ଯୋଗଦେଇ ପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ପୂର୍ବରୁ ମଧ୍ୟ ସେ 'ମୋ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବିଜେଡିକୁ ପ୍ରଶଂସା କରି ଚର୍ଚ୍ଚାକୁ ଆସିଥିଲେ। ଏ ସଂକ୍ରାନ୍ତରେ ବିଧାୟକ ମଢ଼େଇଙ୍କୁ ପଚାରିବାରୁ ସରକାରଙ୍କ କାର୍ଯ୍ୟକ୍ରମ ଲୋକପ୍ରିୟ କାର୍ଯ୍ୟକ୍ରମ, ଭଲକୁ ଭଲ କହିବାରେ କୌଣସି ଅସୁବିଧା ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୟୂରଭଞ୍ଜ ପୂର୍ବ ସାଂଗଠନିକ ଜିଲା ଭାଜପା ସଭାପତି କାନ୍ଦ୍ରା ସୋରେନଙ୍କୁ ପଚାରିବାରୁ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ମଢ଼େଇ ଏପରି କହିଥିବେ। ତେବେ ସେ ଯାହା କହିଥିବେ ତାହା ତାଙ୍କର ବ୍ୟକ୍ତିଗତ ମତ ବୋଲି କହିଛନ୍ତି।

# ୧୦ ବର୍ଷରେ ଦୁର୍ଘଟଣାରେ ଯାଇଛି ୪୮ ହଜାର ଜୀବନ

ଭୁବନେଶ୍ୱର, ୨୭।୧୧(ସୁନିତ୍ ମିଶ୍ର)

**'ମୃତ୍ୟୁ ଶୂନ୍ୟ ସପ୍ତାହ' ପାଳନ ନେଇ ପରିବହନ ସଚିବଙ୍କ ଚିଠି**

ଡିସେମ୍ବର ପ୍ରଥମ ସପ୍ତାହକୁ 'ମୃତ୍ୟୁ ଶୂନ୍ୟ ସପ୍ତାହ' ଭାବେ ରାଜ୍ୟବ୍ୟାପୀ ପାଳନ କରିବାକୁ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ୫ଟି ବିଭାଗର ସଚିବ, ପୋଲିସ ଡିଜି, ଓଏସ୍‌ଆର୍‌ଟିସି ସିଏମ୍‌ଡି, କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି, ପୋଲିସ କମିଶନର ଏବଂ ଏନ୍‌ଏଚ୍‌ଏଆଇ ସିଜିଏମ୍‌ଙ୍କୁ ଚିଠି ଲେଖି କହିଛନ୍ତି। ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ପ୍ରତି ବର୍ଷ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ଜୀବନ ହରାଉଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୪୮ ହଜାର ଲୋକ ପ୍ରାଣ ହରାଇଛନ୍ତି। ବିଭିନ୍ନ ବିଭାଗ ଏବଂ ଜିଲା ପ୍ରଶାସନ ସହଯୋଗରେ ଗତ ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରି ଦୁର୍ଘଟଣା ସଂଖ୍ୟା କେତେ ହ୍ରାସ ପାଉଛି ତାକୁ ଦେଖାଯାଇଥିଲା। ଏଥିରୁ ମୃତ୍ୟୁ ଶୂନ୍ୟ ସପ୍ତାହ ଫଳାଫଳ ଉତ୍ସାହଜନକ ରହିଥିଲା। ଏହି ସମୟରେ ଦୁର୍ଘଟଣା ସଂଖ୍ୟା ୪୦% ହ୍ରାସ ପାଇଥିଲା। ଏହାର ପ୍ରଭାବ ମଧ୍ୟ କିଛି ସପ୍ତାହ ରହିଥିବା ଲକ୍ଷ୍ୟ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟଧାରାକୁ ସୁପ୍ରିମକୋର୍ଟ କମିଟିର ସେକ୍ରେଟାରି ମଧ୍ୟ ପ୍ରଶଂସା କରିଥିଲେ। ପାଢ଼ୀ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଅଧିକାଂଶ ଦୁର୍ଘଟଣା ଡିସେମ୍ବରରେ ହୋଇଥାଏ। ତେଣୁ ଡିସେମ୍ବର ପ୍ରଥମ ସପ୍ତାହରେ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି।

# ଚିତ୍ତରଞ୍ଜନ ଦାସଙ୍କ ଗଦ୍ୟ ସାହିତ୍ୟର ତୁଳନା ନାହିଁ

ଭୁବନେଶ୍ୱର,୨୭।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତୀୟ ବିଦ୍ୟା ଭବନ ପ୍ରେକ୍ଷାଳୟରେ ସୋମବାର ଚିତ୍ତରଞ୍ଜନ ଦାସ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ କୃତି ସମୂହର ସୂଚନା ଦେବା ସହିତ ତାଙ୍କ ଭଳି ଲେଖକ ଓ ଚିନ୍ତକ ବାସ୍ତବରେ ଦୁର୍ଲଭ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଆଜିର ସମୟରେ ଚିତ୍ତରଞ୍ଜନ ଦାସଙ୍କ ପ୍ରାସଙ୍ଗିକତା ଅଧିକ ରହିଛି। ତାଙ୍କ ଗଦ୍ୟ ସାହିତ୍ୟର ତୁଳନା ନାହିଁ। ପ୍ରଫେସର ଗୌରାଙ୍ଗ ଚରଣ ଦାଶ କହିଲେ, ପ୍ରଫେସର ଦାସଙ୍କ ଦୃଷ୍ଟିରେ ସବା ମୂଳରେ ଥିଲା ମଣିଷ। ସମଗ୍ର ପୃଥିବୀକୁ ନିଜ ପାଖକୁ ଟାଣିଆଣିବା ପାଇଁ ସେ ପ୍ରବର୍ତ୍ତାଉ ଥିଲେ। ସାହିତ୍ୟ ଚର୍ଚ୍ଚାରେ ସେ ଥିଲେ ନୂଆ ଆଖି। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ସଭାପତିତ୍ୱ କରି କହିଲେ, ଚିତ୍ତରଞ୍ଜନ ଦାସ ଥିଲେ ସାଧାରଣ ଦେଖାଯାଉଥିବା ଅସାଧାରଣ ମଣିଷ। ତାଙ୍କୁ ଅଭିଭାବକ-ସମାଲୋଚକ କହିଲେ ଯଥାର୍ଥ ହେବ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପବିତ୍ର ମୋହନ କର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନା କରିଥିଲେ ସାହିତ୍ୟ ଏକାଡେମୀର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ। ପ୍ରଥମ ଅଧିବେଶନରେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରବନ୍ଧ ପାଠ କରିଥିଲେ ଅଭିରାମ ବିଶ୍ୱାଳ, ଅରବିନ୍ଦ ବେହେରା ଏବଂ ପବିତ୍ର ମୋହନ ଦାଶ । ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ପ୍ରବନ୍ଧ ପାଠ କରିଥିଲେ ଭାରତ ଭୂଷଣ ମହାନ୍ତି, ପ୍ରଫେସର ଧନେଶ୍ୱର ସାହୁ ଏବଂ ପ୍ରବୀଣା ମହାନ୍ତି। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଅରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


# Classified Everyday
0674-2580101, 2549949


REAL ESTATE

**SALE**

Duplex sale and plot sale near AIIMS Hospital Bhubaneswar. 9777433701. D-75273

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛଡାବର-500/-, ନଖରା SC/Gen plot- 300/-. 7978663279. D-75268

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ-**9437205314, 9937513595.** D-75265

2634sqft. stitibangharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835


FOR RENT

**2300 sqft. commercial open space (3rd floor) at Sahid Nagar main road, Bhubaneswar. Ideal for Corporate Office. Contact: 7853975337, 8917200448.** D-75504


Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.- ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର ଓ.ଏସ୍.ଏସ୍.କେସ୍ ନଂ- ୧୮୪୦ / ୨୦୧୯
ଶ୍ରୀମତୀ ସଞ୍ଜୁକ୍ତା ମହାପାତ୍ର .......ବାଦୀ
ବନାମ
ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ଅନ୍ୟମାନେ ...... ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧। ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ୨। କେଦାର ଚନ୍ଦ୍ର ପଟ୍ଟନାୟକ, ଉଭୟଙ୍କର ପିତା ସୋମନାଥ ପଟ୍ଟନାୟକ, ୩। ଦୁର୍ଗା ପ୍ରସନ୍ନ ପଟ୍ଟନାୟକ, ୪। କାଳିପ୍ରସନ୍ନ ପଟ୍ଟନାୟକ, ୫। ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରତିବାଦୀ ନଂ. ୩ ଠାରୁ ୫ ମାନଙ୍କର ପିତା କୈଳାଶ ଚନ୍ଦ୍ର ପଟ୍ଟନାୟକ, ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ସା- ଖୋଲାଦ୍ୱାର, ପୋଷ୍ଟ- ବଡ଼ତୋଟା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ପ୍ରତିବାଦୀ ନଂ. ୧,୨, ୩, ୪ ଏବଂ ୫ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂଗ୍ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୨୬।୧୨।୨୦୨୩ ଦିବା ୦୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଖୋଲାଦ୍ୱାର, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲା- ଖୋର୍ଦ୍ଧା ସାବକ ଖାତା ନଂ- ୩୨୨, ସାବକ ପ୍ଲଟ୍ ନଂ- ୩୯୪, ଏରିଆ- ଏ.୦.୫୯୫ଡି., ହାଲ୍ ଖାତା ନଂ- ୪୯୮, ହାଲ୍ ପ୍ଲଟ୍ ନଂ- ୧୭୩, ୧୭୪, ଏରିଆ- ଏ.୦.୨୪୦ଡି., ଏ.୦.୩୫୫ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ
ସ୍ୱା/- (କୋର୍ଟ ଅଧିକାରୀ)
ଧ-୧୮୯୧



# ମନେ ପଡ଼ନ୍ତି

**ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଦିବ୍ୟକିଶୋର ଭୋଇ
ଭୋଇଟିକ୍ରା (ଗୋଡ଼ଭଗା)
ଆବିର୍ଭାବ: ୨୫।୫।୧୯୪୯
ତିରୋଧାନ: ୧୭।୧୧।୨୦୨୩
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ- ପଙ୍କଜିନୀ ଭୋଇ
ପୁଅବୋହୂ, ଝିଅଜ୍ୱାଇଁ, ଝିଆରୀ-ପୁତୁରା
ନାତିନାତୁଣୀ ଓ ଭୋଇ, ପରିବାରବର୍ଗ
ଧ-୧୮୯୦

**12th Death Anniversary**



Jagat Ballav Dash
27.08.43 - 11.11.11
(GHATIKIA)
We remember and honor your life today and always...
Missing You!
..BAPA
From Family, Friends & Relatives.
ଧ-୭୧୫୭୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ସନ୍ତୋଷ କୁମାର ପୁରୋହିତ (କୁନା)
ଗାନ୍ଧିନଗର ପଡ଼ା (ବଲାଙ୍ଗିର)
ଆବିର୍ଭାବ: ୬। ୪। ୧୯୭୪
ତିରୋଧାନ: ୯। ୧୧। ୨୦୨୨
ଆଜିର ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୮୯୨

**ପରିବାରର ୫ ଜଣଙ୍କ ଆତ୍ମହତ୍ୟା**

କର୍ଣ୍ଣାଟକର ଟୁମାକୁରୁ ସହର ଅନ୍ତର୍ଗତ ସଦାଶିବନଗରରେ ଏକ ଦମ୍ପତି ଓ ସେମାନଙ୍କ ୩ ପିଲାଙ୍କ ମୃତଦେହ ମିଳିଛି। ସେମାନେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗରିବ ସାବ, ସ୍ତ୍ରୀ ସୁମୈୟା, ଝିଅ ହାଜିରା, ପୁଅ ମହମ୍ମଦ ଶାଭନ ଓ ମହମ୍ମଦ ମୁନୀର। ଋଣଭାର ଓ ନିର୍ଯାତନା କାରଣରୁ ସେମାନେ ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।

## ସଂକ୍ଷେପରେ

### ଭାରତୀୟଙ୍କୁ ଭିଜାମୁକ୍ତ ଗସ୍ତ ଅନୁମତି ଦେବ ମାଲେସିଆ

**ନୂଆଦିଲ୍ଲୀ,୨୭।୧୧:** ଭାରତ ଏବଂ ଚାଇନା ନାଗରିକମାନଙ୍କୁ ମାଲେସିଆ ଭିଜାମୁକ୍ତ ପ୍ରବେଶ ଅନୁମତି ଦେବ। ଡିସେମ୍ବର ୧ରୁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଭାରତୀୟମାନେ ବିନା ଭିଜାରେ ମାଲେସିଆ ଯାଇ ସେଠାରେ ୩୦ ଦିନ ରହିପାରିବେ ବୋଲି ସେଠାର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ କହିଛନ୍ତି। ଚାଇନା ଏବଂ ଭାରତ ହେଉଛନ୍ତି ଯଥାକ୍ରମେ ମାଲେସିଆର ଚତୁର୍ଥ ଏବଂ ପଞ୍ଚମ ବୃହତ ବଜାର ଉତ୍ସ। ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ମାଲେସିଆକୁ ୯୧.୬ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଚାଇନିଜ୍‌ଙ୍କ ସଂଖ୍ୟା ୪,୯୮,୫୪୦ ହୋଇଥିବାବେଳେ ୨,୮୩,୮୮୫ ଭାରତୀୟ ଅଛନ୍ତି। ମହାମାରୀ ପୂର୍ବରୁ ୨୦୧୯ର ଏହି ସମୟରେ ଚାଇନାରୁ ୧୫ ଲକ୍ଷ ଏବଂ ଭାରତରୁ ୩,୫୪,୪୮୬ ପର୍ଯ୍ୟଟକ ମାଲେସିଆ ଯାଇଥିଲେ। ଥାଇଲାଣ୍ଡ ଏହାର ପର୍ଯ୍ୟଟନ ସେକ୍ଟର ସହ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଚାଇନିଜ୍ ଓ ଭାରତୀୟମାନଙ୍କୁ ଭିଜାମୁକ୍ତ ଭ୍ରମଣ ସୁବିଧା ଯୋଗାଇଥିବାବେଳେ ମାଲେସିଆ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି।

### ଭାରତୀୟ ରାଷ୍ଟ୍ରଦୂତଙ୍କୁ ଅସ୍ତବ୍ୟସ୍ତ କଲେ ଖଲିସ୍ତାନୀ ବିକ୍ଷୋଭକାରୀ



**ନ୍ୟୁୟର୍କ,୨୭।୧୧:** ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବା ତରନଜିତ୍ ସିଂ ସାନ୍ଧୁ ରବିବାର ଏକ ଗୁରୁଦ୍ୱାରାକୁ ଯାଇଥିବା ବେଳେ ସେଠାରେ ଦଳେ ଖଲିସ୍ତାନୀ ବିକ୍ଷୋଭକାରୀ ତାଙ୍କୁ ଅସ୍ତବ୍ୟସ୍ତ କରିଥିଲେ। ଗୁରୁପରବ ଅବସରରେ ସାନ୍ଧୁ ଲଙ୍ଗ୍ ଆଇଲାଣ୍ଡରେ ଥିବା ହିକ୍ସଭିଲେ ଗୁରୁଦ୍ୱାରାକୁ ଯାଇଥିଲେ। ଏହି ସମୟରେ ବିକ୍ଷୋଭକାରୀମାନେ ତାଙ୍କୁ ଘେରିଯାଇ ଚିତ୍କାର କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ହତ୍ୟା ପାଇଁ ସେମାନେ ସାନ୍ଧୁଙ୍କୁ ଦାୟୀ କରିବା ସହ ଅନ୍ୟତମ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ କରିଥିଲେ। ସାନ୍ଧୁ ଏବଂ ଖଲିସ୍ତାନୀ ବିକ୍ଷୋଭକାରୀଙ୍କ ମଧ୍ୟରେ ବଚସାର ଭିଡିଓ ଭାଇରାଲ ହୋଇଛି। ନିଜ୍ଜର ହତ୍ୟାକାଣ୍ଡ ଉପରେ କାହିଁକି ଜବାବ ଦେଉନାହାଁ ବୋଲି କେତେଜଣ ପ୍ରଶ୍ନ କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି।

### ବିଜ୍ଞାପନ ପାଇଁ କର୍ଣ୍ଣାଟକ ସରକାରଙ୍କୁ ଇସି ନୋଟିସ୍

**ନୂଆଦିଲ୍ଲୀ,୨୭।୧୧:** ତେଲଙ୍ଗାନାରେ ନିର୍ବାଚନବେଳେ କର୍ଣ୍ଣାଟକ ସରକାର ନିଜ ସଫଳତାକୁ ନେଇ ଖବରକାଗଜରେ ବିଜ୍ଞାପନ ଛାପୁଥିବାରୁ ନିର୍ବାଚନ କମିଶନ (ଇସି) ସୋମବାର ନୋଟିସ୍ ପଠାଇଛନ୍ତି। ୨୮ ତାରିଖ ଅପରାହ୍ଣ ୫ଟା ସୁଦ୍ଧା ନୋଟିସ୍‌ର ଜବାବ ରଖିବାକୁ ଇସି ସିଦ୍ଧରାମାୟା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣାଟକ ସରକାର ତେଲଙ୍ଗାନାରେ ବିଜ୍ଞାପନ ଦେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଭାଜପା ଏବଂ ବିଆର୍‌ଏସ୍ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ବିଜ୍ଞାପନ ବନ୍ଦ କରିବାକୁ ଇସି ନିର୍ଦ୍ଦେଶ ଦେବା ସହ କେଉଁ ପରିସ୍ଥିତିରେ ଆଚରଣ ବିଧି ଉଲ୍ଲଂଘନ କରି ବିଜ୍ଞାପନ ଦେଉଥିଲେ ଜଣାଇବାକୁ କହିଛନ୍ତି।

### ଚାଇନାରେ ନିମୋନିଆ ପରେ ଶ୍ୱାସକ୍ରିୟାଜନିତ ରୋଗ ବଢ଼ୁଛି

**ବେଜିଂ,୨୭।୧୧:** ଚାଇନାରେ ଶିଶୁମାନଙ୍କୁ ବହୁଳ ଭାବେ ନିମୋନିଆ ସଂକ୍ରମଣ କରୁଥିବାବେଳେ ଶ୍ୱାସକ୍ରିୟାଜନିତ ରୋଗ ବଢ଼ିଥିବା ବେଜିଂ ସତର୍କ କରାଇଛି। ଜ୍ୱର, ଆଡେନୋ ଭାଇରସ୍ ଏବଂ ରେସ୍ପିରେଟୋରି ସିନ୍‌ସିଟିଆଲ ଭାଇରସ୍ ଏବେ ମାଇକୋପ୍ଲାଜ୍‌ମାକୁ ଅତିକ୍ରମ କରିଯାଇଥିବା ବେଜିଂର ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ କହିଛନ୍ତି। ରୋଗୀଙ୍କଠାରେ ବାରମ୍ବାର ପାଥୋଜେନ୍ ଚିହ୍ନଟ କରାଯାଉଛି। ଟିଆନଜିନ୍ ଏବଂ ସାଙ୍ଘାଇରେ ମାଇକୋପ୍ଲାଜ୍‌ମା ପଜିଟିଭ୍ ହାର ହ୍ରାସ ପାଉଥିବା ଦେଖାଯାଇଛି। ବିଭିନ୍ନ ରେସ୍ପିରେଟୋରି ପାଥୋଜେନ୍‌ଗୁଡ଼ିକର ସଂକ୍ରମଣ ଯୋଗୁ ଶ୍ୱାସକ୍ରିୟାଜନିତ ରୋଗ ମହାମାରୀ ଭଳି ବ୍ୟାପିବା ଆଶଙ୍କା କରାଯାଇଛି। ଚାଇନାରେ ବହୁସଂଖ୍ୟାରେ ଶିଶୁ ଓ ସ୍କୁଲ୍ ଯାଉଥିବା ପିଲା ନିମୋନିଆରେ ଆକ୍ରାନ୍ତ ହୋଇଥିବାରୁ ହସ୍ପିଟାଲଗୁଡ଼ିକରେ ରୋଗୀ ରଖିବା ପାଇଁ ଜାଗାର ଅଭାବ ଦେଖାଯାଇଛି।

# ସୁଡ଼ଙ୍ଗରେ ମାନୁଆଲ ଖନନ ଆରମ୍ଭ

**ନୂଆଦିଲ୍ଲୀ,୨୭।୧୧**

ଉତ୍ତରକାଶୀର ସିଲ୍‌କ୍ୟାରା ସୁଡ଼ଙ୍ଗରେ ୧୬ ଦିନ ହେଲା ଫସି ରହିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର ପାଇଁ ସୋମବାର ହାତ ମେଶିନ୍‌ରେ ଖନନ ଆରମ୍ଭ ହୋଇଛି। ସେମାନେ ସମାନ୍ତରାଳ ଦିଗରେ ଖନନ କରୁଥିବାବେଳେ ମେଶିନ୍ ସହାୟତାରେ ଭୂଲମ୍ବ ଦିଗରେ ମଧ୍ୟ ଖନନ ଜାରି ରହିଛି। ଭୂଲମ୍ବ ଖନନ ୩୬ ମିଟରରୁ ଅଧିକ ହେଲାଣି। ଆମେରିକାର ଔଗର ଡ୍ରିଲିଂ ମେଶିନ୍‌ରେ ସମାନ୍ତରାଳ ଭାବେ ୪୬.୮ ମିଟର ଖୋଳାଯିବା ପରେ ଏହାର ଯନ୍ତ୍ରାଂଶ ଭାଙ୍ଗି ଭିତରେ ରହିଯିବାରୁ ଦୁଇଦିନ ହେଲା ଖୋଳା ବନ୍ଦ ରହିଥିଲା। ମେଶିନ୍ ଦ୍ୱାରା ଖୋଳିବା ସମ୍ଭବ ନ ହେବାରୁ ଏବେ ର୍‍ୟାଟ୍ ହୋଲ୍ ମାଇନିଂ ପ୍ରକ୍ରିୟା ଆପଣାଯାଇଛି। ମାନୁଆଲ ଖନନ କାର୍ଯ୍ୟରେ ସରକାରଙ୍କ ବିଭିନ୍ନ ସଂସ୍ଥା ସମେତ ସେନା ମଧ୍ୟ ସାମିଲ ହୋଇଛି। ଭାଙ୍ଗିଥିବା ଔଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ ମାଟିତଳୁ ବାହାର କରାଗଲାଣି। ଦକ୍ଷ ଖନନକାରୀମାନଙ୍କ ଦ୍ୱାରା ମାନୁଆଲ ଖନନ ଆରମ୍ଭ ହୋଇଥିବା ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ଲ୍ୟୁଟେନାଣ୍ଟ ଜେନେରାଲ ହରପାଲ୍ ସିଂ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତରକାଶୀରେ ବର୍ଷା, ଘଡ଼ଘଡ଼ି, କୁଆପଥର ବର୍ଷା ହେବା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ସ୍ୱରାଷ୍ଟ୍ର ସଚବ ଅଜୟ ଭାଲ୍ଲା ଏବଂ ଉତ୍ତରାଖଣ୍ଡ ମୁଖ୍ୟ ସଚିବ ଏସ୍.ଏସ୍. ସାନ୍ଧୁ ସୋମବାର ଉଦ୍ଧାର ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁଡ଼ଙ୍ଗରେ ଫସିଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ସେମାନଙ୍କ ପାଖକୁ ପଠାଯାଉଥିବା ଖାଦ୍ୟ ସମ୍ପର୍କରେ ସେ ପଚାରି ବୁଝିଥିଲେ।

ଉପର ଆଡୁ ୩୬ ମିଟର ଖୋଳା ସରିଥିବାବେଳେ ଶ୍ରମିକମାନଙ୍କ ପାଖରେ ପହଞ୍ଚିବାକୁ ଆଉ ୫୦ ମିଟର ଖୋଳିବାକୁ ହେବ। ଭୂଲମ୍ବ ଦିନରେ ୧.୨ ମିଟର ଓସାରର ପାଇପ୍ ଭର୍ତ୍ତି କରାଯାଉଛି। ଉକ୍ତ ପାଇପ୍ ଦେଇ ଶ୍ରମିକମାନଙ୍କୁ ଟନେଲରୁ ବାହାର କରାଯିବ। ସେହିପରି ସମାନ୍ତରାଳ ଭାବେ ଆଉ ୧୦ ମିଟର ଖୋଳିବାକୁ ଥିବାବେଳେ ସୋମବାର ଅଧା ମିଟରରୁ ଅଧିକ ଖୋଳାଯାଇଛି। ଯଦି ସବୁ ଠିକ୍ ଚାଲେ, ତେବେ ୨୪ରୁ ୩୬ ଘଣ୍ଟା ଲାଗିବ ବୋଲି ହରପାଲ ସିଂ କହିଛନ୍ତି। ର୍‍ୟାଟ୍ ହୋଲ୍ ମାଇନରମାନେ ପୂର୍ବରୁ ଦିଲ୍ଲୀ ଏବଂ ଅହମଦାବାଦରେ ଏଭଳି ଅପରେଶନ କରିଥିଲେ।



ସୁଡ଼ଙ୍ଗ ନିକଟରେ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର।

## ଶ୍ରମିକଙ୍କୁ ଦିଆଯାଉଛି ମନସ୍ତାତ୍ତ୍ୱିକ ପରାମର୍ଶ

ବିଭିନ୍ନ ପ୍ରତିବନ୍ଧକ ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବାବେଳେ ଶ୍ରମିକମାନେ ସୁଡ଼ଙ୍ଗ ଭିତରେ ହତୋତ୍ସାହିତ ଓ ବିବ୍ରତ ନ ହେବା ପାଇଁ ମନସ୍ତାତ୍ତ୍ୱିକ ପରାମର୍ଶ ଦିଆଯାଉଛି। ସୁଡ଼ଙ୍ଗ ଭିତରକୁ ମାଇକ୍ ସଂଯୋଗ ଦିଆଯାଇଛି। ଏକ ପାଇପ୍ ସହାୟତାରେ ବାହାରେ ଥିବା ଶ୍ରମିକମାନଙ୍କ ଆତ୍ମୀୟମାନେ ସେମାନଙ୍କ ସହ କଥା ହୋଇପାରୁଛନ୍ତି। ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ସବୁପ୍ରକାର ଉଦ୍ୟମ କରାଯାଉଛି। ଶ୍ରମିକମାନଙ୍କୁ ପ୍ରେରଣା ଦେବା ପାଇଁ ଡାକ୍ତର ଓ ମନସ୍ତତ୍ତ୍ୱବିଦ୍‌ମାନେ କାଉନ୍‌ସେଲିଂ କରୁଛନ୍ତି। ଉଦ୍ଧାର ସ୍ଥଳରେ ଡାକ୍ତରମାନଙ୍କର ଏକ ଟିମ୍ ରହିଥିବାବେଳେ ସେମାନେ ଦିନକୁ ଦୁଇଥର ସକାଳ ୯ରୁ ୧୧ଟା ଏବଂ ଅପରାହ୍ଣ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କ ସହ କଥା ହେଉଛନ୍ତି। ପରିବାର ସଦସ୍ୟ ଯେକୌଣସି ସମୟରେ କଥା ହେବାକୁ ସୁଯୋଗ ଦିଆଯାଇଛି। ଟନେଲ ବାହାରେ ଅପେକ୍ଷା କରିଥିବା ଶ୍ରମିକଙ୍କ ଆତ୍ମୀୟମାନଙ୍କ ପାଇଁ ସରକାର ଏକ କ୍ୟାମ୍ପ ସ୍ଥାପନ କରିଛନ୍ତି। ନିର୍ମାଣ କମ୍ପାନୀ ପକ୍ଷରୁ କେତେଜଣଙ୍କୁ ରହିବା ପାଇଁ ଘର ଯୋଗାଇ ଦିଆଯାଇଛି।

# ୪ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

## ଉପସ୍ଥାପନ ହେବ ଭାରତୀୟ ନ୍ୟାୟ ସଂହିତା ବିଲ୍

**ନୂଆଦିଲ୍ଲୀ,୨୭।୧୧**

ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଡିସେମ୍ବର ୨ରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ଶୀତକାଳୀନ ଅଧିବେଶନ ଉପରେ ଆଲୋଚନା କରାଯିବ। ସାଧାରଣତଃ ଅଧିବେଶନ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଇଥାଏ। କିନ୍ତୁ ଏଥର ଅଧିବେଶନ ପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଏବଂ ମିଜୋରାମର ନିର୍ବାଚନ ଫଳାଫଳ ଡିସେମ୍ବର ୩ରେ ଆସିବ। ଏଭଳି ପରିସ୍ଥିତିରେ ସଂସଦରେ ଏହି ଫଳାଫଳର ପ୍ରତିଧ୍ୱନି ମଧ୍ୟ ଦେଖିବାକୁ ମିଳିବାର ଆଶା ରହିଛି। ଏହି ଅଧିବେଶନରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ କରିବାକୁ ଚେଷ୍ଟା କରିବେ। ନିର୍ବାଚନ ଫଳାଫଳ ଯଦି ସପକ୍ଷରେ ଆସିବ ତେବେ ସରକାର ଅଧିକ କ୍ଷମତା ପାଇବେ। ଅନ୍ୟପକ୍ଷରେ ଫଳାଫଳ ଯଦି କଂଗ୍ରେସ ସପକ୍ଷରେ ଯାଏ, ତେବେ ସଂସଦରେ ସମୀକରଣ ମଧ୍ୟ ବଦଳିପାରେ।

ମିଳିଥିବା ସୂଚନା ଅନୁସାରେ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତ ଅଗଷ୍ଟ ୧୧ରେ ଲୋକ ସଭାରେ ଆଗତ କରିଥିବା ୩ ବିଲ୍‌କୁ ଏଥର ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ତିନୋଟି ବିଲ୍ ଗୃହ ସଂସଦୀୟ କମିଟି ଦ୍ୱାରା ଅନୁମୋଦନ ହୋଇସାରିଛି। ଆଇପିସି, ସିଆର୍‌ପିସି ଏବଂ ଏଭିଡେନ୍ସ ଆକ୍ଟକୁ ବଦଳାଇ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ବିଲ୍-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ(ବିଏସ୍) ବିଲ୍-୨୦୨୩କୁ ଗୃହୀତ କରାଇବାକୁ ସରକାର ଚାହୁଁଛନ୍ତି। ତେଣୁ ଏହି ବିଲ୍‌କୁ ଏଥର ଗୃହରେ ଉପସ୍ଥାପନ କରାଯିବ। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ କମିଶନରଙ୍କ ନିଯୁକ୍ତି ପାଇଁ ବିଲ୍ ମଧ୍ୟ ସଂସଦରେ ଅନୁମୋଦନ ପାଇଁ ଉପସ୍ଥାପନ ହେବ। ଏହି ବିଲ୍ ଉପରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳର ଦୃଢ଼ ଆପତ୍ତି ରହିଛି।

## ତେଲଙ୍ଗାନାରେ ଚାଷୀଙ୍କୁ ସହାୟତା ବନ୍ଦ କରାଇଲେ ଇସି

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**

ତେଲଙ୍ଗାନା ବିଧାନସଭା ନିର୍ବାଚନ ସମୟରେ ରାଜ୍ୟ ସରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ରାଇଥୁ ବନ୍ଧୁ ଯୋଜନାରେ ରବି ଫସଲ ପାଇଁ କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହା ଜାଣିବା ପରେ ନିର୍ବାଚନ କମିଶନ (ଇସି) ଉପରୋକ୍ତ ସ୍କିମ୍ ପାଇଁ ଦିଆଯାଇଥିବା ଅନୁମତିକୁ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟର ଜଣେ ମନ୍ତ୍ରୀ ଆଚରଣ ବିଧିର ଉଲ୍ଲଂଘନ କରି ରାଇତୁ ବନ୍ଧୁ ଯୋଜନାରେ ଲୋକମାନଙ୍କ ସହାୟତା ରାଶି ବାଣ୍ଟୁଥିବା ଦେଖାଯାଇଥିଲା। ବିରୋଧୀ ଦଳ କଂଗ୍ରେସ ଏହା କଳୁଷିତ ରାଜନୀତି କହି ଶାସକ ବିଆର୍‌ଏସ୍‌କୁ କଡ଼ା ସମାଲୋଚନା କରିଛି। ଆସନ୍ତା ୩୦ ତାରିଖରେ ତେଲଙ୍ଗାନା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ।

## ଗୁଜରାଟରେ ବଜ୍ରପାତ: ୨୪ ମୃତ

**ଗାନ୍ଧୀନଗର,୨୭।୧୧**

ଗତ କିଛିବର୍ଷ ହେଲା ବଜ୍ରପାତ ଘଟଣା ବହୁତ ବଢ଼ିଯାଇଛି। ଗୁଜରାଟରେ ଅଦିନିଆ ବର୍ଷା ଲାଗିରହିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ଅଦିନିଆ ବର୍ଷାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୭୧ ଜୀବଜନ୍ତୁଙ୍କ ପ୍ରାଣ ଯାଇଥିବା ଜରୁରୀ ସେବା କେନ୍ଦ୍ରର ଜଣେ ଅଧିକାରୀ କହିଛନ୍ତି। ଅହମଦାବାଦ, ଅର୍ମେଲି, ଆନନ୍ଦ, ଖେଡ଼ା, ଦେବଭୂମି ଦ୍ୱାରକା, ପଞ୍ଚମହଲ, ପାଟନ, ବୋଟାଡ୍ ମେହସନା, ସବରକଣ୍ଠା, ସୁରଟ ଏବଂ ସୁରେନ୍ଦ୍ରନଗର ଜିଲାରେ ଜଣେ ଲେଖାଏ ବଜ୍ରପାତରେ ପ୍ରାଣ ହରାଇଥିବାବେଳେ ତାପି ଜିଲାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ବନସ୍‌କଣ୍ଠା, ଭାରୁଚ ଜିଲାରେ ୩ ଜଣ ଲେଖାଏ ଏବଂ ଦାହୋଡରେ ୪ ଜଣଙ୍କ ଜୀବନ ଯାଇଛି। ଏହା ବ୍ୟତୀତ ବଜ୍ରପାତ ଯୋଗୁ ଅନ୍ୟ ୨୩ ଜଣ ଆହତ ହୋଇଛନ୍ତି। ରବିବାର ସକାଳୁ ଗୁଜରାଟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଥିବାବେଳେ କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଛି।

## ବର୍ଷା ଯୋଗୁ ଦିଲ୍ଲୀ ଆସୁଥିବା ୧୬ ବିମାନର ଅନ୍ୟତ୍ର ଅବତରଣ

**ନୂଆଦିଲ୍ଲୀ,୨୭।୧୧**

ଦିଲ୍ଲୀରେ ସୋମବାର ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଲାଗିରହିବାରୁ ରାଜଧାନୀକୁ ଆସୁଥିବା ୧୬ଟି ବିମାନକୁ ଅନ୍ୟ ବିମାନବନ୍ଦରରେ ଅବତରଣ କରାଯାଇଛି। ୧୦ଟି ବିମାନକୁ ଜୟପୁର ଏୟାରପୋର୍ଟ ପଠାଯାଇଥିବାବେଳେ ଲକ୍ଷ୍ନୌରେ ୩, ଅହମଦାବାଦରେ ଗୋଟିଏ ଏବଂ ଅମୃତସରରେ ୨ଟି ବିମାନ ଅବତରଣ କରିଛି। ଏହା ବ୍ୟତୀତ ଖରାପ ପାଗ ପାଇଁ ଗୁଆହାଟୀରୁ ଦିଲ୍ଲୀ ଆସୁଥିବା ଏକ ଭିସ୍ତାରା ବିମାନ ଜୟପୁରରେ ଅବତରଣ କରିଛି। ବର୍ଷା ଯୋଗୁ ଦିଲ୍ଲୀ ତାପମାତ୍ରା ହ୍ରାସ ପାଇଥିବାବେଳେ ବାୟୁ ମାନ ନିକୃଷ୍ଟ ବର୍ଗରେ ରହିଛି। ଉତ୍ତର ଭାରତରେ ତାପମାତ୍ରା ଆଉ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଆଗକୁ ଶୀତ ବଢ଼ିବା କୁହାଯାଉଛି।

# ଇସ୍ରାଏଲ୍-ହମାସ ଯୁଦ୍ଧବିରତି ୨ ଦିନ ବଢ଼ିଲା

**ଦୋହା,୨୭।୧୧**

ଇସ୍ରାଏଲ୍-ହମାସ ମଧ୍ୟରେ ୪ ଦିନିଆ ଯୁଦ୍ଧବିରତି ସୋମବାର ଶେଷ ହେବା ପରେ ଏହାକୁ ମାନବୀୟତା ଦୃଷ୍ଟିରୁ ଆଉ ୨ ଦିନ ବଢ଼ାଇଦିଆଯାଇଛି। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରୁଥିବା କାତାର ଏହା ଘୋଷଣା କରିଛି। ରବିବାର ଯୁଦ୍ଧବିରତିର ତୃତୀୟ ଦିନରେ ହମାସ୍ ଆତଙ୍କବାଦୀମାନେ ୧୪ ଇସ୍ରାଏଲୀ ଓ ୩ ଥାଇଲାଣ୍ଡ ପଣବନ୍ଦୀଙ୍କୁ ମୁକ୍ତ କରିଥିଲେ। ଏହା ବଦଳରେ ଇସ୍ରାଏଲ୍ ୩୯ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିଥିଲା। ଗତ ଅକ୍ଟୋବର ୭ରେ ହମାସ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୨୪୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୬୨ ଜଣଙ୍କୁ ମୁକ୍ତ କରାଯାଇଛି। ଜଣକୁ ଇସ୍ରାଏଲୀ ସେନା ମୁକ୍ତ କରିଥିବାବେଳେ ଗାଜାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରତି ୧୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ଇସ୍ରାଏଲ୍ ଗୋଟିଏ ଦିନ ଯୁଦ୍ଧବିରତି ବଢ଼ାଇବ ବୋଲି ପୂର୍ବରୁ କହିଥିଲା। ଯୁଦ୍ଧବିରତି ଓ ପଣବନ୍ଦୀ ମୁକ୍ତି ପାଇଁ ଆମେରିକା, କାତାର ଏବଂ ଇଜିପ୍ଟ ମଧ୍ୟସ୍ଥତା କରୁଛନ୍ତି। ଯୁଦ୍ଧବିରତି ଫଳରେ ଗାଜାକୁ ଇନ୍ଧନ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବଢ଼ିଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ୧୩,୩୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଅସ୍ତ୍ରବିରତି ସମୟସୀମା ଶେଷ ହେବା ପରେ ପୁଣି ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୧,୨୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଗାଜାରେ ଯୁଦ୍ଧ ବେଳେ ୭୭ ଇସ୍ରାଏଲୀ ସୈନ୍ୟ ନିହତ ହୋଇଛନ୍ତି।



ଜେଲ୍‌ରୁ ମୁକ୍ତ ହୋଇଥିବା ଜଣେ ପାଲେଷ୍ଟିନୀୟ ବନ୍ଦୀଙ୍କୁ ତାଙ୍କ ପରିବାର ଲୋକେ ଆଲିଙ୍ଗନ କରୁଛନ୍ତି।

# ସମ୍ବିଧାନର ମୂଳ ଢାଞ୍ଚାକୁ ବଦଳାଇପାରିବେ ନାହିଁ ସରକାର

**କୋଲକାତା,୨୭।୧୧**

ସମ୍ବିଧାନର ମୂଳ ଢାଞ୍ଚା ବା ଭାବନାକୁ ସଂସଦ ଦ୍ୱାରା ସଂଶୋଧନ କରାଯାଇପାରିବ ନାହିଁ। ୧୯୭୩ ଏପ୍ରିଲ ୨୪ରେ ଏହି ରାୟ ଦେଇଥିଲେ ସୁପ୍ରିମକୋର୍ଟ। କେଶବାନନ୍ଦ ଭାରତୀ ବନାମ କେରଳ ସରକାର ମାମଲାରେ ୧୩ ଜଣ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ୭: ୬ ସଂଖ୍ୟାଗରିଷ୍ଠତାରେ ଶୁଣାଇଥିବା ଏହି ରାୟକୁ ସୁପ୍ରିମକୋର୍ଟ ଇତିହାସର ଏକ ମାଇଲଷ୍ଟୋନ୍ ଭାବେ ବିବେଚନା କରାଯାଉଛି। ଏହି ଐତିହାସିକ ରାୟର ସୁବର୍ଣ୍ଣ ଜୟନ୍ତୀ ଅଥବା ୫୦ ବର୍ଷ ପୂର୍ତ୍ତି ଅବସରରେ ସୁପ୍ରିମକୋର୍ଟ ଦ୍ୱାରା ସ୍ୱତନ୍ତ୍ର ୱେବ୍ ପେଜ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ରାୟ ଆଜିର ଦିନରେ ମଧ୍ୟ ଗୁରୁତ୍ୱ ବହନ କରୁଥିବାବେଳେ କେଶବାନନ୍ଦ ଭାରତୀଙ୍କ ତରଫରୁ ମାମଲା ଲଢ଼ୁଥିବା ବିଶିଷ୍ଟ ଆଇନଜୀବୀ ନାନି ଏ. ପାଲ୍‌ଖିବାଲାଙ୍କ ସ୍ମୃତିରେ କୋଲକାତାରେ ରବିବାର ସ୍ମାରକୀ ସମ୍ମେଳନ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁପ୍ରିମକୋର୍ଟର ବିଚାରପତି ଦୀପଙ୍କର ଦତ୍ତ ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତର ମହତ୍ତ୍ୱ ଉପରେ ବ୍ୟାଖ୍ୟା କରିଥିଲେ।



ଜଷ୍ଟିସ୍ ଦୀପଙ୍କର ଦତ୍ତ

ଟାଟା ଗ୍ରୁପ୍ ସହାୟତାରେ ପଶ୍ଚିମବଙ୍ଗ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ ସାଇନ୍ସେସ (ଏନ୍‌ୟୁଜେଏସ୍) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ନିମନ୍ତେ ସାମ୍ବିଧାନିକ ଆଇନ କୁଇଜ୍ ପ୍ରତିଯୋଗିତା ଏବଂ ସ୍କୋପ୍ ଆଣ୍ଡ ଫର୍ମୁଲେଶନ ଅଫ୍ ଜୁଡିସିଆଲ ରିଭ୍ୟୁ ଆଣ୍ଡ ପ୍ରୋମୁଲଗେଶନ ଅଫ୍ ଅର୍ଡିନାନ୍ସେସ୍ ଉପରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଜଷ୍ଟିସ୍ ଦତ୍ତ ନାନି ପାଲ୍‌ଖିବାଲାଙ୍କୁ ଆଧୁନିକ ଭାରତର ଅଗ୍ରଣୀ ବିଚାରକ ଭାବେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ପ୍ରଭାବ ଆଇନ କ୍ଷେତ୍ରରେ ବ୍ୟାପକ ଭାବେ ପଡ଼ିଥିବା କହିଥିଲେ। ପ୍ରବନ୍ଧଗୁଡ଼ିକୁ ମୂଲ୍ୟାଙ୍କନ କରି ଜଷ୍ଟିସ୍ ଦତ୍ତ କହିଥିଲେ ଯେ, ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତକୁ ବୁଝିବାରେ କେତେକଙ୍କର ସ୍ୱଷ୍ଟତା ନାହିଁ। ସେ ଏହି ସିଦ୍ଧାନ୍ତର ମହତ୍ତ୍ୱ ଉପରେ ବ୍ୟାଖ୍ୟା କରି ଭାରତୀୟ ସମ୍ବିଧାନରେ ଏହାର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସେ କେଶବାନନ୍ଦ ଭାରତୀ ବନାମ କେରଳ ସରକାର (୧୯୭୩) ମାମଲାରେ ଆବେଦନକାରୀଙ୍କ ଆଇନଜୀବୀ ଭାବେ ପାଲ୍‌ଖିବାଲାଙ୍କ ଅବଦାନକୁ ମନେପକାଇଥିଲେ, ଯାହା ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତକୁ ମଜଭୁତ କରିବା ସହ ଦେଶର ସାମ୍ବିଧାନିକ ପରିଚୟର ଏକ ଅଂଶ ହୋଇପାରିଛି।

## 'କେଶବାନନ୍ଦ ଭାରତୀ ରାୟର ସ୍ୟାହି ଫିକା ହୋଇପାରେ, ଶବ୍ଦ ନୁହେଁ'

ସଂସଦୀୟ ପ୍ରଭୁତ୍ୱ ଏବଂ ସମ୍ବିଧାନର ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତ ମଧ୍ୟରେ ଥିବା ସମ୍ପର୍କ ଉପରେ ଜଷ୍ଟିସ୍ ଦତ୍ତ କହିଛନ୍ତି ଯେ, 'କେହିବି ନିଜେ ସମ୍ପୃକ୍ତ ଥିବା ଅନୁଷ୍ଠାନର କ୍ଷମତା କାଣ୍ଟଛାଣ୍ଟକୁ ଶାଳୀନତାର ସହ ଗ୍ରହଣ କରିବେ ନାହିଁ। ଯେଭଳି ଫ୍ରେଡ୍ରିକ୍ ଡଗ୍‌ଲସ କହିଥିଲେ, କ୍ଷମତାଧାରୀ ବିନା ଦାବିରେ କିଛିବି ସ୍ୱୀକାର କରେ ନାହିଁ। ଏହା କେବେହେଲେ ହୋଇ ନ ଥିଲା ଏବଂ କେବେ ମଧ୍ୟ ହେବ ନାହିଁ। ଆଇନପ୍ରଣେତାମାନେ ଏହା ଅନୁଭବ କରିବା ଉଚିତ୍ ଯେ, ସେମାନେ ଏଭଳି କରିବେ ନାହିଁ, ଯାହାଫଳରେ ସମ୍ବିଧାନର ମୌଳିକ ସିଦ୍ଧାନ୍ତ ବଦଳିଯିବ। ଅନୁଚ୍ଛେଦ ୧୪୧ ଏବଂ ୧୪୪କୁ ଅନୁସରଣ କରିବା ଆବଶ୍ୟକ। ଯେଭଳି ନାନୀ ପାଲ୍‌ଖିବାଲା କହିଥିଲେ ଯେ, ସମ୍ବିଧାନ କୌଣସି ଜେଲିଫିସ୍ ନୁହେଁ। ଏହା ସଂଶୋଧନ ପ୍ରକ୍ରିୟାରେ ନିଜର ପରିଚୟ ହରାଇ ପାରିବ ନାହିଁ।'

ଜଷ୍ଟିସ ଦତ୍ତ ଯୁବ ଆଇନଜୀବୀମାନଙ୍କୁ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପରାମର୍ଶ ଦେବା ସହ ମୌଳିକ ଢାଞ୍ଚାଗତ ସିଦ୍ଧାନ୍ତର ଅନ୍ୟତମ ସ୍ଥପତି ଭାବେ ଜଣାଶୁଣା ଜଷ୍ଟିସ୍ ହଂସରାଜ ଖାନ୍ନାଙ୍କୁ ମନେ ପକାଇ କହିଥିଲେ ଯେ, ଜ୍ଞାନ ଉପରେ କୌଣସି ପିଢ଼ିର ଏକଚାଟିଆ ଅଧିକାର ନାହିଁ। 'ଭବିଷ୍ୟତ କ'ଣ ହେବ ତାହା କେହି ଜାଣିନାହାନ୍ତି, ବାସ୍ତବତାର କଠୋରତା ଏହା ସାମ୍ନାରେ ଫିକା ପଡ଼ିପାରେ। କେଶବାନନ୍ଦ ଭାରତୀଙ୍କ ଭାବନାକୁ ଆଗକୁ ନେବାର ଦାୟିତ୍ୱ ଆମ ଉପରେ। ରାୟ(ଜଜ୍‌ମେଣ୍ଟ)ର ସ୍ୟାହି(କାଳି) ମ୍ଳାନ ହୋଇଯାଇପାରେ, ହେଲେ ଶବ୍ଦଗୁଡ଼ିକ ନୁହେଁ ବୋଲି ଜଷ୍ଟିସ୍ ଦତ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ସିନିୟର ଆଡଭୋକେଟ ଏବଂ ପଶ୍ଚିମବଙ୍ଗର ପୂର୍ବତନ ଆଡଭୋକେଟ ଜେନେରାଲ ଏସ୍. ଏନ୍. ମୁଖାର୍ଜୀ, ସିନିୟର ଆଡଭୋକେଟ ଆଣ୍ଡ ସଲିସିଟର ଜାମସେଦ ପି. କାମା, ଏନ୍‌ୟୁଜେଏସ୍ କୁଳପତି ପ୍ରଫେସର ଏନ୍. ଚକ୍ରବର୍ତ୍ତୀ, ନାନି ଏ ପାଲଖିବାଲା ମେମୋରିଆଲ ଟ୍ରଷ୍ଟର ସିଇଓ ସ୍ୱାତି କାପଡିଆ ଏବଂ ଟାଟା ଗ୍ରୁପ୍‌ର ସାଧାରଣ ପରାମର୍ଶଦାତା ସିଦ୍ଧାର୍ଥ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଭୂମି ସୁଧାର ପାଇଁ କେରଳ ସରକାର ୧୯୭୩ରେ ୨ଟି ଆଇନ ପ୍ରଣୟନ କରିଥିଲେ। ସେହି ଆଇନ ଜରିଆରେ ସରକାର ମଠ ସମ୍ପତ୍ତି ଜବତ କରିବାକୁ ଚାହୁଁଥିଲେ। ଏହା ବିରୋଧରେ କେଶବାନନ୍ଦ ଭାରତୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେଶବାନନ୍ଦଙ୍କ ତରଫରୁ କୋର୍ଟରେ କୁହାଯାଇଥିଲା ଯେ, ସମ୍ବିଧାନର ଅନୁଚ୍ଛେଦ ୨୬ରେ ଧର୍ମର ପ୍ରଚାର ଲାଗି ସଂସ୍ଥା ଗଠନ ନିମନ୍ତେ ଅଧିକାର ଦିଆଯାଇଛି। ତେଣୁ ଏଭଳି ସଂସ୍ଥାର ସମ୍ପତ୍ତି ଜବତ ପାଇଁ ଯେଉଁ ଆଇନ ଅଣାଯାଇଛି ତାହା ସମ୍ବିଧାନର ବିରୁଦ୍ଧାଚରଣ କରୁଛି। କେଶବାନନ୍ଦଙ୍କ ମାମଲାରେ ସୁପ୍ରିମକୋର୍ଟ ଆଗରେ ପ୍ରଶ୍ନ ଉଠିଥିଲା ଯେ, ସରକାର କ'ଣ ସମ୍ବିଧାନର ମୂଳ ଭାବନାକୁ ବଦଳାଇ ପାରିବେ କି? ଏହି ମାମଲାର ଶୁଣାଣି ପାଇଁ ୧୩ ଜଣିଆ ଖଣ୍ଡପୀଠ ଗଠନ ହୋଇଥିଲା। ଏହାର ନେତୃତ୍ୱ ତତ୍କାଳୀନ ପ୍ରଧାନ ବିଚାରପତି ଏସ୍. ଏମ୍. ସିକ୍ରି କରିଥିଲେ। ୭ଜଣ ବିଚାରପତି କେଶବାନନ୍ଦଙ୍କ ସପକ୍ଷରେ ରାୟ ଦେଇଥିବାବେଳେ ୬ ଜଣ କେରଳ ସରକାରଙ୍କ ସପକ୍ଷରେ ମତ ଦେଇଥିଲେ। ଏହି ମାମଲାରୁ ୩ଟି କଥା ସ୍ପଷ୍ଟ ହୋଇଥିଲା। ତାହାହେଲା ସମ୍ବିଧାନଠାରୁ ସରକାର ଉର୍ଦ୍ଧ୍ୱରେ ନାହାନ୍ତି। ଦ୍ୱିତୀୟରେ ସରକାର ସମ୍ବିଧାନର ମୂଳ ଭାବନା ବା ମୂଳ ଢାଞ୍ଚାକୁ ବଦଳାଇପାରିବେ ନାହିଁ। ତୃତୀୟ ହେଲା, ସରକାର ଯଦି କୌଣସି ଆଇନରେ ସଂଶୋଧନ କରନ୍ତି, ତା'ହେଲେ କୋର୍ଟ ତା'ର ନ୍ୟାୟିକ ସମୀକ୍ଷା କରିପାରିବେ।

# ମୋହନ ବାଗାନକୁ ହରାଇଲା ଓଏଫ୍‌ସି

ଭୁବନେଶ୍ୱର, ୨୭।୧୧
(ସରୋଜ ଜେନା)

ଏଏଫ୍‌ସି କପ୍‌ରେ ତୃତୀୟ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ସୋମବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଇଏସ୍ଏଲ୍ ଚାମ୍ପିୟନ ମୋହନବାଗାନ୍ ସୁପରଜାଏଣ୍ଟକୁ ୫-୨ ଗୋଲରେ ପରାସ୍ତ କରିଛି ଓଏଫ୍‌ସି। ଓଡ଼ିଶା ପକ୍ଷରୁ ରୟ କ୍ରିଷ୍ଣା (୨୯), ଡିଏଗୋ ମରିସିଓ (୩୨), ସାଇ ଗୋଡାର୍ଡ (୪୧), ଅନିକେତ ଯାଦବ (୯୦+୨) ଓ ଆଇଜାକ୍ ଭାନ୍‌ଲାଲରଉଆଟ୍‌ଫେଲା (୯୦+୫) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ମୋହନ ବାଗାନ ପକ୍ଷରୁ ହ୍ୟୁଗୋ ବ୍ୟୁମୋସ୍ (୧୭) ଓ କିୟାନ୍ ନାସିରି (୬୩) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ସହିତ ଏଏଫ୍‌ସି କପ୍‌ରେ ତୃତୀୟ ବିଜୟ ସହିତ ଗ୍ରୁପ୍ ଡିରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଓଏଫ୍‌ସି। ସେହିପରି ଦଳ ମୋହନ ବାଗାନ ବିପକ୍ଷରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଉଭୟ ଦଳ ନବମ ଥର ପାଇଁ ମୁହାଁମୁହିଁ ହୋଇଥିବା



ଗୋଲ୍ ସ୍କୋର ପରେ ରୟ କ୍ରିଷ୍ଣା।

ବେଳେ ପୂର୍ବରୁ ମୋହନ ବାଗାନ ୫ ଥର ବିଜୟୀ ହୋଇଥିଲା ଓ ୩ଟି ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା।

ଶିମିଳିପାଳ ବାଘଙ୍କ ପାଇଁ ନିର୍ମିତ ଗୋଲ୍ଡେନ୍ ପର୍ପଲ ଜର୍ସିରେ ନଜର ଆସିଥିବା ଓଏଫ୍‌ସି ମ୍ୟାଚ୍ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିଲା। ପ୍ରଥମ ମିନିଟରୁ ଉଭୟ ଦଳ ଆକ୍ରମଣାତ୍ମକ ଫୁଟ୍‌ବଲ୍ ଖେଳିଥିଲେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ମୋହନବାଗାନ ମ୍ୟାଚ୍‌ର ୧୭ ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲା। ଓଏଫ୍‌ସି ହାଫ୍‌ରୁ ବଲ୍ ଛଡାଇବା ପରେ ଲିଷ୍ଟନ କଲେକୋ ଲମ୍ବା ପାଶ୍ ଜରିଆରେ ବଲ୍ ଆଶିଷ ରାୟଙ୍କୁ ଦେଇଥିଲେ। ଆଶିଷଙ୍କ ଡାଏଗୋନାଲ ବଲ୍‌କୁ ଗୋଲରେ ପରିଣତ କରି ହ୍ୟୁଗୋ ବ୍ୟୁମୋସ୍ ଦଳକୁ ୧-୦ରେ ଆଗୁଆ କରିଥିଲେ। ୨୪ ତମ ମିନିଟରେ ରୟ କ୍ରିଷ୍ଣା ଓ ଡିଏଗୋ ମରିସିଓ ଏକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ବିଶାଲ କେଥ୍ ଏହାକୁ ରୋକି ଦେଇଥିଲେ। ୨୯ ତମ ମିନିଟରେ ରୟ କ୍ରିଷ୍ଣା ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ଆଣିଥିଲେ। ଜେରୀଙ୍କ ପାଶକୁ ଏକ ଡାହାଣ ପାଦ କିକ୍ ଜରିଆରେ ସ୍କୋର କରିଥିଲେ ରୟ କ୍ରିଷ୍ଣା। ଏହାର ୩ ମିନିଟ ପରେ ଓଏଫ୍‌ସିର ଗୋଲ ମେସିନ୍ ଡିଏଗୋ ମରିସିଓ ଏକ ଗୋଲ ଦେଇ ଦଳକୁ ୨-୧ରେ ଆଗୁଆ କରି ଦେଇଥିଲେ। ଜାହୋହୋଙ୍କ ଫ୍ରି କିକ୍ ରୟ କ୍ରିଷ୍ଣାଙ୍କ ନିକଟକୁ ଯାଇଥିଲା। ରୟଙ୍କ କ୍ରସ୍‌କୁ ଗୋଲରେ ପରିଣତ କରିଥିଲେ ମରିସିଓ। ମ୍ୟାଚ୍‌ର ୪୧ ତମ ମିନିଟରେ ସାଇ ଗୋଡାର୍ଡ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ଗ୍ଲାନ୍ ମାର୍ଟିନ୍‌ଙ୍କ ସାମାନ୍ୟ ତ୍ରୁଟିର ଫାଇଦା ଉଠାଇ ଗୋଡାର୍ଡ ସ୍କୋର କରିଥିଲେ। ପ୍ରଥମ ହାଫ୍‌ରେ ଓଏଫ୍‌ସି ୩-୧ରେ ଆଗୁଆ ରହିଥିଲା।

ଦ୍ୱିତୀୟ ହାଫ୍‌ରେ ଘରୋଇ ଦଳ ପ୍ରତି ଆକ୍ରମଣ କରିଥିଲା। ୫୩ ମିନିଟ୍‌ରେ ଦଳ ଏକ ସ୍କୋରିଂ ପ୍ରୟାସ କରିଥିଲା। ତେବେ ଅମରିନ୍ଦର ସିଂ ଏହାକୁ ରୋକି ଦେଇଥିଲେ। ୬୩ ତମ ମିନିଟରେ କିୟାନ୍ ନାସିର ଏକ ହେଡର ଜରିଆରେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୮୦ ତମ ମିନିଟରେ ଆଶିଷ ରାୟଙ୍କ ଏକ ପାଶ କିୟାନ୍‌ଙ୍କ ଠାରୁ ଦୂରରେ ରହି ଯାଇଥିଲା। ଇଞ୍ଜୁରୀ ଟାଇମ୍‌ରେ ଓଡ଼ିଶା ଖେଳାଳି ଆଉ ଦୁଇଟି ଗୋଲ ସ୍କୋର କରିଥିଲେ। ୯୦+୨ ମିନିଟରେ ମିଳିଥିବା ଫ୍ରି କିକ୍‌କୁ ଡାହାଣ କର୍ନରରୁ ପାଶ୍ କରିଥିଲେ ରୟ କ୍ରିଷ୍ଣା। ଏହାକୁ ଗୋଲରେ ପରିଣତ କରିଥିଲେ ଅନିକେତ ଯାଦବ। ଓଏଫ୍‌ସି ପାଇଁ ଏହା ଅନିକେତଙ୍କ ପ୍ରଥମ ଗୋଲ୍। ଏହାର ୩ ମିନିଟ୍ ପରେ ଆଉ ଏକ ଗୋଲ ଦେଇଥିଲେ ଆଇଜାକ୍ ଭାନ୍‌ଲାଲରଉଆଟ୍‌ଫେଲା। ମୋହନ୍ ବାଗାନ୍ ଗୋଲକିପର ବିଶାଲ୍ କେଥ୍ ପୋଷ୍ଟ ଛାଡି ଆଗକୁ ଚାଲି ଆସିଥିବା ବେଳେ ତାଙ୍କ ମୁଣ୍ଡ ଉପରେ ବଲ୍‌କୁ ପାଶ୍ କରିଥିଲେ ଆଇଜାକ୍। ଡିସେମ୍ବର ୧୧ ତାରିଖରେ ଓଏଫ୍‌ସି ବସୁନ୍ଧରା କିଙ୍ଗ୍ସ ବିପକ୍ଷରେ ଏହାର ଅନ୍ତିମ ମ୍ୟାଚ୍ ଖେଳିବ।


ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର୍‌ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ


ଅଭିଷେକ ଯାଦବ


ଶାନ୍ତନୁ ମିଶ୍ର

ଭୁବନେଶ୍ୱର, ୨୭।୧୧
(ତପନ ସ୍ୱାଇଁ)

## ବିଜୟ ହଜାରେ ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅନ୍ୟତମ ସମ୍ମାନଜନକ ଘରୋଇ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ତ୍ରିପୁରା ବିପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚରେ ଭିଜେଡି ପଦ୍ଧତିରେ ରେଲୱେଠାରୁ ହାରିଥିବାବେଳେ ସୋମବାର ବେଙ୍ଗାଲୁରୁସ୍ଥିତ ଅଲୁର ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କେରଳଠାରୁ ୭୮ ରନରେ ପରାଜିତ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା କେରଳ ବିଷ୍ଣୁ ବିନୋଦଙ୍କ ଶତକ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ କରିଥିଲା। ବିନୋଦ ୮୫ ବଲ୍‌ରୁ ୫ ଚୌକା ଓ ୮ ଛକା ସହାୟତାରେ ସର୍ବାଧିକ ୧୨୦ ରନ କରିଥିଲେ। ଅବଦୁଲ ବସିଥ ୪୮ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଭିଷେକ ଯାଦବ ୪ଟି, ରାଜେଶ ମହାନ୍ତି ଓ ପ୍ରୟାସ ସିଂ ୨ଟି ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ୨୮୭ ରନ ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ୪୩.୩ ଓଭରରେ ୨୦୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଗୋଟିଏ ପଟରେ ଦୃଢ଼ ବ୍ୟାଟିଂ କରି ଶାନ୍ତନୁ ମିଶ୍ର ୯୨ ରନର ଇନିଂସ ଖେଳିଥିଲେ ହେଁ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ଅଧିନାୟକ ବିପ୍ଲବ ସାମନ୍ତରାୟ ଦ୍ୱିତୀୟ ସର୍ବାଧିକ ୩୪ ରନ କରିଥିଲେ। କେରଳ ପକ୍ଷରୁ ତାରକା ସ୍ପିନର ଶ୍ରେୟାସ ଗୋପାଳ ୪ଟି, ବାସିଲ ଥାମ୍ପି ଓ ଅଖିଲ ସ୍କାରିଆ ୨ଟି ଲେଖାଏ ଏବଂ ଅଖିନ ସଥର ଓ ବୈଶାଖ ଚନ୍ଦ୍ରନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ୩ ମ୍ୟାଚରୁ ୧ ବିଜୟ ଓ ୨ ପରାଜୟ ଯୋଗୁ ୪ ପଏଣ୍ଟ ସହ ଗ୍ରୁପ୍ 'ଏ'ରେ ୭ମ ସ୍ଥାନକୁ ଖସିଛି। ମୁମ୍ବାଇ ୧୨ ପଏଣ୍ଟ ସହିତ ଏହି ଗ୍ରୁପ୍‌ର ଶୀର୍ଷରେ ରହିଛି।

# ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀଙ୍କ ଜୀବନ ପ୍ରତି ବିପଦ

କଲମ୍ବୋ, ୨୭।୧୧ (ପି.ଟି.)

ଦେଶର କ୍ରିକେଟ ପ୍ରଶାସନରେ ଦେଖା ଦେଇଥିବା ଦୁର୍ନୀତିକୁ ସେ ପଦାରେ ପକାଇ ଦେଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି ବୋଲି ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ ରୋଶନ ରଣସିଙ୍ଘେ ସୋମବାର ପ୍ରକାଶ କରିଛନ୍ତି। ଯଦି କୌଣସି ଅଘଟଣ ଘଟେ ତେବେ ରାଷ୍ଟ୍ରପତି ରାନିଲ ବିକ୍ରମସିଙ୍ଘେ ଏବଂ ତାଙ୍କ ଚିଫ୍ ଅଫ୍ ଷ୍ଟାଫ୍ ସେଥିପାଇଁ ଦାୟୀ ରହିବେ। ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ ରଣସିଙ୍ଘେ କହିଛନ୍ତି, ବିକ୍ରମସିଙ୍ଘେ ରାଜନୈତିକ ପ୍ରତିଶୋଧ ନେବାକୁ ଯାଇ ବିଦେଶରୁ ସେ ଆମଦାନୀ କରିଥିବା ଏକ ଗାଡ଼ିକୁ ଜବତ କରାଯାଇଛି। ତାଙ୍କ ନାମରେ ଟିକସ ଫାଙ୍କି ମିଥ୍ୟା ଅଭିଯୋଗ ଅଣାଯାଇଛି। ଅଡିଟ ରିପୋର୍ଟ ଆସିବା ପରେ ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ରଣସିଙ୍ଘେ ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି) ମ୍ୟାନେଜମେଣ୍ଟକୁ ବରଖାସ୍ତ କରିବା ସହ କ୍ରିକେଟ ବୋର୍ଡର ପରିଚାଳନା ପାଇଁ ପୂର୍ବତନ ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ନେତୃତ୍ୱରେ ୭ଜଣ ସଦସ୍ୟ ବିଶିଷ୍ଟ କାମଚଳା କମିଟି ଗଠନ କରିଥିଲେ। ଏହାର ଦିନକ ପରେ କୋର୍ଟ ଅଫ୍ ଅପିଲ ଏସ୍ଏଲ୍‌ସିକୁ ପୁନଃ ଅବସ୍ଥାପିତ କରିଥିଲେ। ତେବେ ପରେ ଦେଶର କ୍ରିକେଟ ଗଭର୍ଣ୍ଣିଂବଡିକୁ


ରୋଶନ ରଣସିଙ୍ଘେ

ବହିଷ୍କାର କରିବା ଲାଗି ଶ୍ରୀଲଙ୍କା ପାର୍ଲାମେଣ୍ଟରେ ସର୍ବ ସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା; ଯାହାଫଳରେ ସରକାରୀ ହସ୍ତକ୍ଷେପ ଦର୍ଶାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶ୍ରୀଲଙ୍କାକୁ ସସ୍‌ପେଣ୍ଡ କରିଥିଲା। ସୂଚନାଯୋଗ୍ୟ, ଭାରତରେ ଅନୁଷ୍ଠିତ ଗତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇ ଶ୍ରୀଲଙ୍କା କ୍ରିକେଟରେ ବିଶୃଙ୍ଖଳା ଦେଖାଦେଇଥିଲା। ୧୯୯୬ ଆଇସିସି ବିଶ୍ୱକପ୍ ଜିତିଥିବା ଶ୍ରୀଲଙ୍କା ୨୦୨୩ରେ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ୯ମ ସ୍ଥାନରେ ରହିଥିଲା। ଅନ୍ତରୀଣ କମିଟି ଗଠନ ନ କରିବା ଲାଗି ରାଷ୍ଟ୍ରପତି ବିକ୍ରମସିଙ୍ଘେ ରଣସିଙ୍ଘେଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଆଇସିସି କାର୍ଯ୍ୟାନୁଷ୍ଠାନର ସମ୍ଭାବନା ରହିଛି ବୋଲି ମଧ୍ୟ କହିଥିଲେ। ରଣସିଙ୍ଘେଙ୍କୁ କ୍ୟାବିନେଟରୁ ବହିଷ୍କାର କରି ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାର କ୍ଷମତା ବିକ୍ରମସିଙ୍ଘେଙ୍କର ରହିଛି।

# ଓଡ଼ିଶା ବାଳକ ଦଳକୁ ସ୍ୱର୍ଣ୍ଣ, ବାଳିକାଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୧୧
(ତପନ ସ୍ୱାଇଁ)

## ୧୭ ବର୍ଷରୁ କମ୍ ମିର୍ନାୱାନ କପ୍ ହକି

ମାଲେସିଆରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମିର୍ନାୱାନ୍ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ବାଳକ ଦଳ ସ୍ୱର୍ଣ୍ଣ ଏବଂ ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ବାଳକ ଦଳ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪-୩ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ପ୍ଲେ-ଅଫ୍‌ରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ହରାଇ ବାଳିକା ଦଳ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶାର ବିବେକ ଲାକ୍ରା ବାଳକ ବିଭାଗରେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ବିନତି ମିଞ୍ଜ ଓ ଜାହ୍ନବୀ ବଡ଼ା ବାଳିକା ବିଭାଗରେ ଶ୍ରେଷ୍ଠ ସ୍କୋରର ହୋଇଥିଲେ। ଏହି ଟୁର୍ନାମେଣ୍ଟରୁ ଯୁବ ଖେଳାଳିମାନେ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିଛନ୍ତି। ଓଡ଼ିଶା ଦଳର ସଫଳତାକୁ ନେଇ ଆମେ ଗର୍ବିତ ବୋଲି ବାଳକ ବିଭାଗ କୋଚ୍ ଡେଭିଡ ଜନ୍ ପ୍ରକାଶ କରିଛନ୍ତି। ବାଳିକା ଦଳର କୋଚ୍ ସୁଜିତ ଲାକ୍ରା ମଧ୍ୟ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି। ଓଡ଼ିଶା ବାଳିକା ଦଳ ଯଦିଓ ସ୍ୱର୍ଣ୍ଣ ଜିତି ପାରିନାହିଁ ତେବେ ପଦକ ସହ ପ୍ରତ୍ୟାବର୍ତ୍ତନ ଆମକୁ ଖୁସି ଦେଇଛି ବୋଲି ସେ କହିଛନ୍ତି। ୨୦୨୪ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଚେନ୍ନାଇରେ ହେବ। ତା' ପୂର୍ବରୁ ଏହି ଟୁର୍ନାମେଣ୍ଟ ପିଲାମାନଙ୍କୁ ଭଲ ଅଭ୍ୟାସ ଦେଇଛି ବୋଲି ସେ କହିଛନ୍ତି। ମିର୍ନାୱାନ କପ୍ ମାଲେସିଆ ନ୍ୟାଶନାଲ ହକି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମର ଏକ ଅଂଶବିଶେଷ। ଆମନ୍ତ୍ରିତ ଦଳଭାବେ ଓଡ଼ିଶା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। କୁଆଲାଲମ୍ପୁରର କେପିଏମ୍ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଗତ ୧୮ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୫ ଦେଶର ୧୧ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ।


୧୭ ବର୍ଷରୁ କମ୍ ମିର୍ନାୱାନ କପ୍ ହକି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶା ବାଳକ ଦଳ।

# ଆଗୁଆ ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ

ଗୁଆହାଟୀ, ୨୭।୧୧ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ଦୁଇ ମ୍ୟାଚ୍‌କୁ ଜିତିବା ପରେ ମଙ୍ଗଳବାର ଗୁଆହାଟୀରେ ତୃତୀୟ ମ୍ୟାଚ୍ ଖେଳିବ ଭାରତ। ଏହି ମ୍ୟାଚ୍‌କୁ ଜିତିବା ସହ ଆଗୁଆ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଉପରେ କବ୍‌ଜା କରିବାକୁ ଚାହିଁବ ସୂର୍ଯ୍ୟକୁମାର ଯାଦବଙ୍କ ଦଳ। ଏହା ସହିତ ଭାରତୀୟ ମଧ୍ୟକ୍ରମ ବ୍ୟାଟର ତିଳକ ବର୍ମା କିଛି କ୍ୱାଲିଟି ବ୍ୟାଟିଂ ଟାଇମ୍ ପିଚ୍‌ରେ ଅତିବାହିତ କରିବାକୁ ଚାହିଁବେ। ବିଶ୍ୱ କପ୍ ପରେ ଶ୍ରେୟସ ଆୟରଙ୍କୁ ୧ ସପ୍ତାହର ବିଶ୍ରାମ ଦିଆଯାଇଥିବା ବେଳେ ରାୟପୁରରେ ଖେଳା ଯିବାକୁ ଥିବା ମ୍ୟାଚ୍‌ରେ ସେ ପ୍ରତ୍ୟାବର୍ତ୍ତନ କରିବେ। ଅନ୍ତିମ ଦୁଇ ମ୍ୟାଚ୍ ପାଇଁ ଆୟରଙ୍କୁ ଉପ ଅଧିନାୟକ ଚୟନ କରାଯାଇଥିବା ବେଳେ ସେ ଚୂଡାନ୍ତ ଏକାଦଶରେ ସାମିଲ ହେବାର ସମ୍ଭାବନା ଅଧିକ। ତେଣୁ ଆୟର ସାମିଲ ହେଲେ ତିଳକ ବର୍ମା ହିଁ ଏକମାତ୍ର ଖେଳାଳି ଭାବେ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତ ଏହାର ବ୍ୟାଟିଂ ପ୍ରଦର୍ଶନ ବଳରେ ବିଜୟୀ ହୋଇଛି। ସମାନ



ତୃତୀୟ ଟି୨୦ ଖେଳିବା ପାଇଁ ଗୁଆହାଟୀରେ ସୂର୍ଯ୍ୟକୁମାର ଯାଦବ।

ପ୍ରଦର୍ଶନ ଆସାମର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ମଧ୍ୟ ଦେଖିବାକୁ ମିଳିବ। ଆସାମର ଏହି ଷ୍ଟାଡିୟମ ସର୍ବଦା ବ୍ୟାଟିଂ ସହାୟକ ହୋଇଥାଏ। କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ୟୁନିଟ୍ ନିକଟରୁ ଆଉ ଏକ ଦମ୍‌ଦାର ପ୍ରଦର୍ଶନ ଆଶା ରହିବ। ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର ୩୬ ଚୌକା ଓ ୨୪ ଛକା ମାରି ସାରିଥିବା ବେଳେ ବର୍ଷାପରାର ୪୦ ହଜାର ଦର୍ଶକଙ୍କ ସମ୍ମୁଖରେ ମଧ୍ୟ ସମାନ ଖେଳ ଦେଖାଇବାକୁ ଚାହିଁବେ। ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟ ଖେଳାଳି ଥକି ଯାଇଥିବା ଭଳି ମନେହେଉଛି। ଷ୍ଟିଭ୍ ସ୍ମିଥ୍, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ୍ ଷ୍ଟୋଇନିସ ଓ ଆଡାମ୍ ଜାମ୍ପାଙ୍କ ଭଳି ଖେଳାଳି ବିଗତ ୯ ସପ୍ତାହ ହେବ ଭାରତରେ ରହିଛନ୍ତି। ଏହି ୪ ଖେଳାଳି ଥକି ଯାଇଥିବା ପରି ମନେହେଉଥିବା ବେଳେ ଅନ୍ୟ ଖେଳାଳିମାନେ ଭାରତୀୟ ପରିବେଶ ସହିତ ଆଡ୍‌ଜଷ୍ଟ କରି ନାହାନ୍ତି। ଏହି ୪ ବରିଷ୍ଠ ଖେଳାଳି ଆସନ୍ତା ମାସରୁ ବିଗ୍ ବାସ

## ଆଜି ତୃତୀୟ ଟି୨୦

ଖେଳିବେ। ସେହିପରି ପରବର୍ତ୍ତୀ ମାସରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ଥିବାରୁ ଏମାନଙ୍କୁ ବିଶ୍ରାମ ମିଳିବା ଆବଶ୍ୟକ।

ଚଳିତ ସିରିଜରେ ଏହି ମ୍ୟାଚକୁ ତିଳକ ବର୍ମାଙ୍କ ପାଇଁ ଶେଷ ସୁଯୋଗ ଭାବେ ବିବେଚନା କରାଯାଉଛି। ଆୟର ଫେରୁଥିବା ବେଳେ ଟିମ୍ ସନ୍ତୁଳନକୁ ଦୃଷ୍ଟିରେ ରଖିଲେ ତିଳକ ହିଁ ବାଦ ପଡିବାକୁ ଯାଉଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ସିରିଜ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ୩ ଖେଳାଳି ଗୋଟିଏ ଲେଖାଏ ଅର୍ଦ୍ଧଶତକ ହାସଲ କରି ସାରିଥିବା ବେଳେ ଇଶାନ୍ କିଶନ୍ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ପ୍ରଦର୍ଶନକୁ ଦୃଷ୍ଟିରେ ରଖିଲେ ଏହି ୪ ଖେଳାଳିଙ୍କ ମଧ୍ୟରୁ କେହି ବାଦ୍ ପଡ଼ିବେ ନାହିଁ। ମିଡିଲ୍ ଅର୍ଡରରେ ଖେଳୁଥିବା ତିଳକ ଏହି ମ୍ୟାଚ ପରେ ଦଳରୁ ବାଦ୍ ପଡ଼ିବା ଆପାତତଃ ନିଶ୍ଚିତ। ୬ ନମ୍ବର ସ୍ଥାନରେ ବ୍ୟାଟିଂ କରୁଥିବା ରିଙ୍କୁ ସିଂ ଫିନିଶର ଦାୟିତ୍ୱ ଠିକ ଭାବରେ ନିର୍ବାହ କରିଛନ୍ତି। ଏହା ସହ ଭାରତ ନିଜ ବୋଲିଂ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲର ୪୫ ଡଟ୍ ବଲ ପକାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଡଟ୍ ବଲ୍ ସଂଖ୍ୟା ୪୪କୁ ଖସିଥିଲା। ତେବେ ଭାରତୀୟ ବୋଲର ପ୍ରଥମ ମ୍ୟାଚ୍ ତୁଳନାରେ କମ ବାଉଣ୍ଡ୍ରି ବ୍ୟୟ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ପ୍ରଥମ ମ୍ୟାଚ୍ ତୁଳନାରେ ଭଲ ବୋଲିଂ କରିଥିବା ବେଳେ ୩ ଉଇକେଟ ଅକ୍ତିଆର କରିଥିଲେ।

**ମ୍ୟାଚ୍ ସ୍ଥାନ: ବର୍ଷାପରା ଷ୍ଟାଡିୟମ, ଗୁଆହାଟୀ**
**ମ୍ୟାଚ୍ ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ୪୭ ବର୍ଷ ପରେ ଇଟାଲୀକୁ ପ୍ରଥମ ଡେଭିସ କପ୍

ମାଲାଗା, ୨୭।୧୧ (ଏପି)

ଜାନିକ ସିନରଙ୍କ ଅଧିନାୟକତ୍ୱରେ ଇଟାଲୀ ୪୭ ବର୍ଷ ପରେ ପ୍ରଥମ ଥର ଡେଭିସ କପ୍ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ଫାଇନାଲର ଦ୍ୱିତୀୟ ସିଙ୍ଗଲ୍ସରେ ଆଲେକ୍ସ ଡି' ମିନାଉରଙ୍କୁ ୬-୩, ୬-୦ରେ ପରାସ୍ତ କରିବା ପରେ ଏହି ସପ୍ତାହରେ ସିନରଙ୍କ ବିଜୟ ସଂଖ୍ୟା ରେକର୍ଡ ୫-୦ରେ ପହଞ୍ଚିଛି। ଏହାଦ୍ୱାରା ତାଙ୍କ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୨-୦ରେ ବିଜୟ ହାସଲ କରିବା ସହ ୧୯୭୬ ପରେ ପ୍ରଥମ ଥର ଡେଭିସ କପ୍ ହାସଲ କରିପାରିଛି। ଆଲେକ୍ସି ପପିରିନ୍‌ଙ୍କୁ ୭-୫, ୨-୬, ୬-୪ରେ ପରାସ୍ତ କରି ମାଟେଓ ଆର୍ନାଲ୍ଡି ଇଟାଲୀକୁ ପ୍ରଥମ ପଏଣ୍ଟ ଦେଇଥିଲେ। ଶନିବାର ସର୍ବିୟା ବିପକ୍ଷ ମ୍ୟାଚରେ ବିଶ୍ୱର ୪ ନମ୍ବର ଖେଳାଳି ସିନର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ନୋଭାକ ଜୋକୋଭିଚଙ୍କୁ ସିଙ୍ଗଲ୍ସରେ ପରାସ୍ତ କରିବା ସହ ଡବଲ୍ସରେ ବିଜୟ ହାସଲ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଇଟାଲୀକୁ ବିଜୟୀ କରାଇବା ଲାଗି ୨୨ ବର୍ଷୀୟ ଇଟାଲିଆନ ଖେଳାଳି ୧ ଘଣ୍ଟା ୨୧ ମିନିଟ ସମୟ ନେଇଥିଲେ। ମ୍ୟାଚ ପରେ ସିନର କହିଥିଲେ, ଆମେ ହେଉଛୁ ସମସ୍ତେ ଯୁବ କମ୍ ବୟସର ଖେଳାଳି। ମ୍ୟାଚ ଜିତିବାର କ୍ଷୁଧା ଆମ ନିକଟରେ ରହିଛି। ଏହି ବିଜୟରେ ସେ ଖୁବ୍ ଆନନ୍ଦିତ। ସିନର ସେପ୍ଟେମ୍ବରପରଠାରୁ ୯ଜଣ ଟପ୍ ଟେନ୍ ଖେଳାଳିଙ୍କୁ ହରାଇ ସାରିଲେଣି। ତେବେ ଏକ ସପ୍ତାହ ପୂର୍ବେ ସେ ଏଟିପି ଫାଇନାଲ୍ସରେ ଜୋକୋଭିଚ୍‌ଙ୍କଠାରୁ ହାରିଯାଇଥିଲେ।


ଡେଭିସ୍ କପ୍ ଟ୍ରଫି ସହ ଇଟାଲୀ ଦଳ।

# ଅକ୍ସିଡାଇଜ୍‌ଡ ଜ୍ୱେଲେରି ଫ୍ୟାଶନ

ସବୁ ପ୍ରକାର ଆଉଟ୍‌ଫିଟ୍ ସହ ମ୍ୟାଚ୍ କରିହେବା ସହିତ ଅପେକ୍ଷାକୃତ ଫ୍ୟାଶନେବଲ୍ ଲୁକ୍ ଦେଉଥିବାରୁ ଅକ୍ସିଡାଇଜ୍‌ଡ ଜ୍ୱେଲେରି ଏବେ ଫ୍ୟାଶନ ଦୁନିଆରେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...



କଲେ ଲୁକ୍ ଅଧିକ ମଡର୍ନ ଏବଂ ଷ୍ଟାଇଲିଶ ଲାଗିଥାଏ । ବିଭିନ୍ନ ଛୋଟ ଏବଂ ବଡ଼ ବିନ୍ଦୁ ଥିବା ଅକ୍ସିଡାଇଜ୍‌ଡ ଜ୍ୱେଲେରି ଯେକୌଣସି ଡ୍ରେସ୍ ସହ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ । ବିଶେଷକରି ଜିନ୍ସ ଏବଂ ଟି ଶାର୍ଟ ସାଙ୍ଗକୁ ଅକ୍ସିଡାଇଜ୍‌ଡ ଟ୍ରାଇବାଲ ନେକ୍‌ଲେସ୍ ବର୍ତ୍ତମାନ ଟ୍ରେଣ୍ଡରେ ଅଛି । ଡିଜାଇନ୍‌ର ଡ୍ରେସ୍ ସହ ବୋଲ୍ଡ ଟ୍ରାଇବାଲ୍ ନେକ୍‌ଲେସ୍ ଏବଂ ଲଙ୍ଗ୍ ଡ୍ୟାଙ୍ଗ୍‌ଲ ଇୟର ରିଂ ଏବଂ ବ୍ୟାଙ୍ଗଲ୍ ସୁନ୍ଦର ଲାଗିଥାଏ ।

▸ ବର୍ତ୍ତମାନ ଫ୍ୟାଶନେବଲ୍ ଲୁକ୍ ପାଇବା ପାଇଁ ଅଧିକାଂଶ ବ୍ଲେଜର ସହ ମଧ୍ୟ ଅକ୍ସିଡାଇଜ୍‌ଡ ଜ୍ୱେଲେରି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । କେହି କେହି ପତଳା ଚୋକର ତ ଆଉ କେହି ଲଙ୍ଗ୍ ଚେନ୍ ଡିଜାଇନ ଜ୍ୱେଲେରି ପିନ୍ଧୁଛନ୍ତି, ଯାହାକି ଅପେକ୍ଷାକୃତ ଆଇକ୍ୟାଚି ମଧ୍ୟ ଲାଗୁଛି । ଏସବୁ ପିନ୍ଧିବାକୁ ନ ଚାହୁଁଥିଲେ ବ୍ଲେଜର ସହ କେବଳ ଷ୍ଟେଟ୍‌ମେଣ୍ଟ ଅକ୍ସିଡାଇଜ୍‌ଡ ଇୟର କଫ୍ସ ବ୍ୟବହାର କରିପାରିବେ । ଏହା ଖୁବ୍ ଆକର୍ଷଣୀୟ ଏବଂ ଟ୍ରେଣ୍ଡି ଲୁକ୍ ଦେଇଥାଏ ।

▸ ଆଉଟ୍‌ଫିଟ୍ ଯେମିତି ହେଇଥାଉ ନା କାହିଁ ଏହା ସହ କିଛି ଟ୍ରେଣ୍ଡି ଜ୍ୱେଲେରିକୁ ପେୟାର ଅପ୍ କଲେ ତାହା ବେଶ୍ ଫ୍ୟାଶନେବଲ୍ ଲାଗିଥାଏ । ତେବେ ବର୍ତ୍ତମାନ ଏଭଳି ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି ଅକ୍ସିଡାଇଜ୍‌ଡ ଜ୍ୱେଲେରି । ଏହାକୁ ଶାଢ଼ି, ଚୁଡିଦାର ପଞ୍ଜାବି, ଲଙ୍ଗ୍ ଗାଉନ୍, ଲଙ୍ଗ୍ ଫ୍ରକ୍ ଆଦି ଭଳି ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି ।

▸ ଏହି ଜ୍ୱେଲେରିର ସବୁଠୁ ଖାସ୍ କଥା ହେଉଛି ଏହାକୁ ଯେକୌଣସି କଲର ଆଉଟ୍‌ଫିଟ୍ ସହ କ୍ୟାରିକଲେ ଭଲ ଲାଗିଥାଏ । ତେବେ ଗୋଲ୍ଡ, ସିଲ୍‌ଭର ବ୍ୟତୀତ ଅଳ୍ପ ଦାମ୍‌ରେ ମଧ୍ୟ ବର୍ତ୍ତମାନ ବିଭିନ୍ନ ଡିଜାଇନ୍‌ର ଅକ୍ସିଡାଇଜ୍‌ଡ ଜ୍ୱେଲେରି ମାର୍କେଟ୍‌ରେ ଉପଲବ୍ଧ ହେଉଥିବାରୁ ଏହାର ଡିମାଣ୍ଡ ଖୁବ୍ ବଢ଼ିବାରେ ଲାଗିଛି ।



▸ ଫ୍ୟାନ୍ସି ହେଉ ଅବା ଟ୍ରାଡିଶନାଲ ସବୁ ପ୍ରକାର ଶାଢ଼ିରେ ଏହାକୁ ପିନ୍ଧିଲେ ଭଲ ଲାଗିଥାଏ । ଯଦି ଶାଢ଼ିର ବ୍ଲାଉଜ୍ ୟୁ କିମ୍ବା ଭି ଶେପ୍‌ରେ ଅଛି ତେବେ ଚୋକର ଡିଜାଇନ ଜ୍ୱେଲେରି ଭଲ ଲାଗିଥାଏ । ୱାନ୍ ପ୍ଲିଟ୍ କରି ପିନ୍ଧିଥିବା ପାଟ, କଟନ ଭଳି ଟ୍ରାଡିଶନାଲ ଶାଢ଼ିରେ ଲଙ୍ଗ୍ ଅକ୍ସିଡାଇଜ୍‌ଡ ନେକ୍‌ଲେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ ।

▸ ୱେଷ୍ଟର୍ନ ଆଉଟ୍ ଫିଟ୍ ସହିତ ଏଭଳି ଜ୍ୱେଲେରିକୁ ପେୟାର

# ଶୀତରେ ବି ଫିଟ୍

ଧୀରେ ଧୀରେ କମୁଛି ତାପମାତ୍ରା ଆଉ ବଢୁଛି ଶୀତ। ଆଉ ଏହି ପାଣିପାଗ ପରିବର୍ତ୍ତନର ପ୍ରଭାବ ପଡୁଛି ଶରୀର ଉପରେ। ଏଥିପାଇଁ ତ୍ୱଚା ସମ୍ବନ୍ଧିତ ସମସ୍ୟାରୁ ଆରମ୍ଭ କରି ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏମିତିରେ ଏଦିନେ କେତେକ ଦିଗ ପ୍ରତି ଧ୍ୟାନଦେଲେ ମହିଳାମାନେ ନିଜ ସହ ପରିବାର ସଦସ୍ୟଙ୍କୁ ଫିଟ୍ ରଖିପାରିବେ...



**ରୁହନ୍ତୁ ହାଇଡ୍ରେଟ୍:** ଶୀତଦିନେ ଅନେକଙ୍କଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ଼, ହାତ, ଓଠ ଆଦି ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ । କେତେକଙ୍କଠାରେ ଶିରାପ୍ରଶିରା ସଙ୍କୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ । ଏସବୁକୁ ଏଡ଼ାଇବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆବଶ୍ୟକ ମାତ୍ରାରେ ପାଣି ପିଇବା । ଏହାଦ୍ୱାରା ଶରୀର ହାଇଡ୍ରେଟ୍ ରହିବ ଏବଂ ଏଭଳି ସମସ୍ୟା ଦେଖାଦେବ ନାହିଁ ।

**ସନ୍ତୁଳିତ ଖାଦ୍ୟ ଖାଆନ୍ତୁ:** ଥଣ୍ଡା ଥଣ୍ଡା ପାଗରେ ଗରମ ଚଟପଟା ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଆଦି ଅନେକଙ୍କୁ ଭଲ ଲାଗେ । ହେଲେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ । ଏଥିପାଇଁ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ବା କନ୍‌ଷ୍ଟିପେଶନ ସମସ୍ୟା ଦେଖାଦେଇଥାଏ । ତା'ଛଡ଼ା ଏଦିନେ ରୋଗ ପ୍ରତିରୋଧକ ଶକ୍ତି କମିଯିବାରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ । ତେଣୁ ଫିଟ୍‌ନେସ୍ ବଜାୟ ରଖିବା ଲାଗି ଏଭଳି ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ରଙ୍ଗୁଭିତିକ ସବୁଜ ପନିପରିବା, ଭିଟାମିନ୍ ସି ଯୁକ୍ତ ଫଳ ଯେପରି କମଳା, ଶାଗ ଏବଂ ଗାଇଘିଅକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।







ଦେହରେ ତେଲ ଏବଂ ମଶ୍ଚରାଇଜର ବ୍ୟବହାର କରିବା ବି ଗୁରୁତ୍ୱପୂର୍ଣ୍ଣ।

**କରନ୍ତୁ ଶାରୀରିକ ବ୍ୟାୟାମ:** ଶୀତରେ ସକାଳୁ ଉଠି ଥଣ୍ଡାରେ ଏକ୍ସରସାଇଜ୍ କରିବାକୁ ଅନେକଙ୍କୁ ଇଚ୍ଛା ହୋଇ ନ ଥାଏ। ଶାରୀରିକ ବ୍ୟାୟାମ ଅଭାବରୁ ମଧ୍ୟ ଏଦିନେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ପ୍ରତିଦିନ ମର୍ନିଂ ୱାକ୍, ଯୋଗ, ବ୍ୟାୟାମ କରନ୍ତୁ। ବିଶେଷକରି ଯେଉଁମାନଙ୍କର ଏସବୁ କରିବାର ଅଭ୍ୟାସ ରହିଛି ସେମାନେ ଆଳସ୍ୟ ଯୋଗୁ ଶୀତରେ ଆଦୌ ଏସବୁ ବନ୍ଦ କରିବା ଠିକ୍ ନୁହେଁ। ନଚେତ୍ ଆଣ୍ଠୁ ଗଣ୍ଠି ବ୍ୟଥା ସହ ଅନ୍ୟାନ୍ୟ ସମସ୍ୟା ଦେଖାଦେଇପାରେ।

**ଘରୋଇ ଚିକିତ୍ସା ଉପକାରୀ:** ଥଣ୍ଡା ପବନ ବାଜି ଏହିଦିନେ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦେଖାଯାଇଥାଏ। ତେଣୁ ଏହାକୁ ଏଡ଼ାଇବା ପାଇଁ ସବୁବେଳେ ଔଷଧ ଉପରେ ନିର୍ଭର ନ କରି କିଛି ଘରୋଇ ଚିକିତ୍ସା କଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ ଏବଂ ଏସବୁ ସମସ୍ୟାରୁ ଉପଶମ ମିଳିପାରିବ। ତେଣୁ କାଶ ହେଲେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ। ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ। ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ। ଏସବୁ ବ୍ୟତୀତ ବାହାରକୁ ଯିବା ସମୟରେ ଭଲ ଭାବେ ଶୀତବସ୍ତ୍ରରେ ଘୋଡ଼ାଇ ହୋଇ ଯାଆନ୍ତୁ।

**ତ୍ୱଚାର ନିଅନ୍ତୁ ବିଶେଷ ଯତ୍ନ:** ଏଦିନେ ଥଣ୍ଡା ପବନରେ ଶରୀର ଶୁଷ୍କ ହୋଇ ଫାଟିବା, କୁଣ୍ଡେଇ ହେବା ଆଦି ସମସ୍ୟା ଦେଖାଦିଏ। ଯାହାର ମୁଖ୍ୟ କାରଣ ହେଉଛି ଥଣ୍ଡାରୁ ରକ୍ଷା ପାଇବା ଲାଗି ଉଷୁମ ପାଣିରେ ଗାଧେଇବା। ତେଣୁ ଅଧିକ ଉଷୁମ ପାଣିରେ ନ ଗାଧେଇ ନର୍ମାଲ ପାଣିରେ ଗାଧାନ୍ତୁ ଏବଂ ତେଲ କିମ୍ବା ମଶ୍ଚରାଇଜର ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। ସେହିପରି ଏଦିନେ ଶୁଷ୍କ ହେବା, ରୁପି ହେବା ଏକ ବଡ଼ ସମସ୍ୟା ପାଲଟେ। ଏହାକୁ ଦୂରକରିବା ଲାଗି କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମାଲିସ କରନ୍ତୁ। ଭିଟାମିନ୍ ବି ୬, ଏ, ସି, ଇ ସହ ଜିଙ୍କ୍, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ।

**କୁହୁଡ଼ିରେ ନ ବାହାରିବା ଭଲ:** ଶୀତରେ ବାୟୁମଣ୍ଡଳରେ କୁହୁଡ଼ି(ଫଗ୍) ହେବା ସାଧାରଣ କଥା। ହେଲେ ଏହା ସାଙ୍ଗରେ ମିଶା ରହିଥିବା ଧୂଳିକଣାରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର, ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ ; ଯାହା ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ତେଣୁ ଯଥା ସମ୍ଭବ କୁହୁଡ଼ି ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ। ଆବଶ୍ୟକ ସ୍ଥଳେ ଫୁଲ୍ ଶୀତବସ୍ତ୍ର, ଫୁଲ୍ ଜୋତା, କ୍ୟାପ୍ ଆଦି ବ୍ୟବହାର କରନ୍ତୁ।

ସୌନ୍ଦର୍ଯ୍ୟ

# ଡ୍ରାଏ ସ୍କିନ୍‌ରୁ ମୁକ୍ତିଦେବ ଗ୍ଲିସେରିନ୍

ଶୀତଦିନେ ସ୍କିନ୍ ଡ୍ରାଏ ହୋଇଯିବା, ଓଠ ଫାଟିବା ଆଦି ସମସ୍ୟାକୁ ନେଇ ଅନେକେ ଚିନ୍ତାରେ ପଡ଼ିଯାଆନ୍ତି। ତେଣୁ ଏଦିନେ ତ୍ୱଚାକୁ ସୁନ୍ଦର ଏବଂ ମୁଲାୟମ ରଖିବା ଲାଗି ଆପଣଙ୍କ ପାଇଁ ଗ୍ଲିସେରିନ୍ ସବୁଠୁ ଉତ୍ତମ । ଜାଣିରଖନ୍ତୁ ଏହାକୁ କିପରି ବ୍ୟବହାର କରିବେ...



▸▸ଶୀତଦିନେ ତ୍ୱଚା ରୁକ୍ଷ ନ ହେବା ଲାଗି ଗ୍ଲିସେରିନ୍ ବ୍ୟବହାର ସବୁଠୁ ଭଲ । ଏହାକୁ ମଶ୍ଚରାଇଜର ଭାବେ ବ୍ୟବହାରକଲେ ତ୍ୱଚା ନରମ ଏବଂ ଚିକ୍କଣ ରହିଥାଏ । ଏଥିପାଇଁ ୨୦୦ମି.ଲି. ଗ୍ଲିସେରିନ୍ ସହ ୬-୭ଟି ଲେମ୍ବୁର ରସ, ୨୦୦ ମି.ଲି. ଗୋଲାପଜଳ ମିଶାଇ ମଶ୍ଚରାଇଜର ପ୍ରସ୍ତୁତ କରନ୍ତୁ। ଗାଧେଇ ସାରିବା ପରେ ଏବଂ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ , ସ୍କିନ୍ ସଫ୍ଟ ଲାଗିବ।

▸▸ଶୀତଦିନେ ଓଠ ନ ଫାଟିବା ଲାଗି ଗ୍ଲିସେରିନ୍ ବ୍ୟବହାର କରିବା ବେଶ୍ ଲାଭଦାୟକ। ଏହା ଓଠକୁ ମଶ୍ଚରାଇଜ୍ କରି ରଖିବା ସହ ଗୋଲାପି ମଧ୍ୟ କରିଥାଏ। ତେବେ ରାତିରେ ଶୋଇବା ପୂର୍ବରୁ ଅଳ୍ପ କ୍ଷୀର ସରରେ ଗ୍ଲିସେରିନ୍ ମିଶାଇ ଲଗାଇଲେ ଉପକୃତ ହେବେ।

▸▸ଶୀତଦିନ ଥଣ୍ଡା ପବନରେ ଆସି କେଶ ମଧ୍ୟ ଡ୍ରାଏ ହୋଇଯାଏ। ଏହାକୁ ପୁନର୍ବାର ନର୍ମାଲ କରିବାକୁ ଚାହୁଁଥିଲେ ଗ୍ଲିସେରିନ୍ ସହ ଆଲୋଭେରା ଜେଲ୍ ମିଶାଇ କେଶ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଭଲ ଭାବେ ଲଗାନ୍ତୁ। ୩୦ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଲେଖାଏ ଏପରି କଲେ କେଶ ମଜଭୁତ ହେବା ସହ ଚମକପ୍ରଦ ମଧ୍ୟ ହୋଇଥାଏ।

▸▸ଆଖି ତଳେ କଳାଦାଗ ଆରମ୍ଭ ହେଲେ ମୁହଁର ସୌନ୍ଦର୍ଯ୍ୟ କମିଯାଏ। ଏଥିପାଇଁ ଚିନ୍ତିତ ହେଉଥିଲେ ଗ୍ଲିସେରିନ୍ ଆପଣଙ୍କ ସମସ୍ୟାର ସମାଧାନ କରିପାରିବ। ରାତିରେ ଶୋଇବା ପୂର୍ବରୁ ତୁଳା କିମ୍ବା ଆଙ୍ଗୁଠିରେ ଗ୍ଲିସେରିନ୍ ନେଇ ଆଖି ଚାରିପଟେ ଭଲ ଭାବେ ଲଗାନ୍ତୁ। କିଛିଦିନ ଏପରି କଲେ ଆପଣଙ୍କ କଳାଦାଗ ସମସ୍ୟା ଦୂରହୋଇଯିବ।



ଖାଦ୍ୟରୁଚି

# ପିନ୍ନି

**ଆବଶ୍ୟକ ସାମଗ୍ରୀ:** ୧ କପ୍ ଗହମ ଅଟା, ଅଧା କପ୍ ଘିଅ, ୧ ବଡ଼ ଚାମଚ ସୁଜି, ୧ କପ୍ ଗୁଡ଼ ପାଉଡର, ୨ ବଡ଼ ଚାମଚ ଲେଖାଏ କାଜୁ, ପିସ୍ତା, ଆଲମଣ୍ଡ, କିସ୍‌ମିସ୍, ୧୫ ଗ୍ରାମ ଚାରୁ ମଗଜ, ୨ ବଡ଼ ଚାମଚ ଗୋନ୍ଦ, ଅଧା ଚାମଚ ସୁଣ୍ଠି ଗୁଣ୍ଡ, ଅଧା ଚାମଚ ଗୁଜୁରାତି ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କାଜୁ, ପିସ୍ତା, ଆଲମଣ୍ଡ ଆଦିକୁ ଅଳ୍ପ ଗ୍ରାଇଣ୍ଡକରି ଛୋଟ ଛୋଟ ଖଣ୍ଡ କରିଦିଅନ୍ତୁ। ସେହିପରି ଗୋନ୍ଦକୁ ବି ଅଳ୍ପ ଗ୍ରାଇଣ୍ଡ କରିଦିଅନ୍ତୁ। ପ୍ୟାନ୍‌ରେ ଘିଅ ଗରମ କରନ୍ତୁ। ସେଥିରେ କିସ୍‌ମିସ୍ ଏବଂ ଚାରୁମଗଜ ପକାଇ ଭାଜନ୍ତୁ। କିସ୍‌ମିସ୍ ଟିକେ ଫୁଲି ଆସିଲେ ସେଥିରେ ଖଣ୍ଡ ହୋଇଥିବା କାଜୁ, ପିସ୍ତା, ଆଲମଣ୍ଡ ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ଚୁଲା ବନ୍ଦକରି ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ଏବେ ପ୍ୟାନ୍‌ରେ ୨ ଚାମଚ ଘିଅ ଗରମକରି ସେଥିରେ ଗୋନ୍ଦ ପକାଇ ମିଡିଅମ ହିଟ୍‌ରେ ଭାଜନ୍ତୁ। ଅଠାଳିଆ କିମ୍ବା ବିଣ୍ଡା ହୋଇଗଲେ



ଆଉ ଅଳ୍ପ ଘିଅ ପକାଇ ଗୋଲ୍ଡେନ୍ କଲର ହେବା ଯାଏ ଭାଜନ୍ତୁ। ଚୁଲା ବନ୍ଦ କରି ଏହାକୁ ଡ୍ରାଏ ଫ୍ରୁଟ୍ସ ଥିବା ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ଏବେ ବଳକା ଥିବା ଘିଅକୁ ପ୍ୟାନ୍‌ରେ ପକାଇ ସୁଜିକୁ ଭାଜନ୍ତୁ। ସେଥିରେ ଅଟା ପକାଇ ବ୍ରାଉନ୍ କଲର ହେବା ଯାଏ ଭାଜନ୍ତୁ। ଧ୍ୟାନ ଦିଅନ୍ତୁ ଯେପରି ଏହା ଜଳି ନ ଯାଏ। ଏହାକୁ ଏକ କଣ୍ଟେନରରେ ବାହାରକରି ସେଥିରେ ପୂର୍ବରୁ ଭଜାଯାଇଥିବା ସାମଗ୍ରୀ ସହ ଗୁଜୁରାତି ଏବଂ ସୁଣ୍ଠି ଗୁଣ୍ଡ ପକାନ୍ତୁ। ସେଥିରେ ୧ କପ୍ ଗୁଡ଼ ପାଉଡର ପକାଇ ଭଲ ଭାବେ ମିଶାନ୍ତୁ। ହାତରେ ଅଳ୍ପ ଘିଅ ଲଗାଇ ଏହାକୁ ଗୋଲ ଗୋଲ ଲଡୁ ଆକାରରେ ଗଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ପିନ୍ନି। ଏହାକୁ ଏୟାର ଟାଇଟ୍ କଣ୍ଟେନରରେ ଅଧିକ ଦିନ ଷ୍ଟୋର କରିପାରିବେ।

# ପୁଷ୍ପା-୨ ପାଇଁ ପାରିଶ୍ରମିକ ନେଉନାହାନ୍ତି ଅଲ୍ଲୁ



**ମୁମ୍ବାଇ:** ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ବ୍ଲକବଷ୍ଟର ଫିଲ୍ମ 'ପୁଷ୍ପା: ଦି ରାଇଜ୍' ଅନେକ ସଫଳତା ପାଇଛି, ଯାହାର ପ୍ରଭାବ ଏବେ ବି ଦେଶ ଓ ବିଦେଶ ଦର୍ଶକଙ୍କ ମନରୁ କିମିନି। ଆଗକୁ ଅଲ୍ଲୁଙ୍କ ଫିଲ୍ମ 'ପୁଷ୍ପା-୨: ଦି ରୁଲ୍' ଆସିବାକୁ ଯାଉଛି, ଯାହାକୁ ଦର୍ଶକେ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିରହିଛନ୍ତି। ଏହି ଫିଲ୍ମର ଶୁଟିଂ ପ୍ରାୟ ସରିବାକୁ ବସିଲାଣି। ଏହା ମଧ୍ୟରେ ସିନେମାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୁହାଯାଉଛି କି ସୁକୁମାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମର ଦ୍ୱିତୀୟ ଭାଗ ପାଇଁ ଅଲ୍ଲୁ କୌଣସି ପାରଶ୍ରମିକ ନେଉନାହାନ୍ତି। କିନ୍ତୁ ସେ ନିର୍ମାତାଙ୍କ ସହ ଏପରି କିଛି ଡିଲ୍ କରିଛନ୍ତି, ଯେଉଁଥିପାଇଁ ସେ ସିନେମାରୁ କିଛି ଟଙ୍କା ରୋଜଗାର କରିପାରିବେ। ଫିଲ୍ମ ପାଇଁ ହୋଇଥିବା ଡିଲ୍‌ରେ ଫିଲ୍ମର ମୋଟ୍ ଆୟରୁ ଅଲ୍ଲୁ ୩୩ ପ୍ରତିଶତ ପାଇବେ। ତେବେ ଏହି ୩୩ ପ୍ରତିଶତ ଡିଲ୍ କେବଳ ସିନେମା ଘରର ଆୟ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ଓଟିଟି ରାଇଟ୍‌ସ, ସାଟେଲାଇଟ୍‌ସ ରାଇଟ୍ ଓ ଥିଏଟର ରାଇଟ୍ ସବୁକୁ ମିଶାଇ ଯାହା ହେବ ତାହାର ୩୩ ପ୍ରତିଶତ ରହିବ। ସିନେମାରେ ଅଲ୍ଲୁଙ୍କ ସହିତ ରଶ୍ମିକା ମନ୍ଦାନା, ଫହାଦ ଫାସିଲ, ଜଗପତି ବାବୁଙ୍କ ସହିତ ବହୁ କଳାକାର ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଅଲ୍ଲୁଙ୍କ ଏହି ଫିଲ୍ମ ଆସନ୍ତା ଅଗଷ୍ଟ ୧୫ରେ ପ୍ରେକ୍ଷାଳୟକୁ ଆସିବ।

# ବିମାନରେ ଝିଅର ବିବାହ କରି ସ୍ୱପ୍ନ ପୂରଣ କଲେ

**ନ୍ୟୁୟର୍କ:** ୟୁଏଇରେ ରହୁଥିବା ଜଣେ ଭାରତୀୟ ବ୍ୟବସାୟୀ ତାଙ୍କ ଝିଅର ବିବାହ ଏକ ଭିନ୍ନ ରୂପରେ କରିଛନ୍ତି, ଯାହା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ବିବାହ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୟୁଏଇସ୍ଥିତ ଭାରତୀୟ ବ୍ୟବସାୟୀ ଦିଲୀପ ପୋପ୍‌ଲେ ଗତ ୨୪ ତାରିଖରେ ଦୁବାଇର ଏକ ପ୍ରାଇଭେଟ୍ ଜେଟେକ୍ସ ବୋଇଂ ୭୪୭ ବିମାନରେ ତାଙ୍କ ଝିଅଙ୍କର ବିବାହ କରାଇଛନ୍ତି।' ରିପୋର୍ଟ ମୁତାବକ, ଏହି ବିବାହ ମୋଡିଫାଏଡ୍ ୭୪୭ ବିମାନରେ ହୋଇଛି। ବରକନ୍ୟାଙ୍କ ସହିତ ସମ୍ପର୍କୀୟଙ୍କୁ ଦୁବାଇରୁ ଓମାନ୍ ଆସିବାକୁ ୩ ଘଣ୍ଟାର ଯାତ୍ରା କରିବାକୁ ପଡ଼ିଥିଲା। ଏହି ୩ ଘଣ୍ଟାର ଯାତ୍ରାରେ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ପୋପ୍‌ଲେ କହିଛନ୍ତି, ସେ ସବୁବେଳେ ତାଙ୍କ ଝିଅଙ୍କ ଏପରି ବିବାହର ଲାଗି ସ୍ୱପ୍ନ ଦେଖିଥିଲେ। ପୋପ୍‌ଲେ ମଧ୍ୟ ୧୯୯୪ରେ ଏୟାର ଇଣ୍ଡିଆର ଏକ ବିମାନରେ ବିବାହ କରିଥିଲେ, ଯାହାର ଆୟୋଜନ ତାଙ୍କ ବାପା ଲକ୍ଷ୍ମଣ ପୋପ୍‌ଲେ କରିଥିଲେ।












































# କ୍ରମ୍ପଟନ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୭।୧୧

କ୍ରମ୍ପଟନ୍ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଲାଇଟ 'ଡେକୋ ବାଟନ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଉତ୍ପାଦର ଗୁଣାତ୍ମକତା ଓ ବିଶ୍ୱାସରେ ବ୍ରାଣ୍ଡ୍‌ର ପ୍ରତିବଦ୍ଧତା ରହିଛି। ଏପରିକି ନୂତନ କ୍ରମ୍ପଟନ୍ ଡେକୋ ବାଟନ ଲାଇଟର 'ଆଳଙ୍କାରିକ ଆଲୋକୀକରଣ' କରୁଥିବା ଶୈଳୀ, ଡିଜାଇନ ଓ ଉଚ୍ଚତର କାର୍ଯ୍ୟଦକ୍ଷତା ସହିତ ଗ୍ରାହକଙ୍କର ସାଜସଜ୍ଜାର ଦୃଷ୍ଟି ଆକର୍ଷଣ କରୁଥିବା ଏକ ବାତାବରଣ ସୃଷ୍ଟିର ମିଶ୍ରଣ ଗ୍ରାହକଙ୍କର ବାସସ୍ଥାନରେ ଆମୂଳଚୂଳ ପରିବର୍ତ୍ତନ କରିବା ପାଇଁ ଏହା ପ୍ରସ୍ତୁତ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡର ଉପାଧ୍ୟକ୍ଷ ତଥା ବ୍ୟବସାୟ ମୁଖ୍ୟ (ଆଲୋକୀକରଣ) ଶାଲୀନ ନାୟକ କହିଥିଲେ, ଘରର ଆଧୁନିକୀକରଣ କ୍ଷେତ୍ରରେ ଆଲୋକୀକରଣ ଏକ ଅଭିନ୍ନ ଅଙ୍ଗ ହୋଇଯାଇଛି, ଏହା ନା କେବଳ କିଛି ସ୍ଥାନକୁ ଆଲୋକିତ କରିବା ପାଇଁ ନୁହେଁ ବରଂ ବ୍ୟକ୍ତିଗତ ଶୈଳୀ ଓ ସାମଗ୍ରିକ ଉନ୍ନତ ସାଜସଜ୍ଜାକୁ ପ୍ରତିଫଳିତ କରୁଥିବା ଏକ ମନୋଦଶା ମଧ୍ୟ ସୃଷ୍ଟି କରିଥାଏ।

# ଓଡ଼ିଶା ବଜାରରେ ଜେନିଭିସ ରିମେଡିସ



ଭୁବନେଶ୍ୱର,୨୭।୧୧ (ଅଭୟ ଦାଶ)

ଦେଶର ଅଗ୍ରଣୀ ଜେନେରିକ ଔଷଧ ଉତ୍ପାଦନକାରୀ କମ୍ପାନୀ ଜେନିଭିସ ରିମେଡିସ (ଆଇ) ପ୍ରାଇଭେଟ ଲିମିଟେଡ ତା'ର ଉତ୍ପାଦ (ଔଷଧ)ଗୁଡ଼ିକୁ ସୋମବାର ଆନୁଷ୍ଠାନିକ ଭାବେ ଓଡ଼ିଶା ବଜାରରେ ପ୍ରବେଶ କରାଇବା ସହିତ କମ୍ପାନୀର ରାଜ୍ୟ କାର୍ଯ୍ୟାଳୟ ଓ ଏକ୍ସକ୍ଲୁସିଭ ଆଉଟଲେଟ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଶ୍ରୀ ସାଇ ସମୃଦ୍ଧି ହେଲ୍‌ଥ କେୟାର ଆନୁକୂଲ୍ୟରେ କମ୍ପାନୀର ପ୍ରଥମ ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ଜୟଦେବ ବିହାରଠାରେ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେନିଭିସ ରିମେଡିସ (ଆଇ) ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ସିଇଓ ଏବଂ ନିର୍ଦ୍ଦେଶକ ସନ୍ତୋଷ ଶେଡ୍‌ଗେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ପାନୀର ଏକ୍ସକ୍ଲୁସିଭ ଆଉଟଲେଟକୁ ଉଦ୍‌ଘାଟନ କରିବା ସହିତ ରାଜ୍ୟ କାର୍ଯ୍ୟାଳୟ ଓ ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନିଭିସ ରିମେଡିସର ବିଜ୍‌ନେସ ପାର୍ଟନର ତଥା ଷ୍ଟେଟ ହେଡ୍ ଓଡ଼ିଶା ଅଶ୍ୱିନୀ କୁମାର ଖଡଙ୍ଗା, ସାମାଜିକ କର୍ମୀ ସୁରେଶ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଜିଠାରୁ ଉତ୍କଳ ଫାବ୍ ଫେଷ୍ଟିଭାଲ

**ଭୁବନେଶ୍ୱର,୨୭।୧୧:** ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଏକ ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଉତ୍କଳ ଫାବ୍ ଫେଷ୍ଟିଭାଲ-୨୦୨୩' ଭୁବନେଶ୍ୱରର ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ମଙ୍ଗଳବାରଠାରୁ ଆୟୋଜିତ ହେବ। ବିଶେଷକରି ଉକ୍ତ ଫେଷ୍ଟିଭାଲ ଜରିଆରେ ଓଡ଼ିଶାକୁ ଏକ ଲୋଭନୀୟ ଅନ୍ତର୍ଜାତୀୟ ଫାବ୍ ଲାବ୍ ନେଟୱର୍କରେ ସ୍ଥାନିତ କରିବା ସହିତ ଅତ୍ୟାଧୁନିକ ଏବଂ ବିଶ୍ୱସ୍ତରର ସର୍ବ-ଅନ୍ତର୍ଭୁକ୍ତ ଫାବ୍ ସିଟିର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ କହିଛନ୍ତି, ଆମେ ଏକ ୨ ଦିନିଆ ଫେଷ୍ଟିଭାଲ ଆୟୋଜନ କରୁଛୁ। ଏପରିକି ଫାବ୍ ଫାଉଣ୍ଡେଶନ ଏବଂ ଫାବ୍ ସିଟି ଫାଉଣ୍ଡେଶନର ପ୍ରତିନିଧିଙ୍କୁ ସ୍ୱାଗତ କରିବାକୁ ଷ୍ଟାର୍ଟଅପ୍ ଓଡ଼ିଶା ଅପେକ୍ଷା କରିଛି। ଏପରିକି ଆଗକୁ ଯାଉଥିବା ସହଯୋଗୀ ଉଦ୍ୟମକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଡିଜିଟାଲ୍ ଫ୍ୟାବ୍ରିକେସନ୍‌ର ପରିବର୍ତ୍ତନଶୀଳ ଶକ୍ତି, ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଗ୍ଲୋବାଲ୍ ଫାବ୍ ନେଟୱର୍କ ସହିତ ଏକୀକରଣ ଦ୍ୱାରା ଷ୍ଟାର୍ଟଅପ୍ ଇକୋସିଷ୍ଟମର ଗତିଶୀଳ ଅଭିବୃଦ୍ଧି ପାଇଁ ଏହା ବାଟ ଖୋଲିବ। ଉତ୍କଳ ଫାବ୍ ଫେଷ୍ଟିଭାଲ-୨୦୨୩ର ରଣନୈତିକ ସହଯୋଗ ପାଇଁ ସ୍ୱର ସ୍ଥିର କରିବା ସହ ଏହା ଏକ ଅଗ୍ରଣୀ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ଏବଂ ମୁଁ ନିଶ୍ଚିତ ଯେ ଆମର ସାମୂହିକ ପ୍ରୟାସ ଓଡ଼ିଶା ରାଜ୍ୟର ବିଶ୍ୱସ୍ତରୀୟ ଡିଜିଟାଲ୍ ନବସୃଜନର ବିକାଶ ଏବଂ ବିସ୍ତାର ଦିଗରେ ଫେଷ୍ଟିଭାଲ ବିଶେଷ ଅବଦାନ ଦେବ।











'ଧରିତ୍ରୀ'ର
୫୦ତମ ଜନ୍ମବାର୍ଷିକୀ
ଅବସରରେ ଅଗଣିତ
ପାଠକ ପାଠିକା,
ନୟାଗଡ଼ ଜିଲ୍ଲାର
ଜନସାଧାରଣଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।
ଜଣେ ଶୁଭେଚ୍ଛୁ







'ଧରିତ୍ରୀ'ର
୫୦ତମ ଜନ୍ମବାର୍ଷିକୀରେ ଅଗଣିତ
ପାଠକ ପାଠିକା, ନୟାଗଡ଼ ଜିଲ୍ଲାର
ଜନସାଧାରଣଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।
ସେବା, ନୟାଗଡ଼















ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୮/୨୦୨୩ Bhubaneswar, Tuesday, November 28/ 2023

# ରସାନନ୍ଦ-ମନୋଜ ଯୋଡ଼ି ପ୍ରଥମ



ସୋନପୁର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଆୟୋଜିତ ନୌଚାଳନା ପ୍ରତିଯୋଗିତା ।

### ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା

ସୋନପୁର,୨୭।୧୧
(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱଚ୍ଛ, ସୁସ୍ଥ ଓ ସବୁଜ ମହାନଦୀ ବାର୍ତ୍ତା ନେଇ ପ୍ରତିବର୍ଷ ଭଳି ଚଳିତ ଥର ସୋନପୁର ସହର ତେନ୍ତୁଳିଘାଟସ୍ଥିତ ଭାଗବତ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା ସୋମବାର ଆୟୋଜିତ ହୋଇଥିଲା। ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ଆୟୋଜିତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ବୌଦ୍ଧ ଓ ଅନୁଗୋଳ ଜିଲାରୁ ୩୬ ଯୋଡି ପ୍ରତିଯୋଗୀ ଭାଗ ନେଇଥିଲେ । ବରଗଡ ଜିଲା ଡୁରୁମ୍‌ର ରସାନନ୍ଦ ତରିଆ ଓ ମନୋଜ ପାଣ୍ଡେ ଯୋଡି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସମ୍ବଲପୁରର ରାଧେଶ୍ୟାମ ମହାଳିକ ଓ ପ୍ରଦୀପ ବାଘ ଦ୍ୱିତୀୟ ଏବଂ ବୌଦ୍ଧ ତେନ୍ତୁଳିପାଲିର ମୁକେଶ ବେହେରା ଓ ପ୍ରମୋଦ ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ୱିତା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୟନିକାର ସଭାପତି ପ୍ରକାଶ ମେହେର, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର କୁମାର ନାଏକ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ଚକ୍ରାୟୁଧ ନାଏକ, ପ୍ରଭାତ ଦାନୀ ଓ ସୀତାରାମ ମହାପାତ୍ର ଯୋଗଦାନ କରିଥିଲେ । ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ପାଠାଗାର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସମ୍ପାଦକ ପବିତ୍ର କୁମାର ସାହୁ, କୋଷାଧ୍ୟକ୍ଷ ବୃଷଭ ବୁଡେକ, ସଭ୍ୟ ବୈଦ୍ୟନାଥ ସାହୁ, ମୁନା ବାରିକ, ସିଦ୍ଧାର୍ଥ କୁମାର ସାହୁ, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ନାଏକ, ଚନ୍ଦନ ସେଠୀ ଓ ଲିଙ୍କୁ ସେଠୀ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ସଞ୍ଜୟ କୁମାର ସାହୁ ରେଫରି ଦାୟିତ୍ୱ ତୁଲାଇଥିଲେ ।

# ଓଡ଼ିଶାରେ ଅଲ୍ଟିମେଟ ଖୋ ଖୋ

■ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜନ ହେବ
■ ଡିସେମ୍ବର ୨୪ରେ ଆରମ୍ଭ, ୨୦୨୪ ଜାନୁୟାରୀ ୧୩ରେ ଶେଷ

ଭୁବନେଶ୍ୱର, ୨୭।୧୧
(ତପନ ସ୍ୱାଇଁ)

ସ୍ୱଦେଶୀ କ୍ରୀଡ଼ା ଖୋ ଖୋ'ର ରୋମାଞ୍ଚ ଖୁବ୍‌ଶୀଘ୍ର ଓଡ଼ିଶାରେ ଦେଖିବାକୁ ମିଳିବ। କାରଣ ଅଲ୍ଟିମେଟ ଖୋ ଖୋ (ୟୁକେକେ)ର ଦ୍ୱିତୀୟ ସଂସ୍କରଣ ଏଠାରେ ଆୟୋଜନ ହେବ। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ଡିସେମ୍ବର ୨୪ରେ ଏହା ଆରମ୍ଭ ହୋଇ ୨୦୨୪ ଜାନୁୟାରୀ ୧୩ରେ ଶେଷ ହେବ। ଗତବର୍ଷ ଏହାର ପ୍ରଥମ ସଂସ୍କରଣ ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାଭିତ୍ତିକ ଦଳ ଓଡ଼ିଶା ଜଗରନଟ୍ସ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ''ଓଡ଼ିଶାରେ ଆମେ ଅଲ୍ଟିମେଟ ଖୋ ଖୋ'ର ୨ୟ ସଂସ୍କରଣର ଆୟୋଜନ କରିବା ପାଇଁ ଖୁବ୍ ଉତ୍ସାହିତ ଅଛୁ। ଓଡ଼ିଶାର ଯୁବପିଢ଼ି ବହୁମାତ୍ରାରେ ଖୋ ଖୋ ଖେଳିବା ସହ ଏହାକୁ ଅନୁସରଣ କରିଥାନ୍ତି। ଏଠାରେ ଦ୍ୱିତୀୟ ସଂସ୍କରଣ ଆୟୋଜନ ହେବାକୁ ଯାଉଥିବାରୁ ରାଜ୍ୟବାସୀଙ୍କୁ ଏହା ଚମତ୍କାର ଖେଳର ପ୍ରତ୍ୟକ୍ଷ ଅନୁଭୂତି ପାଇବା ପାଇଁ ଏକ ସୁଯୋଗ ଦେବ ଏବଂ ସେମାନଙ୍କୁ ଏହି ଖେଳ ଖେଳିବା ଓ ଏହାକୁ ଅନୁସରଣ କରିବା ପାଇଁ ଅନୁପ୍ରାଣିତ କରିବ। ଆମେ ସିଜନ-୨କୁ ସଫଳତାରେ ପରିଣତ କରିବା ପାଇଁ ପ୍ରତିବଦ୍ଧ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି।

ସ୍ୱଦେଶୀ କ୍ରୀଡ଼ା ଖୋ ଖୋ'କୁ ପୁନର୍ଜୀବିତ ଓ ପ୍ରୋତ୍ସାହିତ କରିବା ପାଇଁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନଙ୍କ ଦ୍ୱାରା ପ୍ରୋତ୍ସାହିତ ୟୁକେକେ ଅଧିକ ନିୟୋଜିତ ଶୈଳୀରେ ଆୟୋଜନ ହେବାକୁ ଯାଉଛି। ଏ ସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋ'ର ସିଇଓ ତଥା ଲିଗ୍ କମିଶନର୍ ତେନ୍‌ଜିଂ ନିୟୋଗୀ କହିଛନ୍ତି ଯେ, ''ସିଜନ-୨ ଆୟୋଜନ ପାଇଁ ସହାୟତାର ହାତ ବଢ଼ାଇଥିବାରୁ ଆମେ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞ। ଉଦ୍‌ଘାଟନୀ ସଂସ୍କରଣର ଚମତ୍କାର ସଫଳତା ବ୍ରାଣ୍ଡଗୁଡ଼ିକୁ ବହୁମାତ୍ରାରେ ଆକର୍ଷିତ କରିଥିଲା ଏବଂ ଆମକୁ ନୂଆ ସହଯୋଗୀ ହାସଲ କରିବାରେ ସାହାଯ୍ୟ କରିଥିଲା। ସିଜନ-୨ ଭବିଷ୍ୟତର ସୁପରଷ୍ଟାରଙ୍କୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି''। ଏକ ଘରୋଇ ଇକ୍ୱିଟି ଇନ୍‌ଭେଷ୍ଟମେଣ୍ଟ ଫାର୍ମ ଫିନ୍‌ନେଷ୍ଟ (ଏକ ବିଏନ୍‌ପି ଗ୍ରୁପ୍ କମ୍ପାନୀ) ସ୍ୱଦେଶୀ ବିକାଶର କାହାଣୀକୁ ସୁଦୃଢ଼ କରିବା ପାଇଁ ଅଲ୍ଟିମେଟ ଖୋ ଖୋ'ରେ ନିବେଶ କରିଥିଲା। ଏ ସମ୍ପର୍କରେ ବିଏନ୍‌ପି ଗ୍ରୁପ୍‌ର ପ୍ରତିଷ୍ଠାତା ଓ ଅଧକ୍ଷ ବିଶ୍ୱନାଥ ପଟ୍ଟନାୟକ କହିଛନ୍ତି ଯେ, ସ୍ୱଦେଶୀ କ୍ରୀଡ଼ାକୁ ପୁନର୍ଜୀବିତ କରିବା ପାଇଁ ଏହି ଆନ୍ଦୋଳନର ଏକ ଅଂଶ ହୋଇଥିବାରୁ ବିଏନ୍‌ପି ଖୁବ୍ ଉତ୍ସାହିତ। ୟୁକେକେ ହେଉଛି ଆମର ବର୍ଦ୍ଧିତ ସ୍ପୋର୍ଟ୍ସ ଇନ୍‌ଭେଷ୍ଟମେଣ୍ଟ ପ୍ରୋଫାଇଲର ଏକ ଅଂଶବିଶେଷ।

'ଦେଶ୍ କେମିଟି କା ଖେଲ୍' ଭାବେ ୟୁକେକେକୁ ପ୍ରଥମ ସଂସ୍କରଣରେ ଅଭୁତପୂର୍ବ ସଫଳତା ମିଳିଥିଲା। ଟିଭି ଦର୍ଶକ ଦୃଷ୍ଟିରୁ ଏହା ତୃତୀୟ ସର୍ବାଧିକ ଅଣକ୍ରିକେଟ ଲିଗ୍‌ଭାବେ ଉଭା ହୋଇଥିଲା। ଅଲ୍ଟିମେଟ ଖୋ ଖୋ ସିଜନ-୨ରେ ଭାରତର ଶୀର୍ଷ ୧୪୫ ଖେଳାଳି ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଯୁବ ପ୍ରତିଭାଙ୍କ ବୟସ ୧୬ରୁ ୧୮ ବର୍ଷ। ୬ଟି ଫ୍ରାଞ୍ଚାଇଜ୍ ଦଳ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ (ଓଡ଼ିଶା ସରକାରଙ୍କ ମାଲିକାନା), ଚେନ୍ନାଇ କୁଇକ୍ ଗନ୍‌ସ (କେଏଲ୍‌ଓ ସ୍ପୋର୍ଟ୍ସ), ଗୁଜରାଟ ଜାଏଣ୍ଟ୍ସ (ଅଦାନି ସ୍ପୋର୍ଟ୍ସଲାଇନ୍), ମୁମ୍ବାଇ ଖିଲାଡିଜ୍ (ଜାହ୍ନବୀ ଧରିୱାଲ ବାଲାନ, ପୁନିତ ବାଲାନ ଓ ବାଦଶାହ), ରାଜସ୍ଥାନ ୱାରିୟର୍ସ (କାପ୍ରି ଗ୍ଲୋବାଲ ଗ୍ରୁପ୍) ଓ ତେଲୁଗୁ ଯୋଦ୍ଧାସ (ଜିଏମ୍‌ଆର୍ ସ୍ପୋର୍ଟ୍ସ) ୨ୟ ସିଜନରେ ଟାଇଟଲ ପାଇଁ ଲଢ଼େଇ କରିବେ।



ପୁଣେରେ ଅନୁଷ୍ଠିତ ସିଜନ-୧ ଅବସରରେ ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ମୁକାବିଲା।

# ଟାଇଟନ୍ସର ନୂଆ ଅଧିନାୟକ ଗିଲ୍



ଶୁବମନ ଗିଲ୍

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସକୁ ଯିବା ପରେ ଶୁବମନ ଗିଲ୍‌ଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତି ଦେଇଛି ଗୁଜରାଟ ଟାଇଟନ୍ସ। ସୋମବାର ଗିଲ୍‌ଙ୍କୁ ଆସନ୍ତା ୨୦୨୪ ସିଜନ ପାଇଁ ଅଧିନାୟକ ଘୋଷଣା କରାଯାଇଛି। କ୍ୟାଶ୍ ଟ୍ରେଡ୍‌ରେ ହୋଇଥିବା ଡିଲ୍‌ରେ ଗୁଜରାଟ ଟାଇଟନ୍ସ ହାର୍ଦ୍ଦିକଙ୍କ ମୂଲ୍ୟ ୧୫ କୋଟି ଟଙ୍କା ଗୁଜରାଟଠାରୁ ପାଇଥିଲା। ଏହା ବାଦ ଏକ ଅଘୋଷିତ ମୂଲ୍ୟର ଅର୍ଥ ମିଳିଥିଲା, ଯାହାର କିଛି ଅଂଶ ହାର୍ଦ୍ଦିକଙ୍କ ଖାତାକୁ ଯିବ। ତେବେ ଭାରତୀୟ ଟି୨୦ ଦଳର ଅଧିନାୟକ ପାଣ୍ଡ୍ୟା ଦଳ ଛାଡ଼ିବା ପରେ ଶୁବମନ ଗିଲ୍‌ଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଛି। ଗତ ସିଜନର ଅରେଞ୍ଜ କ୍ୟାପ୍ ହାସଲକାରୀ ଗିଲ୍ ୮୯୦ ରନ୍ ସ୍କୋର କରିଥିଲେ। ଫଳରେ ୨୪ ବର୍ଷୀୟ ଓପନିଂ ବ୍ୟାଟରଙ୍କୁ ଗୁଜରାଟର ଅଧିନାୟକ ଦାୟିତ୍ୱ ମିଳିଛି। ଏହା ପରେ ଗିଲ୍ ଟୁଇଟ୍ କରି ଫ୍ରାଞ୍ଚାଇଜକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମ ଥର ପାଇଁ ଅଧିନାୟକ ଦାୟିତ୍ୱ ମିଳିଥିବାରୁ ମୁଁ ଅତ୍ୟନ୍ତ ଖୁସି ଓ ମୋ ଉପରେ ଭରସା ଦେଖାଇଥିବାରୁ ଟାଇଟନ୍ସ ଫ୍ରାଞ୍ଚାଇଜକୁ ଧନ୍ୟବାଦ ଜଣାଉଛି। ଦୁଇଟି ଯାକ ସିଜନରେ ଆମର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ଏହାକୁ ଆଗକୁ ନେବାକୁ ମୁଁ ଚେଷ୍ଟା କରିବି ବୋଲି ଟୁଇଟ୍ କରିଥିଲେ ଗିଲ୍।

ଅନ୍ୟପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟା ଟୁଇଟ କରି ନିଜର ଭାବାବେଗ ଜାହିର କରିଛନ୍ତି। ଏକାଧିକ ସ୍ୱର୍ଣ୍ଣିମ ସ୍ମୃତିକୁ ଆଉଥରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁମ୍ବାଇ, ୱାଙ୍ଖେଡେ ଓ ପଲଟନ୍ ବୋଲି ଲେଖିବା ସହିତ ଏକ ଭିଡିଓ ମେସେଜ୍ ମଧ୍ୟ ଶେୟାର କରିଥିଲେ। ଗୁଜରାଟ ଟିମ୍ ଡିରେକ୍ଟର ବିକ୍ରମ ସୋଲାଙ୍କି ମଧ୍ୟ ପାଣ୍ଡ୍ୟାଙ୍କୁ ପ୍ରଶଂସା କରିଛନ୍ତି। ଅଧିନାୟକ ଭାବେ ପାଣ୍ଡ୍ୟା ଆମକୁ ଦୁଇଟି ଚମତ୍କାର ସିଜନ ପ୍ରଦାନ କରିଛନ୍ତି। ନିଜ ପୂର୍ବ ଫ୍ରାଞ୍ଚାଇଜ୍‌କୁ ଫେରିବାକୁ ହାର୍ଦ୍ଦିକଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ ଜଣାଇଛୁ। ତେବେ ଗିଲ୍ ଫ୍ରାଞ୍ଚାଇଜ୍‌ର ସଫଳତାକୁ ଦୋହରାଇବାରେ ସମର୍ଥ ହେବେ ବୋଲି କହିଛନ୍ତି ସୋଲାଙ୍କି।

## ଆଇପିଏଲ୍-୨୦୨୪

### ଖେଳାଳି ରିଟେନଶନ, ରିଲିଜ ପରେ କାହା ପାଖରେ କେତେ ଅର୍ଥ

**ଆଇପିଏଲ୍-୨୦୨୪ ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଖେଳାଳି ଟ୍ରେଡ୍, ରିଟେନ ଏବଂ ରିଲିଜ ପ୍ରକ୍ରିୟା ଶେଷ କରିଛନ୍ତି। ଏବେ ଖେଳାଳି ନିଲାମ ପାଇଁ କେଉଁ ଫ୍ରାଞ୍ଚାଇଜ୍ ନିକଟରେ କେତେ ଅର୍ଥ ରହିଲା ତାହାକୁ ନେଇ ଏହି ରିପୋର୍ଟ...**

➤**ମୁମ୍ବାଇ ଇଣ୍ଡିଆନ୍ସ:** ଅର୍ଥ ରହିଲା-୧୭.୭୫ କୋଟି, ସ୍ଲଟ ଉପଲବ୍ଧ-୮, ବିଦେଶୀ ଖେଳାଳି-୪।

➤**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ଅର୍ଥ ରହିଲା-୨୩.୨୫ କୋଟି, ସ୍ଲଟ ଉପଲବ୍ଧ-୬, ବିଦେଶୀ ଖେଳାଳି-୩।

➤**କୋଲକାତା ନାଇଟ ରାଇଡର୍ସ:** ଅର୍ଥ ରହିଲା-୩୩.୦୭ କୋଟି, ସ୍ଲଟ ଉପଲବ୍ଧ-୧୨, ବିଦେଶୀ ଖେଳାଳି-୪।

➤**ଗୁଜରାଟ ଟାଇଟନ୍ସ:** ଅର୍ଥ ରହିଲା-୩୮.୧୫ କୋଟି, ସ୍ଲଟ ଉପଲବ୍ଧ-୮, ବିଦେଶୀ ଖେଳାଳି-୨।

➤**ଚେନ୍ନାଇ ସୁପର କିଙ୍ଗ୍ସ:** ଅର୍ଥ ରହିଲା-୩୧.୦୪ କୋଟି, ସ୍ଲଟ ଉପଲବ୍ଧ-୬, ବିଦେଶୀ ଖେଳାଳି-୩।

➤**ସନ୍ ରାଇଜର୍ସ ହାଇଦ୍ରାବାଦ:** ଅର୍ଥ ରହିଲା-୩୪ କୋଟି, ସ୍ଲଟ ଉପଲବ୍ଧ-୬, ବିଦେଶୀ ଖେଳାଳି-୩।

➤**ପଞ୍ଜାବ କିଙ୍ଗ୍ସ:** ଅର୍ଥ ରହିଲା-୨୯.୦୧ କୋଟି, ସ୍ଲଟ ଉପଲବ୍ଧ-୮, ବିଦେଶୀ ଖେଳାଳି-୨।

➤**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ:** ଅର୍ଥ ରହିଲା-୧୩.୧୫ କୋଟି, ସ୍ଲଟ ଉପଲବ୍ଧ-୬, ବିଦେଶୀ ଖେଳାଳି-୨।

➤**ରାଜସ୍ଥାନ ରୟାଲ୍ସ:** ଅର୍ଥ ରହିଲା-୧୪.୦୫ କୋଟି, ସ୍ଲଟ ଉପଲବ୍ଧ-୮, ବିଦେଶୀ ଖେଳାଳି-୩।

➤**ଦିଲ୍ଲୀ କ୍ୟାପିଟାଲ୍ସ:** ଅର୍ଥ ରହିଲା-୨୮.୯୫ କୋଟି, ସ୍ଲଟ ଉପଲବ୍ଧ-୯, ବିଦେଶୀ ଖେଳାଳି-୪।

## ହାର୍ଦ୍ଦିକଙ୍କୁ ମୁମ୍ବାଇ ପଲଟନ୍‌ର ସ୍ୱାଗତ



ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ ନୀତା ଅମ୍ବାନୀଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା।

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ପୂର୍ବତନ ଖେଳାଳି ତଥା ଗୁଜରାଟ ଟାଇଟନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ମାଲିକ ନୀତା ଅମ୍ବାନୀ ଓ ଆକାଶ ଅମ୍ବାନୀ। ଘରକୁ ଫେରିଥିବାରୁ ଆମେ ହାର୍ଦ୍ଦିକଙ୍କୁ ସ୍ୱାଗତ କରୁଛୁ ବୋଲି ଉଭୟ କହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ପରିବାର ସହିତ ହାର୍ଦ୍ଦିକ ଆଉ ଥରେ ଯୋଗ ଦେଉଥିବାରୁ ଏହା ଏମ୍‌ଆଇ ପଲଟନ ପାଇଁ ଖୁସିର ବିଷୟ ବୋଲି ଉଭୟ ମତ ଦେଇଛନ୍ତି। ଜଣେ ଯୁବ ଖେଳାଳି ଭାବରେ ହାର୍ଦ୍ଦିକ ମୁମ୍ବାଇ ଦଳରେ ଯୋଗ ଦେଇଥିବା ବେଳେ ବର୍ତ୍ତମାନ ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି ପାଲଟି ଯାଇଛନ୍ତି। ଦଳ ସହିତ ତାଙ୍କ ଭବିଷ୍ୟତକୁ ନେଇ ଆମେ ଉତ୍ସାହିତ ବୋଲି କହିଛନ୍ତି ନୀତା ଅମ୍ବାନୀ। ହାର୍ଦ୍ଦିକ ଦଳକୁ ଆସିବା ଦ୍ୱାରା ଅଲରାଉଣ୍ଡର ସ୍ଥାନରେ ଏକ ସନ୍ତୁଳନ ମିଳିବ ବୋଲି ମତ ଦେଇଛନ୍ତି ଆକାଶ ଅମ୍ବାନୀ। ପ୍ରଥମ ଥରରେ ହାର୍ଦ୍ଦିକ ମୁମ୍ବାଇକୁ ବେଶ୍ ସଫଳ କରିଥିବା ବେଳେ ଦ୍ୱିତୀୟ ଥରରେ ମଧ୍ୟ ସମାନ ସଫଳତା ଦୋହରାଇବେ ବୋଲି ଆକାଶ ମତ ଦେଇଛନ୍ତି।

# ଗୋଆକୁ ୩ ପଏଣ୍ଟ ଦେଲେ ରୋଡ୍ରିଗ୍ୱେଜ

ଫତୋର୍ଦ୍ଦା, ୨୭।୧୧

ସୁପର ସବ୍ ଭିକ୍ଟର ରୋଡ୍ରିଗ୍ୱେଜଙ୍କ ଗୋଲ ବଳରେ ଏଫ୍‌ସି ଗୋଆ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ସୋମବାର ୩ ପଏଣ୍ଟ ହାସଲ କରିଛି। ଫତୋର୍ଦ୍ଦା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗୋଆ ୧-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ସ୍ପାନିଶ ମିଡ୍‌ଫିଲ୍ଡର ରୋଡ୍ରିଗ୍ୱେଜ ଜାମସେଦପୁର ବିପକ୍ଷ ମ୍ୟାଚରେ ପ୍ରଥମ ଏକାଦଶ ମଧ୍ୟରେ ସାମିଲ ନ ଥିଲେ। ୬୧ତମ ମିନିଟରେ ସେ କାର୍ଲୋସ ମାର୍ଟିନେଜଙ୍କ ସ୍ଥାନରେ ସବ୍‌ଷ୍ଟିଚ୍ୟୁଟ ଭାବେ ସୁଯୋଗ ପାଇଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସେ ୮୨ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଗୋଆ ୬ ମ୍ୟାଚରୁ ୫ମ ବିଜୟ ସହ ୧୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। କେରଳ ବ୍ଲାଷ୍ଟର୍ସ ୭ ମ୍ୟାଚରୁ ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ